

ଟିଏମ୍‌ସି ଆଇଟି ସେଲ୍ ମୁଖ୍ୟଙ୍କ କାର୍ଯ୍ୟାଳୟରେ ଇଡି ଚଢ଼ାଉ

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17



## ଜିଲ୍ଲା ପ୍ରତିନିଧି ଆବଶ୍ୟକ

ଦୈନିକ 'ସଂଚାର' ଓ 'ସଂଚାର ଡିଜିଟାଲ' ପାଇଁ ନିମ୍ନଲିଖିତ ଜିଲ୍ଲା ପାଇଁ 'ଜିଲ୍ଲା ପ୍ରତିନିଧି' ଆବଶ୍ୟକ। ଅନ୍ୟୂନ ତିନି ବର୍ଷର ଅଭିଜ୍ଞତା ଥିବା ସାମ୍ବାଦିକମାନେ ଆବେଦନ କରିପାରିବେ। ଆଗ୍ରହୀ ବ୍ୟକ୍ତି ୭ ଦିନ ମଧ୍ୟରେ ଆବେଦନ କରିପାରିବେ। ଜିଲ୍ଲାଗୁଡ଼ିକ ହେଲା ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ଼, ଯାଜପୁର, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ ଓ ଅନୁଗୁଳ।

ଯୋଗାଯୋଗ

Mail :- sancharodisha@gmail.com
Whatsapp :- +91 8093008776



Vol. 33 | ISSUE 287 | ଭାଗ ୩୩ | ସଂଖ୍ୟା ୨୮୭

Friday 9 January 2026 | Page 8 Rs. 5.00

ଭୁବନେଶ୍ୱର ଶୁକ୍ରବାର ୯ ଜାନୁଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


# ଭାରତ ଉପରେ ୫୦୦% ଟାରିଫ୍ ଲଗାଇବେ ଟ୍ରମ୍ପ୍!

**ରୁଷ୍‌ରୁ ତୈଳ ଆମଦାନୀ କରୁଥିବା ଦେଶ ସମସ୍ୟା ବଢ଼ିବା ଆଶଙ୍କା**



**ୱାଶିଂଟନ୍,୮।୧:** ଗତ ବର୍ଷ ଶେଷ ଭାଗରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଟାରିଫ୍‌କୁ ଦୁଇଗୁଣା କରିଥିବା ବେଳେ ଚଳିତ ବର୍ଷ ଏହାକୁ ୫୦୦ ପ୍ରତିଶତରେ ପହଞ୍ଚାଇବାର ଆଶଙ୍କା ସୃଷ୍ଟି ହୋଇଛି। କାରଣ ଆଜି ରାଷ୍ଟ୍ରପତି ଶ୍ରୀ ଟ୍ରମ୍ପ୍ ଏକ ବିଲ୍‌କୁ ମଞ୍ଜୁରୀ ଦେଇଛନ୍ତି, ଯେଉଁଥିରେ ରୁଷିଆରୁ ତେଲ କିଣୁଥିବା ଦେଶମାନଙ୍କ ଉପରେ କଠୋର କଟକଣା ଲଗାଯିବ। ଏହା ରୁଷିଆଠାରୁ ତେଲ ଆମଦାନୀ କରୁଥିବା ଭାରତ ଓ ଚୀନ୍ ପାଇଁ ସମସ୍ୟାକୁ ବହୁଗୁଣିତ କରିବାର ଆଶଙ୍କା ରହିଛି। କେତେକ କ୍ଷେତ୍ରରେ ଏହି ଟାରିଫ୍ ୫୦୦ ପ୍ରତିଶତ ବି ହୋଇପାରେ। ୟୁକ୍ରେନ ସହ ରୁଷିଆର ଯୁଦ୍ଧ ଚାଲିଥିବା ବେଳେ ରୁଷିଆ ଉପରେ ଚାପ ପକାଇବା ସକାଶେ ଟ୍ରମ୍ପ୍ ଏପରି ଏକ ବିବାଦୀୟ ବିଲ୍‌କୁ ମଞ୍ଜୁରୀ ଦେଇଥିବା ଚର୍ଚ୍ଚା ହେଉଛି। ରିପବ୍ଲିକାନ ସିନେଟର ଲିଣ୍ଡସେ ଗ୍ରାହାମ ସୋସିଆଲ ମିଡିଆରେ ଏନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ରାଷ୍ଟ୍ରପତି ଟ୍ରମ୍ପ ଉକ୍ତ ବିଲ୍‌ର ଅଗ୍ରଗତିକୁ ଅନୁମୋଦନ କରିଛନ୍ତି। ଟ୍ରମ୍ପଙ୍କ ସହ ବୈଠକ ସଫଳ ହୋଇଛି ଓ ଆସନ୍ତା ସପ୍ତାହରେ କଂଗ୍ରେସରେ ବିଲ ଉପରେ ଭୋଟିଂ ହେବାର ସମ୍ଭାବନା ରହିଛି। ଲିଣ୍ଡସେ ଗ୍ରାହାମ ଓ ଡେମୋକ୍ରାଟିକ ସିନେଟର ରିଚାର୍ଡ ବ୍ଲୁମେନ୍ଥଲଙ୍କ ପକ୍ଷରୁ ମିଳିତ ଭାବେ ଆଗତ ଏହି ବିଲ ରୁଷିଆରୁ ତୈଳ ଓ ୟୁରାନିୟମ କିଣୁଥିବା ଦେଶମାନଙ୍କ ଉପରେ କଠୋର କଟକଣା ଲାଗୁ କରିବା ସକାଶେ ଉଦ୍ଦିଷ୍ଟ। ଏନେଇ ଆମେରିକା ଯୁକ୍ତି ରଖିଛି ଯେ ଟିକସକୁ ନେଇ ଆମେରିକା ଓ ଚୀନ୍ ମଧ୍ୟରେ ଉତ୍ତେଜନା ମଧ ବୃଦ୍ଧି ପାଇଛି। ଆମେରିକା ଚୀନ୍‌ରୁ ଆମଦାନି ହେଉଥିବା ସାମଗ୍ରୀ ଉପରେ ୧୪୫ ପ୍ରତିଶତ ପର୍ଯ୍ୟନ୍ତ ଟିକସ ଲାଗୁ କରିଥିଲା, ଯାହାର ଜବାବରେ ଚୀନ୍ ଆମେରିକୀୟ ସାମଗ୍ରୀ ଉପରେ ୧୨୫ ପ୍ରତିଶତ ଟିକସ ନିୟମ ଲାଗୁ କରିଥିଲା। କିଛି ଦିନ ତଳେ ଟ୍ରମ୍ପ ଭାରତ ଉପରେ ନୂଆ ଟିକସ ଲାଗୁ କରିବା ନେଇ ସଙ୍କେତ ଦେଇଥିଲେ। ନିକଟରେ ସେ ସାମ୍ବାଦିକମାନଙ୍କ ସହ ଆଲୋଚନା ସମୟରେ କହିଥିଲେ ଯେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାଣିଛନ୍ତି ମୁଁ ଅସନ୍ତୁଷ୍ଟ ଅଛି। ଶ୍ରୀ ମୋଦି ଜଣେ ଭଲ ଲୋକ, ଏହା କହିବା ଅନାବଶ୍ୟକ। କିନ୍ତୁ ମୋତେ ଖୁସି ରଖିବା ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା।

## ସମ୍ବଲପୁର, କଟକ ଓ ଦେବଗଡ଼ କୋର୍ଟରେ ମିଛ ବୋମା ଭୟ

# ଆସିବ ଏସ୍‌ଓପି, ସଶକ୍ତ ହେବ ବୋମା ସ୍କ୍ୱାଡ୍

**ଭୁବନେଶ୍ୱର,୮।୧(ସଂଚାର ବ୍ୟୁରୋ):** ସମ୍ବଲପୁର, କଟକ ଓ ଦେବଗଡ଼ର ଜିଲ୍ଲାସ୍ତରୀୟ କୋର୍ଟକୁ ଆଜି ବୋମା ଧମକ ଆସିଛି। ଫଳତଃ ସ୍ଥାନୀୟ ପୁଲିସ୍ ପକ୍ଷରୁ ଉକ୍ତ କୋର୍ଟଗୁଡ଼ିକରେ ହାଇଆଲର୍ଟ ଜାରି କରାଯାଇଛି। ପୁଲିସ୍ ପ୍ରଶାସନ ପକ୍ଷରୁ ସୁରକ୍ଷା ସଂସ୍ଥାଗୁଡ଼ିକୁ ସତର୍କ କରାଯାଇଥିବା ବେଳେ ତୁରନ୍ତ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା। ଇମେଲ୍ ମାଧ୍ୟମରେ ଜିଲ୍ଲା କୋର୍ଟଗୁଡ଼ିକୁ ଏକ ବେନାମୀ ଇମେଲ୍ ମାଧ୍ୟମରେ ଏହି ଧମକପୂର୍ଣ୍ଣ ମେଲ ମିଳିଛି। ମେଲ୍ ପାଇବା ପରେ ସମ୍ପୃକ୍ତ କୋର୍ଟ କର୍ତ୍ତୃପକ୍ଷ ତୁରନ୍ତ ସ୍ଥାନୀୟ ପୁଲିସକୁ ଖବର ଦେବା ପରେ ପୁଲିସ୍ କର୍ମଚାରୀମାନେ ପହଞ୍ଚି ତଲାସୀ ଅଭିଯାନ ଆରମ୍ଭ କରିଥିଲେ। ଏଥିରେ ପୁଲିସ ଟିମ୍, ବୋମା ନିଷ୍କ୍ରିୟକାରୀ ଦଳ ଓ ସ୍ନିଫର୍ ଡଗ୍ ସ୍କ୍ୱାଡ୍ ସାମିଲ୍ ଥିଲା। ପୂରା କୋର୍ଟ ବିଲ୍ଡିଂକୁ ଖାଲି କରିଦିଆଯାଇଥିଲା। ସୁରକ୍ଷା ଦୃଷ୍ଟିରୁ କୋର୍ଟର ସମସ୍ତ କାର୍ଯ୍ୟକୁ କିଛି ସମୟ ପାଇଁ ସ୍ଥଗିତ ରଖାଯାଇଥିଲା। କୋର୍ଟ ଭିତରକୁ ସର୍ବସାଧାରଣଙ୍କ ପ୍ରବେଶ ଉପରେ ମଧ କଟକଣା ଲଗାଯାଇଥିଲା।

ପରେ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଏହା ଉପରେ ଏକ ଉଚ୍ଚସ୍ତରୀୟ ବୈଠକ କରି ସ୍ଥିତିର ସମୀକ୍ଷା ସହ ଏହି ବୋମା ଭୟ ସମ୍ପୂର୍ଣ୍ଣ ମିଛ ଓ ଏହା କେବଳ ଆତଙ୍କ ସୃଷ୍ଟି ପାଇଁ ଏକ ଉଦ୍ୟମ ଥିବା ସ୍ପଷ୍ଟ କରିଛନ୍ତି। ଏଥିସହ ଏପରି ଗୁଜବ ସୃଷ୍ଟି କରୁଥିବା ଅପରାଧୀମାନଙ୍କୁ ସାବାଡ଼ କରିବା ସକାଶେ ପୁଲିସ୍ ପକ୍ଷରୁ ଏସ୍‌ଓପି ଜାରି କରିବା ସକାଶେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହ ପୁଲିସ୍‌ର ବୋମା ଚିହ୍ନଟ ଓ ନିଷ୍କ୍ରିୟକାରୀ ସ୍କ୍ୱାଡ୍‌କୁ ଅଧିକ ସଶକ୍ତ କରାଯିବ ବୋଲି କହିଛନ୍ତି।

**ବରିଷ୍ଠ ପଦାଧିକାରୀଙ୍କ ସହ ସ୍ଥିତିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ**

**ଆତଙ୍କିତ ନ ହେବାକୁ ପରାମର୍ଶ**

ବୈଠକରୁ ଜଣାଯାଇଛି ଯେ ସମସ୍ତ ବୋମା ଧମକ ମିଛ ଥିଲା। ପୋଲିସର ବମ୍ ଡିଟେକ୍‌ସନ୍ ସ୍କ୍ୱାଡ୍, କ୍ୟୁଇକ୍ ରିଆକ୍ସନ୍ ଟିମ୍, ସ୍ପେସିଆଲ ଟାକ୍ଟିକାଲ୍ ୟୁନିଟ୍, ଗୁଇନ୍ଦା ଅଧିକାରୀ ଓ ଅନ୍ୟାନ୍ୟ ସଂସ୍ଥାମାନେ ତୁରନ୍ତ ସଂପୃକ୍ତ ସ୍ଥାନକୁ ଯାଇ ପରିସ୍ଥିତିର ଅନୁସନ୍ଧାନ କରିଥିଲେ।



ତେଣୁ ଭୟଭୀତ ହେବାର କୌଣସି କାରଣ ନାହିଁ ବୋଲି କୁହାଯାଇଛି। ତେବେ ଆଗାମୀ ଦିନରେ ଏପରି ଧମକ ବାରମ୍ବାର ଆସିବାର ସମ୍ଭାବନା ଥିବାରୁ ଏହାର ମୁକାବିଲା ପାଇଁ ପୁଲିସ୍ ଏସ୍‌ଓପି ଆଣିବା ସବୁବେଳେ ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବୋମାକୁ ଚିହ୍ନଟ କରିବା ଓ ନିଷ୍କ୍ରିୟ କରିବା ଏବଂ ଉଭୟ କାମରେ ଆମର ଦକ୍ଷ ବାହିନୀ ଅଛନ୍ତି। ତଥାପି ସେମାନଙ୍କୁ ଆହୁରି ଦକ୍ଷ କରିବା ପାଇଁ ଅତ୍ୟାଧୁନିକ ଟ୍ରେନିଂ ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଉଚ୍ଚସ୍ତରୀୟ ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ଗୁଇନ୍ଦା ନିର୍ଦ୍ଦେଶକ ଆର୍.ପି. କୋଚେ ଉପସ୍ଥିତ ଥିଲେ। ଏହା ପୂର୍ବରୁ ପୂର୍ବାହ୍ନରେ ଏହି ଖବରକୁ ଗୁରୁତର ସହକାରେ ନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ତୁରନ୍ତ ତଦନ୍ତ କରି ଏହାର ସତ୍ୟାସତ୍ୟ ଅନୁସନ୍ଧାନ କରିବା ସକାଶେ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସେ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ପୁଲିସ ମହାନିର୍ଦ୍ଦେଶକଙ୍କ ସହ ଆଲୋଚନା କରି ମୁଖ୍ୟମନ୍ତ୍ରୀ ଏଥିରେ ସମ୍ପୃକ୍ତ ଅପରାଧୀମାନଙ୍କୁ ତୁରନ୍ତ ଖୋଜି ବାହାର କରିବା ପାଇଁ ମଧ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସାଧାରଣ ଲୋକଙ୍କ ଧନଜୀବନର ସୁରକ୍ଷା କ୍ଷେତ୍ରରେ କୌଣସି କୋହଳ ମନୋଭାବ ପୋଷଣ କରାଯାଇପାରିବ ନାହିଁ। ଏହି ଘଟଣାକୁ ଗମ୍ଭୀରତାର ସହ ନେଇ ତଦନ୍ତ କରି ସମ୍ପୃକ୍ତ ସ୍ଥାନମାନଙ୍କୁ ଅଧିକାରୀମାନଙ୍କୁ ପଠାଇ ଏ ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରି ଏଭଳି ଘଟଣାର ମୂଳ ଉଦ୍ଦେଶ୍ୟକୁ ଜାଣିବା ଅତ୍ୟନ୍ତ ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

# କି ସଙ୍କେତ ଦେଉଛନ୍ତି ବବି ଦାସ ?

- ନିଜ ଗଡ଼ରେ କ୍ରୀତଦାସଙ୍କ ଗେରୁଆ ପୋଷ୍ଟର
- ପ୍ରିଣ୍ଟିଂଜନିତ ତ୍ରୁଟି ନା ଉଦ୍ଦେଶ୍ୟମୂଳକ ରଙ୍ଗ ବଦଳା




**ଭୁବନେଶ୍ୱର,୮।୧(ସଂଚାର ବ୍ୟୁରୋ):** ଯାଜପୁରରେ ପ୍ରଣବ ପ୍ରକାଶ ଦାସ ଓରଫ କ୍ରୀତଦାସଙ୍କ ଏକ ପୋଷ୍ଟରକୁ ନେଇ ହଇଚଇ ସୃଷ୍ଟି ହୋଇଛି। ପୋଷ୍ଟରରେ କ୍ରୀତଦାସଙ୍କୁ ସମ୍ପୂର୍ଣ୍ଣ ଭାବେ ଗେରୁଆମୟ କରିଦିଆଯାଇଛି। ଏକଦା ବିଜେଡିର ସାଙ୍ଗଠନିକ ସମ୍ପାଦକ ଥିବା କ୍ରୀତଦାସଙ୍କ ପୋଷ୍ଟର ଗେରୁଆ ହେଲା କିପରି। ତାକୁ ନେଇ ତର୍ଜମା ଆରମ୍ଭ ହୋଇଯାଇଛି। କିଏ କିଏ କହୁଛନ୍ତି କ୍ରୀତଦାସ ବିଜେଡି ସୁପ୍ରିମୋଙ୍କ ସହ ବାର୍ଗେନ କରିବାକୁ ଜାଣିଶୁଣି ତାଙ୍କ ସହ ଅନ୍ୟ ନେତାମାନଙ୍କ ଫୋଷ୍ଟର ବି ଗେରୁଆ କରିଦେଇଛନ୍ତି। ଏକ ପ୍ରକାର ସେ ନବୀନ ପଟ୍ଟନାୟକଙ୍କୁ ପରୋକ୍ଷ ଧମକ ଦେଉଥିବା ଆଲୋଚନା ହେଉଛି। ହେଲେ କ୍ରୀତଦାସଙ୍କ ନିକଟତମ ଲୋକମାନେ କହୁଛନ୍ତି ଏହା ଆୟୋଜକଙ୍କ ଦ୍ୱାରା ସ୍ଥିରିକୃତ ପ୍ରିଣ୍ଟିଂ ପ୍ରେସର ତ୍ରୁଟି। ଏଥିପାଇଁ ସମ୍ପୃକ୍ତ ପ୍ରେସ ମାଲିକ ଭୁଲ ମାଗିବା ସହ କାର୍ଯ୍ୟକ୍ରମ ପୂର୍ବରୁ ପୋଷ୍ଟର ବଦଳାଦେବାକୁ ରାଜି ହୋଇଛି।

ଅନ୍ୱେଷଣ ନାମକ ଏକ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆଜି ଯାଜପୁରରେ ଆରମ୍ଭ ହେଉଛି ସପ୍ତମ ଲୋକକଳା ମହୋତ୍ସବ। ଯାଜପୁର ସଂସ୍କୃତି ଭବନଠାରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏଥିରେ କ୍ରୀତଦାସଙ୍କ ସହ ଯାଜପୁର ବିଧାୟିକା ସୁଜାତା ସାହୁ ଓ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡେଇ ମଧ ଅତିଥି ➢ପୃଷ୍ଠା-୬

## ଚଳିତ ମାସରେ ମିଳିବ ସୁଭଦ୍ରା କିସ୍ତି

**୨ଟି କିସ୍ତି ପାଇବେ ନୂଆ ହିତାଧିକାରୀ**

**ଭୁବନେଶ୍ୱର,୮।୧(ସଂଚାର ବ୍ୟୁରୋ):** ଚଳିତ ମାସରେ ପାଖାପାଖି ସାଢ଼େ ୪ ଲକ୍ଷ ସୁଭଦ୍ରା ହିତାଧିକାରୀଙ୍କୁ ସହାୟତା ମିଳିବ। ଯେଉଁମାନେ ପ୍ରଥମ ଥର ପାଇଁ ଏହି ଯୋଜନାରେ ସାମିଲ୍ ହୋଇଛନ୍ତି, ସେମାନଙ୍କୁ ଏକକାଳୀନ ୨ଟି କିସ୍ତି ଅର୍ଥାତ୍ ୧୦ ହଜାର ଟଙ୍କା ମିଳିବ ବୋଲି ଆଜି ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସୁଭଦ୍ରା ସମୀକ୍ଷା ବୈଠକରେ ଘୋଷଣା କରାଯାଇଛି। ଚଳିତ ମାସରେ ପାଇବାକୁ ଥିବା ପ୍ରାୟ ସାଢ଼େ ୪ ଲକ୍ଷ ହିତାଧିକାରୀଙ୍କ ମଧ୍ୟରେ ୧ ଲକ୍ଷ ୭୮ ହଜାର ୩୯୮ ଜଣ ନୂଆ କରି ପଞ୍ଜୀକରଣ କରିଛନ୍ତି। ➢ପୃଷ୍ଠା-୬

# ଯୋଗାଣ ସହାୟକ ପାଉଛନ୍ତି ଦିନକୁ ୨୬୬ ଟଙ୍କା




- ଉପର ତଳ ହେଉଛି ଦରମା ବୃଦ୍ଧି ଫାଇଲ୍
- ହତାଶ ହେଉଛନ୍ତି ପଞ୍ଚାୟତ ଟପ୍ପର

**ଭୁବନେଶ୍ୱର,୮।୧(ସଂଚାର ବ୍ୟୁରୋ):** ପଞ୍ଚାୟତର ଟପ୍ପରଙ୍କୁ ମିଳିଛି ନିଯୁକ୍ତି। ପ୍ରଥମେ ମାସକୁ ୩୫୦୦ ଟଙ୍କା ପାଉଣାରେ ଖଟୁଥିବାବେଳେ ତାହା ବଢ଼ି ବଢ଼ି ୮୦୦୦ ଟଙ୍କାରେ ପହଞ୍ଚିଛି। ଅର୍ଥାତ୍ ଦିନକୁ ୨୬୭ ଟଙ୍କା। ମହରଗ ଯୁଗରେ ଏତିକି ଅର୍ଥରେ ଚଳି ନହେବାରୁ ସରକାରଙ୍କ ନିକଟରେ ପାଉଣା ବୃଦ୍ଧି ପାଇଁ ଗୁହାରି କଲେ। ସରକାର ବି ନିଷ୍ପତ୍ତି ନେଲେ ଏହି ଉଚ୍ଚ ଶିକ୍ଷିତଙ୍କ ପାଉଣା ମାସକୁ ୧୫ହଜାର ଟଙ୍କା କରିବାକୁ। ହେଲେ ବର୍ଷେ ହୋଇଗଲାଣି ଏହି ନିଷତ୍ତି ଉପରେ ମୋହର ବାଜିପାରୁ ନାହିଁ। ପଞ୍ଚାୟତର ଏହି ମେଧାବୀମାନେ ହେଉଛନ୍ତି ରାଜ୍ୟରେ ନିଯୁକ୍ତ ହୋଇଥିବା ଯୋଗାଣ ସହାୟକ। ଜଣେ କି ଦୁଇ ଜଣ ନୁହେଁ, ରାଜ୍ୟରେ ରହିଛନ୍ତି ଏହିଭଳି ୩୩୦୦ ଜଣ ମେଧାବୀ ଗ୍ରାଜୁଏଟ୍। ପ୍ରତି ପଞ୍ଚାୟତରେ ଥିବା ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ର ବା ଫେୟାର ପ୍ରାଇସ୍ ସପ୍‌କୁ ଏମାନେ ଚଳାଉଛନ୍ତି। ଗାଁ ଗହଳର ଲୋକଙ୍କୁ ଠିକଣା ସମୟରେ ଚାଉଳ, ଗହମ, କିରୋସିନି ଆଦି ଯୋଗାଇ ଦେଉଛନ୍ତି। ମାସ ସାରା କାମ। ପଞ୍ଚାୟତରୁ ବ୍ଲକ ପର୍ଯ୍ୟନ୍ତ ଦଉଡିବାକୁ ପଡୁଛି। ହେଲେ ଏତେ କମ୍ ପାରିଶ୍ରମିକ ଏବେ ଏହି ମେଧାବୀମାନଙ୍କ ମନୋବଳକୁ ଭାଙ୍ଗିବାରେ ଲାଗିଛି।

୨୦୧୨-୧୩ ବର୍ଷରେ ସରକାର ଯୋଗାଣ ସହାୟକ ନିଯୁକ୍ତି ପାଇଁ ନିଷ୍ପତ୍ତି ନେବାପରେ ପଞ୍ଚାୟତ ସ୍ତରେ ଗ୍ରାଜୁଏଟ୍‌ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ସର୍ବାଧିକ ନମ୍ବର ରଖିଥିବା ତିନି ଜଣଙ୍କ ମଧ୍ୟରୁ ଜଣଙ୍କୁ ଜିଲ୍ଲାପାଳ ଯୋଗାଣ ସହାୟକଭାବେ ନିଯୁକ୍ତି ଦେଇଛନ୍ତି। ପ୍ରଥମେ ➢ପୃଷ୍ଠା-୬

# ଶିଳ୍ପାୟନରେ ଆତ୍ମନିର୍ଭର ହେବ ରାଜ୍ୟ



- ଢେଙ୍କାନାଳରେ ମେଗା ଇସ୍ପାତ ପ୍ରକଳ୍ପକୁ ମଞ୍ଜୁରୀ
- ୩୫ ହଜାର କୋଟି ନିବେଶ କରିବ ସାଫ୍ରନ ରିସୋର୍ସ
- ଏଚଏଲସିଏରେ ୫୫ହଜାର କୋଟିର ପ୍ରକଳ୍ପକୁ ମଂଜୁରୀ
- ୧୪,୫୦୭ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ

**ଭୁବନେଶ୍ୱର,୮।୧(ସଂଚାର ବ୍ୟୁରୋ):** ରାଜ୍ୟକୁ ପୁଞ୍ଜିନିବେଶର ପ୍ରମୁଖ ଆକର୍ଷଣରେ ପରିଣତ କରିବା ଦିଗରେ ଆଉ ପାଦେ ଆଗେଇଲେ ସରକାର। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ୪୩ତମ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ବୈଠକରେ ୭ ମେଗା ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏହି ୭ ପ୍ରକଳ୍ପ ଜରିଆରେ ରାଜ୍ୟରେ ୫୫ ହଜାର ୭୮୩ କୋଟି ଟଙ୍କାର ନିବେଶ ସହ ୧୪ ହଜାର ୫୦୭ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ➢ପୃଷ୍ଠା-୬

## ପ୍ରଦୂଷଣ ନେଇ ଧର୍ମେନ୍ଦ୍ରଙ୍କ ଚିନ୍ତା

# କେନ୍ଦ୍ର ପରିବେଶ ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ

- ଅନୁଗୋଳ ଓ ତାଳଚେରରେ ଏକ୍ୟୁଆଇ 'ଗମ୍ଭୀର' ଚିନ୍ତାର ବିଷୟ
- ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କୁ ଦେଲେ ବିଭିନ୍ନ ପ୍ରସ୍ତାବ
- ଶିଳ୍ପାଞ୍ଚଳରେ 'ଗ୍ରୀନ୍ ବଫର୍' ସୃଷ୍ଟି ପାଇଁ ଆହ୍ୱାନ




**ଭୁବନେଶ୍ୱର,୮।୧(ସଂଚାର ବ୍ୟୁରୋ):** ଅନୁଗୋଳ-ତାଳଚେର ଶିଳ୍ପାଞ୍ଚଳରେ ବଢୁଥିବା ମାତ୍ରାଧିକ ବାୟୁ ପ୍ରଦୂଷଣ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି। ଏହି ପରିପ୍ରେକ୍ଷୀରେ ସେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ, କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଶାନ ରେଡ୍ଡୀ ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପୃଥକ ପତ୍ର ଲେଖି ଜନସ୍ୱାସ୍ଥ୍ୟ ପ୍ରତି ସୃଷ୍ଟି ହୋଇଥିବା ବିପଦ ସମ୍ପର୍କରେ ଅବଗତ କରାଇଛନ୍ତି। ଅନୁଗୋଳରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) 'ଗମ୍ଭୀର' ସ୍ଥିତିରେ ରହିବା ନେଇ ସେ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ବିଶେଷକରି ତାଳଚେର ଦେଶର ସବୁଠାରୁ ପ୍ରଦୂଷିତ ସହର ତାଲିକାରେ ସ୍ଥାନ ପାଇବା ଉଦ୍‌ବେଗଜନକ ବିଷୟ ଏବଂ ଏହାଦ୍ୱାରା ଶିଶୁ, ବୟସ୍କ ଏବଂ ଶ୍ୱାସକ୍ରିୟାଜନିତ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିପନ୍ନ ହେଉଥିବା କେନ୍ଦ୍ର ମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

ଏଥିସହ ସମସ୍ୟାର ସମାଧାନ ଦିଗରେ ମଧ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ପୃଥକ ପ୍ରସ୍ତାବ ଦେଇଛନ୍ତି। ଶିଳ୍ପାଞ୍ଚଳରେ ପ୍ରଦୂଷଣ ନିୟନ୍ତ୍ରଣ ନିୟମାବଳୀକୁ କଡ଼ାକଡ଼ି ଭାବେ ଲାଗୁ କରିବା ସହ ରିଅଲ୍-ଟାଇମ୍ ମନିଟରିଂ ବ୍ୟବସ୍ଥାକୁ ସୁଦୃଢ଼ କରିବା, କୋଇଲା ପରିବହନ କ୍ଷେତ୍ରରେ 'ମେକାନାଇଜଡ୍ କୋଲ୍ ଟ୍ରାନ୍ସପୋର୍ଟେସନ୍ ସିଷ୍ଟମ' ଓ ଉନ୍ନତ ଧୂଳି ଦମନ ପ୍ରକ୍ରିୟା ଆପଣାଇବାକୁ କୋଇଲା ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେବା, ଶିଳ୍ପାଞ୍ଚଳ ଓ ଖଣି କରିଡର ➢ପୃଷ୍ଠା-୬

## ୨୦୨୬-୨୭ ବଜେଟ୍ ନେଇ ମାନସ ମନ୍ଥନ

# ଫୋକସରେ ବିକଶିତ ଓଡ଼ିଶା, ବିକଶିତ ଭାରତ



- ଦୁଇ ଦିନ ଧରି ସଚିବଙ୍କ ସହ ଉନ୍ନୟନ କମିଶନରଙ୍କ ଆଲୋଚନା
- ଆକ୍ସନ ପ୍ଲାନ ସହ ୫ଟି ନୂଆ ପ୍ରସ୍ତାବ ଦେବେ ସବୁ ବିଭାଗୀୟ ମୁଖ୍ୟ

**ଭୁବନେଶ୍ୱର,୮।୧(ସଂଚାର ବ୍ୟୁରୋ):** ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ବଜେଟ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଆସନ୍ତା ୧୨ ଓ ୧୩ ତାରିଖରେ ସବୁ ବିଭାଗୀୟ ଅଧିକାରୀଙ୍କଠାରୁ ପ୍ରସ୍ତାବ ମଗାଯାଇଛି। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ପାଇଁ ବଜେଟରେ ପ୍ରାଥମିକତା ଦିଆଯିବ। ବିଭାଗୀୟ ଅଧିକାରୀଙ୍କୁ ନିଜ ନିଜ ବିଭାଗ ପାଇଁ ଆସନ୍ତା ଆର୍ଥିକ ବର୍ଷର ବଜେଟ, ଅନ୍ୟୂନ ୫ଟି ନୂଆ ଯୋଜନା କାର୍ଯ୍ୟକାରୀ କରିବାକୁ ଆକ୍ସନ ପ୍ଲାନ ସହ ବୈଠକରେ ଉପସ୍ଥିତ ହେବାକୁ ଯୋଜନା ଓ ସଂଯୋଜନା ବିଭାଗ ସବୁ ବିଭାଗୀୟ ମୁଖ୍ୟଙ୍କୁ ଚିଠି କରିଛି। ଆସନ୍ତା ୧୨ ଓ ୧୩ ତାରିଖ ଦୁଇ ଦିନ ଧରି ଉନ୍ନୟନ କମିଶନର ସବୁ ବିଭାଗୀୟ ସଚିବଙ୍କ ସହ ନିଜ ନିଜ ବିଭାଗର ବୟ ଅକଟଳକୁ ନେଇ ମାନସ ମନ୍ଥନ କରିବେ। ନିଜ ନିଜ ବିଭାଗର ବଜେଟ ଆକାର ସହ ଖର୍ଚ୍ଚକୁ ନେଇ ବିଭାଗୀୟ ➢ପୃଷ୍ଠା-୬



**କାନ ଡେରିଥା**

ସଚେତନ ନାହିଁ ବିଭାଗରେ ଏଠି
ନିୟମ ହେଉଛି ବେଶୀ
ପରିବହନରେ ମୁଖିଆ ଯନ୍ତ୍ରଣା
ଜନତା ହୁଅନ୍ତି ପେଶୀ
ଚାଳକ ଦାରୁରେ ଖୁସି...
ରାଜଧାନୀରେ ଦୁର୍ଘଟଣା ଘଟେ
ଆଖି ହୋଇଯାଏ ଖୋସି ।

■ ଦେବାଶିଷ

# ବିନା ସଂଗଠନରେ ଭକ୍ତଙ୍କ ମାଳମାଳ ଯୋଜନା

- ଜିଲ୍ଲାରୁ ବ୍ଲକ ସବୁଠି ଅସଜଡା ସ୍ଥିତି
- ବୁଝାସୁଝାରେ ବେଳ ଯାଉଛି

**ଭୁବନେଶ୍ୱର,୮।୧(ସଂଚାର ବ୍ୟୁରୋ):** ରାଜ୍ୟର ଶାସନ କ୍ଷମତାରେ ଥିବା ବିଜେପି ଓ ମୁଖ୍ୟ ବିରୋଧିଦଳ ବିଜେଡି ବିରୁଦ୍ଧରେ ଲଢେଇ କରିବାକୁ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଦାସ ମାଳ ମାଳ ଯୋଜନା କରୁଛନ୍ତି। କେତେବେଳେ ୧୦ ଜିଲ୍ଲାରେ ଆନ୍ଦୋଳନ କରିବେ ବୋଲି କହୁଛନ୍ତି ତ ଆଉ କେତେବେଳେ କେନ୍ଦ୍ରୀୟ ଯୋଜନାକୁ ବିରୋଧ ପାଇଁ ଡାକରା ଦେଉଛନ୍ତି। ସେହିଭଳି କଂଗ୍ରେସର ଜାତୀୟ ନେତ୍ରୀ ପ୍ରିୟଙ୍କା ଓଡ଼ିଶା ଆସିବେ ବୋଲି ସୂଚନା ଦେଉଛନ୍ତି।

ହେଲେ ଏତେସବୁ ଯୋଜନା ପାଇଁ ଭକ୍ତଙ୍କ ନିକଟରେ କିନ୍ତୁ ମଜବୁତ ସଂଗଠନ ନାହିଁ। ଦାୟିତ୍ୱ ନେବାର ପ୍ରାୟ ଦେଢ଼ ବର୍ଷ ପରେ ବି ଭକ୍ତ ଏପର୍ଯ୍ୟନ୍ତ ଜିଲ୍ଲା ଓ ବ୍ଲକ ସଂଗଠନକୁ ସଜାଡ଼ିପାରିଲେ ନାହିଁ। ଅନ୍ୟ ଛାମୁଆ ସଂଗଠନର ଅବସ୍ଥା ବି ଅନୁରୂପ। ଏହାରି ଭିତରେ କିନ୍ତୁ ଭକ୍ତ ରଣହୁଙ୍କାର ଦେବାରେ ବ୍ୟସ୍ତ। ରାଜ୍ୟ ସରକାରଙ୍କ ବିରୁଦ୍ଧରେ ଜନମତ ସୃଷ୍ଟି ପାଇଁ ୧୦ ଜିଲ୍ଲାରେ ବଡ଼ ଧରଣର କାର୍ଯ୍ୟକ୍ରମ ପାଇଁ ଘୋଷଣା କରିଛନ୍ତି। ହେଲେ ଜିଲ୍ଲାସ୍ତରୀୟ ସଂଗଠନ ସଜଡ଼ାଯାଇ ପାରୁନଥିବାରୁ ସେଠାରେ ଆନ୍ଦୋଳନର ମଙ୍ଗ କିଏ ଧରିବ ବୋଲି କର୍ମୀମାନେ ପ୍ରଶ୍ନ କରୁଛନ୍ତି।




ସେହିଭଳି କେନ୍ଦ୍ର ସରକାର ଏମଜିନରେଗା ବଦଳରେ ଆଣିଥିବା ଭିବି ଜି ରାମ୍ ଜି ଯୋଜନାକୁ ଜୋରଦାର ବିରୋଧ ପାଇଁ ସେ ଘୋଷଣା କରିଥିଲେ। ଆଜିଠାରୁ ବିରୋଧ ହେବାର ଥିଲେ ମଧ କଂଗ୍ରେସ କେଉଁଠାରେ କିଭଳି ବିରୋଧ କଲା, ତାହାକୁ ନିଜ ଦଳର କର୍ମୀମାନେ ବି ଜାଣିପାରିଲେ ନାହିଁ। ଦୁର୍ବଳ ସଂଗଠନ ହିଁ ଏହାର ମୁଖ୍ୟ କାରଣ ବୋଲି ଦଳ ଭିତରେ ଆଲୋଚନା ହେଉଛି।

ସେହିଭଳି ଦୀର୍ଘଦିନ ପରେ ଦଳର ଜାତୀୟ ନେତ୍ରୀ ପ୍ରିୟଙ୍କା ଗାନ୍ଧି ଓଡ଼ିଶା ଆସିବେ ବୋଲି ଭକ୍ତ ଘୋଷଣା କରିଛନ୍ତି। ପ୍ରିୟଙ୍କାଙ୍କୁ ନେଇ ଜିଲ୍ଲାରେ ଶକ୍ତି ପ୍ରଦର୍ଶନ ପାଇଁ ଦଳ ଯୋଜନା ବି କରିଛି। ହେଲେ ଜିଲ୍ଲା ସ୍ତରରେ ସଂଗଠନ ମଜବୁତ ନ ଥିବାରୁ ପ୍ରିୟଙ୍କାଙ୍କ ଗସ୍ତରୁ କେତେ ସଫଳତା ମିଳିବ, ତାହା ➢ପୃଷ୍ଠା-୬

# ଆନ୍ଦୋଳନରୁ ଓହରିଲେ ଡାକ୍ତର ସଂଘ

**ଆଜିଠୁ ସ୍ୱାଭାବିକ ହେବ ସ୍ୱାସ୍ଥ୍ୟସେବା**



**ଭୁବନେଶ୍ୱର,୮।୧(ସଂଚାର ବ୍ୟୁରୋ):** ଗତବର୍ଷ ନଭେମ୍ବର ୨୬ରୁ ଚାଲିଥିବା ଡାକ୍ତରଙ୍କ ଆନ୍ଦୋଳନ ଆଜି ସ୍ଥଗିତ ରହିଛି। ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସହ ବୈଠକ ପରେ ଆନ୍ଦୋଳନ ସ୍ଥଗିତ ରଖିବା ସକାଶେ ଡାକ୍ତର ସଂଘ (ଓମ୍‌ସା) ନିଷ୍ପତ୍ତି ନେଇଛି। ଏନେଇ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ସଂଘ ସଭାପତି କିଶୋର ମିଶ୍ର କହିଛନ୍ତି ଯେ ବିଭାଗୀୟ ମନ୍ତ୍ରୀଙ୍କ ସହ ହୋଇଥିବା ଆଲୋଚନା ସଫଳ ହୋଇଛି। ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେଇଛନ୍ତି ସରକାର। ଅନ୍ୟ ଦିନ ତୁଳନାରେ ଆଜିର ଆଲୋଚନାରେ ସରକାରଙ୍କ ସକାରାତ୍ମକ ଆଭିମୁଖ୍ୟ ସ୍ପଷ୍ଟ ହୋଇଛି। ତେଣୁ ସଂଘ ପକ୍ଷରୁ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ଫଳସ୍ୱରୂପ ଆସନ୍ତାକାଲିଠାରୁ ସବୁ କିଛି ସ୍ୱାଭାବିକ ହେବ ବୋଲି ଶ୍ରୀ ମିଶ୍ର କହିଛନ୍ତି।

ସୂଚନାନୁସାରେ, ନଭେମ୍ବର ୨୬ରୁ ଘଣ୍ଟିକିଆ ଏବଂ ଗତ ୫ ତାରିଖରୁ ୨ ଘଣ୍ଟିଆ ଓପିଡି ବନ୍ଦ କରି ଆନ୍ଦୋଳନ କରୁଥିଲେ ଡାକ୍ତର ସଂଘ। ୧୦ ଦଫା ଦାବି ନେଇ ଓପିଡି ବନ୍ଦ ଆନ୍ଦୋଳନ କରୁଥିଲେ ଡାକ୍ତର। ରୋଗୀସେବା ପ୍ରଭାବିତ ହେବାରୁ ଶେଷରେ ଏସମା ଲଗାଇଥିଲେ ସରକାର। ସେପଟେ ଡାକ୍ତର ସଂଘ ସହ ଆଲୋଚନା ପରେ ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି ଯେ ଡାକ୍ତର ସଂଘ ସହ ସକାରାତ୍ମକ ଆଲୋଚନା ➢ପୃଷ୍ଠା-୬

### ଅଣ୍ଡର ପାସ୍ ନିର୍ମାଣ ଦାବିରେ ରାସ୍ତାରୋକ

# ସାମିଲ ହେଲେ ଛାତ୍ରଛାତ୍ରୀ ଓ ସାଧାରଣ ଲୋକେ



**ମାର୍ଶାଘାଇ,୮।୧(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ୍ ଅନ୍ତର୍ଗତ ଶିଳିପୁର ମୁଖ୍ୟ ଛକ ନିକଟରେ ପ୍ରଶସ୍ତ ଅଣ୍ଡର ପାସ୍ ନିର୍ମାଣ ଦାବିରେ ଅଞ୍ଚଳବାସୀଙ୍କ ତରଫରୁ ଆରମ୍ଭ ହୋଇଥିବା ଆମରଣ ଅନଶନର ଚତୁର୍ଥ ଦିନରେ ପୂର୍ବ ସୂଚନା ମୁତାବକ ଆନ୍ଦୋଳନକାରୀ ମାନେ ରାସ୍ତାରୋକ କରି ପ୍ରତିବାଦକୁ ଜୋରଦାର କରିଛନ୍ତି। ସକାଳ ୯ ଘଟିକା ୩୦ମିନିଟ୍ ଠାରୁ ବିଭିନ୍ନ ଗ୍ରାମର ଶହଶହ ମହିଳା, ପୁରୁଷଙ୍କ ସହ ବିଭିନ୍ନ ବିଦ୍ୟାଳୟ ଓ କଲେଜର ଶତାଧିକ ଛାତ୍ରଛାତ୍ରୀ ଜାତୀୟ ରାଜପଥ ଉପରେ ବସିରହି ରାସ୍ତାରୋକ ଆନ୍ଦୋଳନରେ ସାମିଲ ହୋଇଥିଲେ। ଘଟଣାସ୍ଥଳରେ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ଅରୁଣ ନାୟକ, ଏସଡିପିଓ ଜ୍ୟୋତି ରଞ୍ଜନ ଗୌଡ, ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ ପରିଜା ଓ ଥାନାଧିକାରୀ ଇନ୍ସପେକ୍ଟର ତପନ କୁମାର ନାୟକ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ମଧ ତାହା ସଫଳ ନ ହେବାରୁ ସଂଧ୍ୟା ୬ଘଟିକା ପର୍ଯ୍ୟନ୍ତ ରାସ୍ତାରୋକ ହଟିନଥିଲା। ଫଳରେ ଚଣ୍ଡିଖୋଲ ପାରାଦୀପ ଜାତୀୟ ରାଜପଥର ଉଭୟ ପାଖ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଯାନବାହାନ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବାରୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆନଯିବା ବୁଦ୍ଧିଜୀବୀ ମହଲରେ ବିସ୍ମୟ ସୃଷ୍ଟି କରିଛି। ଶହଶହ ଗାଡିଚାଳକ ଓ ସାଧାରଣ ଲୋକଙ୍କ ଦୁର୍ଦ୍ଦଶାକୁ ଆନ୍ଦୋଳନକାରୀମାନେ ହୃଦୟଙ୍ଗମ କରି ସଂଧ୍ୟା ୬ଟାରୁ ରାସ୍ତାରୋକ ହଟାଇବା ପରେ ସାଧାରଣ ଜୀବନଯାତ୍ରା ସ୍ୱଭାବିକ ହୋଇଥିଲା। ଆସନ୍ତା କାଲି ସକାଳ ସୁଦ୍ଧା ପ୍ରଶାସନ ପକ୍ଷରୁ ଯଦି କୌଣସି ସକରାତ୍ମକ ପଦକ୍ଷେପ ନିଆ ନ ଯାଏ ତେବେ ପୁନର୍ବାର ଆସନ୍ତା କାଲି ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀ ଡ଼ାକି ଆନ୍ଦୋଳନକାରୀ ମାନେ ଚେତାବନୀ ଦେଇଛନ୍ତି। ଯଦି ଏଥିପାଇଁ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ ସେଥିପାଇଁ ପ୍ରଶାସନ ସଂପୂର୍ଣ୍ଣ ଦାୟୀ ରହିବ ବୋଲି ସେମାନେ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଶିଳିପୁର ଗ୍ରାମ ପଞ୍ଚାୟତର ସମିତି ସଭ୍ୟା ଭାରତୀ କାନୁନଗୋ, ପଞ୍ଚାୟତ ଉନ୍ନୟନ କମିଟିର ଆବାହକ ଯୁଗଳ କିଶୋର ଦାସ, ସୁଦର୍ଶନ ଦାସ, ପଞ୍ଚାନନ ବେହେରା, ଛାତ୍ର କଂଗ୍ରେସ ସଭାପତି ରତିକାନ୍ତ ବେଉରା, ସ୍ନେହାଶିଷ ରାଉତ, ବୈବମନ୍ୟୁ ବେଉରା, ମନୋଜ ପରିଡ଼ା, ଗୌରାଙ୍ଗ ଜେନା, ଅକ୍ଷୟ ଦାସ, କାର୍ତ୍ତିକ ମହାନ୍ତି, ବାବୁ ପ୍ରଧାନ, ଗଙ୍ଗାଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟ ନିର୍ବାଚନ କମିଶନଙ୍କ କେନ୍ଦ୍ରାପଡ଼ା ଗସ୍ତ, ପଞ୍ଚାୟତ ନିର୍ବାଚନ ସମୀକ୍ଷା



**କେନ୍ଦ୍ରାପଡ଼ା,୮।୧(ସଂଚାର ବ୍ୟୁରୋ):** ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ କେନ୍ଦ୍ରାପଡ଼ା ଗସ୍ତରେ ଆସି ଜିଲ୍ଲାପାଳ ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ପଞ୍ଚାୟତ ନିର୍ବାଚନ ୨୦୨୭ ଏବଂ ପୌର ପରିଷଦର ଆଗାମୀ ନିର୍ବାଚନ ଉପରେ ସମୀକ୍ଷା କରିଛନ୍ତି। ବାଲାଟ ବକ୍ସ ମହଜୁଦ ଏବଂ ତାହାର ସ୍ଥିତି, ଜିଲ୍ଲାର ଜନସଂଖ୍ୟା ପରିସଂଖ୍ୟାନ, ଅସ୍ଥାୟୀ ବୁଥ୍, ସମ୍ବେଦନଶୀଳ ଏବଂ ଅତି ସମ୍ବେଦନଶୀଳ ବୁଥ୍, ଘରକୁ ଘର ସର୍ଭେ, ପ୍ରାର୍ଥୀ ସଂରକ୍ଷିତ ତାଲିକା, ଭୋଟ ଗଣତି ମତାମତ ସମେତ ଭୋଟର ତାଲିକା, ଭୋଟର ତାଲିକାରେ ନାମ ଯୋଡିବା ଓ କାଟିବା ଇତ୍ୟାଦି ବ୍ୟତୀତ ନିର୍ବାଚନ ସଂକ୍ରାନ୍ତୀୟ ବିଭିନ୍ନ ବିଷୟ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଗୁରୁବାର ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ରଘୁରାମ ଆର. ଆୟାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକ୍ରିଷ୍ଟ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ପଞ୍ଚାୟତ ଅଧିକାରୀ ରମେଶ ପଣ୍ଡା, କେନ୍ଦ୍ରାପଡ଼ା ପୌରନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି, ପଟ୍ଟାମୁଣ୍ଡାଇ ପୌର ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାସଙ୍କ ସମେତ ଜିଲ୍ଲାର ସମସ୍ତ ବିଡ଼ିଓ ଉପସ୍ଥିତ ଥିଲେ।

### ରାସ୍ତା ମଝିରେ ଜଗିଛି ଯମ

## ଜାତୀୟ ରାଜପଥରେ ଗଦାହୋଇଛି ମାଟି



**ଆଳି,୮।୧(ସଂଚାର ବ୍ୟୁରୋ):** ଚେତିଲା ନାହିଁ କି ଏତେ ବଡ ଦୁର୍ଘଟଣା ରୁ କିଛି ସିଖିଲା ନାହିଁ ପ୍ରଶାସନ। ପୁନର୍ବାର ସେହି ଭଳି ମରଣ ମୁହଁରେ ଆରୋହୀ। ଭଗବାନ ଭରସାରେ ଜାତୀୟ ରାଜପଥ ରେ ଯାତାୟାତ କରୁଥିବା ପଥଚାରୀ। ଗତ ଦୁଇଦିନ ପୂର୍ବେ ପୁରୀ ପିପିଲି ଜାତୀୟ ରାଜପଥ ଉପରେ ବାଲିଗଦା ହୋଇଥିବାରୁ ଜଣେ ସାମ୍ବାଦିକଙ୍କ ସ୍କୁଟି ଦୁର୍ଘଟଣା ଗ୍ରସ୍ତ ହୋଇ ମୃତ୍ୟୁବରଣ କରିବା ଘଟଣା ରାସ୍ତାରେ ଯାତାୟତ କରୁଥିବା ଗାଡି ଚାଳକ ମାନଙ୍କୁ ଭୟବିତ କରିଦେଇଥିଲା। ଯାହା ସାରା ଓଡ଼ିଶା ସ୍ତବ୍ଧ ହୋଇଯିବା ସହ ଗଣମାଧମରେ ସେଇ ଦୁଃଖତ ଖବର ଶିରୋନାମା ପାଲଟିଥିଲା।ଏଭଳି ଘଟଣା ଦେଖିବା ପରେ ପ୍ରଶାସନ ପକ୍ଷରୁ ସେହି ବାଲି ଉଠା ଯାଇଥିଲା। ସେହି ପରି କଟକ -ଚାନ୍ଦବାଲି ରାସ୍ତାର କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବଜାର ପରେ ଚାନ୍ଦବାଲି ଆଡ଼କୁ ଯାଇଥିବା ରାସ୍ତାର ଗୋଟିଏ ପାର୍ଶ୍ୱରେ ମାଟି ଗଦା ହୋଇଛି। ଏତେ ପରିମାଣର ମାଟି ଗଦା ହୋଇଛି ଯେ କେହି ଅଜାଣତରେ ଆସିବ ଦୁର୍ଘଟଣା ଘଟିବା ନିଶ୍ଚିତ। ରାସ୍ତାରେ ମାଟି ଗଦା ହୋଇଥିବାରୁ ଯାତାୟତରେ ବାଧା ଉପୁଜିଥିବା ବେଳେ ଆଳି ଆଠକଣିଆ ଛକରେ ରାସ୍ତାଟି ଟର୍ଣ୍ଣ ଥିବା ବେଳେ ଏହି ରାସ୍ତାର ଦୁଇ ପାର୍ଶ୍ୱକୁ କିଛି ନିର୍ଦ୍ଦିଷ୍ଟ ବ୍ୟବସାୟୀ କବଜା କରି ରଖିଛନ୍ତି। ଯାହା ଫଳରେ ରାସ୍ତାର ଉଭୟ ପାର୍ଶ୍ୱରୁ ଯାତାୟାତ କରୁଥିବା ଗାଡି ଚାଳକ ମାନେ ବିଭିନ୍ନ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେବାକୁ ପଡୁଛି। ସବୁଠୁ ବଡ଼ କଥା ହେଲା ଏହି ସ୍ଥାନରୁ ଆଳି ଥାନା ପାଞ୍ଚ ଶହ ମିଟର ହୋଇଥିବା ବେଳେ ପୂର୍ତ୍ତବିଭାଗ ଓ ଆଳି ପ୍ରଶାସନ ଅଫିସ ଅତି ନିକଟରେ ରହିଛି। ଅନ୍ୟ ପଟେ ଯଥା ସମ୍ଭବ ପ୍ରଶାସନିକ ଅଧିକାରୀଙ୍କୁ ଦୃଷ୍ଟି ଦେବାକୁ ସାଧାରଣ ମହଲରେ ଦାବି ହୋଇଛି ।

## ବିବାହ ଭୋଜି ଖାଇ ୩୦୦ ଝାଡ଼ାବାନ୍ତିରେ ଆକ୍ରାନ୍ତ



**ରାଜନଗର,୮।୧(ସଂଚାର ବ୍ୟୁରୋ):** ବିବାହ ଭୋଜି ଖାଇ ୩୦୦ ରୁ ଅଧିକ ଲୋକ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଘରେ ଘରେ ଝାଡାବାନ୍ତି ଆକ୍ରାନ୍ତ ରୋଗୀ ରହିଛନ୍ତି। ରାଜନଗର ବ୍ଲକ ହାତିନା ପଞ୍ଚାୟତ ଏଣ୍ଡୁଲାପୁର, ପ୍ରସନ୍ନପୁର, ଖଣ୍ଡମରା ଗାଁରେ ୩୦୦ ରୁ ଅଧିକ ଲୋକ ଭୋଜି ଖାଇ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଖବରପାଇଁ ସ୍ୱାସ୍ଥ୍ୟ ବିଭାଗ ଟିମ ଗାଁରେ ପହଞ୍ଚି କ୍ୟାମ୍ପ କରିବା ସହ ଘର ଘର ବୁଲି ଲୋକଙ୍କୁ ଚିକିତ୍ସା କରୁଛନ୍ତି। ରାଜନଗର ବ୍ଲକ ହାତିନା ପଞ୍ଚାୟତ ଏଣ୍ଡୁଲାପୁର ଗାଁର ଦୟାନିଧି ରାଉତଙ୍କ ସାନପୁଅ କାନ୍ହାର ବାହାଘର ଭୋଜି ଥିଲା। ଭୋଜିରେ ୧୦୦୦ ଲୋକ ଭୋଜି ଖାଇଥିଲେ। ଏଣ୍ଡୁଲାପୁର ଗାଁର ପ୍ରତ୍ୟୋକ ପରିବାରର ଲୋକେ ଭୋଜି ଖାଇଥିଲେ। ଏଠି ସହ ପାଖ ଗାଁ ପ୍ରସନ୍ନପୁର, ଖଣ୍ଡାମରା ଓ ଆଖପାଖ ଗାଁର ଲୋକ ଭୋଜି ଖାଇଥିଲେ। ଭୋଜି ଖାଇବା ପରେ ଲୋକମାନେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ।। ଗତକାଲି ସ୍ଥାନୀୟ ମେଡ଼ିସିନ ଷ୍ଟୋର ଓ କ୍ୱାକଙ୍କ ଠାରୁ ମେଡ଼ିସିନ ଖାଇଥିଲେ ମଧ ଝାଡା କମିନଥିଲା। ଆଜି ଝାଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବଢିଥିଲା। ଏଣ୍ଡୁଲାପୁର ଗାଁରେ ଘରେ ଘରେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଏଣ୍ଡୁଲାପୁର ଗାଁରେ ୨୦୦ ଶହରୁ ଅଧିକ ଲୋକ ଆକ୍ରାନ୍ତ ହୋଇଥିବା ବେଳେ ପ୍ରସନ୍ନପୁର ଓ ଖଣ୍ଡାମରା ଗାଁରେ ୧୦୦ ରୁ ଅଧିକ ଲୋକ ଆକ୍ରାନ୍ତ ହୋଇଛନ୍ତି।ଆଜି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରଶ୍ମୀ ରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ଦୁଇଟି ଟିମ ଗାଁରେ ପହଞ୍ଚି ଝାଡାବାନ୍ତି ଆକ୍ରାନ୍ତ ରୋଗୀଙ୍କୁ ଚିକିତ୍ସା କରୁଛନ୍ତି। ଘରକୁ ଘର ବୁଲି ଚିକିତ୍ସା କରାଯାଉଛି।

## କୋର୍ଟରେ ବୋମା ଧମକକୁ ନିନ୍ଦା କଲେ ଜିଲ୍ଲା ଓକିଲ ସଂଘ



**କେନ୍ଦ୍ରାପଡା,୮।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଓକିଲସଂଘ ତରଫରୁ ବିଭିନ୍ନ ଜିଲ୍ଲା ଜଜ୍ କୋର୍ଟରେ ବୋମା ଧମକ ଗୁଜବକୁ ନିନ୍ଦା କରାଯାଇଛି। କଟକ ଜିଲ୍ଲା କୋର୍ଟ, ସମ୍ବଲପୁର ଓ ଦେବଗଡ଼ ଜିଲ୍ଲା ଜଜ୍ କୋର୍ଟରେ ବୋମା ଧମକକୁ ଜିଲ୍ଲା ଓକିଲସଂଘ ତରଫରୁ ସଭାପତି ଗୋବର୍ଦ୍ଧନ ରାଉତ, ସମ୍ପାଦକ ନୃସିଂହ ଚରଣ ରାଉତଙ୍କ ନେତୃତ୍ୱରେ ଶତାଧିକ ଓକିଲ ଏହାକୁ ଦୃଢ ନିନ୍ଦା କରାଯାଇଛି। ଏଥିସହିତ ସମ୍ପୃକ୍ତ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିଜିଙ୍କୁ ଅନୁରୋଧ କରାଯାଇଛି। କେନ୍ଦ୍ରାପଡା ଜିଲ୍ଲା ଓକିଲ ସଂଘର ସଭାପତି ଶ୍ରୀ ରାଉତ ଓ ଶତାଧିକ ଓକିଲ ଏକ ବୈଠକରେ ଏହାକୁ ଦୃଢ ନିନ୍ଦା କରିଛନ୍ତି। ଏହି ବୈଠକରେ ସରକାରୀ ଓକିଲ ଶାନ୍ତିସ୍ୱରୂପ ଭୂୟାଁ, ନେହେରୁ କୁମାର ସାହୁ, ପୂର୍ବତନ ସମ୍ପାଦକ ସେକ୍ ଅଜିମୁଦ୍ଦିନ୍‌ଙ୍କ ସହ ଅନ୍ୟ ଆଇନ୍‌ଜିବୀମାନେ ଉପସ୍ଥିତ ଥିଲେ।

## ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ



**ମହାକାଳପଡ଼ା,୮।୧(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଜୟଚନ୍ଦ୍ରପୁରସ୍ଥିତ ମା ତାରିଣୀ ଉଚ୍ଚ ମାଧମିକ ବିଦ୍ୟାଳୟର ବାର୍ଷିକ କ୍ରୀଡାଉତ୍ସବ ଗୁରୁବାର ଉଦଘାଟିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ଉମାକାନ୍ତ ଦାସ କ୍ରୀଡା ପତାକା ଉତ୍ତୋଳନ କରି କ୍ରୀଡା ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅଧାପକ ବିକାଶ ଦାସ, ସମୀର ରାଉତ, ମନୋଜ ଦାସ, ଜ୍ଞାନରଞ୍ଜନ ମହାପାତ୍ର, ସୁଶାନ୍ତ ବିଶୋଇ, ଶୈଳବାଳା ମହାନ୍ତି, ମମତା ଶତପଥି, ସୁଜାତା ସ୍ୱାଇଁ, ସରୋଜ ଚନ୍ଦ୍ର ସେଠୀ, ଅପରାଜିତା ଦାସ ପ୍ରମୁଖ ଉପସ୍ଥିତ ରହି କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ। ପବିତ୍ର ନାଥ କ୍ରୀଡା ପରିଚାଳନା କରିଥିଲେ। ବିଦ୍ୟାଳୟର ଅଣଶିକ୍ଷକ କର୍ମଚାରୀ ମହନି ସାମଲ, କିଶୋର ଚନ୍ଦ୍ର ଜେନା, ପ୍ରଦୀପ ମହାନ୍ତି, ତ୍ରିଲୋଚନ ବାରିକ, ଗଗନ ଦାସ ପ୍ରମୁଖ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ ।

### ଡ୍ରେନେଜ୍ କଟ୍ ବନ୍ଧରୁ ବେଆଇନ ଭାବେ ତାଳଗଛ କାଟିବା ଘଟଣ

## କାର୍ଯ୍ୟାନୁଷ୍ଠାନ ପାଇଁ ତହସିଲଦାରଙ୍କୁ ଆର୍‌ଆଇଙ୍କ ଲିଖିତ ଦାବି



**ଡେରାବିଶ୍, ୮।୧(ସଂଚାର ବ୍ୟୁରୋ):** ଡେରାବିଶ ତହସିଲ୍ ଚାଟରାଚକଡ଼ା ରାଜସ୍ୱ ସର୍କଲ ଅଧୀନ ଓଲଡ଼ିଠାରୁ ଫକିରାବାଦ ପର୍ଯ୍ୟନ୍ତ ୧୯ ନଂ ଡ୍ରେନେଜ୍‌କଟ ବନ୍ଧରେ ଥିବା ଶତାଧିକ ବଡ଼ ବଡ଼ ତାଳଗଛକୁ ଡ୍ରେନେଜ କଟ୍ ସଫେଇ ଆଳରେ ଠିକାଦାର ଗତ ଡିସେମ୍ବର୧୭ ତାରିଖରେ ଜେସିବି ଲଗାଇ କାଟି ଦେଇଥିଲେ। ଏହି ଘଟଣାକୁ ସ୍ଥାନୀୟ ଗ୍ରାମବାସୀ ମାନେ ତିବ୍ର ବିରୋଧ କରିବା ସହିତ ତୁରନ୍ତ ତହସିଲ୍ କର୍ତ୍ତୃପକ୍ଷ, ପୁଲିସ୍ ଓ ବନ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ଘଟଣାସ୍ଥଳରେ ତହସିଲ୍ କର୍ତ୍ତୃପକ୍ଷ, ବନ ବିଭାଗ ଅଧିକାରୀ ଓ ପୁଲିସ୍ ପହଞ୍ଚି ତୁରନ୍ତ ତାଳଗଛ କାଟିବା ବନ୍ଦ କରାଇବା ସହିତ ଏହି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଜେସିବି ମେସିନକୁ ଜବତ କରିଥିଲେ। ହେଲେ ସେତେବେଳେ କ'ଣ ହେଲା କେଜାଣି ସେହିଦିନ ରାତିରେ ଜବତ ହୋଇଥିବା ଜେସିବି ଦୁଇଟି ଘଟଣାସ୍ଥଳରୁ ଉଭାନ୍ ହୋଇଯାଇଥିଲା। ଏ ସମ୍ପର୍କରେ ଗ୍ରାମବାସୀମାନେ ପୁନଃ ଡେରାବିଶ ତହସିଲ୍ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ରାଜସ୍ୱ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ଚାଟରାଚକଡ଼ା ରାଜସ୍ୱ ନିରୀକ୍ଷକଙ୍କୁ ଜେସିବି ମେସିନ୍ ଫେରାର୍ ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଥିଲା ଓ ବୁଧବାର ଏ ସମ୍ପର୍କରେ ଚାଟରାଚକଡ଼ ରାଜସ୍ୱ ନିରୀକ୍ଷକ ତଦନ୍ତ କରି ବେଆଇନ ଭାବେ ତାଳ ଗଛ କାଟିବାରେ ଓ ଜେସିବି ମେସନ୍ ଫେରାର୍ କରାଯାଇବାରେ ସମ୍ପୃକ୍ତ ଥିବା ଡ୍ରେନେଜ୍ ବିଭାଗର ଅଧିକାରୀ ଓ କର୍ମଚାରୀ, ସଫେଇ କାମରେ ନିୟୋଜିତ ଠିକାଦାର ଓ ସୁପରଭାଇଜର ଏବଂ ଜେସିବି ମାଲିକଙ୍କ ସମେତ ଜେସିବି ଡ୍ରାଇଭରଙ୍କ ନାମରେ ମାମଲା ରୁଜୁ କରାଯାଇ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ପାଇଁ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

### ● ଧନିଆପଡା କ୍ରିକେଟ ଉଦଯାପିତ

## ଚମ୍ପିୟାନ ହେଲା କେନ୍ଦ୍ରାପଡ଼ା ଏନସିସି



**ମହାକାଳପଡ଼ା,୮।୧(ସଂଚାର ବ୍ୟୁରୋ):** ମାର୍ଶାଘାଇ ଥାନା ଧନିଆପଡା ବିଏମସିସି କ୍ରିକେଟ କ୍ଳବ ଆନୁକୂଲ୍ୟରେ ଅନୁଷ୍ଠିତ ୧୪ତମ ବାର୍ଷିକ ରାଜକିଶୋର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ କେନ୍ଦ୍ରାପଡ଼ାର ଏନସିସି ଟିମ ଜଗତସିଂହପୁର ରାହାମାର ନିୟୁ ଏଚପିସି ଟିମ କୁ ହରାଇ ଚମ୍ପିୟାନ ହୋଇଛି। ମ୍ୟାଚରେ ନିଉ ଏଚପିସି ରାହାମା ଟିମ ନିର୍ଦ୍ଧାରିତ ୧୦ ଓଭରରେ ୯୮ ରନ କରିଥିଲା। ଜବାବରେ ଏନସିସି କେନ୍ଦ୍ରାପଡ଼ା ୮ ଓଭର ୫ ବଲରେ ଆବଶ୍ୟକୀୟ ୯୯ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ୮ ଓଭର ବିଶିଷ୍ଟ ହୋଇଥିଲା ଟସ୍ ଜିତି ରାହାମା ଟିମ ୫୭ ରନ କରିଥିବା ବେଳେ ଏହି ମ୍ୟାଚକୁ ଏନସିସି କେନ୍ଦ୍ରାପଡ଼ା ଟିମ ୫ ଓଭରରେ ୬୦ ରନ କରି ବିଜୟୀ ହୋଇଥିଲା। ୩ ପର୍ଯ୍ୟାୟ ବିଶିଷ୍ଟ ଏହି ଫାଇନାଲ ମ୍ୟାଚରେ ୨-୦ ରେ କେନ୍ଦ୍ରାପଡ଼ା ଟିମ ବିଜୟୀ ହୋଇ ଚଳିତ ବର୍ଷର ଚମ୍ପିୟାନ ହୋଇଛି।

## ସମାଜସେବୀ ଏକାଦଶୀ ପାତ୍ରଙ୍କ ପରଲୋକ

**ପଟ୍ଟାମୁଣ୍ଡାଇ,୮।୧(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ଯୁବନେତା ତପନ ପାତ୍ରଙ୍କ ପିତା ତଥା ପୂର୍ବତନ କାଉନସିଲର ମାଳତୀ ପାତ୍ରଙ୍କ ଶଶୁର ଅଳଭା ଗ୍ରାମର ବିଶିଷ୍ଟ ସମାଜସେବୀ ଏକାଦଶୀ ପାତ୍ରଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୮ବର୍ଷ ବୟସହୋଇଥିଲା । ସ୍ୱର୍ଗତ ପାତ୍ର ସମାଜସେବୀ ସହିତ ଠାକୁର ଅଭିରାମ ପରମହଂସ ଦେବଙ୍କ ଦୀକ୍ଷିତ ହୋଇ ବିଭିନ୍ନ ଧର୍ମାନୁଷ୍ଠାନ ଓ ଆଧାତ୍ମିକ କାର୍ଯ୍ୟକ୍ରମ ଆୟୋଜନ ରେ ସକ୍ରିୟ ଅଂଶ ଗ୍ରହଣ କରି ଆସୁଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ,ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ବରିଷ୍ଠ ବିଜେଡି ନେତା ଅମୂଲ୍ୟ ପ୍ରଧାନ, ବରିଷ୍ଠ କଂଗ୍ରେସ ନେତା ମଳୟ ଦାସ, ଯୁବନେତା ଅଭିନାଶ ଲେଙ୍କା(ରତୀ), କାଉନସିଲର ସମ୍ରାଟ ଜେନା,ମଳୟ ଓଝା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି । ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ପୂରୀ ସ୍ୱର୍ଗଦ୍ୱାର ଠାରେ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା। ଜ୍ୟେଷ୍ଠ ପୁତ୍ର ସନ୍ତୋଷ ପାତ୍ର ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି ।



## ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା




**ମହାକାଳପଡ଼ା,୮।୧(ସଂଚାର ବ୍ୟୁରୋ):** ଆଜି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ତରଫରୁ ମହାକାଳପଡ଼ାର ନୂତନ ଭାରା ପ୍ରାପ୍ତ ବିଡ଼ିଓ ରବିନାରାୟଣ ଆଚାର୍ଯ୍ୟ ଓ ମହାକାଳପଡ଼ା ଥାନାର ନୂତନ ଇନ୍ସପେକ୍ଟର ମାନସ ମଲ୍ଲିକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ସଂଯୋଜକ ଚିନ୍ମୟ ପ୍ରସାଦ ବାହାଲିଆ,ଜିଲ୍ଲା ସହସଂଯୋଜାକ ଅଭିଜିତ ସାମଲଙ୍କ ପ୍ରତିନିଧିତ୍ୱରେ ଶ୍ରୀ ଶ୍ରୀ ବାୟାବାବା ମହାବିଦ୍ୟାଳୟର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର କାର୍ଯ୍ୟକର୍ତ୍ତା ଅଂଶୁ ପ୍ରସାଦ ଜେନା,ଜନ୍ମେଜୟ ଲେଙ୍କା,ରୁଦ୍ର ନାରାୟଣ ମନ୍ତ୍ରୀ ଏବଂ ସତ୍ୟ ସୁନ୍ଦର ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ।

## ଦାଣ୍ଡିସାହି ଜୟହିନ୍ଦ ହାଇସ୍କୁଲରେ ପିଏମଶ୍ରୀ ଉତ୍ସବ

**ପଟ୍ଟାମୁଣ୍ଡାଇ,୮।୧(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ସର୍ବପୁରାତନ ସରକାରୀ ଶିକ୍ଷାନୁଷ୍ଠାନ ଦାଣ୍ଡିସାହି ପିଏମଶ୍ରୀ ଜୟହିନ୍ଦ ହାଇସ୍କୁଲରେ ଗତକାଲି ବିଦ୍ୟାଳୟ ସ୍ତରୀୟ ପିଏମ ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଭାସ୍କର ଚନ୍ଦ୍ର ବେହେରାଙ୍କ ପୌରହିତ୍ୟରେ ଆୟୋଜିତ ମନୋଜ୍ଞ ଉତ୍ସବରେ ପୂର୍ବତନମନ୍ତ୍ରୀ ତଥା କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି, ୧୫ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟା ପ୍ରିୟଦର୍ଶନୀ ତରାଇ ମୁଖ୍ୟବକ୍ତା, ପଟ୍ଟାମୁଣ୍ଡାଇ ବ୍ଲକ ପ୍ରାକ୍ତନ ଅଧକ୍ଷ ତଥା ପଞ୍ଚସଖା ସେତୁ ସଂଗଠନ ସଭାପତି ମାନସ ରଞ୍ଜନ ସାମଲ, ପେଣ୍ଟପାଳ ସରପଞ୍ଚ ଅନ୍ନପୂର୍ଣ୍ଣା ସେଠୀ, ସମିତି ସଭ୍ୟ ଶଶାଙ୍କ ଶେଖର ବିଶ୍ୱାଳ ଓ ସ୍କୁଲ ପରିଚାଳନା କମିଟି ସଭାପତି ଅଲେଖ ମଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଗୁଣାତ୍ମକ ଶିକ୍ଷାର ପ୍ରଦାନ କରି ଉତ୍ତମ ଛାତ୍ରଛାତ୍ରୀ ତିଆରି କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ।

# କାହା ଛତ୍ରଛାୟା ତଳେ ଇଟା ମାଫିଆ

- କିଏ ଦେଉଛି ସୁରକ୍ଷା ବଢ଼ାଉଛନ୍ତି ସାମ୍ରାଜ୍ୟ
- କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କଲେ ସ୍ଥାନୀୟ ଲୋକେ



**ଗରଦପୁର,୮।୧(ସଂଚାର ବ୍ୟୁରୋ):** ବର୍ତ୍ତମାନ ପ୍ରଦୂଷଣ ମାତ୍ରାଧିକ ବୃଦ୍ଧି ପାଇବାରେ ଲାଗିଛି। ଜନ ଜୀବନ ଅସ୍ତବ୍ୟସ୍ତ କରିବାରେ ଲାଗିଛି। ଏହାର ମୁଖ୍ୟ କାରଣ ସାଜିଛି ଧୂଆଁ ବଳୟ। ଏହି ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସରକାର ମୋଟର ସାଇକେଲ ଠୁ ଆରମ୍ଭ କରି ଚାରିଚକିଆ ଯାନ ପର୍ଯ୍ୟନ୍ତ ବଧ୍ୟତା ମୂଳକ ପାଲ୍ୟୁସନ ସାଟିଫିକେଟ୍ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଏବେ ସହର ଅପେକ୍ଷା ଗ୍ରାମାଞ୍ଚଳ ପରିବେଶ ଅଧିକ ଜଟିଳ ହେବାରେ ଲାଗିଛି। ଏହାର ମୁଖ୍ୟ କାରଣ ସାଜିଛି ବେଆଇନ୍ ନାଲି ଇଟା ଭାଟି। ଜଣେ ଜଣେ ବ୍ୟକ୍ତି ଶତାଧିକ ମାଟି ଇଟା ଭାଟି ନିର୍ମାଣ କରିବା ସହ ସେଥିରେ ନିଆଁ ଲଗାଇ ପରିବେଶ କୁ ଧୂଆଁ ମୟ ପ୍ରଦ୍ୟୁଷଣ କରି ପୁରା ଅଞ୍ଚଳକୁ ଅସ୍ତବ୍ୟସ୍ତ କରିଦେଉଛନ୍ତି। ଯାହା ଫଳରେ ସ୍ଥାନୀୟ ଲୋକେ ଅଣ ନିଶ୍ୱାସୀ ହୋଇପଡୁଛନ୍ତି। ଏହାର ଜଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଗରଦପୁର ତହସିଲ ଅଧିନରେ ଥିବା ପାଟକୁରା ଅଞ୍ଚଳରେ। ଏହି ଅଞ୍ଚଳରେ ଥିବା ସମସରା ଏବଂ ଜଗଦଳପୁର ଗ୍ରାମର ଥିବା ଚିତ୍ରୋତ୍ପଳା ନଦୀ ପଠା ଏବେ ମାଫିଆଙ୍କ କବଜାରେ ରହିଛି। ବର୍ଷାଧିକ କାଳ ଏହି ସ୍ଥାନ ମାନଙ୍କରେ ୪୦ରୁ ଉର୍ଦ୍ଧ୍ୱ ବଡ଼ ବଡ଼ ଭାଟି ନିର୍ମାଣ କରି ଏଥିରେ ନିଆଁ ସଂଯୋଗ କରିଆସୁଛନ୍ତି। କିନ୍ତୁ ଏଥି ପ୍ରତି କାହାର ନଜର ବି ପଡୁନି। ଯଦିଓ ତହସିଲ ଏବଂ ଜିଲ୍ଲା ପ୍ରଶାସନ ଉକ୍ତ ତହସିଲ ଅଧିନରେ ଥିବା ଅନ୍ୟ ଭାଟି ମାନଙ୍କରେ ଚଢ଼ାଉ କରି ଜୋରିମାନା ଆଦାୟ କରୁଛନ୍ତି କିନ୍ତୁ ସମସରା ଓ ଜଗଦଳପୁର ରେ ଗଢ଼ିଉଠିଥିବା ବେଆଇନ୍ ଇଟା ଭାଟି ଉପରେ କାର୍ଯ୍ୟନୁଷ୍ଠାନ ନେବା ବଦଳରେ ଆହୁରି ଅନୁକମ୍ପା ପ୍ରଦର୍ଶନ କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

## ଜାମିଆ ଅସରଫଉଲ ଓଲୁମରେ ଖତମବୁଖାରୀ ସରିଫ ସ୍ୱତନ୍ତ୍ର ଦୁଆ

**କେନ୍ଦ୍ରାପଡ଼ା, ୮।୧(ସଂଚାର ବ୍ୟୁରୋ):** ଓଡିଶାର ସର୍ବବୃହତ ମଦ୍ରାସା ଜାମିଆ ଅସରଫଉଲ ଓଲୁମରେ ଖତମ ବୁଖାରୀ ସରିଫ ସ୍ୱତନ୍ତ୍ର ଦୁଆ ଆସନ୍ତା ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହେବ। ଏଥିରେ ଏସିଆର ସର୍ବବୃହତ ମଦ୍ରାସା ଦାରୁଳ ଓଲୁମ ଦିଓବନ୍ଦ (ୟୁପି)ର ହଦିସ ଶିକ୍ଷକ ମୌଲାନା ସଲମାନ ବିଜନୋରି ମୁଖ୍ୟଅତିଥି ଭାବେ ଯୋଗଦେବେ। ଏଥିସହିତ ଓଡିଶାର ବହୁ ପ୍ରତିଷ୍ଠିତ ମୌଲବୀମାନେ ଯୋଗଦେବେ। ପ୍ରକାଶ ଥାଉକି ଇସଲାମ ଧର୍ମର କୋରାନ ପରେ ଦ୍ୱିତୀୟ ବୃହତ ଗ୍ରନ୍ଥ ବୁଖାରୀ ସରିଫ ଅଧୟନ କରିଥିବା ପିଲାମାନଙ୍କ ପାଇଁ ଏଥିରେ ସ୍ୱତନ୍ତ୍ର ଦୁଆ କରାଯିବ। ପୂର୍ବରୁ ଏହି ବୁଖାରୀ ହଦିସ ପାଠ ପଢିବାକୁ ସୁଦୂର ଉତ୍ତରପ୍ରଦେଶ ଯିବାକୁ ପଡୁଥିଲା। କିନ୍ତୁ ଏହି ବୃହତ ଗ୍ରନ୍ଥ ଏବେ ଜାମିଆ ଅସରଫଉଲରେ ଶିକ୍ଷା ଦିଆଯାଉଛି। ଜାମିଆର ଅଧକ୍ଷ ମୌଲାନା ଫାରୁଖ କାସମୀ ଏଥିରେ ବହୁ ସଂଖ୍ୟାରେ ଯୋଗଦେବାକୁ ନିବେଦନ କରିଛନ୍ତି।

### ମହିଳା ବିଡିଓଙ୍କୁ ସଙ୍ଘବଦ୍ଧ ଆକ୍ରମଣ ଘଟଣା

# ବିଡିଓ ଓ ଏଏସ୍‌ପିଙ୍କ ହସ୍ତକ୍ଷେପ ପରେ ଆନ୍ଦୋଳନ ପ୍ରତ୍ୟାହୃତ



**ରାଜନଗର,୮।୧(ସଂଚାର ବ୍ୟୁରୋ):** ରାଜନଗର ବ୍ଲକର ମହିଳା ବିଡିଓଙ୍କୁ ତାଙ୍କ କାର୍ଯ୍ୟାଳୟରେ ସଙ୍ଘବଦ୍ଧ ଭାବେ ଘେରିବା ଓ ଲାପଟପ ଉଠାଇ ମାରିବାକୁ ବିଜେପି ନେତାଙ୍କ ଉଦ୍ୟମ ଘଟଣାରେ ବ୍ଲକରେ ଲାଗିରହିଥିବା ଅଚଳାବସ୍ଥା ଦୂର ହୋଇଛି । ୬ ଦିନ ଧରି ବିଡିଓ ଅନୁପସ୍ଥିତ ରହିବା ପରେ ଆଜି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ ।ବିଡିଓ ତିଲୋତ୍ତମା ପୃଷ୍ଟିଙ୍କ ଅନୁରୋଧ ଓ ଅତିରିକ୍ତ ଏସପି ସୁଧାକର ସାହୁଙ୍କ ପତିଶ୍ରୁତି ପରେ ଆନ୍ଦୋଳନକାରୀ ବ୍ଲକ କାର୍ଯ୍ୟାଳୟରେ ତାଲା ଖୋଲିବା ସହିତ ଆନ୍ଦୋଳନରୁ ଓହରିଛନ୍ତି। ୭ ଦିନ ଭିତରେ ମହିଳା ବିଡିଓଙ୍କୁ ମାଡ ମରିଥିବା ଅଭିଯୁକ୍ତ ମାନଙ୍କୁ ଗିରଫ କରାନଗଲେ ୧୬ ତାରିଖ ଦିନ ଏସପି ଅଫିସ ଘେରାଉ କରାଯିବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି । ଆଜି ସକାଳେ ସରପଞ୍ଚ ସଂଘର ସଭାପତି ଅଶୋକ କୁମାର ମହାନ୍ତି , ପଞ୍ଚାୟତ ସମିତି ଅଧକ୍ଷ୍ୟା ପ୍ରତିଭା ପାତ୍ରଙ୍କ ସମେତ ସରପଞ୍ଚ , ସମିତି ସଭ୍ୟ ଓ କର୍ମୀମାନେ ବ୍ଲକ କାର୍ଯ୍ୟାଳୟରେ ଧାରଣରେ ବସି ରହିଥିଲେ । ବ୍ଲକ କାର୍ଯ୍ୟାଳୟରେ ତାଲା ଝୁଲୁଥିଲା । କର୍ମଚାରୀମାନେ ଅଫିସ ବନ୍ଦ ଥିବାରୁ ବାହାରେ ବୁଲୁଥିଲେ ।ଦିନ ପ୍ରାୟ ୧ ଘଟିକା ସମୟରେ ବିଡିଓ , ଅତିରିକ୍ତ ଏସପି ବ୍ଲକ କ୍ୟାମ୍ପସରେ ପହଞ୍ଚିଥିଲେ । ଆନ୍ଦୋଳନକାରୀଙ୍କୁ ବିଡିଓ ଧାରଣରୁ ଉଠିଯିବାକୁ ଅନୁରୋଧ କରିଥିଲେ । ଅତିରିକ୍ତ ଏସପି ଗତକାଲି ମାନ୍ୟବର ବିଧାୟକ ଜିଲ୍ଲାପାଳ , ଏସପିଙ୍କ ସହିତ ବୈଠକ କରିଥିଲେ। ବୈଠକରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଏସପି ପତିଶ୍ରୁତି ଦେଇଛନ୍ତି । ବ୍ଲକରେ ସ୍ଥିରତା ଫେରିବ ବୋଲି ଜିଲ୍ଲାପାଳ ମଧ ପତିଶ୍ରୁତି ଦେଇଛନ୍ତି ।ତେଣୁ ଆନ୍ଦୋଳନରୁ ଓହରିଯିବାକୁ ଅନୁରୋଧ କରିଥିଲେ । ଏହା ପରେ ପଞ୍ଚାୟତ ସମିତି ଅଧକ୍ଷ୍ୟାଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଏସପି , ବିଡିଓ ଓ ସରପଞ୍ଚ , ସମିତି ସଭ୍ୟ ମାନେ ଆଲୋଚନା କରିଥିଲେ ।

### ● ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ସଙ୍ଗୀନ - ବିଜେଡି

## ପରିସ୍ଥିତି ନସୁଧୁରିଲେ ଏସପି କାର୍ଯ୍ୟାଳୟ ଘେରାଉ

**କେନ୍ଦ୍ରାପଡ଼ା, ୮।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ସଙ୍ଗୀନ ଅବସ୍ଥାକୁ ଚାଲି ଯାଇଛି। ପରିସ୍ଥିତି ନ ସୁଧୁରିଲେ ଆସନ୍ତା ୧୬ ତାରିଖରେ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ବିଜେଡି ଧମକ ଦେଇଛି। ଏ ନେଇ ବିଜେଡିର ଏକ ପ୍ରତିନିଧି ଦଳ ଏସ୍‌ପି ଓ ଜିଲ୍ଲାପାଳଙ୍କୁ ଭେଟି ଆଇନ୍ ଶୃଙ୍ଖଳା ପରିସ୍ଥିତି ଉପରେ ଆଲୋଚନା କରିଛନ୍ତି। ସେହିପରି ରାଜନଗର ବ୍ଲକରେ ମହିଳା ବିଡିଙ୍କୁ ଆକ୍ରମଣ କରାଯିବା ଘଟଣାରେ ପୋଲିସର ନିଷ୍କ୍ରିୟତା ନେଇ ଏସ୍‌ପି ଓ ଜିଲ୍ଲାପାଳଙ୍କ ସହ ପ୍ରତିନିଧି ଦଳ ଆଲୋଚନା କରିଥିଲା। ଆଲୋଚନା ଶେଷ ହେବା ପରେ ବିଜେଡି ଜିଲ୍ଲା ସଭାପତି ଶିବପ୍ରସାଦ ଭଳ ଗଣମାଧକୁ କହିଲେ କେନ୍ଦ୍ରାପଡ଼ା ଜିଲ୍ଲାରେ ପୋଲିସ ସରକାରୀ ଦଳର ଏଜେ ସାଜିଛନ୍ତି। ପୋଲିସ ଲୋକଙ୍କ ସେବା କରିବାକୁ ନିଯୁକ୍ତ ହୋଇ ନାହାନ୍ତି। ସରକାରୀ ଦଳର ନେତାମାନଙ୍କୁ କିପରି ସୁରକ୍ଷା ଦିଆଯିବ ସେଥିପାଇଁ ପୋଲିସ ଦିନରାତି ଏକକାର କରି ଦେଉଛନ୍ତି। ସାଧାରଣ ଲୋକ ଏପରିକି ସରକାରୀ ଅଧିକାରୀ ତଥା ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ରାଜନଗର ବିଡିଓଙ୍କୁ ବିଜେପି ନେତା ଲଳିତ ବେହେରା ଆକ୍ରମଣ କରିଥିଲେ ମଧ ପୋଲିସ ସେହି ଘଟଣାରେ ନିରବଦ୍ରଷ୍ଟା ସାଜିଛି। ଯଦି ଅନ୍ୟ କେହି ବିଡିଓଙ୍କ ଉପରେ ଆକ୍ରମଣ କରିଥାନ୍ତେ ତାହା ହେଲେ ଅଭିଯୁକ୍ତ ଏବେ ଜେଲରେ ଥାଆନ୍ତେ।

# ମହିଳା ଓ ଶିଶୁ ବିକାଶ ବିଭାଗ ସହ ଉତ୍କଳିକାର ଚୁକ୍ତି

## ଏମ୍‌କେଭିୱାଇରେ ଯୋଗାଇବ ଉପହାର ସାମଗ୍ରୀ



ଭୁବନେଶ୍ୱର,୮।୧(ସଂଚାର ବ୍ୟୁରୋ): ଆଜି ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉପସ୍ଥିତିରେ ବିଭାଗୀୟ ସମ୍ମିଳନୀ କକ୍ଷରେ ବହୁ ପ୍ରତୀକ୍ଷିତ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା (ଏମ୍‌କେଭିୱାଇ) ଅନ୍ତର୍ଗତ ଉପହାର ସାମଗ୍ରୀ ଯୋଗାଇବା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନସ୍ଥ ଉତ୍କଳିକା,ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ମଧ୍ୟରେ ଆଜି ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣାପତ୍ର ମାଧ୍ୟମରେ ଉତ୍କଳିକା ଯୋଜନା ଅନ୍ତର୍ଗତ ଯୋଗ୍ୟ କନ୍ୟାମାନଙ୍କୁ ଉପହାର ସାମଗ୍ରୀ ଯଥା ଶାଢ଼ି, ଚୁଡ଼ି, ପାଉଁଜି, ଝୁଣ୍ଟିଆ, ଅଳତା, ସିନ୍ଦୂର ସମେତ ସମସ୍ତ ଶୃଙ୍ଗାର ସାମଗ୍ରୀ ସହ ବାସନକୁସନ ଭଳି ଘରୋଇ ବ୍ୟବହାର ସାମଗ୍ରୀ ଭଳି ଉପଲବ୍ଧ କରାଇବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଉଲ୍ଲେଖ କରିଛନ୍ତି। ଏହି ସହଯୋଗ ମାଧ୍ୟମରେ ମହିଳା କଲ୍ୟାଣକାରୀ ଯୋଜନାଗୁଡ଼ିକୁ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ସହ ଓଡ଼ିଶାର ହସ୍ତଶିଳ୍ପ ଓ ହସ୍ତକଳା କ୍ଷେତ୍ରକୁ ମଧ ପ୍ରୋତ୍ସାହନ ମିଳିବ ବୋଲି ସେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ନିର୍ଦ୍ଦେଶିକା ନିବେଦିତା ପୃଷ୍ଟି, ଅତିରିକ୍ତ ସଚିବ ପ୍ରତାପ ହୋତା ଓ ଉଭୟ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ପ୍ରମୁଖ ଉପସ୍ଥିତ ଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗ ଅତିରିକ୍ତ ସଚିବ ସୁମିତ୍ରା ପଟ୍ଟନାୟକ ଏବଂ ଉତ୍କଳିକାର ପରିଚାଳନା ନିର୍ଦ୍ଦେଶିକା ମମତା ନାୟକ ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ।

## 'ସମ୍ବଲପୁର ଲୋକ ମହୋତ୍ସବ'କୁ ସମ୍ବୋଧନ କଲେ କେନ୍ଦ୍ର ମନ୍ତ୍ରୀ

# ଆର୍ଥିକ ଅଭିବୃଦ୍ଧି ସରକାରଙ୍କ ସଂକଳ୍ପ



ସମ୍ବଲପୁର,୮।୧(ସଂଚାର ବ୍ୟୁରୋ): ସମ୍ବଲପୁରର ଆର୍ଥିକ ଅଭିବୃଦ୍ଧି ସହ ଲୋକଙ୍କ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିବା ଆମର ସଂକଳ୍ପ ବୋଲି 'ସମ୍ବଲପୁର ଲୋକ ମହୋତ୍ସବ-୨୦୨୬' ଅବସରରେ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ସମ୍ବଲପୁରର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟର 'ଡବଲ ଇଞ୍ଜିନ' ସରକାରଙ୍କ ପକ୍ଷରୁ ଚାଲିଥିବା ବିଭିନ୍ନ ବୃହତ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେବା ସହ ଏହାକୁ ଏକ ଆଧୁନିକ ଓ ବିକଶିତ ସହରରେ ପରିଣତ କରିବା ପାଇଁ ସଂକଳ୍ପ ଦୋହରାଇଛନ୍ତି। ସମ୍ବଲପୁରର ସଂସ୍କୃତିକୁ 'ମାଟିର ସଂସ୍କୃତି' ଭାବେ ଅଭିହିତ କରି ସେ କହିଛନ୍ତି ଯେ ସମୃଦ୍ଧ ସାହିତ୍ୟ ଓ ସ୍ୱତନ୍ତ୍ର ସଂସ୍କୃତିର ସଫଳ ସମାହାର ହେଉଛି ସ୍ୱର୍ଣ୍ଣଗର୍ଭା ସମ୍ବଲପୁର। ଏଠାକାର ତିହାର୍, ପରବ ଓ ଲୋକକଳା କେବଳ ମନୋରଞ୍ଜନ ନୁହେଁ, ବରଂ ଆମର ପରିଚୟ। ଏହି ପରିଚୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ 'ସମ୍ବଲପୁର ଲୋକ ମହୋତ୍ସବ' ଏକ ସୁନ୍ଦର ପ୍ରୟାସ। ସମ୍ବଲପୁରର ଯୁବ ପ୍ରତିଭା 'ରଙ୍ଗବତୀ' ଓ 'ଡାଲଖାଇ' ଭଳି କଳା ପ୍ରଦର୍ଶନ ସମୟରେ ଆମ ସଂସ୍କୃତି ସୁରକ୍ଷିତ ହାତରେ ରହିଛି ବୋଲି ଧାରଣା ସୃଷ୍ଟି ହୁଏ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ସମ୍ବଲପୁରକୁ ଏକ ଆଧୁନିକ ଓ ବିକଶିତ ସହରରେ ପରିଣତ କରିବା ପାଇଁ ଡବଲ ଇଞ୍ଜିନ ସରକାର ଅନେକ ବୃହତ ପ୍ରକଳ୍ପ ଉପରେ କାର୍ଯ୍ୟ କରୁଥିବା ନେଇ କେନ୍ଦ୍ର ମନ୍ତ୍ରୀ ସୂଚନା ଦେଇଛନ୍ତି। ବୁର୍ଲା ଭିମସାରର ନବକଳେବର ପାଇଁ ୨୪୫୦ କୋଟି ବରାଦ ହୋଇଥିବା ବେଳେ ସହରର ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ୧୪୩୭ କୋଟିର ରିଙ୍ଗ ରୋଡ୍ କାମ ଖୁବଶୀଘ୍ର ଆରମ୍ଭ ହେବ। ତା'ଛଡ଼ା ଅଯୋଧ୍ୟା ସାଗରର ପୁନରୁଦ୍ଧାର ପାଇଁ ୬୦୦ କୋଟି, ମହାନଦୀ ରିଭର ଫ୍ରଣ୍ଟ ବିକାଶ ପାଇଁ ୧୬୦ କୋଟି ଓ ୨୪ ଘଣ୍ଟିଆ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପାଇଁ ୪୫୦ କୋଟି ଟଙ୍କା ବ୍ୟୟରେ ଦୈନିକ ୧୧୦ ମିଲିୟନ ଲିଟର କ୍ଷମତା ବିଶିଷ୍ଟ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି। ହୀରାକୁଦ ପର୍ଯ୍ୟଟନର ବିକାଶ ପାଇଁ ପ୍ରଥମ ପର୍ଯ୍ୟାୟରେ ୧୦୦ କୋଟି ଏବଂ ଦ୍ରେବିଗଡ଼ର ବିକାଶ ପାଇଁ ୮୫ କୋଟିର କାର୍ଯ୍ୟ ଆରମ୍ଭ ହୋଇଛି। ବସନ୍ତପୁରଠାରେ ୧୦୦ କୋଟି ଟଙ୍କା ବ୍ୟୟରେ ଆକ୍ୱା ପାର୍କ ନିର୍ମାଣ କାମ ଚାଲୁ ରହିଛି। ସମ୍ବଲପୁରଠାରୁ ଝାରସୁଗୁଡ଼ା ପର୍ଯ୍ୟନ୍ତ ଏକ ବୈକଳ୍ପିକ ଜାତୀୟ ରାଜପଥ ନିର୍ମାଣର ପରିକଳ୍ପନା ହୋଇଛି ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

# ଗାଡ଼ି ଚାଳକଙ୍କୁ ଆଶ୍ୱସ୍ତି: ଏପ୍ରିଲ ପହିଲାକୁ ବଢ଼ିଲା ପିୟୁସିସି ଅବଧି

- ଟୋଲଗେଟରେ କଟିବନି ପ୍ରଦୂଷଣ ଚାଲାଣ
- ପ୍ରଦୂଷଣକାରୀ ଗାଡ଼ି ବ୍ୟବହାର ରୋକିବାକୁ ନିବେଦନ



ଭୁବନେଶ୍ୱର,୮।୧(ସଂଚାର ବ୍ୟୁରୋ): ବାଣିଜ୍ୟ ଓ ପରିବହନ ବିଭାଗର ମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରଦୂଷଣ ଯାଞ୍ଚ ଓ ଜରିମାନା ସଂକ୍ରାନ୍ତ ନିଷ୍ପତ୍ତିର ପୁନର୍ବିଚାର କରି ଏହି ଅବଧିକୁ ଆସନ୍ତା ଏପ୍ରିଲ ପହିଲା ପର୍ଯ୍ୟନ୍ତ ବଢ଼ାଇଛନ୍ତି। ତେଣୁ ଏହି ସମୟ ମଧ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) ନଥିଲେ କୌଣସି ପ୍ରକାର ଜରିମାନା ଆଦାୟ ନ କରିବାକୁ ମଧ ମନ୍ତ୍ରୀ ରାଜ୍ୟ ପରିବହନ ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଟୋଲଗେଟରେ ଇ-ଡିଟେକ୍ସନରେ କଟୁଥିବା ଏ ସମ୍ବନ୍ଧୀୟ ଜରିମାନାକୁ ମଧ ସ୍ଥଗିତ ରଖିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ତା'ଛଡ଼ା ପିୟୁସିସି ନ ଥିଲେ ୧୦ ହଜାର ଟଙ୍କା ଜରିମାନାକୁ ହ୍ରାସ କରିବା ଦିଗରେ ତର୍ଜମା କରିବାକୁ ମଧ ବିଭାଗକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଗାଡ଼ିର ପ୍ରଦୂଷଣ ଯାଞ୍ଚ ସମସ୍ତଙ୍କ ଦାୟିତ୍ୱ। ଦିନକୁ ଦିନ ପ୍ରଦୂଷଣ ମାତ୍ରା ବଢ଼ୁଥିବାରୁ ପରିବେଶକୁ ପରିବେଶ ସୁରକ୍ଷା ଦୃଷ୍ଟିରୁ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଓଡ଼ିଶାରେ ମାତ୍ର ୨୧ ପ୍ରତିଶତ ଗାଡ଼ିର ପିୟୁସିସି ରହିଛି। ତେଣୁ ସଚେତନ ହୋଇ ଗାଡ଼ି ଚାଳକମାନେ ପ୍ରଦୂଷଣକାରୀ ଗାଡ଼ିଗୁଡ଼ିକୁ ବ୍ୟବହାର ନ କରିବାକୁ ସେ ପରାମର୍ଶ ଦେଇଛନ୍ତି।

# ଲାଞ୍ଚୁଆ ଆର୍‌ଆଇଙ୍କୁ ଧରିଲା ଭିଜିଲାନ୍ସ



ଅନୁଗୁଳ,୮।୧(ସଂଚାର ବ୍ୟୁରୋ): ୬ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ରାଜସ୍ୱ ନିରୀକ୍ଷକ (ଆରଆଇ)। ଉକ୍ତ ଆର୍‌ଆଇ ଜଣଙ୍କ ହେଉଛନ୍ତି ଅନୁଗୁଳ ଆଠମଲ୍ଲିକ ତହସିଲ ଅନ୍ତର୍ଗତ ଗୁଡ଼ର ଆର୍‌ଆଇ ସର୍କଲର ସୁରେନ୍ଦ୍ର ଦାଶ। ଏକ ଜମିର ଡିମାର୍କେସନ ପାଇଁ ସେ ଅଭିଯୋଗକାରୀଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ପ୍ରଥମେ ସେ ୨ ହଜାର ଟଙ୍କା ନେଇଥିବା ବେଳେ ଅବଶିଷ୍ଟ ୮ ହଜାର ଟଙ୍କା ତୁରନ୍ତ ଦେବା ସକାଶେ ଚାପ ପକାଇଥିଲେ। ତେବେ ଅଭିଯୋଗକାରୀ ଜଣଙ୍କ ଏତେ ଟଙ୍କା ଦେଇପାରିବେ ନାହିଁ ବୋଲି କହିବାରୁ ଶ୍ରୀ ଦାଶ ୬ ହଜାର ଟଙ୍କାରେ ରାଜି ହୋଇଥିଲେ। ଶେଷରେ ଅଭିଯୋଗକାରୀ ଜଣଙ୍କ ବାଧ୍ୟ ହୋଇ ଭିଜିଲାନ୍ସରେ ଅଭିଯୋଗ କରିବା ପରେ ପୂର୍ବ ଯୋଜନାନୁସାରେ ଆଜି କିଆକଟାସ୍ଥିତ ଆର୍‌ଆଇ କାର୍ଯ୍ୟାଳୟରେ ଲାଞ୍ଚ ବାବଦ ଅବଶିଷ୍ଟ ୬ ହଜାର ଟଙ୍କା ଶ୍ରୀ ଦାଶଙ୍କୁ ଦେଉଥିଲେ। ଏହି ସମୟରେ ସେଠାରେ ମହଜୁଦ ଥିବା ଭିଜିଲାନ୍ସ କର୍ମଚାରୀମାନେ ତାଙ୍କୁ କାବୁ କରିବା ସହ ଲାଞ୍ଚ ବାବଦ ୬ ହଜାର ଟଙ୍କା ମଧ ଜବତ କରିଛନ୍ତି। ଏଥିସହ ଶ୍ରୀ ଦାଶ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ୩ଟି ସ୍ଥାନରେ ଏକକାଳୀନ ଚଢ଼ାଉ ଜାରି ରହିଛି। ଅଭିଯୋଗକାରୀ ଜଣଙ୍କ ଗତ ନଭେମ୍ବର ୨୫ ତାରିଖରେ ଜମି ଡିମାର୍କେସନ୍ ପାଇଁ ଆବେଦନ କରିଥିଲେ।

## ପରିବହନ ବିଭାଗର ୩ ଅଧିକାରୀଙ୍କ ଦରମା ବନ୍ଦ

### କାର୍ଯ୍ୟରେ ଅବହେଳା ଅଭିଯୋଗ ପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ

ଜୟପୁର, ୮।୧ (ସଂଚାର ବ୍ୟୁରୋ) : ପରିବହନ ନିଗମର ୩ ଅଧିକାରୀଙ୍କ ଦରମା ବନ୍ଦ। ରାଜ୍ୟ ପରିବହନ ନିଗମ ଏମଡିଙ୍କ ନିର୍ଦ୍ଦେଶରେ ଦରମା ବନ୍ଦ କରାଯାଇଛି। ୩ ଅଧିକାରୀ ହେଲେ ଜୟପୁର ଜିଲ୍ଲା ପରିଚାଳକ ଈଶ୍ୱର ମହାପାତ୍ର, ଅତିରିକ୍ତ ପରିଚାଳକ ଜ୍ୟୋତି ପ୍ରକାଶ ବେହେରା ଓ ଅତିରିକ୍ତ ପରିଚାଳକ ପ୍ରୀତିଶ କୁମାର ନାୟକ। କାର୍ଯ୍ୟରୁ ଅନ୍ତର ସହ ପୁନଃ ଯୋଗଦାନ କରିବା ଯାଏଁ ଦରମା ବନ୍ଦ କରାଯାଇଛି। କାର୍ଯ୍ୟରେ ଅବହେଳା ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

## ପୁରୀରେ ବଢ଼ିଲା ପାର୍କିଂ ଫି'

### ଚାରିଚକିଆ ଯାନ ପାଇଁ ଦିନକୁ ଚାର୍ଜ ୫୦୦



ପୁରୀ,୮।୧(ସଂଚାର ବ୍ୟୁରୋ): ପୁରୀରେ ବଢ଼ିଲା ପାର୍କିଂ ଫି'। ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ଥିବା ୪ଟି ଭକ୍ତ ନିବାସର ପାର୍କିଂ ଫି'କୁ ବୃଦ୍ଧି କରାଯାଇଛି। ଏଣିକି ୨୪ ଘଣ୍ଟା ପର୍ଯ୍ୟନ୍ତ ଚାରିଚକିଆ ଯାନ ପାର୍କିଂ ପାଇଁ ୫୦୦ ଟଙ୍କା ସହ ଅତିରିକ୍ତ ୧୮ ପ୍ରତିଶତ ଜିଏସଟି ଦେବାକୁ ପଡ଼ିବ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ତେବେ ପରିଚାଳନା କମିଟି ବୈଠକରେ ପାର୍କିଂ ଫି' ବୃଦ୍ଧି ନେଇ କୌଣସି ଆଲୋଚନା ହୋଇନାହିଁ। ଏପରି ଅଚାନକ ନିଷ୍ପତ୍ତି ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


## ଲୁଗା ଦୋକାନରେ ଭୟାବହ ଅଗ୍ନିକାଣ୍ଡ

- ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ

କରଞ୍ଜିଆ,୮।୧(ସଂଚାର ବ୍ୟୁରୋ): ଲୁଗା ଦୋକାନରେ ଘଟିଛି ଭୟାବହ ଅଗ୍ନିକାଣ୍ଡ। କରଞ୍ଜିଆ ସହରର ଦୁଇଟି ଦୋକାନ ହୁତୁ ହୁତୁ ହୋଇ ଜଳିଯାଇଛି କରଞ୍ଜିଆସ୍ଥିତ ସରିତା ଓ ଷ୍ଟାର ମ୍ୟାଚିଂ ସେଣ୍ଟର। ତେବେ ଦୋକାନରେ ଲୁଗା ଭର୍ତ୍ତି ହୋଇଥିବାରୁ ଖୁବ୍ କମ୍ ସମୟରେ ନିଆଁ ଚାରି ଆଡ଼କୁ ବ୍ୟାପିଯାଇଥିଲା। ଫଳତଃ ସାରା ପରିବେଶ ଧୂଆଁମୟ ହୋଇଯାଇଥିଲା। ଖବର ପାଇ କରଞ୍ଜିଆ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରୁଛି। ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ଆଖପାଖରେ ଦୋକାନ ସବୁ ଲାଗି ରହିଥିବାରୁ ସେଠାକୁ ବ୍ୟାପିବା ସମ୍ଭାବନା ରହିଛି। ତେବେ ଏହି ଅଗ୍ନିକାଣ୍ଡର କାରଣ ନେଇ କିଛି ସ୍ପଷ୍ଟ ସୂଚନା ମିଳିପାରିନାହିଁ।

## ବବଲୁ ହତ୍ୟାକାଣ୍ଡ ମାମଲାରେ ୩ ଗିରଫ

- ଚଢ଼ାଉ ଜାରି ରଖିଛି ପୁଲିସ



ଭୁବନେଶ୍ୱର,୮।୧(ସଂଚାର ବ୍ୟୁରୋ): ତ୍ରିକୋଣୀୟ ପ୍ରେମରୁ ଘଟିଛି ହତ୍ୟାକାଣ୍ଡ। ଭୁବନେଶ୍ୱର ନୟାପଲ୍ଲୀ ବବଲୁ ହତ୍ୟାକାଣ୍ଡ ଘଟଣାରେ ଆଜି ୩ ଜଣଙ୍କୁ ଗିରଫ କରାଯାଇଛି। ଏହି ତିନି ଅଭିଯୁକ୍ତ ହେଲେ ନାଣ୍ଟୁ, ଚାଏନା ଓ ରାଜା ଓ ସେମାନଙ୍କୁ ନୟାପଲ୍ଲୀ ଥାନା ପୁଲିସ୍ ଗିରଫ କରିଛି। ହତ୍ୟାକାଣ୍ଡ ପରଠାରୁ ତିନିହେଁ ଫେରାର ହୋଇଯାଇଥିଲେ। ହତ୍ୟାକାଣ୍ଡରେ ଏକାଧିକ ଅଭିଯୁକ୍ତ ସାମିଲ ଥିବା ବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସକାଶେ ପୁଲିସ୍ ଚଢ଼ାଉ ଜାରି ରଖିଛି। ପୂର୍ବରୁ ଜଣେ ନାବାଳକ ସହ ହତ୍ୟାକାରୀମାନଙ୍କୁ ଫେରାର ହୋଇଯିବାରେ ସହଯୋଗ କରିଥିବା ଅଟୋ ଡ୍ରାଇଭରକୁ ପୁଲିସ୍ ଗିରଫ କରିଥିଲା। ତ୍ରିକୋଣୀୟ ପ୍ରେମକୁ ନେଇ ଗତ ୨୯ ତାରିଖ ରାତିରେ ଘର ବାହାରେ ବବଲୁ ଓରଫ ଜିତେନ୍ଦ୍ର ଦାସଙ୍କୁ ଅଭିଯୁକ୍ତମାନେ ସଂଘବଦ୍ଧ ଆକ୍ରମଣ କରି ହତ୍ୟା କରିଥିଲେ। ଘଟଣାକୁ ନେଇ ଗତ ନୂଆ ବର୍ଷରେ ଟାୟାର ଜାଳି ନୟାପଲ୍ଲୀ ୟୁନିଟ୍-୮ରେ ରାସ୍ତାରୋକ କରିଥିଲେ ବବଲୁର ପରିବାର ସଦସ୍ୟ।

# ପିୟୁସିସି ବିରୋଧରେ ବିଜୁ ଯୁବ ଛାତ୍ର ଜନତା ଦଳର ଆନ୍ଦୋଳନ



ଭୁବନେଶ୍ୱର,୮।୧(ସଂଚାର ବ୍ୟୁରୋ): ରାଜ୍ୟରେ ଯାନବାହନର ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) ପାଇଁ ରାଜ୍ୟ ସରକାରଙ୍କ ନୀତି ଯୋଗୁଁ ରାଜ୍ୟରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଏହାକୁ ନେଇ ସମଗ୍ର ରାଜ୍ୟବାସୀ ଦହଗଞ୍ଜ ହେଉଛନ୍ତି। ତେଣୁ ଏହି ନୀତିର ତୁରନ୍ତ ପ୍ରତ୍ୟାହାର ଦାବି ନେଇ ଆଜି ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଭୁବନେଶ୍ୱର ଆରଟିଓ-୧ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ରାଜ୍ୟ ସରକାର ଏହି ପ୍ରମାଣପତ୍ର ନ ଦେଲେ ପେଟ୍ରୋଲ୍ କି ଡିଜେଲ୍ ମିଳିବ ନାହିଁ ଏବଂ ଓ ପୁରୁଣା ଫାଇନ ପଇଠ ନ ହେବା ପର୍ଯ୍ୟନ୍ତ ଏହ ପ୍ରମାଣପତ୍ର ମିଳିବ ନାହିଁ ବୋଲି ନିୟମ କରିଥିବା ବେଳେ ଏହାକୁ ତୁରନ୍ତ ପ୍ରତ୍ୟାହାର କରିବା ସକାଶେ ଏହି ପ୍ରତିବାଦ ସଭାରେ ଦାବି କରାଯାଇଛି। ନଚେତ୍ ଦଳ ପକ୍ଷରୁ ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଘୋଷଣା କରାଯାଇଛି।

ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଇପ୍ସିତା ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦ ସଭାରେ ରାଜ୍ୟ ବିଜେପି ସରକାରଙ୍କ ଏହି ନୀତିକୁ ସମାଲୋଚନା କରାଯିବା ସହ ରାଜ୍ୟ ସରକାରଙ୍କ ବିଫଳତାର ଲମ୍ବା ତାଲିକା ପ୍ରଦାନ କରାଯାଇଥିଲା। ଗୋଟିଏ ପଟେ ଶ୍ରୀ ସାହୁ ରାଜ୍ୟ ସରକାର ଲୋକଙ୍କୁ ଧାଡ଼ିରେ ଛିଡ଼ା କରି ହନ୍ତସନ୍ତ ହେଉଥିବା ଦେଖି ଆନନ୍ଦ ପାଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ସେହିପରି ଶ୍ରୀମତୀ ସାହୁ ସୁଶାସନର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ବିଜେପି ରାଜ୍ୟବାସୀଙ୍କୁ ଶୋଷଣ କରିବାରେ ଲାଗିଛି ବୋଲି କହିଛନ୍ତି। ଏଥିସହ ସରକାର ତୁରନ୍ତ ଏପରି ଏକ ଦହଗଞ୍ଜ କରିବା ଭଳି ନୀତିକୁ ତୁରନ୍ତ ପ୍ରତ୍ୟାହାର କରିବା ସକାଶେ ଉଭୟ ଦାବି କରିଛନ୍ତି। ଏହି ପ୍ରତିବାଦ ସଭାରେ ଏସ୍.କେ ଅମିର୍ ମହମ୍ମଦ, ପ୍ରଶାନ୍ତ ପଣ୍ଡା, ଅମରଜିତ୍ ସେନାପତି, ସୋଫିଆ ଆଲମ୍, ଶୁଭ୍ରାଂଶୁ ମିଶ୍ର, ଦୀପକ ମହାପାତ୍ର, ଶୁଭ୍ରଜିତ୍ ପାଢ଼ୀଙ୍କ ସମେତ ହଜାରେରୁ ଊର୍ଦ୍ଧ୍ୱ ଯୁବ ବିଜେଡି କର୍ମୀ ଓ ଛାତ୍ର ସାମିଲ ଥିଲେ।

# ଗୃହ ବିଭାଗ ଅଚଳ: ବିଜେଡି



ଭୁବନେଶ୍ୱର,୮।୧(ସଂଚାର ବ୍ୟୁରୋ): ଆଜି ରାଜ୍ୟରେ ପୂର୍ବାହ୍ନରେ ଅଜଣା ବ୍ୟକ୍ତିଙ୍କ ଦ୍ୱାରା ବିଭିନ୍ନ କୋର୍ଟକୁ ଧମକପୂର୍ଣ୍ଣ ଇ-ମେଲ ଆସିବା ପରେ ସବୁଆଡ଼େ ଭୟର ବାତାବରଣ ସୃଷ୍ଟି ହୋଇଥିବା ବେଳେ ଏଥିପାଇଁ ରାଜ୍ୟ ଗୃହ ବିଭାଗକୁ ଦାୟୀ କରିଛନ୍ତି ବିଜେଡି ମୁଖପାତ୍ର ଡ. ଲେନିନ୍ ମହାନ୍ତି। ଆଜି ସ୍ଥାନୀୟ ଶଙ୍ଖ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଓଡ଼ିଶା ଇତିହାସରେ ପ୍ରଥମ ଥର ପାଇଁ ଏପରି ଘଟଣା ଘଟିଛି। ଏକକାଳୀନ କଟକ, ସମ୍ବଲପୁର ଓ ଦେବଗଡ଼ କୋର୍ଟରେ ବୋମା ଆତଙ୍କ ସୃଷ୍ଟି ହୋଇଛି। କୋର୍ଟକୁ ବୋମାରେ ଉଡ଼ାଇଦେବା ସକାଶେ ଧମକପୂର୍ଣ୍ଣ ଇ-ମେଲ ଆସିଛି। ଏହାକୁ ନେଇ କୋର୍ଟଗୁଡ଼ିକରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଅପରାଧୀମାନେ ବିଜେପି ସରକାରକୁ ଡରିବା ତ ଦୂରର କଥା, ଓଲଟା ଇ-ମେଲ ମାଧ୍ୟମରେ ଧମକ ଦେଉଛନ୍ତି। କିଛି ଦିନ ପୂର୍ବରୁ ରାଜ୍ୟର ଜଣେ ସାମ୍ବାଦିକଙ୍କୁ ଏଭଳି ଧମକ ମିଳିଥିଲା। ସେ କ୍ଷେତ୍ରରେ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଆଜି ଏପରି ସ୍ଥିତି ଉପୁଜିଛି। ଏଥିରୁ ସ୍ପଷ୍ଟ ବାରି ହେଉଛି ଆଇନଶୃଙ୍ଖଳା ନିୟନ୍ତ୍ରଣ କରିବାରେ ଗୃହ ବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ଡ. ମହାନ୍ତି ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ରାଜ୍ୟ ପୁଲିସ୍ ପ୍ରଶାସନ ବି ହୋଇପଡ଼ିଛି। ଜନସାଧାରଣଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଭୟର ବାତାବରଣ ଦୂର କରିବା ପାଇଁ ସରକାର ତୁରନ୍ତ ପଦକ୍ଷେପ ନେବା ସହ ସାଧାରଣ ଜୀବନଯାପନକୁ ସ୍ୱାଭାବିକ କରିବା ସକାଶେ ଡ. ମହାନ୍ତି ଦାବି କରିଛନ୍ତି।

# ମହିଳା କଂଗ୍ରେସର ପ୍ରଶିକ୍ଷଣ ଶିବିର



ଭୁବନେଶ୍ୱର,୮।୧(ସଂଚାର ବ୍ୟୁରୋ): ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ଅଧ୍ୟକ୍ଷତାରେ ପିପିଲି ନିକଟସ୍ଥ ଆଡଭେଞ୍ଚର ରିସୋର୍ଟରେ ଚାଲିଥିବା ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଆଜି ଉଦ୍‌ଯାପିତ ହୋଇଛି। ପ୍ରଭାତରେ ସମସ୍ତଙ୍କୁ ଯୋଗଶିକ୍ଷା ଦିଆଯିବା ସହ ଦ୍ୱିତୀୟ ଦିନରେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇଥିଲେ। ସେ କହିଥିଲେ ଯେ ରାଜ୍ୟରେ ମହିଳା ଅଧିକାର ଓ ନ୍ୟାୟ ପାଇଁ ଯେଉଁ ଆନ୍ଦୋଳନ ଚାଲିଛି, ସେଥିରେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ୧୦୦ ଜଣ ଉପଯୁକ୍ତ ମହିଳାଙ୍କୁ ବଛାଯିବ। ସେମାନେ ସଂଗଠନ ପାଇଁ ଶୃଙ୍ଖଳାର ସହ କାର୍ଯ୍ୟ କରିବେ ଏବଂ ସେମାନଙ୍କର ପ୍ରଶାସନିକ କାର୍ଯ୍ୟକ୍ରମଠାରୁ ସମ୍ବିଧାନର ବ୍ୟବସ୍ଥା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ପ୍ରାଞ୍ଜଳ ଧାରଣା ଥିବ। ବିଶେଷକରି ମହିଳାମାନଙ୍କୁ ସମ୍ବିଧାନରେ ଯେଉଁ ଅଧିକାର ଦିଆଯାଇଛି, ସେ ସମ୍ପର୍କରେ ସେମାନେ ସମ୍ପୂର୍ଣ୍ଣ ଅବଗତ ରହିବା ସହ ପଲ୍ଲୀରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଉପେକ୍ଷିତା, ଅତ୍ୟାଚାରିତା ଓ ନିର୍ଯାତିତାମାନଙ୍କ ପାଇଁ ନ୍ୟାୟର ଲଢ଼େଇ ଲଢ଼ିବେ। ଇନ୍ଦିରା ଗାନ୍ଧି, ସୋନିଆ ଗାନ୍ଧି ଓ ପ୍ରିୟଙ୍କା ଗାନ୍ଧିଙ୍କ ରାସ୍ତାରେ ଯିବାକୁ ହେଲେ ଜଣେ ରାଜନେତ୍ରୀ ସ୍ୱାବଲମ୍ବୀ ହେବା ସହ ବିଚାର, ଭାବନା ଓ ଚରିତ୍ରରେ ସ୍ୱଚ୍ଛତା ଓ ସ୍ପଷ୍ଟତା ଆଣିବା ଆବଶ୍ୟକ। ଏକ ବିଶାଳ ମହିଳା ଆନ୍ଦୋଳନ ପାଇଁ ସମସ୍ତେ ପ୍ରସ୍ତୁତ ହେବାକୁ ଶ୍ରୀ ଦାସ ପରାମର୍ଶ ଦେଇଛନ୍ତି। ଶିବିରରେ ମହିଳା କଂଗ୍ରେସର ସାଙ୍ଗଠନିକ ଢାଞ୍ଚା ସମ୍ପର୍କରେ ସମାଜସେବୀ ତଥା ବିଶିଷ୍ଟ ସ୍ଥାପତ୍ୟ କଳାବିତ ସୃଷ୍ଟି ସୋମେନ ଆଲୋଚନା କରିଥିଲେ। ବର୍ଷକୁ ୫ ଲକ୍ଷ ନୂଆ ମହିଳା ସଂଗଠନ ସହ ଯୋଡ଼ିବା ସକାଶେ ସେ ପରାମର୍ଶ ଦେଇଥିଲେ। ପ୍ରତି ଗାଁରେ ଅତି କମରେ ୫ ଜଣ, ପଞ୍ଚାୟତରେ ୨୫ ଜଣ ଏବଂ ସେହି ଅନୁପାତରେ ବ୍ଲକ ଓ ଜିଲ୍ଲାରେ ନୂତନ ପ୍ରତିନିଧିତ୍ୱ ନିଆଯିବ ବୋଲି ସୋମେନ୍ କହିଛନ୍ତି। ଏହାଛଡ଼ା ପିସିସି ମୁଖପାତ୍ର ତଥା ଆଇନଜୀବୀ ମନୀଷା ଦାସ ପଟ୍ଟନାୟକ ଭାରତୀୟ ସମ୍ବିଧାନରେ ମହିଳାମାନଙ୍କର ଅଧିକାର ପାଇଁ ବିଭିନ୍ନ ଆଇନ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ।

## ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ସଚେତନତା ଅଭିଯାନ

# ରେଲୱାନ୍‌ରେ ଅଣସଂରକ୍ଷିତ ଟିକେଟ୍ ବୁକିଂରେ ରିହାତି ସୁବିଧା




ଭୁବନେଶ୍ୱର,୮।୧(ସଂଚାର ବ୍ୟୁରୋ): ଡିଜିଟାଲ କାରବାରକୁ ପ୍ରୋତ୍ସାହିତ କରିବା ଓ ଟ୍ରେନ ଯାତ୍ରାର ସହଜତା ବୃଦ୍ଧି କରିବା ଲକ୍ଷ୍ୟରେ ଏକ ଯାତ୍ରୀ-କୈନ୍ଦ୍ରିକ ପଦକ୍ଷେପରେ ଭାରତୀୟ ରେଳ ରେଲୱାନ୍ ଆପ୍ ମାଧ୍ୟମରେ ଅଣସଂରକ୍ଷିତ ଟିକେଟ୍ ବୁକିଂ ଉପରେ ୩ ପ୍ରତିଶତ ରିହାତି ଘୋଷଣା କରିଛି। ଏବେ ରେଲୱାନ୍ ଆପ୍‌ରେ ଆର୍-ୱାଲେଟ୍ ବିକଳ୍ପ ମାଧ୍ୟମରେ ଅଣସଂରକ୍ଷିତ ଟିକେଟ୍ ବୁକିଂ କରୁଥିବା ଯାତ୍ରୀମାନଙ୍କୁ କ୍ୟାସବ୍ୟାକ୍ ଆକାରରେ ୩ ପ୍ରତିଶତ ବୋନସ୍ ପ୍ରଦାନ କରାଯାଉଛି। ଡିଜିଟାଲ ଟିକେଟିଂ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ପାଇଁ ଏବେ ରେଲୱାନ୍ ଆପ୍‌ରେ ୟୁପିଆଇ, ଡେବିଟ୍ କାର୍ଡ, କ୍ରେଡିଟ୍ କାର୍ଡ ଓ ନେଟ୍ ବ୍ୟାଙ୍କିଂ ଭଳି ଅନ୍ୟ ସମସ୍ତ ଡିଜିଟାଲ ପେମେଣ୍ଟ ମୋଡ୍ ମାଧ୍ୟମରେ କରାଯାଇଥିବା ଅଣସଂରକ୍ଷିତ ଟିକେଟ୍ ବୁକିଂ ଉପରେ ୩ ପ୍ରତିଶତ ରିହାତି ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ୩ ପ୍ରତିଶତ ରିହାତି କେବଳ ରେଲୱାନ୍ ଆପ୍‌ରେ ଆର୍-ୱାଲେଟ୍‌କୁ ବାଦ୍ ଦେଇ ଡିଜିଟାଲ ପେମେଣ୍ଟ ମୋଡ୍ ମାଧ୍ୟମରେ କରାଯାଇଥିବା ଅଣସଂରକ୍ଷିତ ଟିକେଟ୍ ବୁକିଂ ପାଇଁ ପ୍ରଯୁଜ୍ୟ ହେବ। ଯେଉଁ କ୍ଷେତ୍ରରେ ଆର୍-ୱାଲେଟ୍ ବ୍ୟବହାର କରି ଅଣସଂରକ୍ଷିତ ଟିକେଟ୍ ବୁକ୍ କରାଯାଏ, ସେଠାରେ କ୍ୟାସବ୍ୟାକ୍ ଭାବେ ୩ ପ୍ରତିଶତ ବୋନସ୍‌ର ବିଦ୍ୟମାନ ବ୍ୟବସ୍ଥା ଅପରିବର୍ତ୍ତିତ ରହିବ। ୩ ପ୍ରତିଶତ ରିହାତି ଯୋଜନା ଆସନ୍ତା ୧୪ରୁ ଜୁଲାଇ ୧୪ ପର୍ଯ୍ୟନ୍ତ ୬ ମାସ ପାଇଁ ବଳବତ୍ତର ରହିବ। ଏହି ସମୟ ମଧ୍ୟରେ ସିଆର୍‌ଆଇଏସ୍ କାର୍ଯ୍ୟାନ୍ୱୟନ ଉପରେ ନଜର ରଖିବ ଓ ଯୋଜନାର ଅଧିକ ମୂଲ୍ୟାଙ୍କନ ଓ ଜାରି ରଖିବା ପାଇଁ ଆସନ୍ତା ମେ'ରେ ମତାମତ ପ୍ରଦାନ କରିବ।

ଏହି ପଦକ୍ଷେପ ଯାତ୍ରୀଙ୍କ ସୁବିଧାକୁ ବୃଦ୍ଧି କରିବ, ଟିକେଟ କାଉଣ୍ଟରରେ ଧାଡ଼ି ହ୍ରାସ କରିବ ଓ ନଗଦହୀନ କାରବାରକୁ ପ୍ରୋତ୍ସାହିତ କରିବ ଯାହା ଭାରତୀୟ ରେଳବାଇର ଡିଜିଟାଲ ପରିବର୍ତ୍ତନ ଏବଂ ଉନ୍ନତ ଗ୍ରାହକ ଅଭିଜ୍ଞତା ଦୃଷ୍ଟିକୋଣ ସହିତ ସମନ୍ୱୟ ରଖିବ ବୋଲି ଆଶା କରାଯାଉଛି। ଯାତ୍ରୀ ଓ ଦୈନନ୍ଦିନ ଯାତ୍ରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ବରିଷ୍ଠ ବାଣିଜ୍ୟିକ ପ୍ରବନ୍ଧକ ଅନୀଲ କୁମାର ଏସ୍. ସମସ୍ତ ବାଣିଜ୍ୟିକ କର୍ମଚାରୀ ଓ ଅଧିକାରୀମାନଙ୍କୁ ଯୋଗାଯୋଗର ବିଭିନ୍ନ ମାଧ୍ୟମ ଦ୍ୱାରା ସକ୍ରିୟ ଭାବରେ ସୂଚନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଦୁର୍ଘଟଣାଗ୍ରସ୍ତଙ୍କ ସାମଗ୍ରୀ ଫେରାଇଲେ ଆମ୍ବୁଲାନ୍ସ କର୍ମଚାରୀ

ଭୁବନେଶ୍ୱର,୮।୧(ସଂଚାର ବ୍ୟୁରୋ): ରସୁଲଗଡ଼ ଛକଠାରେ ଦୁଇଟି ମଟର ସାଇକଲ ମୁହାଁମୁହିଁ ଧକ୍କା ହେବା ଫଳରେ ରଘୁନାଥ ଦେହୁରୀ ନାମକ ବ୍ୟକ୍ତି ଗୁରୁତର ଆହତ ହୋଇଥିଲେ। ଘଟଣାସ୍ଥଳରୁ ରାମଚନ୍ଦ୍ର ଟୁଡୁ ନାମକ ଜଣେ ବ୍ୟକ୍ତି ତୁରନ୍ତ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ଆମ୍ବୁଲାନ୍ସ ସେଠାରେ ପହଞ୍ଚି ରଘୁନାଥଙ୍କୁ କ୍ୟାପିଟାଲ ହସ୍ପିଟାଲ୍ ନେଇଯାଇଥିଲେ, ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ରଘୁନାଥଙ୍କୁ ହସ୍ପିଟାଲ୍ ଆଣିବା ବେଳେ ଆମ୍ବୁଲାନ୍ସରେ କାର୍ଯ୍ୟରତ ଇଏମଟି ଦୀପକ କୁମାର ରଣହାନ୍ଦୋଳ, ଡ୍ରାଇଭର ସ୍ମୃତି ରଞ୍ଜନ ପଟ୍ଟନାୟକ ଓ ହେଲ୍‌ପର ନରେନ୍ଦ୍ର ମଲ୍ଲିକ ତାଙ୍କ ମୋବାଇଲ, ୩ ହଜାର ଟଙ୍କା ଓ ମନିପର୍ସ ଗାଡ଼ିରେ ରହିଥିବା ଦେଖି ତାକୁ ତୁରନ୍ତ ଘର ଲୋକଙ୍କୁ ଫେରାଇବାର ବ୍ୟବସ୍ଥା କରିଥିଲେ।

## ମଣ୍ଟୁ ବାରିକ ହତ୍ୟା ଘଟଣା

# ଅଢ଼େଇ ବର୍ଷ ପରେ ଧରାପଡ଼ିଲା ମୁଖ୍ୟ ଅଭିଯୁକ୍ତ




ଟିଗିରିଆ,୮।୧(ସଂଚାର ବ୍ୟୁରୋ): ବହୁଚର୍ଚ୍ଚିତ ମଣ୍ଟୁ ବାରିକ ହତ୍ୟା ଘଟଣାର ପାଖାପାଖି ଅଢ଼େଇ ମାସ ପରେ ପୁଲିସ ହାତରେ ଧରାପଡ଼ିଛି ମୁଖ୍ୟ ଅଭିଯୁକ୍ତ। କଟକ ଜିଲ୍ଲା ଟିଗିରିଆ ଥାନାଞ୍ଚଳର ବହୁଚର୍ଚ୍ଚିତ ମଣ୍ଟୁ ବାରିକ ହତ୍ୟା ଘଟଣା ସହ ଜଡ଼ିତ ମାମଲାରେ ପୂର୍ବରୁ ୯ ଜଣଙ୍କୁ ପୁଲିସ ଗିରଫ୍ କରି କୋର୍ଟ ଚାଲାଣ କରିଥିଲା। ଆଜିର ଗିରଫଦାରୀ ପରେ ଏହି ଘଟଣାରେ ମୋଟ ୧୦ ଜଣଙ୍କୁ ଗିରଫ କରାଯାଇଛି। ମିଳିଥିବା ସୂଚନାନୁସାରେ, ବିଶେଷ ସୂତ୍ରରୁ ଖବର ପାଇ ପୁଲିସ ମୁଖ୍ୟ ଅଭିଯୁକ୍ତ ଗୋକର୍ଣ୍ଣଖାଲ ଗ୍ରାମର ପ୍ରଶାନ୍ତ ନାୟକକୁ ଟିଗିରିଆ ଥାନା ଅଞ୍ଚଳରେ ଚାକିରି କରିଥିବା ସ୍କୁଲରେ ସଦଳବଳ ଅଚାନକ ଚଢ଼ାଉ କରି ଗିରଫ କରିଛି। ମୁଖ୍ୟ ଅଭିଯୁକ୍ତ ଘଟଣା ପରଠାରୁ ଫେରାର ଥିଲା। ପ୍ରଶାନ୍ତକୁ ଗିରଫ କରାଯାଇ ଆଜି କୋର୍ଟ ଚାଲାଣ କରାଯାଇଛି ବୋଲି ଭାରପ୍ରାପ୍ତ ଥାନାଧିକାରୀ ଈପ୍‌ସିତା ପ୍ରିୟଦର୍ଶିନୀ ସୂଚନା ଦେଇଛନ୍ତି।

# ଜିଏମ୍‌ୟୁ ଅଫିସିଆଲ୍ ୱେବସାଇଟ୍ ହ୍ୟାକ୍

**ଲାଗିଛି ପାକ୍ ପତାକା, ଥାନାରେ ଏତଲା**

ସମ୍ବଲପୁର,୮।୧(ସଂଚାର ବ୍ୟୁରୋ): ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ର ଅଫିସିଆଲ୍ ୱେବସାଇଟ୍ ହ୍ୟାକ୍ ହୋଇଛି। ବିଶ୍ୱବିଦ୍ୟାଳୟ ୱେବସାଇଟ୍‌ରେ ପାକିସ୍ତାନୀ ପତାକା ସହ 'ପାକିସ୍ତାନ ଜିନ୍ଦାବାଦ' ଲେଖାଯାଇଛି। ତେବେ ଏହି ୱେବ୍‌ସାଇଟ୍‌କୁ କିଏ ହ୍ୟାକ୍ କରିଛି, ସେନେଇ କିଛି ସବିଶେଷ ସୂଚନା ମିଳି ନ ଥିଲେ ମଧ ଏହା ପଛରେ ପାକିସ୍ତାନୀ ହ୍ୟାକର୍‌ଙ୍କ ଭୂମିକା ଥିବା ଅନୁମାନ କରାଯାଉଛି। ଏନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଫିସିଆଲ୍ ୱେବସାଇଟ୍‌କୁ ବନ୍ଦ କରାଯିବା ସହ ଏହାର ଖୋଳତାଡ଼ ଆରମ୍ଭ ହୋଇଛି। ତେବେ ସଦ୍ୟ ସୂଚନାନୁସାରେ, ୱେବସାଇଟ୍‌କୁ ରିଷ୍ଟୋର କରିବାରେ କର୍ତ୍ତୃପକ୍ଷ ସଫଳ ହୋଇଥିବା ଜଣାପଡ଼ିଛି।

ସୂଚନାନୁସାରେ, ଗତକାଲି ରାତି ପ୍ରାୟ ୮ଟାରେ କେତେକ ଛାତ୍ର ପରୀକ୍ଷା ସମ୍ପର୍କରେ ସୂଚନା ପାଇବା ସକାଶେ ଜିଏମ୍‌ୟୁ ଅଫିସିଆଲ୍ ୱେବସାଇଟ୍ ସର୍ଚ୍ଚ କରୁଥିବା ସମୟରେ କୌଣସି ତଥ୍ୟ ଆସିନଥିଲା, ବରଂ ସେଥିରେ ପାକିସ୍ତାନୀ ପତାକା ଦେଖିବାକୁ ପାଇଥିଲେ। ଏଥିସହ ୱେବସାଇଟ୍‌ରେ ପାକିସ୍ତାନ ଜିନ୍ଦାବାଦ ଓ ବିଭିନ୍ନ ଆପତ୍ତିଜନକ ମନ୍ତବ୍ୟ ଲେଖାଯାଇଥିବା ଦେଖାଯାଇଥିଲା। ଏନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସେମାନେ ସୂଚନା ଦେଇଥିଲେ। ଏନେଇ ଜିଏମ୍‌ୟୁ ଉପକୁଳସଚିବ ଉମାଚରଣ ପତି କହିଛନ୍ତି ଯେ ବିଶ୍ୱବିଦ୍ୟାଳୟ ୱେବସାଇଟ୍‌ରେ ସାଧାରଣ ସୂଚନା ରହିଥିଲା। ଏଥିରେ କୌଣସି ଗୋପନୀୟ ତଥ୍ୟ ନାହିଁ। ତଥାପି ଏ ସମ୍ପର୍କରେ ଜଣାପଡ଼ିବା ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ୱେବସାଇଟ୍ ପରିଚାଳନା ଦାୟିତ୍ୱରେ ଥିବା ସଂସ୍ଥା ପକ୍ଷରୁ ଏହାକୁ ପୁନଃକାର୍ଯ୍ୟକ୍ଷମ କରାଯାଇଛି। ହ୍ୟାକର୍‌ଙ୍କ ସମ୍ପର୍କରେ ସୂଚନା ପାଇବା ସକାଶେ ମଧ ସଂସ୍ଥା ପକ୍ଷରୁ ତଦନ୍ତ କରାଯାଉଛି।



ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ


SANCHAR
ସଂଚାର

ଶୁକ୍ରବାର ୯ ଜାନୁଆରୀ ୨୦୨୬, ଭୁବନେଶ୍ୱର
Friday 9 January 2026, Bhubaneswar



# ନେହରୁ ଓ ସୋମନାଥ ମନ୍ଦିର





ସୋମନାଥ ମନ୍ଦିର, ଗୁଜରାଟର ପ୍ରଭାସ ପଟଣରେ ଅବସ୍ଥିତ ଏକ ପ୍ରାଚୀନ ହିନ୍ଦୁ ତୀର୍ଥସ୍ଥଳୀ, ଇତିହାସରେ ଅନେକ ଥର ଧ୍ୱଂସ ହୋଇଛି। ମହମୁଦ ଗଜନୀ, ଅଲାଉଦ୍ଦିନ୍ ଖିଲଜୀ ଓ ଔରଙ୍ଗଜେବ ପରି ଆକ୍ରମଣକାରୀମାନେ ଏହାକୁ ଲୁଣ୍ଠନ ଓ ଧ୍ୱଂସ କରିଥିଲେ। ସ୍ୱାଧୀନତା ପରେ, ୧୯୪୭ରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍ ଓ କେ.ଏମ୍. ମୁନସିଙ୍କ ପରି ନେତାମାନେ ଏହାର ପୁନର୍ନିର୍ମାଣ ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। କିନ୍ତୁ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁ ଏହାର ବିରୋଧ କରିଥିଲେ। ଏହି ବିରୋଧର କାରଣ କଣ ଥିଲା? ଏହା ଏକ ବିବାଦୀୟ ପ୍ରସଙ୍ଗ, ଯାହା ଆଜି ମଧ ରାଜନୀତିରେ ଆଲୋଚନା ହୁଏ।

ନେହେରୁଙ୍କ ବିରୋଧର ମୂଳ କାରଣ ଥିଲା ତାଙ୍କର ଧର୍ମନିରପେକ୍ଷତା ପ୍ରତି ପ୍ରତିବଦ୍ଧତା। ସେ ବିଶ୍ୱାସ କରୁଥିଲେ ଯେ ଏକ ଧର୍ମନିରପେକ୍ଷ ରାଷ୍ଟ୍ରରେ ସରକାର କୌଣସି ଧର୍ମୀୟ ସ୍ଥଳୀର ନିର୍ମାଣ କିମ୍ବା ଉଦଘାଟନରେ ସଂପୃକ୍ତ ହେବା ଉଚିତ୍ ନୁହେଁ। ସୋମନାଥ ମନ୍ଦିରର ପୁନର୍ନିର୍ମାଣ ପାଇଁ ସରକାରୀ ଅର୍ଥ ବ୍ୟୟ ହେବା ନେହେରୁଙ୍କୁ ଅନୁଚିତ ମନେହେଉଥିଲା। ସେ କେ.ଏମ୍. ମୁନସିଙ୍କୁ ଚିଠିରେ ଲେଖିଥିଲେ ଯେ ଏହା ଧର୍ମନିରପେକ୍ଷତାର ଉଲ୍ଲଙ୍ଘନ ହେବ ଏବଂ ଏହା ଦେଶରେ ସାମ୍ପ୍ରଦାୟିକ ବିଭେଦକୁ ବଢ଼ାଇବ। ବିଭାଜନ ପରେ ଭାରତରେ ହିନ୍ଦୁ-ମୁସଲମାନ ସଂଘର୍ଷ ତୀବ୍ର ଥିଲା, ଏବଂ ନେହେରୁ ଭୟ କରୁଥିଲେ ଯେ ଏପରି ଏକ ଧର୍ମୀୟ ପ୍ରକଳ୍ପ ସାମ୍ପ୍ରଦାୟିକତାକୁ ଉତ୍ତେଜିତ କରିବ।

ସର୍ଦ୍ଦାର ପଟେଲ ଏହାକୁ ରାଷ୍ଟ୍ରୀୟ ଗୌରବର ପ୍ରତୀକ ଭାବରେ ଦେଖୁଥିଲେ। ସେ କହୁଥିଲେ ଯେ ମନ୍ଦିରର ପୁନର୍ନିର୍ମାଣ ହିନ୍ଦୁ ସଂସ୍କୃତିର ପୁନରୁଦ୍ଧାର ଏବଂ ଐତିହାସିକ ଅନ୍ୟାୟର ସଂଶୋଧନ। କିନ୍ତୁ ନେହେରୁ ଏହାକୁ ପଛୁଆ ଚିନ୍ତାଧାରା ଭାବରେ ଗ୍ରହଣ କରୁଥିଲେ। ସେ ବିଶ୍ୱାସ କରୁଥିଲେ ଯେ ନୂତନ ଭାରତ ବିଜ୍ଞାନ, ଶିକ୍ଷା ଓ ଅର୍ଥନୀତିରେ ଆଗେଇବା ଉଚିତ୍, ନା ଧର୍ମୀୟ ପ୍ରତୀକରେ ଫସି ରହିବା। ମନ୍ଦିର ପୁନର୍ନିର୍ମାଣ ପାଇଁ ସରକାରୀ ଅର୍ଥ ବ୍ୟୟ ହେବାକୁ ସେ ବିରୋଧ କରିଥିଲେ, କାରଣ ଏହା ଜନସାଧାରଣର ଟଙ୍କାର ଅପବ୍ୟୟ ଥିଲା। ନେହେରୁ କହୁଥିଲେ ଯେ ଯଦି ଲୋକମାନେ ଚାହାଁନ୍ତି, ତେବେ ବ୍ୟକ୍ତିଗତ ଭାବରେ ଦାନ ଦେଇ ନିର୍ମାଣ କରିପାରିବେ, କିନ୍ତୁ ସରକାର ଏଥିରେ ମିଶିବା ଉଚିତ ନୁହେଁ।

ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ନେହେରୁଙ୍କ ବିରୋଧ ସତ୍ତ୍ୱେ ମନ୍ଦିରର ଉଦଘାଟନରେ ଯୋଗ ଦେଇଥିଲେ। ନେହେରୁ ଏହାକୁ ଅନୁମୋଦନ କରିନଥିଲେ ଏବଂ ପ୍ରସାଦଙ୍କୁ ଚିଠିରେ ଲେଖିଥିଲେ ଯେ ଏହା ଧର୍ମନିରପେକ୍ଷତାର ବିରୋଧରେ ଯାଉଛି। ସେ ଭୟ କରୁଥିଲେ ଯେ ଏହା ଅନ୍ୟ ଧର୍ମର ଲୋକମାନଙ୍କୁ ବିଚ୍ଛିନ୍ନ କରିବ ଏବଂ ପାକିସ୍ତାନର ପ୍ରଚାରକୁ ବଳ ଦେବ। ଆଜିର ପ୍ରସଙ୍ଗରେ, କେତେକ ରାଜନୈତିକ ଦଳ ନେହେରୁଙ୍କୁ ମୁସଲିମ ତୁଷ୍ଟୀକରଣ ପାଇଁ ଅଭିଯୁକ୍ତ କରନ୍ତି, କିନ୍ତୁ ଐତିହାସିକ ଦସ୍ତାବିଜ ଦର୍ଶାଉଛି ଯେ ତାଙ୍କର ବିରୋଧ ଧର୍ମନିରପେକ୍ଷତା ଓ ରାଷ୍ଟ୍ରୀୟ ଏକତା ପ୍ରତି ପ୍ରତିବଦ୍ଧତାରୁ ଉଦ୍ଭୂତ ଥିଲା।

ନେହେରୁଙ୍କ ଦୃଷ୍ଟିକୋଣ ଥିଲା ଏକ ଆଧୁନିକ, ବୈଜ୍ଞାନିକ ଓ ସମାନତାମୂଳକ ଭାରତ। ସେ ଧର୍ମୀୟ ପ୍ରତୀକକୁ ରାଜନୀତିରୁ ଦୂର ରଖିବାକୁ ଚାହୁଁଥିଲେ, ଯାହା ବିଭାଜନର ଦୁଃଖଦ ସ୍ମୃତି ପରେ ଆବଶ୍ୟକ ଥିଲା। ଯଦିଓ ଆଜି ଏହା ବିବାଦାସ୍ପଦ, କିନ୍ତୁ ନେହେରୁଙ୍କ ନୀତି ଭାରତର ଧର୍ମନିରପେକ୍ଷ ସମ୍ବିଧାନକୁ ମଜବୁତ୍ କରିଛି। ସୋମନାଥ ପ୍ରସଙ୍ଗ ଆମକୁ ସ୍ମରଣ କରାଉଛି ଯେ ରାଷ୍ଟ୍ର ନିର୍ମାଣରେ ଧର୍ମ ଓ ରାଜନୀତିର ସୀମା ରକ୍ଷା କରିବା ଆବଶ୍ୟକ।

# ସଂଗ୍ରାମ ଓ ସଂଘର୍ଷର ମୂକସାକ୍ଷୀ ଓୟୁଜେ

**ପ୍ରସନ୍ନ କୁମାର ପାଇକରାୟ**




ଦୀର୍ଘ ୫୩ ବର୍ଷର ଅନେକ ଘାତ ପ୍ରତିଘାତର ଲମ୍ବା ରାସ୍ତା ଅତିକ୍ରମ କରି ଆଜି ପହଞ୍ଚିଛି ଇତିହାସର ଏକ ଘଡିସନ୍ଧି ମୁହୂର୍ତ୍ତରେ। ଆଜି ସଂଗଠନ ପାଳନ କରୁଛି ତାର ୫୪ ତମ ପ୍ରତିଷ୍ଠା ଦବସ ଜୟଦେବ ଭବନ ଭୁବନେଶ୍ୱର ଠାରେ। ଇତିହାସର ଅନେକ ଘଟଣା ବହୁଳ ଅନୁଭୂତିକୁ ଆବୋରି ଆଗକୁ ଆଗେଇ ଚାଲିଛି ଓୟୁଜେ। ସୁଦୀର୍ଘ ଯାତ୍ରା ପଥରେ ସାମ୍ନା କରିଛି ଅନେକ ସଂଗ୍ରାମ ଓ ସଂଘର୍ଷକୁ। ମାର୍ଜିତ ହୋଇ ସୁଦୃଢ଼ ହେବାରେ ଲାଗିଛି। ୧୯୭୨ ମସିହାରେ ହାତଗଣତି କେଇଜଣ ସାମ୍ବାଦିକଙ୍କୁ ନେଇ ଆତ୍ମପ୍ରକାଶ କରିଥିଲା ଓଡ଼ିଶା ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ (ଓୟୁଜେ)। ଦୀର୍ଘ ପାଞ୍ଚ ଦଶନ୍ଧିର ଗୌରବମୟ ଇତିହାସର ମୂକସାକ୍ଷୀ ସାଜିଥିବା ଏହି ସଂଗଠନ ଆଜି ରାଜ୍ୟର ଏକ ଅନନ୍ୟ ସଂଗ୍ରାମୀ ସଂଗଠନ। ଏହି ସଂଗ୍ରାମୀ ସଂଗଠନ ଗଠନ କଲାବେଳେ ଏକ ମହାନ ଚିନ୍ତାଧାରା ନେଇ ଏହାର ପ୍ରତିଷ୍ଠାତା ସଦସ୍ୟ ମାନେ ଆଗକୁ ବଢ଼ିଥିଲେ। ସଂଖ୍ୟା ସୀମିତ ଥିଲେ ମଧ ସେତେବେଳର ଉଦ୍ୟୋକ୍ତାମାନେ ନିଷ୍ଠାର ସହିତ ଆଗକୁ ନେଇ ଏକ ପ୍ରମୁଖ ସଂଗଠନର ରୂପ ଦେଇଥିଲେ ଓୟୁଜେକୁ। ସାମାନ୍ୟ ଦୁବ ଘାସରୁ ଅସାମାନ୍ୟ ମହାଦ୍ରୁମରେ ରୂପାନ୍ତରିତ ହୋଇ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଉଦେଶ୍ୟ ଥିଲା ସାମ୍ବାଦିକ ମାନଙ୍କର ବୃତ୍ତିଗତ ଓ ଆର୍ଥିକବସ୍ତାରେ ଉନ୍ନତି ଘଟାଇବା ସହିତ ଅନୁଷ୍ଠାନକୁ ରାଜନୀତି ଠାରୁ ଦୂରେଇ ରଖିବା। ଆଜି ଓୟୁଜେ ରାଜ୍ୟର ସର୍ବବୃହତ ସଂଗଠନର ମର୍ଯ୍ୟାଦା ଲାଭକରିଛି। ୧୯୭୨ -୨୦୨୬ ଦୀର୍ଘ ୫୪ ବର୍ଷର ଲମ୍ବା ଯାତ୍ରାରେ ଏ ସଂଗଠନକୁ ନେତୃତ୍ୱ ଦେଇଥିବା ମଙ୍ଗୁଆଳ ମାନେ ହେଲେ ନାରାୟଣ ରଥ,ଅର୍ଦ୍ଧେନ୍ଦୁ ମୋହନ ଦେ, ରବିନାରାୟଣ ମହାନ୍ତି, ଅଦୈତ୍ୟ କୁମାର ବିଶ୍ୱାଳ, ବଂଶୀଧର ମହାପାତ୍ର ,ସ୍ୱରୂପ ଜେନା, ପ୍ରଶାନ୍ତ ପଟ୍ଟନାୟକ, ପରବର୍ତ୍ତୀ ସମୟରେ ଯୋଡ଼ି ହୋଇଥିଲେ ପ୍ରବୀର ସରକାର,ସେକ ମନାନ, ରବି ରଥ,ଶଙ୍କର ମିଶ୍ର,ଗଜେନ୍ଦ୍ର ମହାନ୍ତି, ନିମାଇଁ ମହାନ୍ତି, ପ୍ରସନ୍ନ ମହାନ୍ତି, ପ୍ରକାଶ ପାଣିଗ୍ରାହୀ, ପ୍ରମୋଦ ସାମନ୍ତରାୟ, ଅଜୟ ସାହୁ, ଅଶୋକ ନନ୍ଦ ପ୍ରମୁଖ ଓୟୁଜେକୁ ସଠିକ ମାର୍ଗଦର୍ଶନ ଓ ସଫଳ ନେତୃତ୍ୱ ଦେଇ ଆସିଛନ୍ତି। ସେହିପରି ଓୟୁଜେ ସହିତ ଦୀର୍ଘ ଦିନ ଧରି ରହିଥିବା ବରିଷ୍ଠ ସଦସ୍ୟ ମାନଙ୍କ ମଧରେ ଅଜୟ ଦାସ, ରବି ପରମଗୁରୁ , ହରିହର ପାତ୍ର,ରବି ମିଶ୍ର, ସୁଦାମ ନାୟକ, ରବି ସ୍ୱାଇଁଙ୍କ ପରି ଅନେକ ସଦସ୍ୟ ଓୟୁଜେ ସହିତ ଯୋଡ଼ି ହୋଇଥିଲେ। ଓୟୁଜେର ଲଗାତାର ସଂଗ୍ରାମ ଯୋଗୁଁ ହିଁ ଗୋଟିଏ ପରେ ଗୋଟିଏ ସାମ୍ବାଦିକ ମାନଙ୍କର ଦାବି ପୂରଣ ହୋଇପାରିଛି। ସାମ୍ବାଦିକ ଚିହ୍ନଟ ଠାରୁ ଆରମ୍ଭ କରି ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ପର୍ଯ୍ୟନ୍ତ ରହିଛି ଓୟୁଜେର ପ୍ରଭାବୀ ଭୂମିକା। ସଂଗ୍ରାମ ଏବେ ମଧ ଜାରି ରହିଛି। ଅବସର ପରେ ପେନସନ ପ୍ରଦାନ, ସାମାଜିକ ନିରାପତ୍ତା ସାଙ୍ଗକୁ ସାମ୍ବାଦିକ ସୁରକ୍ଷା ନେଇ ପ୍ରୟାସ ଜାରି ରଖିଛି ଓୟୁଜେ। ୫୪ ତମ ପ୍ରତିଷ୍ଠା ଦିବସରେ ଏସବୁ ଦାବୀକୁ ଓୟୁଜେ ଆହୁରି ଅଧିକ ପ୍ରଭାବିତ ଢଙ୍ଗରେ ସରକାରଙ୍କ ନିକଟରେ ଉପସ୍ଥାପନ କରିବା ଲାଗି ନିଷ୍ପତ୍ତି ନେଇଛି। ଆଜି ତାହା ବଳବତ୍ତର ରହିଛି। ବର୍ତ୍ତମାନର ସଭାପତି ତଥା ଓୟୁଜେ ପାଇଁ ସମର୍ପିତ ଆମ ସଂଗଠନର ସର୍ବମୟ ନେତା ପ୍ରସନ୍ନ ମହାନ୍ତିଙ୍କ ପାଇଁ ଓଡ଼ିଶାର ଜଣେ ସାଲିସ ବିହୀନ ସାମ୍ବାଦିକ ଭାବରେ ସେ ଜନ ମାନସରେ ପରିଚିତ। ନିଜ ସାମ୍ବାଦିକ ଜୀବନର ସମସ୍ତ ସମୟ ସମର୍ପିତ କରିଛନ୍ତି ଓୟୁଜେ ପାଇଁ ଓଡ଼ିଶା ସାମ୍ବାଦିକ ୟୁନିୟନ (ଓୟୁଜେ) ରାଜ୍ୟର ସର୍ବ ବୃହତ ଗଣମାଧମ ଭିତ୍ତିକ ସଂଗ୍ରାମୀ ସଂଗଠନ ଭାବରେ ପରିଚିତ। ଗଣମାଧମ ସ୍ୱାଧୀନତାର ସୁରକ୍ଷା ପାଇଁ ଏହା ନିରବଚ୍ଛିନ୍ନ ସଂଗ୍ରାମ କରିଛି ଏବଂ ସାମ୍ବାଦିକଙ୍କର ସାମାଜିକ ସଂହତି,




ବୃତ୍ତିଗତ ସୁରକ୍ଷା ଓ ନ୍ୟାଯ୍ୟ ଅଧିକାର ପାଇବା ପାଇଁ ଶାଣିତ ସ୍ୱର ଉଠାଇଛି। ଗତ ସରକାର ସମୟରେ ସାମ୍ବାଦିକ ମାନଙ୍କ ସୁରକ୍ଷା ଓ ନ୍ୟାୟୋଚିତ ଦାବି ହାସଲ ପାଇଁ ନିରନ୍ତର ସଂଗ୍ରାମ ଜାରି ରଖିଥିବା ଓୟୁଜେ ବର୍ତ୍ତମାନର ସରକାର ନିକଟରେ ତାର ସଂଗ୍ରାମ ଜାରି ରଖିଥିବା ରାଜ୍ୟର ଏକମାତ୍ର ଲଢ଼ୁଆ ସଂଗଠନ ତାହା ଆଜି ସର୍ବସ୍ୱୀକୃତ ହୋଇପାରିଛି । ଏହା ସାଙ୍ଗରେ ଗଢ଼ି ଉଠିଥିବା ଅନେକ ଅନୁଷ୍ଠାନ ସମୟର ସ୍ରୋତରେ ନିଜର ସତା ହରାଇ ସାରିଲେଣି,ହେଲେ ଓୟୁଜେ ସଫଳତା ପରେ ସଫଳତାର ସୋପାନ ଅତିକ୍ରମ କରିଚାଲିଛି। ଏବେ ରାଜ୍ୟରେ ଅନେକ ସାମ୍ବାଦିକ ସଂଗଠନ ଗଢ଼ି ଉଠିଛି, ମାତ୍ର ତାହା ଓୟୁଜେ ସହ କେହି ବି ସମକକ୍ଷ ହୋଇପାରିବେ ନାହିଁ। କାରଣ ଓୟୁଜେ ସର୍ବଦା ସାମ୍ବାଦିକଙ୍କ ମୌଳିକ ଅଧିକାର ଓ ବିଭିନ୍ନ ନ୍ୟାୟୋଚିତ ଦାବି ସଂକ୍ରାନ୍ତରେ ବିଭିନ୍ନ ସ୍ତରରେ ବଳିଷ୍ଠ ଦାବି ଉପସ୍ଥାପନ କରିଆସୁଛି। ବିଗତ ସରକାର ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା କରିବା ବା ପରବର୍ତ୍ତୀ ସମୟରେ ତାହାକୁ ବୃଦ୍ଧି କରି ପାଞ୍ଚ ଲକ୍ଷ କରିବା ତାହା କେବଳ ରାଜ୍ୟର ଏକମାତ୍ର ସଂଗଠନ ଓୟୁଜେ ଲଗାତାର ସଂଗ୍ରାମର ଫଳ ସ୍ୱରୂପ କହିଲେ ଅକ୍ତିତ୍ୱ ହେବନାହିଁ। ଏବେ ମଧ ଅନେକ ଦାବି ବାକି ରହିଯାଇଛି। ଆଶା କରାଯାଉଥିଲା ସରକାର ବଦଳିଲେ ସମସ୍ୟା ଦୂର ହୋଇଯିବ କିନ୍ତୁ ବ୍ୟବସ୍ଥା ବଦଳିଲା ସତ ଅବସ୍ଥାରେ କୌଣସି ପରିବର୍ତ୍ତନ ଘଟିଲା ନାହିଁ। ଏ ସରକାର ଆସିବାର ୧୯ ମାସ ବିତିଗଲାଣି ହେଲେ ଏ ପର୍ଯ୍ୟନ୍ତ ସାମ୍ବାଦିକଙ୍କ କୌଣସି ଦାବି ପୂରଣ କରିନାହାନ୍ତି। ଗତ ସେପ୍ଟେମ୍ବର ୨୨ ତାରିଖରେ ଗାନ୍ଧୀ ମାର୍ଗରେ ତିରିଶ ଗୋଟି ଜିଲ୍ଲାର ହଜାରରୁ ଉର୍ଦ୍ଧ୍ୱ ସାମ୍ବାଦିକଙ୍କୁ ନେଇ ଓୟୁଜେ ପକ୍ଷରୁ ପେନସନ, ସୁରକ୍ଷା, ସ୍ୱୀକୃତି ଦାବି କୁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରାଯାଇଥିଲା। ସେହି ସମୟରେ ବିଧାନସଭା ଚାଲିଥାଏ। ଆମ ଆନ୍ଦୋଳନ ସ୍ଥଳରେ ସରକାରୀ ଦଳ ଓ ବିରୋଧୀ ଦଳ ପକ୍ଷରୁ ପ୍ରାୟ ୧୫ ରୁ ଉର୍ଦ୍ଧ୍ୱ ବିଧାୟକ ସାମିଲ ହୋଇ ସାମ୍ବାଦିକଙ୍କ ନ୍ୟାୟୋଚିତ ଦାବି ପ୍ରତି ସମର୍ଥନ ଜଣାଇଥିଲେ। ନିଜ ନିଜର ବକ୍ତବ୍ୟରେ ସାମ୍ବାଦିକଙ୍କ ତିନିଗୋଟି ଦାବୀକୁ ନେଇ ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଆନ୍ଦୋଳନ ଚାଲିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ରୁ ଆମ ରାଜ୍ୟ ସଭାପତିଙ୍କ ନିକଟକୁ ଖବର ଆସିଥିଲା କି ମୁଖ୍ୟମନ୍ତ୍ରୀ ଆପଣ ମାନଙ୍କ ସହିତ ଏ ସମ୍ପର୍କରେ ଆଲୋଚନା କରିବାକୁ ଚାହୁଁଛନ୍ତି। ଆନ୍ଦୋଳନ ସ୍ଥଳରୁ ପ୍ରସନ୍ନ ମହାନ୍ତିଙ୍କ ନେତୃତ୍ୱରେ ଏକ ପାଞ୍ଚ ଜଣିଆ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଆଲୋଚନା କରି ସାମ୍ବାଦିକ ମାନଙ୍କ ତିନି ଗୋଟି ଦାବି ସମ୍ପର୍କିତ ଲିଖିତ ଭାବେ ଦେଇଥିଲେ। ସେତେବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରତିନିଧି ଦଳଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ କି ସରକାର ଆପଣମାନଙ୍କ ଦାବି ତୁରନ୍ତ ପୂରଣ କରିବା ନେଇ। ଏହା ଭିତରେ ଚାରି ମାସ ଅତିକ୍ରାନ୍ତ ହୋଇଗଲାଣି ଦୁଇ ଦୁଇ ଥର ବିଧାନସଭା କାର୍ଯ୍ୟକାଳ ସରିବା ସତ୍ତ୍ୱେ ଏ ପର୍ଯ୍ୟନ୍ତ ସେ ଦିଗରେ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ଓୟୁଜେ ପକ୍ଷରୁ ଆଜି ଜୟଦେବ ଭବନରେ ପାଳିତ ହେଉଛି ୫୪ ତମ ପ୍ରତିଷ୍ଠା ଦିବସ। ଏହି ବୈଠକରେ ମୁଖ୍ୟ ଅତିଥି ଭାବରେ ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ମନ୍ତ୍ରୀ ମଣ୍ଡଳର ଦୁଇ ମନ୍ତ୍ରୀ ବିଶେଷ ଅତିଥି ଭାବରେ ଆଇନ,ପୂର୍ତ୍ତ,ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ,ଉଚ୍ଚଶିକ୍ଷା , କ୍ରୀଡ଼ା ଓ ଯୁବସେବା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୁରଜ ଯୋଗଦେବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଆଶା ଭରସା ରହିଛି ଆଜିର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଓୟୁଜେ ଦାବି ସମ୍ପର୍କରେ କି ପଦକ୍ଷେପ ଗ୍ରହଣ କରୁଛନ୍ତି। ଓୟୁଜେର କାର୍ଯ୍ୟକ୍ରମ,ଏହାର ସମ୍ପ୍ରସାରଣ ଓ ସାଂଗଠନିକ ଶୃଙ୍ଖଳା ଆଦି ଅନେକ ନାମମାତ୍ର ସଂଗଠନକୁ ଈର୍ଷାନ୍ୱିତ କରି ପକାଇଛି। ଓୟୁଜେ ସେଥିପ୍ରତି ଧ୍ୟାନ ନ ଦେଇ ଗଣତାନ୍ତ୍ରିକ ବିଚାର ଧାରାରେ ବିଶ୍ୱାସ କରିଥିବା ଏହି ସଂଗଠନ ନିଜର କାର୍ଯ୍ୟକ୍ରମକୁ ପ୍ରଭାବୀ ଢଙ୍ଗରେ ଜାରି ରଖିବା ସହ ଏକ ଆଗୁଆ ଟ୍ରେଡ଼ ୟୁନିୟନ ଭାବରେ ସମସ୍ତ ଆନୁସଙ୍ଗିକ ଆବଶ୍ୟକତାକୁ ଯଥା ସମୟରେ ପୂରଣ କରିବାର ପ୍ରଚେଷ୍ଟା ଜାରି ରଖିଛି। ସାମ୍ବାଦିକ ମାନଙ୍କ ସମସ୍ୟାକୁ ଅଗ୍ରାଧିକାର ଦେବା ପାଇଁ ଆଗକୁ ବଢ଼ି ଚାଲିଛି। ଓୟୁଜେ ର ସଂଗ୍ରାମ ଅବ୍ୟାହତ ରହିଛି। ଏହାହିଁ ୫୪ ତମ ପ୍ରତିଷ୍ଠା ଦିବସ ଅବସରରେ ଏକମାତ୍ର କାମନା। ଶେଷରେ ଓୟୁଜେ ପରି ଏକ ବଳିଷ୍ଠ ସାମ୍ବାଦିକ ୟୁନିୟନରେ ଜଣେ ସଦସ୍ୟ ପାଇଁ ନିଜକୁ ଗର୍ବିତ ମନେ କରୁଛି। ଏହାକୁ ଆପଣାଇଥିବା ସମସ୍ତଙ୍କୁ ସଂଗ୍ରାମୀ ସାଥି ମାନଙ୍କୁ ଅଭିନନ୍ଦନ ଜଣାଉଛି।

**ସମ୍ପାଦକ, ଓୟୁଜେ**
**ମୋବାଇଲ୍: ୭୦୦୮୯୩୭୩୭୩**

# ସତରେ କ'ଣ କେବେ ଟଳିବ ଆଦିବାସୀଙ୍କ ଦୁଃଖ ?



**ଡମ୍ବରୁଧର ଘଣା**

ଓଡ଼ିଶାର ଆଦିବାସୀ ମହିଳା ଦେଶର ରାଷ୍ଟ୍ରପତି। ଓଡିଶାର ଆଦିବାସୀଙ୍କୁ ପୂର୍ବରୁ କେବେ କେହି ଏତେବଡ ସମ୍ମାନ ଦେବାପାଇଁ ଚିନ୍ତା ବି କରିନଥିଲେ । ଭଲ କଥା। ଓଡ଼ିଶାବାସୀ ଖୁସି ହେଲେ। ୨୦୨୪ ରେ ହେଲା ସାଧାରଣ ନିର୍ବାଚନ । ଉଭୟ ଦେଶ ଓ ଓଡିଶାରେ ଭା. ଜ. ପା. ଜିତିଲା। ସରକାର ଗଠନ କଲା। ପୁଣି ଆଦିବାସୀଙ୍କୁ ବଡ ପଦବୀ, ବଡ ସମ୍ମାନ କଥା ଭା. ଜ. ପା. କହିଲା। ଆଦିବାସୀ ପୁଅକୁ ମୁଖ୍ୟମନ୍ତ୍ରୀ ପଦ ମିଳିଲା। ପୁଣି ଆଦିବାସୀ ସମ୍ପ୍ରଦାୟ ଖୁସି। ପଦବୀ ପରେ ପଦବୀ। ସମ୍ମାନ ପରେ ସମ୍ମାନ। ଇତିମଧରେ ପାଖାପାଖି ଦେଢବର୍ଷ ଧରି ରାଜ୍ୟେର ଆଦିବାସୀ ନେତୃତ୍ୱାଧିନ ସରକାର ଚାଲିଛି। ବଡ ବଡ ଘୋଷଣା। ସବୁ ପ୍ରକଳ୍ପ ବିଶ୍ୱ ସ୍ତରୀୟ ହେବା ଚିଠା ତିଆରି କରାଗଲା। କୁହାଗଲା - ଓଡିଶା ବିକଶିତ୍ ହେବା ଦେଶରେ ଏକ ନମ୍ବର ହେବା ଅନ୍ୟ ରାଜ୍ୟକୁ ପଛରେ ପକାଇ ଦେବା।

ଏ ତ ସମୟ କହିବ - ଆଗକୁ କ'ଣ ହେବ। ଏବେ ଆସନ୍ତୁ ଦେଖିବା ଆଜିର ବାସ୍ତବତା। ଆଜି ଆଦିବାସୀ କେମିତି ଅଛି ? କେବଳ ମୂର୍ମୁ ମାଡାମ୍, ମୋହନ ମାଝି ପରି ଆଦିବାସୀ ନେତାଙ୍କ ପଦବୀ ଓ ସମ୍ମାନ ବଢ଼ିଛି, ନା ବେଶି କିଛି ଭଲ ନହେଲେ ବି, ସାମଗ୍ରୀକ ଭାବେ ଆଦିବାସୀଙ୍କ ସାଧାରଣ ଜୀବନରେ କିଛି ବି ପରିବର୍ତ୍ତନ ଆସିଛି ? ଏକ ନମୁନା ନେବା: କେନ୍ଦୁଝର ଜିଲ୍ଲା। ସଦର ନିର୍ବାଚନ ମଣ୍ଡଳୀ। ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ। କୋଡିପଶା ପଞ୍ଚାୟତ। ବାଂଶପାଳ ବ୍ଲକ୍। ଜିଲ୍ଲା ସଦର ମହକୁମାଠାରୁ ମାତ୍ର ତେଇଶି କିଲୋମିଟର ଦୂର। ଘୁଙ୍ଗି ଗାଁ। ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ୨୦୨୪ ପୂର୍ବରୁ ଏ ଅଞ୍ଚଳର ୧୪ ବର୍ଷ ଧରି ବିଧାୟକ ଥିଲେ। ଘୁଙ୍ଗି ଗାଁ ରେ ନଟବର ଜୁଆଙ୍ଗଙ୍କ ଘର। ପ୍ରାଚୀନ ଜନଜାତି ଜୁଆଙ୍ଗ ସମ୍ପ୍ରଦାୟର। ସ୍ତ୍ରୀ ଓ ଚାରି ଝିଅଙ୍କୁ ନେଇ ପରିବାର। ଭଗବାନଙ୍କ ଇଛା କ'ଣ କେଜାଣେ ? ନଟବରର ଚାରି ଝିଅ ଜନ୍ମରୁ ଭିନ୍ନକ୍ଷମ। ଛିଡା ହୋଇ ପାରନ୍ତି ନାହିଁ କି, ଚାଲି ପାରନ୍ତି ନାହିଁ। ଘୋଷରି ଘୋଷରି ଚଳ ପ୍ରଚଳ କରନ୍ତି। କି ଦୁଃଖ ଭଗବାନ ଏମାନଙ୍କୁ ଦେଇଛନ୍ତି !! ଏତେ କଷ୍ଟ ଦେବା ଅପେକ୍ଷା, ଏମାନଙ୍କୁ ଜନ୍ମ ଦେଇନଥିଲେ, କ'ଣ କିଛି ଅସୁବିଧା ହୋଇଥାନ୍ତା ? ଭଗବାନ ବଡ ଲୋକ!

ନଟବରର ଏକ ଝାଟିମାଟି ଘର। ତାହା ପୁଣି ଅଧା ଭାଙ୍ଗା। ତା'ରି ଭିତରେ ଛଅ ଜଣର ପରିବାର। ଚିନ୍ତା କରାଯାଇପାରେ - କେମିତି ରହୁଥିବେ ଏ ପରିବାର। ସବୁ ସେଇଠି। ଏଇ ଗତ ନିର୍ବାଚନ ପୂର୍ବରୁ ନଟବର କୁ ଏକ ସରକାରୀ ଘର ମିଳିଲା। କିନ୍ତୁ, ଅର୍ଥ ଅଭାବରୁ ନଟବର ତାକୁ ପୂରା କରି ପାରିଲା ନାହିଁ। ଏବେବି ଅଧୁରା ହୋଇ ପଡିଛି। ପୁରା ପରିବାର ରହୁଛନ୍ତି ସେଇ ଅଧାଭଙ୍ଗା ଝାଟିମାଟି ର ଘରେ। ଏ ତ ହେଲା " ଆବାସ " ପ୍ରସଙ୍ଗ। ଏବେ ଆସିବା ଜୀବିକା କୁ।

ନଟବରର ସେପରି କୌଣସି ଚାଷ ନାହିଁ। ଛେଳି ପାଳି, ପର ଘରେ କାମ କରି ପରିବାର ପାଳେ। ବାର୍ଦ୍ଧକ୍ୟ ଭତ୍ତା ମଧ ପାଏ ନାହିଁ। କାର୍ଡ ରେ ତାରିଖ ଭୁଲ ଲେଖା ଯାଇଛି। ଦୁର୍ଭାଗ୍ୟ !! ପିଲାଙ୍କ ମଧରୁ ଜଣେ ପାଏ ଭିନ୍ନକ୍ଷମ ଭତ୍ତା। ଏ ହୋଇପାରେ ପରିବାରର ଅସଲି "ରାହା"। ସରକାର ଶୁଣିଲେନି। ପଞ୍ଚାୟତ ଦେଖିଲା ନାହିଁ। ଜିଲ୍ଲା ପ୍ରଶାସନ କେବେ ଚିନ୍ତା କଲାନାହିଁ । ଭାଗ୍ୟକୁ ଆଦରି ପଡିଥାଏ ନଟର ପରିବାର। ନିତ୍ୟାନନ୍ଦ ପୁର ଗାଁ ସ୍ଥିତ ନବଗଠିତ ସ୍ୱଛ୍ଛୋସେବୀ ଅନୁଷ୍ଠାନ "ଆଶା"ର ନଜର ପଡ଼ିଲା ଏ ପରିବାର ଉପରେ। ଏହାର ସ୍ୱେଚ୍ଛାସେବୀ ଭେଟିଲେ ନଟକୁ ଓ ଚାରି ଭିନ୍ନକ୍ଷମ ଝିଅଙ୍କୁ। ଖବର ପ୍ରକାଶିତ କଲେ ଜିଲ୍ଲା ଓ ରାଜ୍ୟସ୍ତରୀୟ ଖବରକାଗଜରେ। ନଟ ଓ ପିଲାଙ୍କ ଅଭାବ, ଦୁଃଖ କୁ ପ୍ରଶାସନର ଦୃଷ୍ଟି କୁ ଆଣିଲେ। ଏତିକିରେ ଶେଷ ହେଲା ନାହିଁ " ଆଶା" ର କାମ। ଏ ଖବରକୁ ମହାମହିମ ରାଷ୍ଟ୍ରପତିଙ୍କ ଠାରୁ ଆରମ୍ଭ କରି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ବିଭାଗୀୟ ସଚିବ, ଜିଲାପାଳ ଙ୍କ ଦୃଷ୍ଟିକୁ ମଧ ଆଣିଲେ।

ଇତିମଧରେ କେଇ ମାସ ବିତିଗଲାଣି। କେହି ଶୁଣିଲେନି। କାହାରିକୁ ସମୟ ନାହିଁ ଏମାନଙ୍କ ଦୁଃଖ ବୁଝିବାକୁ। ବଡ ବଡ କଥାରେ ସେ ବ୍ୟସ୍ତ। ମନ୍ତ୍ରୀ, ସଚିବ ନୀରବ। ଜିଲ୍ଲା ପ୍ରଶାସନ ନିଘୋଡ ନିଦରେ। ବ୍ଲକ୍ ଅଧିକାରୀ ଙ୍କ ପାଇଁ ଘୁଙ୍ଗି ଏକ ଅପହଞ୍ଚ ଗାଁ। ସରପଞ୍ଚ ଟି ମଧ ଉଚିତ୍ ମଣିଲା ନାହିଁ ଟିକିଏ ପାଦ ପକାଇବାକୁ।

"ଆଶା" ନିଜ ସ୍ୱଛ୍ଛୋସେବୀ ମାନଙ୍କ ମଧରେ ସଙ୍ଗ୍ରହ କଲା କିଛି ଅର୍ଥ। କେହି କେହି ବେଶ୍ ଆଗ୍ରହର ସହିତ ସହଯୋଗ କଲେ। ସଂଗ୍ରହ ହୋଇଥିବା ଅର୍ଥରେ ପିଲାଙ୍କ ଅଲରା କେଶକୁ କାଟି ସଫା, ସୁନ୍ଦର କରାଗଲା। କିଣା ଗଲା -- ପୋଷାକ, ବାସନ, ପ୍ରସାଧନ ସାମଗ୍ରୀ, ଚପଲ, ଚାଉଳ, ଡାଲି, ତେଲ, ଆଳୁ, ପିଆଜ, ବିସ୍କୁଟ, ଚୁଡା, ଚିନି ଇତ୍ୟାଦି। ତା ସହିତ ଦିଆଗଲା - ବିଛଣା ସାମଗ୍ରୀ, ଶୀତ ବସ୍ତ୍ର। ପିଲାଙ୍କ ଓଠରେ ଟିକିଏ ହସ ଦେଖିବାକୁ ମିଳିଥିଲା ସେଦିନ। ନଟ, ତା' ସ୍ତ୍ରୀ ଓ ପିଲାମାନେ ଏ ସ୍ୱଛ୍ଛୋସେବୀ ମାନଙ୍କୁ କିଛି କହିପାରୁ ନ ଥିଲେ ବି, ତାଙ୍କ ମୁହଁ କହୁଥିଲା-ନେତା, ମନ୍ତ୍ରୀ ନ ହେଲେ ନାହିଁ, ଆଉ କେହି ତ ଅଛନ୍ତି ଆମ ସାଥିରେ। ଏତିକିରେ ମଧ ଶେଷ ହୋଇନାହିଁ "ଆଶା" ର କାମ। ଯୋଜନା କରୁଛି-ପିଲାଙ୍କ "ଭିନ୍ନକ୍ଷମ" ପ୍ରମାଣପତ୍ର ବାହାର କରିବ। ପିଲାଙ୍କୁ ପାଇଁ ଭତ୍ତା ମଞ୍ଜୁର କରାଇବ । ଆଶା , ପିଲାଙ୍କ ଭତ୍ତା ହୋଇଯିବ। ପିଲାମାନେ ଏବେ ଚଳିଯିବେ। ଖାଇବାକୁ, ପିନ୍ଧିବାକୁ ପାଇବେ । ଆଗକୁ ଆସୁଛି ପାହାଡ ପରି ଦୁଃଖ। ବାପା, ମା' ଏବେ ବୟସର ଅପରାହ୍ନରେ। ସବୁଦିନେ ରହିବେ ନାହିଁ ପିଲାଙ୍କ ସାଥିରେ। ଚିନ୍ତା କରିକି ଦେଖନ୍ତୁ - ସେତେବେଳେ ଏ ଭିନ୍ନକ୍ଷମ ପିଲାଙ୍କ ଦାୟିତ୍ୱ କିଏ ନେବ ? କିଏ ଫୁଟାଇ ଦେବ ଦୁଇ ମୁଠା ଭାତ ଏମାନଙ୍କ ପାଇଁ? ଚାରିଆଡେ ଅନ୍ଧାର ହିଁ ଅନ୍ଧାର !!

ସେ ଅଞ୍ଚଳରେ ଗୋଟିଏ ନଟ ନାହାଁ। ଅନେକ ନଟ ଅଛନ୍ତି। ଅନେକ ପରିବାର ଏମିତି ସଢୁଛନ୍ତି। କିଏ ଭିନ୍ନକ୍ଷମ ତ, ଆଉ କିଏ ଅନାଥ। କିଏ ବିଧବା ତ , ପୁଣି କିଏ ବେସାହାରା। ମୁଁ କହୁଛି ଏ ସବୁ ଆଦିବାସୀ ସମ୍ପ୍ରଦାୟର ଲୋକଙ୍କ କଥା। ତାଙ୍କରି ଦୁଃଖ କଥା। ତାଙ୍କରି ଯନ୍ତ୍ରଣା। କିଏ ରାଷ୍ଟ୍ରପତି ହୋଇଗଲେ, ଏମାନଙ୍କର ଜୀବନରେ କିଛି ଫରକ ପଡେ ନାହିଁ। କିଏ ମୁଖ୍ୟମନ୍ତ୍ରୀ ବନିଗଲେ, ଏମାନଙ୍କ ଚୁଲି ଜଳେ ନାହିଁ। ଯଦି କେହି ଏମାନଙ୍କ ସହିତ ସବୁବେଳେ ରହିଛି, ତାହା ହେଉଛି-ଦୁଃଖ, ଯନ୍ତ୍ରଣା, ଗରିବୀ। ଆଉ ଯଦି କେହି କେବେ ଭେଟିବାକୁ ଆସିଛି, ତାହା ହେଉଛି - ପ୍ରତିଶ୍ରୁତି, ପ୍ରତାରଣା, ଧୋକା।

**ଭୁବନେଶ୍ୱର, ମୋବାଇଲ୍: ୭୯୭୮୨୧୦୮୨୧**

# ସ୍କୁଲରେ ଖବରକାଗଜ ପଢ଼ିବା ବ୍ୟବସ୍ଥା

**ସୁବାସ ଷଡଙ୍ଗୀ**



ଖବରକାଗଜ ହେଉଛି, ସମାଜର ଦର୍ପଣ। ଜଣେ ଲୋକ ଘରେ ରହି ଦେଶ ଦୁନିଆର ଖବର ପାଇପାରିବା ସମାଜରେ ଘଟୁଥିବା ବିଭିନ୍ନ ଘଟଣା ବିଶେଷ କରି ବ୍ୟଭିଚାର, ଅନାଚାର, ଆଲୋଚନା, ପର୍ଯ୍ୟାଲୋଚନା ସମ୍ପର୍କରେ ଜନସାଧାରଣଙ୍କୁ ଜଣାଇବା ହେଉଛି, ଗୋଟାଏ ଖବରକାଗଜର ମୂଳ ଦାଇତ୍ୱ। କେବଳ ସେତିକି ନୁହେଁ, ସରକାରୀ ଯୋଜନା, ଏହାର ଭୁଲ ଠିକ ସମ୍ପର୍କରେ ମଧ ଲୋକ ଓ ସରକାରଙ୍କ ମଧରେ ଏକ ସେତୁ ଭାବରେ କାମ କରେ। ସେଇ କାରଣରୁ ବୋଧହୁଏ ସମ୍ବାଦପତ୍ରକୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ବୋଲି କୁହାଯାଏ। କିନ୍ତୁ ଏବେ ସମ୍ବାଦପତ୍ର ପ୍ରତି ପାଠକଙ୍କ ଆକର୍ଷଣ କମିବାରେ ଲାଗିଛି। ଏହାର କାରଣ ବିଷୟରେ ମୁଁ ଏଠାରେ ଆଲୋଚନା କରିବାକୁ ଚାହେଁ ନାହିଁ। କିନ୍ତୁ ଗୋଟାଏ ସରକାରୀ ନିଷ୍ପତି ମୋତେ ଖୁବ ଆକୃଷ୍ଟ କରିଛି। ତାହା ହେଲା ସ୍କୁଲ ପିଲାଙ୍କୁ ଖବରକାଗଜ ପଢ଼ିବାକୁ ସୁଯୋଗ ଦେବା। ସରକାରଙ୍କ ପକ୍ଷରୁ କାଲି କୁହାଯାଇଛି, ସ୍କୁଲ ଗୁଡିକ ଅତି କମ୍‌ରେ ଦୁଇଟି ଖବରକାଗଜ କିଣିବେ। ତାକୁ ପିଲାମାନଙ୍କୁ ପଢ଼ିବାକୁ ଦେବେ। କଣ ଶିଖିଲେ ସେ ବିଷୟରେ ଆଲୋଚନା ହେବ। ଏହାଦ୍ୱାରା ପିଲାମାନଙ୍କ ପଠନ ଅଭ୍ୟାସ ବଢ଼ିବ। ଆଜିକାଲି ପିଲାମାନେ ପାଠ ଛାଡି ଯେପରି ସୋସିଆଲ ମିଡିଆ ପ୍ରତି ଆକୃଷ୍ଟ ହେଉଛନ୍ତି, ତାହା ନିଶ୍ଚିତ ଭାବେ ଏକ ଚିନ୍ତାର ବିଷୟ। ପିଲାମାନଙ୍କୁ ମୋବାଇଲ ଠାରୁ ଦୂରେଇ ଦିଆଯାଇପାରିବ।

ମୁଁ ଜଣେ ସାମ୍ବାଦିକ ହେଲେ ବି ଖବରକାଗଜ ପାଇଁ ଓକିଲାତି କରିବାକୁ ଚାହେଁ ନାହିଁ।ସ୍କୁଲରେ ଖବରକାଗଜ ପଢ଼ିବା ବ୍ୟବସ୍ଥା ଚାଲୁ କରିବା ପାଇଁ ସରକାରୀ ନିଷ୍ପତିକୁମୁଁ ପୁରାପୁରି ସମର୍ଥନ କରୁଛି। ଅନେକ ପ୍ରଶ୍ନ କରିପାରନ୍ତି, କଣ ପାଇଁ ସ୍କୁଲରେ ଖବରକାଗଜ ପଢ଼ାକୁ ସରକାର ବାଧତାମୂଳକ କରିବେ? ଏହାର ଉତର ଅତି ସହଜ। ସମ୍ବାଦର ଉଦ୍ଦେଶ୍ୟ କଣ? ସମ୍ବାଦର ମୂଳ ଉଦ୍ଦେଶ୍ୟ ହେଲା, ସଂଯୋଗ ଘଟାଇବା। ପାଠକମାନଙ୍କୁ ଯେ କୌଣସି ଘଟଣାର ଭଲ ଓ ମନ୍ଦ ଉଦ୍ଦେଶ୍ୟ ବିଷୟରେ ସଚେତନ କରାଇବା। ସରକାରୀ ଯୋଜନାମୂଳ ଉଦ୍ଦେଶ୍ୟ ଓ ଏହାର ଭୁଲ ଓ ଠିକ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା। ଗୋଟାଏ କଥା ଉଦାହରଣ ଭାବେ ଦିଆଯାଇପାରେ।

ମହାଭାରତର କଥା। ଯୁଧିଷ୍ଠିରଙ୍କୁ ଯତୁଗୃହରେ ପୋଡି ମାରିବାର ଚକ୍ରାନ୍ତ କଲା ଦୁର୍ଯ୍ୟୋଧନ। ବାରଣାବତ ନଗରରେ ରାତ୍ରିଯାପନ ପାଇଁ ଯୁଧିଷ୍ଠିର ତାଙ୍କ ଭାଇ ଓ ମାଙ୍କ ସହିତ ଯାଇଥିଲେ। ଯିବା ପୂର୍ବରୁ ବିଦୁର ସାଂକେତିକ ଭାଷାରେ ଯୁଧିଷ୍ଠିରଙ୍କୁ ସାବଧାନ କରେଇ ଦେଇଥିଲେ। ପୂର୍ବ ପ୍ରସ୍ତୁତି ଅନୁସାରେ ଘର ଭିତରେ ବିଦୁରଙ୍କ ନିର୍ଦ୍ଦେଶରେ ସୁଡଙ୍ଗ ଖନନ ହେଲା।ରହେଣିକାଳରେ କୁନ୍ତୀ ଏକ ବ୍ରାହ୍ମଣ ଭୋଜନର ବ୍ୟବସ୍ଥା କଲେ। ଏହି ଭୋଜିକୁ କିଛି ବ୍ରାହ୍ମଣଙ୍କ ସହିତ ଜଣେ ନିଷାଦ ରମଣୀ ତାଙ୍କ ପାଞ୍ଚ ପୁଅଙ୍କୁ ସହ ଯୋଗ ଦେଇଥିଲେ। ବ୍ରାହ୍ମଣମାନେ ଭୋଜନ କରି ଚାଲି ଆସିଲେ। କିନ୍ତୁ ଅତ୍ୟଧିକ ମଦ୍ୟପାନ କରିଥିବାରୁ ନିଷାଦ ରମଣୀ ଓ ତାଙ୍କ ପାଞ୍ଚ ପୁଅ ସେଠାରେ ରହିଗଲେ। ଯତୁଗୃହରେ ରାତରେ ନିଆଁ ଲଗାଇ ଦିଆଗଲା। ପାଣ୍ଡବମାନେ ନିଜ ମାଙ୍କୁ ଧରି ସୁଡଙ୍ଗ ରାସ୍ତାରେ ସୁରକ୍ଷିତ ଜାଗାକୁ ଚାଲିଗଲେ। କିନ୍ତୁ ସେଇ ନିଷାଦ ରମଣୀ ଓ ତାଙ୍କ ପାଞ୍ଚପୁଅ ପୋଡି ହୋଇ ମଲେ। ଦୁଯ୍ୟୋଧନଙ୍କ ପାଖରେ ଏଖବର ପହଞ୍ଚିଲା। ପ୍ରମାଣଭାବେ ଜଣେ ମହିଳା ସମେତ ପାଞ୍ଚ ପୁରୁଷଙ୍କ ଅସ୍ଥି କଙ୍କାଳ ର ପ୍ରମାଣ ଦିଆଗଲା। ଏଣୁ ଅବିଶ୍ୱାସ କରିବାର କେଔଣସି କାରଣ ନଥିଲା।

ଏ କଥା ଏଠାରେ କହିବାର ଆବଶ୍ୟକତା କଣ? ଏହା ଏକ ନିଛକ ଗଳ୍ପ ନୁହେଁ। ବରଂ ଏଥିଣେ ଦୁଇଟି ସମ୍ବାଦ ରହିଛି ବୋଲି କୁହାଯାଇପାରେ। ପ୍ରଥମ ସମ୍ବାଦଟି ହେଲା, ଦୁର୍ଯୋଧନ ବାରଣାବତରେ ଏକ ଯତୁଗୃହ ତିଆରି କରିଛି ପାଣ୍ଡବମାନଙ୍କୁ ମାରିବା ପାଇଁ। ତା ସୂଚନା ଆଗୁ ମିଳିଗଲା। ଯାହାଫଳେ ପାଣ୍ଡମାନଙ୍କ ଜୀବନ ରକ୍ଷା ହେଲା। ଦ୍ୱିତୀୟ ସମ୍ବାଦଟି ହେଲା, ପାଞ୍ଚପୁତ୍ର ସହ ଜଣେ ନିଷାଦ ରମଣୀର ଅସ୍ଥିକଙ୍କାଳ ପ୍ରମାଣ ଘଟଣାର ସତ୍ୟତାକୁ ପୁରାଦମରେ ସତ୍ୟରେ ପରିଣତ କରିଦେଲା। ଦୁର୍ଯୋଧନ ଅବିଶ୍ୱାସ କରିବାର କୌଣସି ଉପାୟ ନଥିଲା। ପ୍ରତ୍ୟେକ ସମ୍ବାଦର ଗୁରୁତ୍ୱ ଓ ତାତ୍ପର୍ଯ୍ୟ ହେଲା, ଏହା ବାସ୍ତବତାର ଉପକରଣ ହିସାବରେ ବ୍ୟବହୃତ ହୋଇଥାଏ।

ସ୍କୁଲଗୁଡିକରେ ଖବରକାଗଜ ପଢ଼ିବା ବ୍ୟବସ୍ଥା ହୋଇପାରିଲେ, ପିଲାମାନେ ପାଠ ପଢ଼ିବା ସହିତ ସାମାଜିକ ଓ ବୌଦ୍ଧିକ ବିକାଶ ଦିଗରେ କଣ ସବୁ ହେଉଛି, ତାହା ଜାଣି ପାରିବେ। ସମାଜରେ ଘଟୁଥିବା ବିଭିନ୍ନ ଅଘଟଣ ସମ୍ପର୍କରେ ଜାଣିବା ସହିତ ତାତ୍ତ୍ୱିକ ଆଲୋଚନା ବିଷୟରେ ସୂଚନା ପାଇପାରିବେ। ଯାହା ସେମାନଙ୍କ ଚିନ୍ତାଧାରାକୁ ଅଧିକ ଶାଣିତ ଓ ସୃଜନଶୀଳ କରିବାରେ ସହାୟକ ହୋଇପାରିବ। ସରକାରୀ ଯୋଜନା ଓ ଏହାର ରୂପାୟନ ସମ୍ପର୍କରେ ଜାଣିବା ସହିତ ନିଜ ପରିବାରରେ ଏ ବିଷୟରେ ସେମାନେ ଆଲୋଚନା କରିପାରିବେ।

ଉତ୍ତରପ୍ରଦେଶ ସରକାର ଏଇ ଯୋଜନା କାର୍ଯ୍ୟକାର କରୁଛନ୍ତି ବୋଲି ଜାଣିଲି। ଏବେ ଏବେ ଆଉଏକ ପ୍ରଦେଶ ଏଭଳି ନିର୍ଦ୍ଦେଶନାମା ଜାରି କରିଥିବାର ଜାଣିବାକୁ ପାଇଲି। ସେଇ ପ୍ରଦେଶଟିର ନାମ ହେଲା ରାଜସ୍ଥାନ। ରାଜସ୍ଥାନ ସରକାର ନିକଟରେ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି ଯେ ରାଜ୍ୟର ପ୍ରତ୍ୟେକ ସ୍କୁଲରେ ଦୁଇଟି ଖବରକାଗଜ କିଣାଯିବ। ପ୍ରତିଦିନ ଅତିକମରେ ଦଶମିନିଟ ଲେଖାଏଁ ପିଲାମାନଙ୍କୁ ପଢ଼ିବାକୁ ଦିଆଯିବ। ଅପରପ୍ରାଇମେରି ସ୍କୁଲରେ ହିନ୍ଦି ଖବରକାଗଜ ଓ ଇଂରାଜି ମିଡିୟମରେ ଇଂରାଜି କାଗଜ ପଢ଼ିବା ବ୍ୟବସ୍ଥା ହେବ।

ଓଡ଼ିଶା ସରକାର ଏଭଳି ବ୍ୟବସ୍ଥା କରିବା ଦରକାର। କାରଣ ଆମ ରାଜ୍ୟରେ ଶତକଡା ଅଶୀଭାଗ ଲୋକ ଗରିବ ହୋଇଥିବାରୁ ଖବରକାଗଜ କିଣି ପଢ଼ିବାକୁ ଅକ୍ଷମ। କେବଳ ସହରରେ ରହୁଥିବା ଓ ସାମାନ୍ୟ ସ୍ୱଚ୍ଛଳ ପରିବାର ଖବରକାଗଜ ପଢ଼ିବାର ସୁଯୋଗ ପାଆନ୍ତି। ଯଦି ସ୍କୁଲ ଗୁଡିକରେ ପିଲାମାନଙ୍କୁ ଖବରକାଗଜ ପଢ଼ିବାକୁ ଦିଆଯିବ, ସେମାନେ ଦେଶ ଦୁନିଆର ଖବର ଜାଣିବା ସହିତ ସରକାରୀ ଯୋଜନା ଓ ରାଜ୍ୟରେ ଘଟୁଥିବା ବିଭିନ୍ନ ଘଟଣା ସମ୍ପର୍କରେ ଜାଣି ପାରିବେ। ସରକାରୀ ଯୋଜନା କଥା ନିଜ ଘରେ ଜଣା ପାରିବେ। ରାଜ୍ୟ ଓ ଜାତୀୟ ଘଟଣା ସମ୍ପର୍କରେ ଆଲୋଚନା କରିପାରିବେ। କେବଳ ସେତିକି ନୁହେଁ, ପ୍ରତ୍ୟେକ ଘଟଣାର ବାସ୍ତବସତ୍ୟ, ଭୁଲ ବା ଗୁଜବ ଏବଂ ଘଟଣା ପଛର ରହସ୍ୟ ଜାଣିପାରିବେ। ପିଲାମାନେ ପ୍ରଥମରୁ ରାଜନୈତିକ ଭାବେ ସଚେତନ ହୋଇପାରିବେ।

ଉତ୍ତରପ୍ରଦେଶ ଓ ରାଜସ୍ଥାନରେ ଏବେ ବିଜେପି ସରକାର। ତେଣୁ ଓଡ଼ିଶା ସରକାର ଏଠାରେ ଏଇ ଯୋଜନା କାର୍ଯ୍ୟକାରି କରି ସାରା ଭାରତରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

**ଡୁମଡୁମା ହାଉସିଙ୍ଗ ବୋର୍ଡ କଲୋନୀ, ଭୁବନେଶ୍ୱର, ମୋବାଇଲ୍: ୯୪୩୭୬୫୨୩୨୨**



## ସରକାରୀ ଚାକିରି ନାଁରେ ଠକେଇ

# ୬ ରାଜ୍ୟରେ ଇଡିର ତନାଘନା

**ନୂଆଦିଲ୍ଲୀ,୮।୧:** ସରକାରୀ ଚାକିରି ନାଁରେ ଠକେଇ କରୁଥିବା ଏକ ଗ୍ୟାଙ୍ଗ୍‌ର ପର୍ଦ୍ଦାଫାଶ କରିଛି ଇଡି। ଏହି ଗ୍ୟାଙ୍ଗ୍ ଅଭିନବ ଉପାୟରେ ଲୋକଙ୍କୁ ଫେକ୍ ନିଯୁକ୍ତି ପତ୍ର ଏବଂ କଲ୍ ଲେଟର ଆଦି ଜାରି କରି ଠକୁଥିଲେ। ବିଶେଷକରି ଭାରତୀୟ ରେଲୱେ ଏବଂ ୪୦ ଅନ୍ୟ ସରକାରୀ




ବିଭାଗରେ ନିଯୁକ୍ତି ନାଁରେ ଏହି ସ୍କାମ ଚାଲୁଥିଲା। ଏମିତିରେ ଏହି ମାମଲାରେ ଗୁରୁବାର ଇଡି ଦେଶର ୬ ରାଜ୍ୟର ୧୫ ସହରରେ ଗୁରୁବାର ବଡ଼ ରେଡ୍ କରିଛି। ଆହୁରି ମଧ ଜଣାପଡ଼ିଛି ରେଲୱେ ବାଦ୍ ଡାକ ବିଭାଗ, ବନ ବିଭାଗ, ଟ୍ୟାକ୍ସ ଡିପାର୍ଟମେଣ୍ଟ, ହାଇକୋର୍ଟ, ବିହାର ସରକାର, ଡିଡିଏ ଏବଂ ରାଜସ୍ଥାନ ସଚିବାଳୟ ଆଦି ନାଁରେ ମଧ ଏହି ଠକେଇ କରାଯାଉଥିଲା। ଏହି ଗ୍ୟାଙ୍ଗ ମିଥ୍ୟା ଇମେଲ ଆକାଉଣ୍ଟ କରି ଲୋକଙ୍କୁ ନିଯୁକ୍ତ ପତ୍ର ପଠାଉଥିଲା। ଏଭଳି ଇମେଲ ଆଡ୍ରେସ ତିଆରି କରାଯାଇଥିଲା। ଯାହାକୁ ଦେଖିଲେ ଲାଗିବ ସତେ ଯେପରି ଏହା କୌଣସି ପ୍ରକୃତ ସରକାରୀ ବିଭାଗର। ଏତିକି ନୁହେଁ ମନରେ ବିଶ୍ୱାସ ଜନ୍ମାଇବାକୁ ସେମାନେ ଆକାଉଣ୍ଟକୁ ୨- ୩ ମାସ ପର୍ଯ୍ୟନ୍ତ ଦରମା ମଧ ପଠାଉଥିଲେ। ଆହୁରି ମଧ ଏହି ଦରମା ଆଗୁଆ ଦେବାକୁ କହୁଥିଲେ। କିନ୍ତୁ ଟଙ୍କା ଟ୍ରାନ୍ସଫର ପାଇଁ ମଧ ଟଙ୍କା ନେଉଥିଲେ।

ତେବେ ବର୍ତ୍ତମାନ ଇଡି ଏହି ମାମଲାରେ ବିହାର, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ତାମିଲନାଡୁ, ଗୁଜରାଟ ଏବଂ କେରଳରେ ରେଡ୍ କରୁଛି। ଉତ୍ତରପ୍ରଦେଶ ଗୋରଖପୁରରେ ଇଡି ୨ ସ୍ଥାନରେ ରେଡ୍ କରିଛି। ଆଲହାବାଦରେ ୧ ଏବଂ ଲକ୍ଷ୍ନୌରେ ମଧ ଗୋଟିଏ ସ୍ଥାନରେ ରେଡ୍ ଚାଲିଛି। ବିହାରରେ ମୁଜାଫରପୁରରେ ଗୋଟିଏ ସ୍ଥାନରେ ଏବଂ ମୋତିହାରୀରେ ମଧ ୨ଟି ସ୍ଥାନରେ ରେଡ୍ ଚାଲିଛି। କୋଲକାତାରେ ମଧ ଏହି ଗ୍ୟାଙ୍ଗର ୨ ଠିକଣାର ସୂଚନା ମିଳିଛି। ଏଠାରେ ରେଡ୍ ଜାରି ରହିଛି। ଏହା ବାଦ ଚେନ୍ନାଇ, ରାଜକୋଟରେ ମଧ ରେଡ୍ ଚାଲିଛି। କେରଳରେ ମଧ ୪ ସହରରେ ରେଡ୍ କରୁଛି ଇଡି।

### ସୁପ୍ରିମକୋର୍ଟରେ ବୁଲା କୁକୁର ମାମଲା

# କୁକୁର, ବିଲେଇ ଓ ମୂଷା’କୁ ନେଇ ରୋଚକ ଯୁକ୍ତି

**ନୂଆଦିଲ୍ଲୀ,୮।୧:** ଦେଶରେ ବୁଲା କୁକୁରଙ୍କ ସଂଖ୍ୟା ନିୟନ୍ତ୍ରଣ ଓ ସାଧାରଣ ଲୋକଙ୍କ ସୁରକ୍ଷାକୁ ସୁପ୍ରିମକୋର୍ଟରେ ଶୁଣାଣି ଜାରି ରହିଛି। ଏହି ପ୍ରସଙ୍ଗରେ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ସମୟରେ ସୁପ୍ରିମକୋର୍ଟରେ ରୋଚକ ପରିସ୍ଥିତି ସୃଷ୍ଟି ହୋଇଛି। ବିଚାରପତି ଜଷ୍ଟିସ୍ ବିକ୍ରମ ନାଥ, ସନ୍ଦୀପ ମେହେଟ୍ଟା ଏବଂ ଏନ.ଭି. ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଥିବା ବେଳେ କୁକୁରଙ୍କ ଉପସ୍ଥିତି ସାମାଜିକ ସନ୍ତୁଳନ ରକ୍ଷା କରେ ବୋଲି ପଶୁପ୍ରେମୀଙ୍କ ପକ୍ଷରୁ ଯୁକ୍ତି କରାଯାଇଥିଲା।





ବରିଷ୍ଠ ଆଇନଜୀବୀ ସି.ୟୁ. ସିଂ କହିଥିଲେ ଯେ, ସହରରୁ କୁକୁରଙ୍କୁ ହଠାତ୍ ହଟାଇ ଦେଲେ ମୂଷାଙ୍କ ସଂଖ୍ୟା ବୃଦ୍ଧି ପାଇବ, ଯାହା ରୋଗ ବ୍ୟାପିବାର କାରଣ ହେବ। ଏହି ସମୟରେ ଜଷ୍ଟିସ୍ ମେହେଟ୍ଟା ହାଲୁକା ଭାବେ କହିଥିଲେ, କୁକୁର ଏବଂ ବିଲେଇ ଶତ୍ରୁ। ଆମେ ବିଲେଇଙ୍କୁ ପ୍ରୋତ୍ସାହନ ଦେବା ଉଚିତ୍, କାରଣ ସେମାନେ ମୂଷାଙ୍କୁ ନିୟନ୍ତ୍ରଣ କରିପାରିବେ। ଏହି ଶୁଣାଣି ସମୟରେ ବୁଲା କୁକୁରଙ୍କ ବନ୍ଧ୍ୟାକରଣ ପାଇଁ ବଜେଟ୍ ଏବଂ ଭିତ୍ତିଭୂମିର ଅଭାବ ଉପରେ ଆଇନଜୀବୀମାନେ ପ୍ରଶ୍ନ ଉଠାଇଥିଲେ। ବର୍ତ୍ତମାନ ଦେଶରେ ୫.୨ କୋଟି ବୁଲା କୁକୁର ଥିବାବେଳେ ମାତ୍ର ୬୬ଟି ସ୍ୱୀକୃତିପ୍ରାପ୍ତ ବନ୍ଧ୍ୟାକରଣ କେନ୍ଦ୍ର ରହିଛି। ଶିକ୍ଷାନୁଷ୍ଠାନ, ହସ୍ପିଟାଲ ଏବଂ ସାଧାରଣ ସ୍ଥାନରେ କୁକୁରଙ୍କ ଉପସ୍ଥିତି ଯୋଗୁଁ ଘଟୁଥିବା ଦୁର୍ଘଟଣା ଓ କାମୁଡ଼ା ଘଟଣା ଉପରେ କୋର୍ଟ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ସେ ସବୁ କୁକୁରଙ୍କୁ ରାସ୍ତାରୁ ହଟାଇବାକୁ ନିର୍ଦ୍ଦେଶ ଦେଇନାହାନ୍ତି, ବରଂ ନିୟମ ଅନୁଯାୟୀ ସେମାନଙ୍କର ପରିଚାଳନା କରିବାକୁ କହିଛନ୍ତି। କୋର୍ଟ ଆହୁରି ମଧ୍ୟ କହିଛନ୍ତି ଯେ, ନିୟମ ଥାଇ ମଧ୍ୟ ଅନେକ ରାଜ୍ୟରେ ଏହାର ଉଲ୍ଲଂଘନ ହେଉଛି, ଯାହା ଫଳରେ ମଣିଷଙ୍କ ଜୀବନ ବିପଦରେ ପଡୁଛି।

## ଭାରତୀୟଙ୍କ ଭିସା ରଦ୍ଦ କଲା ବାଂଲାଦେଶ

**ଢାକା,୮।୧:** ଆଇପିଏଲରୁ ବାଂଲା ଖେଳାଳିଙ୍କୁ ବାଦ ଦେବା ପାଇଁ ବିସିସିଆଇର ନିଷ୍ପତ୍ତି ପ୍ରତିବାଦରେ ବାଂଲାଦେଶ ଭାରତକୁ ଏକ ବଡ଼ ଝଟକା ଦେଇଛି। ବାଂଲାଦେଶ ଭାରତୀୟଙ୍କ ପାଇଁ ସମସ୍ତ ଭିସା ସେବାକୁ ରଦ୍ଦ କରିଛି, କିନ୍ତୁ ଛାତ୍ର ଏବଂ ବ୍ୟବସାୟିକ ଭିସା ସେବା ଜାରି ରହିଛି। ବାଂଲାଦେଶ ସରକାର ଦିଲ୍ଲୀ, ଅଗରତାଲା, ମୁମ୍ବାଇ, ଗୌହାଟି ଏବଂ ଚେନ୍ନାଇରେ ଥିବା ନିଜର ଦୂତାବାସ ଏବଂ କନସୁଲେଟକୁ ସାଧାରଣ ଭିସା ସେବାକୁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିଷ୍ପତ୍ତିକୁ ଦୁଇ ଦେଶ ମଧରେ ଚାଲିଥିବା ଉତ୍ତେଜନାର ପ୍ରତିଫଳନ ଭାବରେ ଦେଖାଯାଉଛି।

ବାଂଲାଦେଶ ପୂର୍ବରୁ ଭାରତ ନିଜର ଭିସା ସେବାକୁ ସ୍ଥଗିତ ରଖିଥିଲା, ଯାହା ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ସ୍ଥଗିତ ରହିବ ବୋଲି ଭାରତ ସରକାର କହିଥିଲେ। ବାଂଲାଦେଶରେ ହିନ୍ଦୁ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ହେଉଛି। ୧୮ ଦିନରେ ୬ ଜଣ ହିନ୍ଦୁଙ୍କୁ ହତ୍ୟା କରାଯାଇଛି। ଏହାର ପ୍ରତିବାଦରେ, ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ ବାଂଲାଦେଶୀ ବୋଲର ମୁସ୍ତାଫିଜୁର ରହମାନଙ୍କୁ କୋଲକାତା ନାଇଟ୍ ରାଇଡର୍ସରୁ ବାହାର କରିଦେଇଛି।

# ଜାତୀୟ ସ୍ତରର ଶୁଟର୍‌ଙ୍କୁ ହୋଟେଲରେ ଦୁଷ୍କର୍ମ

**ନୂଆଦିଲ୍ଲୀ, ୮।୧:** ଜାତୀୟ ସ୍ତରର ଜଣେ ଶୁଟିଂ କୋଚ ଘଟାଇଛନ୍ତି ଭୟଙ୍କର କାଣ୍ଡ। ସେ ଜାତୀୟ ସ୍ତରର ଜଣେ ୧୭ ବର୍ଷୀୟା ଶୁଟର୍‌ଙ୍କୁ ହୋଟେଲକୁ ଡାକି କରିଛନ୍ତି ଦୁଷ୍କର୍ମ। କୋଚ ଜଣଙ୍କ ଫରିଦାବାଦର ଗୋଟିଏ ହୋଟେଲକୁ ନାବାଳିକା ଶୁଟରଙ୍କୁ ତାଙ୍କ ପ୍ରଦର୍ଶନର ସମୀକ୍ଷା କରିବା ନାଁରେ ଡାକିଥିଲେ। ହେଲେ ହୋଟେଲର ଗୋଟିଏ ରୁମରେ ତାଙ୍କୁ ବନ୍ଦକରି କୋଚ ଜଣଙ୍କ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି।



ନାବାଳିକା ଶୁଟରଙ୍କ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ହରିୟାଣା ପୁଲିସ୍ ଦୁଷ୍କର୍ମ ମାମଲା ରୁଜୁ କରିଥିବା ବେଳେ ଜାତୀୟ ସ୍ତରର ଶୁଟିଂ କୋଚ ଅଙ୍କୁଶ ଭରଦ୍ୱାଜଙ୍କୁ ନିଲମ୍ବିତ କରାଯାଇଛି। ଶୁଟରଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ମଙ୍ଗଳବାର କୋଚ ଅଙ୍କୁଶଙ୍କ ନାଁରେ ପୁଲିସ୍ ଏଫଆଇଆର ରୁଜୁ କରିଛି। ଏଥିସହ ସାକ୍ଷୀମାନଙ୍କ ବୟାନ ରେକର୍ଡ କରାଯିବା ସହ ସିସିଟିଭି ଫୁଟେଜକୁ ମଧ ଜବତ କରାଯାଇଛି। ଏଫଆଇଆର ଅନୁସାରେ, ପୂରା ଘଟଣା ଡିସେମ୍ବର ୧୬ ତାରିଖରେ ଦିଲ୍ଲୀର ଡକ୍ଟର କରିନ ସିଂହ ଶୁଟିଂ ରେଞ୍ଜରେ ଚାଲିଥିବା ଗୋଟିଏ ପ୍ରତିଯୋଗିତା ବେଳେ ଘଟିଛି। ରୁମରେ ତାଙ୍କୁ ଦୁଷ୍କର୍ମ କରିବା ସହ ମୁହଁ ଖୋଲିଲେ ସେ ତାଙ୍କ ଶୁଟିଂ କ୍ୟାରିୟରକୁ ବରବାଦ କରି ଦେବାର ଧମକ ମଧ କୋଚ୍

**କୋଚ୍‌ଙ୍କ ଭୟଙ୍କର କାଣ୍ଡ**

ଦେଇଥିଲେ। ଘଟଣା ପରେ ଶୁଟର ଜଣଙ୍କ ପୂରା ଡରିଯାଇ ହୋଟେଲରୁ ଚାଲି ଯାଇଥିଲେ। ଅଭିଯୋଗ ପାଇବା ପରେ ଏନଆଇଟି ଫରିଦାବାଦରେ ଥିବା ମହିଳା ପୁଲିସ୍ ଷ୍ଟେସନରେ ବିଭିନ୍ନ ଦଫାରେ ମାମଲା ରୁଜୁ କରାଯାଇଛି। ଅଭିଯୋଗ ପାଇବା ପରେ ଜାତୀୟ ରାଇଫଲ ଆସୋସିଏସନ ଅଫ ଇଣ୍ଡିଆ ପକ୍ଷରୁ କୋଚ ଅଙ୍କୁଶ ଭରଦ୍ୱାଜଙ୍କ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅଙ୍କୁଶଙ୍କୁ ତୁରନ୍ତ ନିଲମ୍ବିନ କରାଯିବା ସହ ତଦନ୍ତ ନ ସରିବା ଯାଏ ତାଙ୍କୁ କୌଣସି ଦାୟିତ୍ୱ ମିଳିବ ନାହିଁ ବୋଲି ଜାତୀୟ ରାଇଫଲ ଆସୋସିଏସନ ଅଫ ଇଣ୍ଡିଆର ସମ୍ପାଦକ ପବନ କୁମାର ସିଂହ ସୂଚନା ଦେଇଛନ୍ତି।

### ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ

# ଆବେଦନ ଉପରେ ସୁପ୍ରିମକୋର୍ଟ ରାୟ ସଂରକ୍ଷିତ

**ନୂଆଦିଲ୍ଲୀ ୮।୧:** ସୁପ୍ରିମକୋର୍ଟ ଆହ୍ଲାବାଦର ଜଷ୍ଟିସ୍ ୟଶବନ୍ତ୍ରା ବର୍ମାଙ୍କ ସେହି ଆବେଦନ ଉପରେ ରାୟ ସଂରକ୍ଷିତ କରିଛନ୍ତି, ଯେଉଁଥିରେ ବର୍ମାଙ୍କ ପକ୍ଷରୁ ତାଙ୍କ ବିରୋଧରେ ଅଣାଯାଇଥିବା ମହାଭିଯୋଗ ପ୍ରସ୍ତାବ ଉପରେ ଲୋକସଭା ବାଚସ୍ପତିଙ୍କ ପକ୍ଷରୁ ଯାଞ୍ଚ କମିଟି ଗଠନର ମଞ୍ଜୁରୀ ପ୍ରକ୍ରିୟାରେ ଉପାୟ ଉପରେ ଆରୋପ ଲଗାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଜଷ୍ଟିସ୍ ବର୍ମାଙ୍କ କହିବା କଥା ହେଉଛି ୨୧ ଜୁଲାଇ ୨୦୨୫ରେ ଯେତେବେଳେ ଲୋକସଭା ଓ ରାଜ୍ୟସଭାରେ ତାଙ୍କୁ ପଦରୁ ହଟାଇବା ଲାଗି ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା। ତାହା ଉଭୟ ସଦନରେ ଗୃହୀତ ହୋଇ ନଥିଲା। ଉଲ୍ଲେଖଯୋଗ୍ୟ ଯେ ୧୪



ମାର୍ଚ୍ଚ ୨୦୨୫ରେ ଜଷ୍ଟିସ ବର୍ମାଙ୍କ ଦିଲ୍ଲୀସ୍ଥିତ ଅଧିକାରୀକ ବାସଭବନରେ ନିଆଁ ଲାଗିଯାଇଥିଲା। ଏହି ସମୟରେ ଦମକଳ ବିଭାଗ କର୍ମଚାରୀ ନିଆଁ ଲିଭାଇବା ବେଳେ ସେଠାରୁ ପ୍ରଚୁର ପରିମାଣରେ ଅଧାପୋଡା ଟଙ୍କା ପାଇଥିଲେ। ଏହି ଘଟଣା ପରେ ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ହୋଇଥିଲା। ଏହାକୁ ନଜରରେ ରଖି ତାଙ୍କୁ ପୁଣି ଆହ୍ଲାବାଦ ହାଇକୋର୍ଟକୁ ବଦଳି କରିଦିଆଯାଇଥିଲା। ଏହି ମାମଲାର ଯାଞ୍ଚ ନିମନ୍ତେ ସୁପ୍ରିମକୋର୍ଟ ଏକ ୩ ସଦସ୍ୟୀୟ ଅନ୍ତରୀଣ କମିଟି ଗଠନ କରିଥିଲେ। ଏହି କମିଟିର ଯାଞ୍ଚରୁ ଜଷ୍ଟିସ୍ ବର୍ମାଙ୍କର ଏହି ଟଙ୍କା ଉପରେ ନିୟନ୍ତ୍ରଣ ଥିବା ଜଣାପଡିଥିଲା। ଏଣୁ ସେ ମିସକଣ୍ଡକ୍ଟର ଦୋଷୀ ହୋଇଥିଲେ।

### ବାଂଲାଦେଶରେ ସୀମା ଟପିଲା ରାଜନୈତିକ ହିଂସା

# ବିଏନ୍‌ପି ନେତାଙ୍କୁ ଗୁଳିକରି ହତ୍ୟା

**ଢାକା,୮।୧:** ବାଂଲାଦେଶରେ ରାଜନୈତିକ ହିଂସା ଜାରି ରହିଛି। ବାଂଲାଦେଶ ନ୍ୟାସନାଲ ପାର୍ଟି(ବିଏନ୍‌ପି)ର ଶାଖା ସ୍ୱେଚ୍ଛା ସେବକ ତଥା ଦଳର ନେତା ଅଜିଜୁର ରହମାନ ମୁସାବ୍ବିରଙ୍କୁ ଗୁଳି କରି ହତ୍ୟା କରାଯାଇଛି। ବୁଧବାର ରାତି ପ୍ରାୟ ୮.୩୦ ବେଳେ ତାଙ୍କୁ ଢାକାର କରୱାନ ବଜାର ଅଞ୍ଚଳରେ ଥିବା ଏକ ସୁପର ଷ୍ଟାର ହୋଟେଲ୍ ନିକଟରେ କେହି ଜଣେ ଦୁର୍ବୃତ୍ତ ଅଜିଜୁରଙ୍କୁ ଗୁଳି କରି ଫେରାର୍ ହୋଇଯାଇଥିଲେ। ଅଜିଜୁରଙ୍କ ସହ ଥିବା ଆଉ ଜଣେ ବ୍ୟକ୍ତି ବି ଆହତ ହୋଇଛନ୍ତି। ଆହତ ଜଣଙ୍କ ହେଲେ ସୁଫିଆନ ବ୍ୟାପାରି ମାସୁଦ୍। ସେ ତେଜଗାଁ ଥାନା ଭାନ ଶ୍ରମିକ ସଂଘର ସାଧାରଣ ସମ୍ପାଦକ।



ଦଳୀୟ ନେତାଙ୍କ ହତ୍ୟା ପରେ ବିଏନପି ପକ୍ଷରୁ ବାଂଲାଦେଶରେ ଆନ୍ଦୋଳନ କରାଯାଇଛି। ରିପୋର୍ଟ ଅନୁସାରେ, ପ୍ରାୟ ୨୦୦ ବିଏନପି ନେତା ଏବଂ କର୍ମୀ କାରୱାନ ବଜାର ଛକରେ ଏକତ୍ରିତ ହୋଇ ଘଟଣାରେ ପ୍ରତିବାଦ କରିଥିଲେ।

୪୫ ବର୍ଷ ବୟସ୍କ ଅଜିଜୁର ରହମାନ ମୁସାବ୍ବିର ବିଏନପିର ଭଲ୍ୟୁଣ୍ଟର ୱିଙ୍ଗ୍ ସ୍ୱେଚ୍ଛାସେବକ ଦଳର ପୂର୍ବତନ ନେତା ଥିଲେ। ସେ ମୂଳତଃ ଶରିୟତପୁରର ବାସିନ୍ଦା। ୨୦୨୦ ମସିହାରେ ନଗର ନିଗମ ନିର୍ବାଚନରେ ତେଜଗାଓଁର ୱାର୍ଡ-୨୬ରେ କାଉନସିଲର ପଦବୀ ପାଇଁ ବିଏନପି ସମର୍ଥିତ ପ୍ରାର୍ଥୀ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ରିପୋର୍ଟ ଅନୁସାରେ, ତାଙ୍କ ପରିବାର ପଶ୍ଚିମ କାରୱାନ ବଜାରର ଗାର୍ଡେନ୍ ରୋଡରେ ରୁହନ୍ତି। ଫେବ୍ରୁଆରୀ ମାସରେ ବାଂଲାଦେଶରେ ସାଧାରଣ ନିର୍ବାଚନ ହେବାକୁ ଥିବାବେଳେ ତା ପୂର୍ବରୁ ରାଜନୈତିକ ହିଂସା ଉଗ୍ରରୂପ ନେଇଛି। ଛାତ୍ର ନେତା ଉସମାନ ହାଦୀଙ୍କୁ ହତ୍ୟା କରିବା ପରେ ବାଂଲାଦେଶରେ ଏହି ଘଟଣା ଜାରି ରହିଛି।

### ଦୀପୁ ଦାସ ହତ୍ୟା ଘଟଣା

# ମୁଖ୍ୟ ଅଭିଯୁକ୍ତକୁ ବାନ୍ଧିଲା ପୁଲିସ

**ଢାକା,୮।୧:** ବାଂଲାଦେଶରେ ହିନ୍ଦୁ ଯୁବକ ଦୀପୁ ଦାସଙ୍କ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତକୁ ଗିରଫ କଲା ଢାକା ପୁଲିସ। ଗିରଫ ମୁଖ୍ୟ ଅଭିଯୁକ୍ତ ୟାସିନ ଆରାଫାତ ଜଣେ ପୂର୍ବତନ ଶିକ୍ଷକ। ସେ ହିଁ ଭିଡ଼କୁ ଉସକାଇବା ଓ ଆକ୍ରମଣକୁ ଠିକ୍ ଭାବରେ କାର୍ଯ୍ୟକାରୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ଢାକା ପୁଲିସ କହିଛି। ଘଟଣା ଗତବର୍ଷ ଡିସେମ୍ବର ୧୮ ତାରିଖରେ ମୈମନସିଂ ଜିଲ୍ଲାରେ ଘଟିଥିଲା। ୨୭ ବର୍ଷୀୟ ଦୀପୁ ଦାସଙ୍କୁ ତାଙ୍କ କାରଖାନା ସୁପରଭାଇଜରମାନେ ଇସ୍ତଫା ଦେବାକୁ ବାଧ କରିଥିଲେ। ସେ ଧର୍ମନିନ୍ଦା କରିଛନ୍ତି ବୋଲି ଅଭିଯୋଗ କରି ତାଙ୍କୁ ଅଫିସରୁ ବାହାର କରି ଦେବା ସହ ଉତ୍ୟକ୍ତ ଇସଲାମ ମୌଳବାଦୀଙ୍କ ଭିଡ଼କୁ ଠେଲି ଦେଇଥିଲେ। ମୁସଲିମ ମୌଳବାଦୀ ଭିଡ଼ ତାଙ୍କୁ ପିଟିପିଟି ହତ୍ୟା କରିବା ସହିତ ତାଙ୍କୁ ଗଛରେ ଟାଙ୍ଗି ନିଆଁ ଲଗାଇ ଦେଇଥିଲେ। ସବୁଠାରୁ ଦୁଃଖର କଥା ହେଲା ତାଙ୍କ ସହକର୍ମୀମାନେ ହିଁ ତାଙ୍କୁ ହତ୍ୟା କରିବାରେ ଭିଡ଼ରେ ମିଶିଥିଲେ ବୋଲି ପୁଲିସ କହିଛି। ତେବେ ଭିଡ଼ ଦୀପିଙ୍କୁ ହତ୍ୟା କରିବା ପରେ ମୁଖ୍ୟ ଅଭିଯୁକ୍ତ ଆରାଫାତ ଘଟଣାସ୍ଥଳରୁ ଫେରାର ହୋଇଯାଇ ଆତ୍ମଗୋପନ କରିଥିଲା। ଆରାଫାତ ଜଣେ ସ୍ଥାନୀୟ ବାସିନ୍ଦା ଓ ପୂର୍ବରୁ ଏକ ମସଜିଦରେ ପାଠ ପଢ଼ାଉଥିଲା। ଜଣେ ଶିକ୍ଷକ ଭାବରେ ତାଙ୍କର ପଦବୀ ଏବେ ଯାଞ୍ଚ କରାଯାଉଛି। ଆରାଫାତଙ୍କ ସମେତ ଏହି ମାମଲାରେ ମୋଟ ଗିରଫ ସଂଖ୍ୟା ୨୧ରେ ପହଞ୍ଚିଛି। ଦୀପୁ ଦାସଙ୍କ ହତ୍ୟା ପରେ କିଛି ଦିନ ମଧରେ ବାଂଲାଦେଶରେ ଆଉ ପାଞ୍ଚ ଜଣ ହିନ୍ଦୁ ପୁରୁଷଙ୍କ ହତ୍ୟା କରାଯାଇଛି।



## ଦିଲ୍ଲୀରୁ ୨୦ ବାଂଲାଦେଶୀ ନାଗରିକ ଗିରଫ

**ନୂଆଦିଲ୍ଲୀ,୮।୧ :** ଭାରତର ବିଭିନ୍ନ ରାଜ୍ୟରେ ଅବୈଧ ବାଂଲାଦେଶୀଙ୍କୁ ଖୋଜା ଚାଲିଛି। ପୁଲିସ ଦ୍ୱାରା ଅନେକ ମାତ୍ରାରେ ଅବୈଧ ଭାବେ ରହୁଥିବା ବାଂଲାଦେଶୀଙ୍କୁ ଗିରଫ କରାଯାଇ ଫେରିଯିବାକୁ କୁହାଯାଉଛି। ଏପରି ସ୍ଥଳେ ଦିଲ୍ଲୀ ପୁଲିସ ବଡ଼ ଆହ୍ୱାନ ନେଇଛି। ପୁଲିସ କାର୍ଯ୍ୟାନୁଷ୍ଠାନ ନେଇ ଦିଲ୍ଲୀ ଭିତରୁ ୨୦ ବାଂଲାଦେଶୀ ନାଗରିକଙ୍କୁ ଗିରଫ କରିଛି। ଦିଲ୍ଲୀରେ ଏସଆଇଆର ପ୍ରକ୍ରିୟା ପୂର୍ବରୁ ପୁଲିସର ବଡ଼ କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳିଛି। ସମସ୍ତ ବାଂଲାଦେଶୀ ନାଗରିକ ଅବୈଧ ଭାବେ ଭାରତରେ ରହୁଥିଲେ। ଧରାଯାଇଥିବା ଅବୈଧ ଲୋକଙ୍କ ପାଖରୁ କିଛି ଭାରତୀୟ ପରିଚୟ ପତ୍ର ଜବତ ହୋଇଛି। ଦିଲ୍ଲୀରେ ଏସ୍‌ଆଇଆର୍ ପ୍ରକ୍ରିୟା ୩ଟି ପର୍ଯ୍ୟାୟରେ ହେବ। ପ୍ରଥମ ପର୍ଯ୍ୟାୟରେ ବିହାରରୁ ଏସଆଇଆର କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଏସଆଇଆର ଦେଶର ୧୨ଟି ରାଜ୍ୟରେ କରାଯିବ।

## ତୁର୍କମାନ ଗେଟ୍ ହିଂସାରେ ସାମିଲ ୧୧ ଅଭିଯୁକ୍ତ ଗିରଫ

**ନୂଆଦିଲ୍ଲୀ,୮।୧:** ତୁର୍କମାନ ଗେଟ୍ ହିଂସାରେ ସାମିଲ ଥିବା ୧୧ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ୨୫ଜଣଙ୍କୁ ଚିହ୍ନଟ କରିଛି ପୁଲିସ। ଜାନୁଆରି ୬ତାରିଖ ରାତି ପ୍ରାୟ ୧ଟାରେ ଦିଲ୍ଲୀର ରାମଲୀଳା ମଇଦାନ ନିକଟରେ ଥିବା ଏକ ମସଜିଦ ଏବଂ କବରସ୍ଥାନ ସଂଲଗ୍ନ ଜମିରୁ ଜବରଦଖଲ ହଟାଯାଇଥିଲା। ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ, ଏମସିଡି ୧୭ଟି ବୁଲଡୋଜର ବ୍ୟବହାର କରି ଏଠାରେ ଥିବା ବିବାହ ହଲ, ଡାଇଗ୍ନୋଷ୍ଟିକ୍ ସେଣ୍ଟର ଏବଂ ଦୋକାନ ଭାଙ୍ଗି ଦେଇଥିଲା। ଯେତେବେଳେ ତୁର୍କମାନ ଗେଟ୍ ସ୍ଥିତ ଫୈଜ-ଏ-ଇଲାହି ମସଜିଦ ନିକଟରେ ଏହି କାର୍ଯ୍ୟାନୁଷ୍ଠାନ କରାଯାଉଥିଲା, ସେତେବେଳେ ଏକାଧିକ ଲୋକ ପୁଲିସ ଓ ଏମସିଡି କର୍ମଚାରୀଙ୍କ ଉପରେ ପଥର ମାଡ଼ କରିଥିଲା। ଭିଡ଼ କାର୍ଯ୍ୟ ବନ୍ଦ କରିବା ପାଇଁ ବ୍ୟାରିକେଡ୍ ଭାଙ୍ଗିଥିଲା, କିନ୍ତୁ ପୁଲିସ ଲୁହ ବୁହା ଗ୍ୟାସ୍ ଛାଡ଼ି ସେମାନଙ୍କୁ ଘଉଡ଼ାଇ ଦେଇଥିଲା। ଏବେ ପଥରମାଡ଼ କରିଥିବା ଅଭିଯୁକ୍ତଙ୍କୁ ଚିହ୍ନଟ କରି ଗିରଫ କରିବା ଆରମ୍ଭ କରିଛି ପୁଲିସ। ପୁଲିସ ଅଧିକାରୀମାନେ କହିଛନ୍ତି ଯେ, ହିଂସାରେ ସମ୍ପୃକ୍ତ ଥିବା ୩୫ଜଣ ସନ୍ଦେହ ଘେରରେ ଥିବା ବେଳେ ଏପର୍ଯ୍ୟନ୍ତ ୨୫ ଜଣଙ୍କୁ ଚିହ୍ନଟ କରାଯାଇଛି। ଘଟଣା ଘଟିଥିବା ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରାଯିବା ସହ ଦିଲ୍ଲୀ ପୁଲିସ କର୍ମଚାରୀଙ୍କ ଶରୀରରେ ଲାଗିଥିବା କ୍ୟାମେରା ଫୁଟେଜ ବ୍ୟବହାର କରି ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିଲା।



**୨୫ଜଣଙ୍କୁ ଚିହ୍ନଟ କଲା ପୁଲିସ**

## ଯୁଦ୍ଧମୁହାଁ ସାଉଦି ଆରବ-ୟୁଏଇ

**ରିୟାଦ/ଆବୁଧାବି,୮।୧:** ସାଉଦି ଆରବ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ମଧରେ ସମ୍ପର୍କ ତିକ୍ତ ହେବାରେ ଲାଗିଛି। ସାଉଦି ଆରବ ଗୁରୁବାର ୟୁଏଇ ଉପରେ ୟେମେନି ବିଚ୍ଛିନ୍ନତାବାଦୀ ନେତା ଏବଂ ଦକ୍ଷିଣ ଟ୍ରାଞ୍ଜିସନାଲ କାଉନସିଲ (ଏସଟିସି)ର ମୁଖ୍ୟ ଆଇଦାରସ ଅଲ-ଜୁବୈଦିଙ୍କୁ ୟେମେନରୁ ବହିଷ୍କାର କରି ଆବୁଧାବି ପଠାଇଥିବା ଅଭିଯୋଗ କରିଛି। ଅଲ-ଜୁବୈଦିଙ୍କ ବିରୋଧରେ ଦେଶଦ୍ରୋହ ଅଭିଯୋଗ ହୋଇଛି। ଏହି ଅଭିଯୋଗ ଉପରେ ୟୁଏଇ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ। ସାଉଦି ଆରବର ଏକ ସାମରିକ ବିବୃତିରେ କୁହାଯାଇଛି ଯେ, ଅଲ-ଜୁବୈଦି ଡଙ୍ଗା ଯୋଗେ ୟେମେନରୁ ସୋମାଲିଆ ପଳାଇଥିଲେ। ଏହା ପରେ ୟୁଏଇ ଅଧିକାରୀମାନେ ତାଙ୍କୁ ଏମିରେଟର ରାଜଧାନୀ ଆବୁଧାବିରେ ପହଞ୍ଚିବାରେ ସାହାଯ୍ୟ କରିଥିଲେ। ସାଉଦି ମିଳିତ ମେଣ୍ଟର ମୁଖପାତ୍ର ମେଜର ଜେନେରାଲ ତୁର୍କି ମଧ ଅଲ-ଜୁବୈଦିଙ୍କୁ ଖସିଯିବାରେ ସାହାଯ୍ୟ କରିଥିବା ବ୍ୟକ୍ତିଙ୍କ ନାମ କହିଥିଲେ। ସେହି ବ୍ୟକ୍ତିଙ୍କୁ ୟୁଏଇର ଜଣେ ମେଜର ଜେନେରାଲ ଭାବରେ ଚିହ୍ନଟ କରାଯାଇଥିଲା। ସାଉଦି ଆରବ ସେନା ନିଜର ବିବୃତିରେ ଏହା ମଧ ଉଲ୍ଲେଖ କରିଛି ଯେ, ଏହି ଅପରେସନରେ ଇଲିୟୁସିନ୍ ଇଲ୍-୭୬ ବିମାନ ବ୍ୟବହାର କରାଯାଇଥିଲା। ଏହି ବିମାନକୁ ପୂର୍ବରୁ ଇଥିଓପିଆ, ଲିବ୍ୟା ଏବଂ ସୋମାଲିଆ ଭଳି ସଂଘର୍ଷ ଅଞ୍ଚଳରେ ନିୟୋଜିତ କରାଯାଇଥିଲା।

### ଅଗ୍ନିବେଶଙ୍କ ପରେ କିଏ ସମ୍ଭାଳିବ ବେଦାନ୍ତ

## କାହା କାନ୍ଧରେ ରହିବ ୩୫ ହଜାର କୋଟିର ସାମ୍ରାଜ୍ୟ

**ନୂଆଦିଲ୍ଲୀ, ୮।୧:** ଦେଶର ଜଣେ ପ୍ରତିଷ୍ଠିତ ଶିଳ୍ପପତି ତଥା ବେଦାନ୍ତ ଗ୍ରୁପର ଅଧକ୍ଷ ଅନିଲ ଅଗ୍ରୱାଲଙ୍କ ପାଇଁ ୨୦୨୬ ବର୍ଷ ଏକ ବଡ଼ ଦୁଃଖ ସହ ଆରମ୍ଭ ହୋଇଛି। ତାଙ୍କର ୪୯ ବର୍ଷୀୟ ପୁତ୍ର ଅଗ୍ନିବେଶ ଅଗ୍ରୱାଲଙ୍କ ଅକାଳ ବିୟୋଗ ସମଗ୍ର ପରିବାରକୁ ଗଭୀର ଧକ୍କା ଦେଇଛି। ଆମେରିକାରେ ଚିକିତ୍ସିତ ହେଉଥିବା ବେଳେ ହୃଦଘାତରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଦୁଃଖଦ ଘଟଣା ପରେ ଏବେ ସମସ୍ତଙ୍କ ନଜର ବେଦାନ୍ତ ଗ୍ରୁପର ଉତ୍ତରାଧିକାରୀ ଉପରେ ରହିଛି। ପରିବାରରେ ତାଙ୍କ ପତ୍ନୀ କିରଣ ଅଗ୍ରୱାଲ, ପୁତ୍ର ଅଗ୍ନିବେଶ ଏବଂ କନ୍ୟା ପ୍ରିୟା ଅଗ୍ରୱାଲ ଅଛନ୍ତି। ଏକ ସାଧାରଣ କବାଡ଼ି ବ୍ୟବସାୟରୁ ନିଜର ଜୀବନ ଆରମ୍ଭ କରିଥିବା ଅନିଲ ଅଗ୍ରୱାଲ। ଫୋର୍ବସ ଅନୁଯାୟୀ, ଅଗ୍ରୱାଲ ପରିବାରର ମୋଟ ସମ୍ପତ୍ତି ପ୍ରାୟ ୩୫,୦୦୦ କୋଟି ଟଙ୍କା। ଅଗ୍ନିବେଶ ଅଗ୍ରୱାଲ ବ୍ୟବସାୟିକ ଦୁନିଆରେ ଜଣେ ଜଣାଶୁଣା ବ୍ୟକ୍ତି ଥିଲେ। ସେ ‘ଫୁଜେରା ଗୋଲ୍ଡ’ର ପ୍ରତିଷ୍ଠାତା ଥିବା ସହ ହିନ୍ଦୁସ୍ତାନ ଜିଙ୍କ୍‌ର ଅଧ୍ୟକ୍ଷ ମଧ୍ୟ ଥିଲେ। ତାଙ୍କର ଅକାଳ ବିୟୋଗ ପରେ ଏବେ ସମସ୍ତ ଦାୟିତ୍ୱ କନ୍ୟା ପ୍ରିୟା ଅଗ୍ରୱାଲଙ୍କ କାନ୍ଧକୁ ଆସିବାକୁ ଯାଉଛି। ପ୍ରିୟା ବର୍ତ୍ତମାନ ବେଦାନ୍ତ ଏବଂ ହିନ୍ଦୁସ୍ତାନ ଜିଙ୍କ୍‌ର ବୋର୍ଡ ସଦସ୍ୟା ଅଛନ୍ତି ଏବଂ ହିନ୍ଦୁସ୍ତାନ ଜିଙ୍କ୍‌ର ଚେୟାରପର୍ସନ ଭାବେ ବଡ଼ ଦାୟିତ୍ୱ ତୁଲାଉଛନ୍ତି। ଆଗାମୀ ଦିନରେ ସେ ବେଦାନ୍ତ ଗ୍ରୁପର ମୁଖ୍ୟ ଭୂମିକାରେ ନଜର ଆସିପାରନ୍ତି। ତେବେ ଅନିଲ ଅଗ୍ରୱାଲ ନିଜ ସମ୍ପତ୍ତିର ୭୫ ପ୍ରତିଶତ ସମାଜସେବା ପାଇଁ ଦାନ କରିବାକୁ ସଂକଳ୍ପ ନେଇଛନ୍ତି।



# ବିମାନ ବିକି ଋଣ ଶୁଝିବ ପାକିସ୍ତାନ

**ରିୟାଦ/ଇସଲାମାବାଦ,୮।୧:** ସାଉଦି ଆରବ ଏବଂ ପାକିସ୍ତାନ ଏକ ପ୍ରତିରକ୍ଷା ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ଚୁକ୍ତି ଅନୁଯାୟୀ ଆକ୍ରମଣ ସମୟରେ ଉଭୟ ଦେଶ ପରସ୍ପରକୁ ସାହାଯ୍ୟ କରିବେ। ପାକିସ୍ତାନ ଏବଂ ସାଉଦି ଆରବ ମଧରେ ଜେଏଫ୍-୧୭ ଲଢୁଆ ବିମାନ ଚୁକ୍ତିନାମା ସମ୍ପର୍କରେ ଆଲୋଚନା ଚାଲିଛି। ଏହି ଆଲୋଚନାର ମୂଳ କାରଣ ହେଉଛି ସାଉଦି ଆରବ ଜେଏଫ୍-୧୭ ଲଢୁଆ ବିମାନ କ୍ରୟ କରିବ ଏବଂ ପାକିସ୍ତାନର ୨ ବିଲିୟନ ଡଲାର ଋଣ ଏହା ଦ୍ୱାରା ଛାଡ ପାଇବ। ଦୁଇ ଦେଶ ମଧରେ ଏହି ଆଲୋଚନା ଏପରି ଏକ ସମୟରେ ହେଉଛି ଯେତେବେଳେ ସାଉଦି ଆରବ ୟେମେନରେ ୟୁଏଇ ବିରୋଧରେ ନିଜର ସାମରିକ ଶକ୍ତି ପ୍ରଦର୍ଶନ କରୁଛି। ଇସ୍ରାଏଲର କାତାର ଉପରେ ଆକ୍ରମଣ ପରେ ସାଉଦି ଆରବ ପାକିସ୍ତାନ ସହିତ ଏକ ସାମରିକ ଚୁକ୍ତିନାମା ସ୍ୱାକ୍ଷର କରିଛି। ପାକିସ୍ତାନ ବିଶ୍ୱର ଏକମାତ୍ର ମୁସଲିମ ବହୁଳ ଦେଶ ଯାହା ପାଖରେ ପରମାଣୁ ଅସ୍ତ୍ର ଅଛି।




ତେବେ ଏଭଳି ଚୁକ୍ତି ମାଧମରେ ଅସୀମ ମୁନିର ଏକ ମାଷ୍ଟରଷ୍ଟ୍ରୋକ୍ ଖେଳିଥିବା କୁହାଯାଉଛି। ୟୁଏଇକୁ ଜେଏଫ୍-୧୭ ବିମାନ ବିକି ପାକିସ୍ତାନ ନିଜର ଋଣ ଶୁଝିବାର ବାଟ ଖୋଜିଛି। ସାଉଦି ଆରବ ଜେଏଫ-୧୭ କିଣିବା ପାଇଁ ପାକିସ୍ତାନ ସହିତ ୪ ବିଲିୟନ ଡଲାରର ସମ୍ଭାବ୍ୟ ଚୁକ୍ତିନାମା ଉପରେ ଆଲୋଚନା କରିଛି। ପାକିସ୍ତାନ ଚୀନ୍ ସହାୟତାରେ ଜେଏଫ୍-୧୭ ବିକଶିତ କରିଛି। ସେଥିରେ ପାକିସ୍ତାନର ୩୫ ପ୍ରତିଶତ ଅଂଶଧନ ଅଛି ଏବଂ ଚୀନ୍‌ର ୬୫ ପ୍ରତିଶତ ଅଂଶଧନ ଅଛି।

ସାଉଦି ଆରବ ଏବଂ ପାକିସ୍ତାନ ମଧରେ ଦଶନ୍ଧି ଧରି ଭଲ ସମ୍ପର୍କ ରହିଛି। ଯେତେବେଳେ ବି ପାକିସ୍ତାନ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛି, ସାଉଦି ଆରବ ଋଣ ଦେଇ ଦେବାଳିଆ ହେବାରୁ ରକ୍ଷା କରିଛି। ଗତ ଆଠ ବର୍ଷ ମଧରେ, ସାଉଦି ଆରବ ପାକିସ୍ତାନର କେନ୍ଦ୍ରୀୟ ବ୍ୟାଙ୍କରେ ଅନେକ ଥର ନିଜର ଜମାକୁ ରୋଲଓଭର କରିଛି, ଯାହା ଯୋଗୁଁ ଇସଲାମାବାଦ ଦେବାଳିଆ ହେବାରୁ ରକ୍ଷା ପାଇଛି।

### ପଶ୍ଚିମବଙ୍ଗରେ ଶାହାଙ୍କ ଉପରେ ଗର୍ଜିଲେ ଦିଦି

# ଟିଏମ୍‌ସି ଆଇଟି ସେଲ୍ ମୁଖ୍ୟଙ୍କ କାର୍ଯ୍ୟାଳୟରେ ଇଡି ଚଢ଼ାଉ

**କୋଲକାତା, ୮।୧:** ପଶ୍ଚିମବଙ୍ଗରେ ଦେଖିବାକୁ ମିଳିଛି ହାଇ ଭୋଲଟେଜ୍ ଡ୍ରାମା। ମୁହାଁମୁହିଁ ହେଲେ ମମତା ବାନାର୍ଜୀ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅଧିକାରୀ। ପଲିଟିକାଲ କନସଲଟାନ୍ସି ଫାର୍ମର ଆଇ-ପ୍ୟାକର କିଛି କାର୍ଯ୍ୟାଳୟରେ ଚଢ଼ାଉ ବେଳେ ଅପ୍ରୀତିକର ପରିସ୍ଥିତି ଉପୁଜିଛି। ଯାହାକୁ ନେଇ ଟିଏମସି ନେତ୍ରୀ ମମତା ବାନାର୍ଜୀ ଇଡି ବିରୋଧରେ କାଗଜପତ୍ର ଚୋରି ଅଭିଯୋଗ ଆଣିଛନ୍ତି। ଏହାସହ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଦିଦି ଟାର୍ଗେଟ୍ କରିଛନ୍ତି।

ଗୁରୁବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମନି ଲଣ୍ଡରିଂ ମାମଲାରେ ଆଇ-ପ୍ୟାକର ଦୁଇଟି ସ୍ଥାନରେ ଚଢ଼ାଉ କରିଥିଲା। ପ୍ରଥମେ ଆଇ-ପ୍ୟାକ୍‌ର କର୍ମଚାରୀ ପ୍ରତୀକ ଜୈନଙ୍କ ଘରେ ରେଡ୍ ହୋଇଥିଲା। ଏହାପରେ ସଲ୍ଟ ଲେକ୍ ସେକ୍ଟର-



୫ ପାଖରେ ଥିବା କମ୍ପାନୀର କାର୍ଯ୍ୟାଳୟରେ ଚଢ଼ାଉ କରି ଅନେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଜବତ କରିଛି ଇଡି। ଏହି ସମସ୍ତ ଦସ୍ତାବିଜ ତୃଣମୂଳ କଂଗ୍ରେସ ସହ ଜଡିତ ବୋଲି କୁହାଯାଉଛି। ଚଢ଼ାଉ ଖବର ପରେ ଟିଏମସି କାର୍ଯ୍ୟକର୍ତ୍ତା ସଲ୍ଟ ଲେକ୍ ପାଖରେ ଥିବା କାର୍ଯ୍ୟାଳୟ ଆଗରେ ପାଟିତୁଣ୍ଡ କରିଥିଲେ। ଏପରିକି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମଧ ଘଟଣାସ୍ଥଳରେ ପହଞ୍ଚିଥିଲେ। ଯାହାକୁ ନେଇ ସେ କହିଛନ୍ତି ଯେ, ଇଡି ଟିଏମସିର ଫାଇଲ୍ସ ଉପରେ ଆଖି ରଖିଛି। ଇଡି ପ୍ରାର୍ଥୀଙ୍କ ତାଲିକା ଚୋରି କରିଛି। ଦଳ ଆଗାମୀ ନିର୍ବାଚନରେ କିପରି ରଣନୀତି ପ୍ରସ୍ତୁତ କରୁଛି ତାକୁ ହାତେଇବା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଚଢଉ କରିଥିଲା। ଘଟଣାକୁ ନେଇ ସେ ସିଧାସଳକ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଟାର୍ଗେଟ୍ କରିଛନ୍ତି। ଅମିତ ଶାହ ଟିଏମସିର ଜରୁରୀ କାଗଜପତ୍ର ତଥା ପ୍ରାର୍ଥୀଙ୍କ ତାଲିକା ଚାହୁଁଛନ୍ତି। ଟିଏମସିର ଜରୁରୀ କାଗଜପତ୍ର ଇଡି ନେଇଯାଉଛି ବୋଲି ଦିଦି ଅଭିଯୋଗ କରିଛନ୍ତି। ସେପଟେ ସଲ୍ଟ ଲେକ୍ ନିକଟରେ ଥିବା ଆଇ-ପ୍ୟାକ୍ କାର୍ଯ୍ୟାଳୟରୁ କିଛି ଫାଇଲ୍ସ ମମତାଙ୍କ ଗାଡିରେ ରଖାଯାଇଥିବା ମଧ ଦେଖିବାକୁ ମିଳିଛି। ତେବେ ଘଟଣାକୁ ନେଇ ବିଜେପି ନେତା ଶୁଭେନ୍ଦୁ ଅଧିକାରୀ ଇଡିର କାର୍ଯ୍ୟରେ ବାଧା ଦେଇଥିବାରୁ ମମତାଙ୍କୁ ସମାଲୋଚନା କରିଛନ୍ତି। ସୂଚନାଯୋଗ୍ୟ, ପ୍ରତୀକ ଜୈନ ହେଉଛନ୍ତି ଆଇ-ପ୍ୟାକ୍ ର ସହ ପ୍ରତିଷ୍ଠାତା। ଏହାସହ ସେ ଟିଏମସିର ଆଇସେଲ୍ ମୁଖ୍ୟ ମଧ ଅଟନ୍ତି ।

## ଫାଇଲ ଛଡ଼ାଇ ନେଇଗଲେ ମମତା

## ଆମେରିକା କବ୍‌ଜାରେ ରୁଷ ଟ୍ୟାଙ୍କର

# ତୁରନ୍ତ ୨୮ ସଦସ୍ୟଙ୍କୁ ଛାଡ଼ିବାକୁ ରୁଷର ଦାବି

**ଅଛନ୍ତି ୩ ଭାରତୀୟଙ୍କ ସମେତ ୨୬ ବିଦେଶୀ**

ନୂଆଦିଲ୍ଲୀ,୮।୧ଃ ଆମେରିକା ଜବତ କରିଥିବା ରୁଷ ତେଲ ଟ୍ୟାଙ୍କରରେ ରହିଛନ୍ତି ୩ ଭାରତୀୟ। ଏହି ତେଲ ଟ୍ୟାଙ୍କରରେ ୨୮ ଜଣ ସଦସ୍ୟ ରହିଥିଲେ। ବୁଧବାର ରୁଷ ପତାକା ଥିବା ମାରିନେରା ତେଲ ଟ୍ୟାଙ୍କରକୁ ଜବତ କରିଥିଲା ଆମେରିକା। କ୍ୟାରବିୟାନ ସିରୁ ସପ୍ତାହ ଧରି ପିଛା କରିବା ପରେ ଶେଷରେ ଉତ୍ତର ଆଟଲାଣ୍ଟିକ୍‌ରେ ଏହାକୁ ଜବତ କରାଯାଇଥିଲା। ଜାହାଜରେ ୧୭ ଜଣ ୟୁକ୍ରେନୀୟ, ୬ ଜଣ ଜର୍ଜିଆନ୍, ତିନିଜଣ ଭାରତୀୟ ନାଗରିକ ଏବଂ ଦୁଇ ଜଣ (ଜାହାଜର କ୍ୟାପ୍ଟେନ୍ ସମେତ) ରୁଷିଆନ୍ ନାଗରିକ ଥିଲେ। ଏହି ସମସ୍ତ ସଦସ୍ୟ ବର୍ତ୍ତମାନ ଆମେରିକୀୟ ଅଧିକାରୀଙ୍କ ହାତରେ ବନ୍ଦୀ ଅଛନ୍ତି। ସେମାନଙ୍କୁ କେବେ ମୁକ୍ତ କରାଯିବ ତାହା ସ୍ପଷ୍ଟ କରି ନାହାନ୍ତି ଆମେରିକା ସରକାର। ଏହି ଘଟଣାରେ ରୁଷ ପକ୍ଷରୁ ପ୍ରତିକ୍ରିୟା ଆସିଛି। ଜବତ ପରେ ଅଟକ ଥିବା ସମସ୍ତ କ୍ରୁ ମେମ୍ବରଙ୍କ ପ୍ରତି ମର୍ଯ୍ୟାଦାପୂର୍ଣ୍ଣ ଏବଂ ମାନବିକ ବ୍ୟବହାର ପାଇଁ ମସ୍କୋ ୱାଶିଂଟନକୁ ଅନୁରୋଧ କରିଛି। ଯଥାଶୀଘ୍ର ସମସ୍ତ ବିଦେଶୀ ନାଗରିକଙ୍କୁ ମୁକ୍ତ କରିବାକୁ ମଧ ରୁଷ ଦାବି କରିଛି। ବର୍ତ୍ତମାନ, ଆମେରିକୀୟ ଅଧିକାରୀମାନେ ସାମୁଦ୍ରିକ ଏବଂ ମଞ୍ଜୁରୀ ଆଇନ ଅନୁଯାୟୀ ଜାହାଜର ମାଲିକାନା ତଦନ୍ତ କରୁଛନ୍ତି।

## ନେପାଳରେ ମା'ଙ୍କ ନାମରେ ମିଳିବ ନାଗରିକତା

**କାଠମାଣ୍ଡୁ, ୮।୧ଃ** ନେପାଳ ସରକାରଙ୍କ ନାଗରିକତା ନିୟମାବଳୀ ୨୦୦୬ର ଚତୁର୍ଥ ସଂଶୋଧନକୁ ମଞ୍ଜୁରୀ ମିଳିବା ପରେ ଗେଜେଟରେ ପ୍ରକାଶିତ କରାଯାଇଛି। ଏଣୁ ଏବେ ପିତାଙ୍କ ପରିଚୟ ଅଜ୍ଞାତ ରହିବା ସ୍ଥଳରେ ମାଆଙ୍କ ନାମରେ ନେପାଳ ନାଗରିକତା ମିଳିବାର ଆଇନଗତ ବ୍ୟବସ୍ଥା ଦେଶରେ ଔପଚାରିକ ଭାବେ ଲାଗୁ ହୋଇଯାଇଛି। ସଂଶୋଧିତ ନିୟମାବଳୀକୁ ମନ୍ତ୍ରୀ ପରିଷଦ ଗତବର୍ଷ ଡିସେମ୍ବର ୨୫ ତାରିଖରେ ସ୍ୱୀକୃତି ଦେଇଥିଲା। ଏହାକୁ ଜାନୁୟାରୀ ୫ ତାରିଖରେ ନେପାଳ ରାଜପତ୍ରରେ ପ୍ରକାଶ କରାଯାଇଛି।

ସୂଚନା ଅନୁସାରେ ଗୃହମନ୍ତ୍ରାଳୟ ଦେଶର ସମସ୍ତ ୭୭ ଜିଲ୍ଲା ପ୍ରଶାସନକୁ ନୂଆ ବ୍ୟବସ୍ଥା ଲାଗୁ କରିବା ପାଇଁ ସର୍କୁଲାର ଜାରି କରିଛି। ଏହି ସଂଶୋଧନ ନେପାଳ ନାଗରିକତା ଅଧିନିୟମ ୨୦୨୫ ବ୍ୟବହାରରେ ଲାଗୁ କରିବା ପାଇଁ କରାଯାଇଛି। ଏହାକୁ ରାଷ୍ଟ୍ରପତି ମଞ୍ଜୁରୀ ଦେଇଥିଲେ। ନୂଆ ବ୍ୟବସ୍ଥାରେ ଯଦି ପିତା ଓ ମାତାଙ୍କ ମଧରୁ କେହି ଯଦି ଜନ୍ମ ଆଧାରରେ ନେପାଳ ନାଗରିକତା ପ୍ରାପ୍ତ କରିଥାନ୍ତି ଓ ଦ୍ୱିତୀୟ ଅଭିଭାବକ ନାଗରିକତା ପ୍ରାପ୍ତ କରିବା ପୂର୍ବରୁ ଯଦି ମୃତ୍ୟୁବରଣ କରନ୍ତି ଅଥବା ନିଖୋଜ ହୋଇଯାଆନ୍ତି ତେବେ ନିର୍ଦ୍ଧାରିତ ପ୍ରକ୍ରିୟାରେ ଆବଶ୍ୟକ କାଗଜପତ୍ର ପୂରଣ କଲେ ସନ୍ତାନକୁ ଅଙ୍ଗିକୃତ ନେପାଳୀ ନାଗରିକତା ପ୍ରଦାନ କରାଯାଇ ପାରିବ।

### ଚଢ଼ାଉ ସମୟରେ ବାଧା ଅଭିଯୋଗ

## କୋଲକାତା ହାଇକୋର୍ଟ ଗଲା ଇଡି



**କୋଲକାତା,୮।୧(ସଂଚାର ବ୍ୟୁରୋ):** କୋଇଲା ଚୋରା ଚାଲାଣ ମାମଲାର ତଦନ୍ତରେ ବାଧା ଦେବାର ଅଭିଯୋଗରେ କେନ୍ଦ୍ରୀୟ ତଦନ୍ତ ସଂସ୍ଥା ଇଡି କୋଲକାତା ହାଇକୋର୍ଟର ଦୃଷ୍ଟି ଆକର୍ଷଣ କରିଛି। ପ୍ରଶ୍ନଗତ, ଇଡି ଗୁରୁବାର ସକାଳ ୬ଟାରୁ ଆଇପ୍ୟାକ୍ କାର୍ଯ୍ୟାଳୟ ଏବଂ ଏହାର କର୍ଣ୍ଣଧାର ପ୍ରତୀକ ଜୈନଙ୍କ ଘରେ ଚଢ଼ାଉ କରିଥିଲା। ମଧାହ୍ନ ୧୨ଟା ସମୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପୁଲିସ କମିଶନର ଏବଂ ଉଚ୍ଚପଦସ୍ଥ ପୁଲିସ ଅଧିକାରୀଙ୍କ ସହିତ ପ୍ରତୀକ ଜୈନଙ୍କ ଘରେ ପହଞ୍ଚିଥିଲେ। ଏହାପରେ, ଇଡି ଚଢ଼ାଉ ସମୟରେ ମମତା ଆଇପ୍ୟାକ୍ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେ ଘୋଷଣା କରିଥିଲେ ଯେ ମାମଲା ସମାଧାନ ନହେବା ପର୍ଯ୍ୟନ୍ତ ଏବଂ ପ୍ରତୀକ ଜୈନ ସେଠାରେ ନ ପହଞ୍ଚିବା ପର୍ଯ୍ୟନ୍ତ ସେ ସେଠାରେ ରହିବେ। ସୂତ୍ର ଅନୁଯାୟୀ, ତଲାସୀ ଅଭିଯାନ ସମୟରେ ବଳପୂର୍ବକ ସେମାନଙ୍କଠାରୁ କାଗଜପତ୍ର ଛଡ଼ାଇ ନିଆଯାଇଥିବା ଇଡି ଅଭିଯୋଗ କରିଛି। ସେମାନେ ଇତିମଧ୍ୟରେ ଓକିଲଙ୍କ ସହ ପରାମର୍ଶ କରିଛନ୍ତି। ଏ ସମ୍ପର୍କରେ ସେମାନେ ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ଏହା ମଧ କୁହାଯାଇଛି ଯେ ସମ୍ପୂର୍ଣ୍ଣ ମାମଲା ଦିଲ୍ଲୀ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଏ ସମ୍ପର୍କରେ ଇଡି ବିଚାରପତି ଶୁଭ୍ରା ଘୋଷଙ୍କ ବେଞ୍ଚର ଦୃଷ୍ଟି ଆକର୍ଷଣ କରିଛି। ଏହି ମାମଲାର ଶୁଣାଣି ଶୁକ୍ରବାର ହେବାର ସମ୍ଭାବନା ରହିଛି। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କେନ୍ଦ୍ରୀୟ ତଦନ୍ତ ସଂସ୍ଥାର ପଦକ୍ଷେପକୁ କଡ଼ା ନିନ୍ଦା କରିଥିଲେ ଏବଂ ଏହାକୁ 'ରାଜନୈତିକ ଷଡ଼ଯନ୍ତ୍ର' ବୋଲି କହିଥିଲେ।

## ଜିଲ୍ଲାପାଳଙ୍କ ସହ ମୁଖ୍ୟ ମୁଖ୍ୟ ସଚିବଙ୍କ ପ୍ରଥମ ବୈଠକ

କୋଲକାତା,୮।୧(ସଂଚାର ବ୍ୟୁରୋ)ଃ ମୁଖ୍ୟ ସଚିବ ନନ୍ଦିନୀ ଚକ୍ରବର୍ତ୍ତୀ ଗୁରୁବାର ସମସ୍ତ ଜିଲ୍ଲାପାଳଙ୍କ ସହ ଏକ ବୈଠକ କରିଲେ। ମୁଖ୍ୟ ସଚିବ ହେବା ପରେ ଏହା ଜିଲ୍ଲାପାଳମାନଙ୍କ ସହିତ ପ୍ରଥମ ବୈଠକ। ପ୍ରାରମ୍ଭିକ ପର୍ଯ୍ୟାୟରେ, ଜିଲ୍ଲାପାଳମାନଙ୍କୁ ସେମାନଙ୍କ କାର୍ଯ୍ୟ ସହିତ ପରିଚିତ କରାଇଥିଲେ ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକଳ୍ପ ବିଷୟରେ ଆଲୋଚନା କରିଥିଲେ। ବିଧାନସଭା ନିର୍ବାଚନ ପାଖେଇ ଆସୁଛି।

ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପ୍ରକଳ୍ପଗୁଡ଼ିକୁ ସାରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ସଚିବ ନନ୍ଦିନୀ ଚକ୍ରବର୍ତ୍ତୀ ସେହି ପ୍ରକଳ୍ପଗୁଡ଼ିକର କାର୍ଯ୍ୟର ଅଗ୍ରଗତି ପଚାରି ବୁଝିଥିଲେ।

## ଓଡ଼ିଶାରେ ସ୍ଥାପନ ହେବ ପରମାଣୁ ଶକ୍ତି କେନ୍ଦ୍ର

**ନୂଆଦିଲ୍ଲୀ,୮।୧ଃ** ଓଡ଼ିଶାରେ ସ୍ଥାପନ ହେବ ପରମାଣୁ ଶକ୍ତି କେନ୍ଦ୍ର। ଦେଶର ସର୍ବବୃହତ୍ ବିଦ୍ୟୁତ୍ ଉତ୍ପାଦନକାରୀ ସଂସ୍ଥା ଏନଟିପିସି ଦେଶର ପରମାଣୁ ଶକ୍ତି କ୍ଷମତା ବୃଦ୍ଧି ସକାଶେ ଯୋଜନା ପ୍ରସ୍ତୁତ କରିଛି। ସ୍ୱଚ୍ଛ ଶକ୍ତିର ବ୍ୟବହାର ବୃଦ୍ଧି ଲକ୍ଷ୍ୟରେ ଓଡ଼ିଶା ସମେତ ପ୍ରାୟ ୬ଟି ରାଜ୍ୟରେ ୩୦ଟି ସମ୍ଭାବ୍ୟ ସ୍ଥାନକୁ ଚିହ୍ନଟ କରାଯାଇ ଅନୁଧ୍ୟାନ କରାଯାଉଛି। ଏହି ଯୋଜନାରେ ଓଡ଼ିଶା, ଗୁଜରାଟ ଓ ମଧ୍ୟପ୍ରଦେଶ ଭଳି ରାଜ୍ୟକୁ ସାମିଲ କରାଯାଇଛି। ତେବେ ସ୍ଥାନୀୟ ବିରୋଧ ଆଶଙ୍କାରେ ପ୍ରକଳ୍ପର ନିର୍ଦ୍ଦିଷ୍ଟ ସ୍ଥାନକୁ ଗୋପନ ରଖାଯାଇଛି। ଆଗାମୀ ୨୦୪୭ ସୁଦ୍ଧା ଭାରତର ୧୦୦ ଗିଗାୱାଟ୍ ପରମାଣୁ ଶକ୍ତି ଉତ୍ପାଦନ ଲକ୍ଷ୍ୟରେ ଏନଟିପିସି ଏକାକୀ ୩୦ ପ୍ରତିଶତ ଭାଗୀଦାରୀ ଲକ୍ଷ୍ୟ ରଖିଛି। ଚଳିତ ବର୍ଷ ମଧ୍ୟଭାଗ ସୁଦ୍ଧା ସ୍ଥାନ ଚୟନ ଚୂଡ଼ାନ୍ତ ହେବାର ସମ୍ଭାବନା ରହିଛି। ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଏନଟିପିସି ରୁଷିଆର 'ରୋସାଟମ୍' ଏବଂ ଫ୍ରାନ୍ସର 'ଇଡିଏଫ୍' ଭଳି ବିଶ୍ୱସ୍ତରୀୟ କମ୍ପାନୀ ସହ ବୈଷୟିକ ଆଲୋଚନା ଜାରି ରଖିଛି। ଆମେରିକା ଓ ଦକ୍ଷିଣ କୋରିଆର ସଂସ୍ଥା ସହ ମଧ ଯୋଗାଯୋଗ କରାଯାଇପାରେ। ନୂତନ ପରମାଣୁ କେନ୍ଦ୍ରଗୁଡ଼ିକ ଜନବସତିଠାରୁ ଅତିକମରେ ୧ କିଲୋମିଟର ଦୂରରେ, କମ୍ ଭୂକମ୍ପ ପ୍ରବଣ ଅଞ୍ଚଳ ଏବଂ ଜଳଉତ୍ସ ନିକଟରେ ନିର୍ମାଣ ହେବ।

● ଅନ୍ତର୍ଜାତୀୟ ଗଣତନ୍ତ୍ର ଓ ନିର୍ବାଚନ ପରିଚାଳନା

## ୨୧ରୁ ଭାରତରେ ହେବ ସମ୍ମିଳନୀ



ନୂଆଦିଲ୍ଲୀ,୮।୧ଃ ନୂଆଦିଲ୍ଲୀସ୍ଥିତ ଆଇଆଇସିଡିଇଏମରେ ଭାରତ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଆସନ୍ତା ଜାନୁଆରୀ ୨୧ ରୁ ୨୩ ପର୍ଯ୍ୟନ୍ତ ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ ଠାରେ ହେବାକୁ ଥିବା ଭାରତ ଅନ୍ତର୍ଜାତୀୟ ଗଣତନ୍ତ୍ର ଏବଂ ନିର୍ବାଚନ ପରିଚାଳନା ସମ୍ମିଳନୀ-୨୦୨୬ର ଆୟୋଜନ ଉପରେ ଆଲୋଚନା ହୋଇଥିଲା। ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏବଂ ନିର୍ବାଚନ କମିଶନର ଡା. ସୁଖବୀର ସିଂ ସନ୍ଧୁ ଓ ଡା. ବିବେକ ଜୋଶୀ ଅଂଶଗ୍ରହଣକାରୀମାନଙ୍କୁ ସମ୍ବୋଧିତ କରି ଆଇଆଇସିଡିଇଏମ୍ ୨୦୨୬ର ସୂକ୍ଷ୍ମତା ଏବଂ ସେମାନଙ୍କର ନିର୍ଦ୍ଦିଷ୍ଟ ଭୂମିକା ବିଷୟରେ ଅବଗତ କରାଇଥିଲେ। ସମ୍ମିଳନୀରେ ବିଶ୍ୱବ୍ୟାପୀ ନିର୍ବାଚନ ପରିଚାଳନା ସଂସ୍ଥାଗୁଡ଼ିକରୁ ପ୍ରାୟ ୧୦୦ ଅନ୍ତର୍ଜାତୀୟ ପ୍ରତିନିଧି ଅଂଶଗ୍ରହଣ କରିବେ।

## ଇସ୍ପାତ ଓ ଖଣି ମନ୍ତ୍ରୀଙ୍କ ଗୁଜରାଟ ଯାତ୍ରା



**ଭୁବନେଶ୍ୱର,୮।୧ (ସଂଚାର ବ୍ୟୁରୋ):** ଓଡ଼ିଶାର ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗୁଜରାଟର ଗାନ୍ଧୀନଗର ଅବସ୍ଥିତ ମହାତ୍ମା ମନ୍ଦିର କନଭେନ୍ସନ ଓ ପ୍ରଦର୍ଶନ କେନ୍ଦ୍ରରେ ଆୟୋଜିତ ରାଷ୍ଟ୍ରୀୟ ଖଣିଜ ଚିନ୍ତନ ଶିବିର-୨୦୨୬ ରେ ଯୋଗଦେବା ପାଇଁ ଗୁଜରାଟ ଅଭିମୁଖେ ଯାତ୍ରା କରିଛନ୍ତି। ଭାରତ ସରକାରଙ୍କ ଖଣିଜ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏହି ଜାତୀୟ ସ୍ତରର ଚିନ୍ତନ ଶିବିରରେ କେନ୍ଦ୍ର ଓ ରାଜ୍ୟମାନଙ୍କ ମଧରେ ସମନ୍ୱୟ ବଢ଼ାଇବା ସହିତ ଖଣିଜ କ୍ଷେତ୍ର ସଂପର୍କିତ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହେବ। ଶିବିରରେ ଖଣିଗୁଡ଼ିକର କାର୍ଯ୍ୟାନ୍ୱୟନ, କ୍ରିଟିକାଲ ମିନେରାଲ ମିଶନ, ପ୍ରଯୁକ୍ତିର ବ୍ୟବହାର, ଏବଂ ଖଣି ନିଲାମ ପ୍ରକ୍ରିୟା ସହିତ ସଂପୃକ୍ତ ବିଭିନ୍ନ ବିଷୟ ଉପରେ ଆଲୋଚନା ହେବ। କେନ୍ଦ୍ରୀୟ କୋଇଲା ଓ ଖଣିଜ ମନ୍ତ୍ରୀ ଜି.କିସନ ରେଡ୍ଡିଙ୍କ ସହିତ ଦେଶର ବିଭିନ୍ନ ରାଜ୍ୟର ଖଣିଜ ମନ୍ତ୍ରୀମାନଙ୍କ ସହିତ ପ୍ରଧାନ ସଚିବ ତଥା ଖଣିଜ କ୍ଷେତ୍ରରେ କାମ କରୁଥିବା ବିଭିନ୍ନ ଅନୁଷ୍ଠାନ ମଧ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ।

## ଚିଲିକା ପକ୍ଷୀ ମହୋତ୍ସବ ଉଦ୍‌ଯାପିତ

**ଭୁବନେଶ୍ୱର, ୮।୧(ସଂଚାର ବ୍ୟୁରୋ):** ଚିଲିକାରେ ଆୟୋଜିତ ତିନିଦିନିଆ ଷଷ୍ଠ ଜାତୀୟ ଚିଲିକା ପକ୍ଷୀ ମହୋତ୍ସବ ଓ ନୌକା ଦୌଡ଼ ପ୍ରତିଯୋଗିତା ସଫଳତାର ସହିତ ସମାପ୍ତ ହୋଇଛି। ଏହି ଉଦ୍‌ଯାପନୀ ସମାରୋହରେ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଚିଲିକା ହ୍ରଦ ବିଶ୍ୱର ଅନ୍ୟତମ ମହତ୍ତ୍ୱପୂର୍ଣ୍ଣ ପର୍ଯ୍ୟଟନ କେନ୍ଦ୍ର ଓ ଏହାକୁ ଆଗାମୀ ଦିନରେ ଆହୁରି ଉନ୍ନତ ଓ ଆକର୍ଷଣୀୟ କରିବା ପାଇଁ ନୌକା ଦୌଡ଼ ଭଳି କାର୍ଯ୍ୟକ୍ରମ ଅତ୍ୟନ୍ତ ଆବଶ୍ୟକ ବୋଲି ମନ୍ତ୍ରୀ କହିଥିଲେ। ଚିଲିକାର ମତ୍ସ୍ୟ ସମ୍ପଦ, ଜଳପଥ, ଯାତାୟତ ବ୍ୟବସ୍ଥା, ଫିଶ୍ ଜେଟି ଓ ପର୍ଯ୍ୟଟନ ଢାଞ୍ଚାକୁ ବିକଶିତ କରିବା ଉପଲକ୍ଷେ ଆଗାମୀ ତିନି ବର୍ଷ ମଧରେ ପ୍ରାୟ ୨୦୦ କୋଟି ଟଙ୍କା ବ୍ୟୟ କରାଯିବ ବୋଲି ସେ ମତ ରଖି ଥିଲେ। ଏହିଭଳି କାର୍ଯ୍ୟକ୍ରମ ସଫଳ ଭାବେ ସଂଚାଳନ ହେଲେ ଚିଲିକାକୁ ପ୍ରତିଦିନ ପ୍ରାୟ ଲକ୍ଷେ ପର୍ଯ୍ୟଟକ ଆସିବେ ବୋଲି ସେ ଆଶା ପ୍ରକାଶ କରିଥିଲେ।

## ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବଙ୍କ କାର୍ଯ୍ୟ ସମୀକ୍ଷା

**ଭୁବନେଶ୍ୱର,୮।୧(ସଂଚାର ବ୍ୟୁରୋ):** ଜଳସମ୍ପଦ ବିଭାଗର ପ୍ରମୁଖ ସଚିବ ଶାସନ ସଚିବ ଶୁଭା ଶର୍ମା ଆଜି ବରିଷ୍ଠ ଅଧିକାରୀଙ୍କ ବୈଠକରେ ଜଳସମ୍ପଦ ବିଭାଗର ବିଭିନ୍ନ କାର୍ଯ୍ୟକଳାପ ସମୀକ୍ଷା କରିଥିଲେ। ସମୀକ୍ଷା ସମୟରେ ରାଜ୍ୟରେ ଜଳସେଚନ ବୃଦ୍ଧି ପାଇଁ ପାଣିର ଉପଯୋଗ ସୁନିଶ୍ଚିତ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ବିଚାରାଧୀନ ପ୍ରକଳ୍ପଗୁଡ଼ିକର ଶୀଘ୍ର ଅନୁମୋଦନ ପାଇଁ ସେ ତ୍ୱରିତ ପଦକ୍ଷେପ ନେବା, ଟେଣ୍ଡର ପ୍ରକ୍ରିୟାକୁ ସମୟସୀମା ଭିତରେ ସାରିବା ଏବଂ ଚାଲୁଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ। ସମସ୍ତ ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଶୀତ ଉତ୍ସବ ଅନୁଷ୍ଠିତ




**ଭୁବନେଶ୍ୱର, ୮।୧ (ସଂଚାର ବ୍ୟୁରୋ) :** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସଂସ୍କୃତି ଭିତ୍ତିକ ବାର୍ଷିକ କାର୍ଯ୍ୟକ୍ରମ 'ଶୀତ ଉତ୍ସବ-୨୦୨୬' ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହାର ଉଦ୍‌ଘାଟନୀ ଉତ୍ସବରେ ବିଶିଷ୍ଟ ସ୍ଥପତି ପଦ୍ମ ବିଭୂଷଣ ଡ. ସୁଦର୍ଶନ ସାହୁ ଉଦ୍‌ଘାଟକ ଭାବେ ଯୋଗଦେଇ ମନଲୋଭା ଓ ମାର୍ମିକ ପରିବେଶରେ ଆୟୋଜିତ ଶୀତ ଉତ୍ସବର ଅଭିନବ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଓଡ଼ିଶାର ପ୍ରାଚୀନ ପରମ୍ପରା ଓ ସାଂସ୍କୃତିକ ବିଭବର ପ୍ରଚାର ଓ ପ୍ରସାର ନିମନ୍ତେ ଏହି ବିଶ୍ୱବିଦ୍ୟାଳୟର ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ । ପ୍ରକୃତି, ପ୍ରଗତି ଓ ସଂସ୍କୃତିର ସମନ୍ୱୟରେ ଆମ ସମାଜ ଋଦ୍ଧିମନ୍ତ ହୋଇଥାଏ ବୋଲି ସେ କହିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଅନନ୍ୟ ବିଶ୍ୱବିଦ୍ୟାଳୟରେ ପ୍ରକୃତିଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ ଏକ ଅଭିନବ ପରିକଳ୍ପନା ବୋଲି କହିଥିଲେ । ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଶିବପ୍ରସାଦ ଅଧିକାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆମର ସାଂସ୍କୃତିକ ପର୍ବପର୍ବାଣି ମାଧ୍ୟମରେ ପ୍ରକୃତିକୁ ଉପଭୋଗ କରିବାରେ ଶାଶ୍ୱତ ଓ ଚିରନ୍ତନ ଆନନ୍ଦ ମିଳିଥାଏ ବୋଲି କହିଥିଲେ। ଆକାଶବାଣୀ ବ୍ରହ୍ମପୁରର ପ୍ରାକ୍ତନ ନିର୍ଦ୍ଦେଶକ ଶ୍ରୀଯୁକ୍ତ ହୃଷିକେଶ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶୀତ ଉତ୍ସବ ମାଧ୍ୟମରେ ସାହିତ୍ୟ ଓ ସଂସ୍କୃତିଭିତ୍ତିକ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କୁ ପ୍ରକୃତି ମନସ୍କ କରିବା ସହ ସେମାନଙ୍କର ସାଂସ୍କୃତିକ ପ୍ରତିଭା ବିକାଶ ଦିଗରେ ସହାୟକ ହେବ ବୋଲି ମତ ଦେଇଥିଲେ । ବରିଷ୍ଠ ଶିକ୍ଷାବିତ୍ ପ୍ରଫେସର ସୁଦୀପ୍ତା ପାଣିଗ୍ରାହୀ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ନୃତ୍ୟ, ସଙ୍ଗୀତ ଓ ସାହିତ୍ୟ ମାଧ୍ୟମରେ ପ୍ରକୃତିଭିତ୍ତିକ କାର୍ଯ୍ୟକ୍ରମରେ ଆମେ ସ୍ୱର୍ଗୀୟ ଚେତନାକୁ ଅନୁଭବ କରିଥାଉ ବୋଲି କହିଥିଲେ। କୁଳପତି ପ୍ରଫେସର ସ୍ୱାଇଁ ତାଙ୍କ ସଭାପତିତ୍ୱ ଅଭିଭାଷଣରେ ଶୀତ ଉତ୍ସବ ଭଳି ଋତୁଭିତ୍ତିକ କାର୍ଯ୍ୟକ୍ରମ ଜରିଆରେ ଛାତ୍ରଛାତ୍ରୀମାନଙ୍କର ଅନ୍ତର୍ନିହିତ କଳାଶକ୍ତିକୁ ପ୍ରଦର୍ଶନ କରିବାରେ ଉତ୍ସାହିତ କରିବା ଏହିଭଳି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ବୋଲି କହିଥିଲେ । କୁଳସଚିବ ଶ୍ରୀମତୀ ଅନାମିକା ଅଧିକାରୀ ଶୀତ ଉତ୍ସବ ଆୟୋଜନର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିବା ସହ ଏହା ଛାତ୍ରଛାତ୍ରୀଙ୍କ କଳାତ୍ମକ ପ୍ରତିଭା ବିକାଶରେ ସହାୟକ ହେବ ବୋଲି କହିଥିଲେ। ଏହି ଅବସରରେ ପ୍ରଫେସର ଚକ୍ରଧର ବେହେରା ଓ ଡ. ସସ୍ମିତା କାମିଲାଙ୍କ ଦୃଶ୍ୟକଳା ଓ ବ୍ୟାବହାରିକ କଳା ସଂପର୍କିତ ପୁସ୍ତକ ଲୋକାର୍ପିତ ହୋଇଥିଲା। ଅଧ୍ୟାପକ ଜ୍ଞାନରଞ୍ଜନ ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କି ସଙ୍କେତ...

ଅଛନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି କେବଳ କ୍ରୀତଦାସଙ୍କ ପୋଷ୍ଟର ନୁହେଁ, ସଜାତା ସାହୁ ଓ ପ୍ରଫୁଲ୍ଲ ଘଡେଇଙ୍କ ପୋଷ୍ଟରକୁ ମଧ ଗେରୁଆ କରିଦିଆଯାଇଛି। ପ୍ରଶ୍ନ ଉଠୁଛି ଯାଜପୁର ଜିଲ୍ଲାର ଛାତି ଉପରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି, ଆଉ ସେଥିରେ କ୍ରୀତଦାସ ଗେରୁଆ ହେବେ କେମିତି। ଯିଏ ଯାଜପୁର ବିଜେଡିର ମଙ୍ଗ ଧରିଛନ୍ତି ବୋଲି ଦାବି କରୁଛନ୍ତି ତାଙ୍କୁ ଗେରୁଆମୟ କରିଦିଆଗଲା, ତାହାପୁଣି ତାଙ୍କ ଅଜାଣତରେ। ଏକଥାକୁ ବହୁ ରାଜନୈତିକ ସମୀକ୍ଷକ ହଜମ କରିପାରୁନାହାଁନ୍ତି।

କିଛି ଯାଜପୁରିଆ ସାମ୍ବାଦିକ ଯୁକ୍ତି ହେଉଛି, ଜିଲ୍ଲାରେ କ୍ରୀତଦାସ ବିଜେଜିର ପରିଚୟ। ତେଣୁ ତାଙ୍କ ପୋଷ୍ଟରକୁ ସବୁଜ କରିବା ପରିବର୍ତ୍ତେ ଗେରୁଆମୟ କରାଯିବା କେବଳ ପ୍ରିଣ୍ଟିଂ ତ୍ରୁଟି ନୁହେଁ, ଉଦ୍ଦେଶ୍ୟମୂଳକ। ସେ କୌଣସି ପଦପଦବୀ ନଥିବାରୁ ଏବେ ରାଜ୍ୟସଭା ପାଇଁ ଲବି କରୁଥିବା ଚର୍ଚ୍ଚା ହେଉଛି। କିନ୍ତୁ ନବୀନ ପଟ୍ଟନାୟକ ଏହାକୁ ଗ୍ରହଣ କରୁନଥିବାରୁ ସେ ଜାଣିଶୁଣି ନିଜ ପୋଷ୍ଟର ଗେରୁଆ କରାଇଛନ୍ତି। ଆଉ ଏହି ପୋଷ୍ଟର ଜରିଆରେ ସେ ସୁପ୍ରିମୋଙ୍କୁ ପରୋକ୍ଷ ଧମକ ଦେବାକୁ ଚେଷ୍ଟା କରୁଛନ୍ତି। ଚାଲ ଧରାପଡିଯିବା ଭୟରେ ସେ ଜାଣିଶୁଣି ସୁଜାତ ଓ ପ୍ରଫୁଲ୍ଲ ଘଡେଇଙ୍କ ପୋଷ୍ଟରକୁ ମଧ ଗେରୁଆ କରାଇଛନ୍ତି।

### ଚଳିତ...

ତା'ଛଡ଼ା ପୂର୍ବରୁ କୌଣସି କାରଣରୁ ବାଦ ପଡିଥିବା ଓ ଅଭିଯୋଗ ଶୁଣାଣିର ତଦନ୍ତ ପରେ ଯୋଡିହୋଇଥିବା ୨୪ ହଜାର ୧୮ ଜଣ ହିତାଧିକାରୀ ଓ ଅନ୍ୟ ୨ ଲକ୍ଷ ୫୫ ହଜାର ୨୨୬ ଜଣ ହିତାଧିକାରୀଙ୍କୁ ମିଶାଇ ମୋଟ ୪ ଲକ୍ଷ ୫୭ ହଜାର ୬୮୧ ଜଣ ହିତାଧିକାରୀଙ୍କୁ ବକେୟା ସୁଭଦ୍ରା ସହାୟତା କିସ୍ତି ପ୍ରଦାନ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆଜିର ବୈଠକରେ ଆସନ୍ତା ଆସନ୍ତା ମାର୍ଚ୍ଚ ୮ରେ ଅନ୍ତର୍ଜାତୀୟ ମହିଳା ଦିବସରେ ପ୍ରଦାନ କରାଯିବାକୁ ଥିବା ଚତୁର୍ଥ କିସ୍ତି ସମ୍ପର୍କରେ ମଧ ଆଲୋଚନା ହୋଇଛି। ସମସ୍ତ ଯୋଗ୍ୟ ହିତାଧିକାରୀମାନଙ୍କୁ ଚତୁର୍ଥ କିସ୍ତି ସୁନିଶ୍ଚିତ କରିବା ପାଇଁ ବୈଠକରେ ସ୍ଥିର ହୋଇଥିବା ଜଣାପଡ଼ିଛି।

### ଯୋଗାଣ...

ଏମାନଙ୍କୁ ମାସକୁ ୩୫୦୦ ଟଙ୍କା ମିଳୁଥିବାବେଳେ ପରେ ତାହା ୪୦୦୦, ଏହାପରେ ୬୦୦୦ ଏବଂ ଶେଷରେ ୮୦୦୦ ଟଙ୍କାକୁ ବଢିଥିଲା।

ରାଜ୍ୟର ୨୧ଟି ଜିଲ୍ଲାରେ କାର୍ଯ୍ୟରତ ଏହି ଯୋଗାଣ ସହାୟକମାନେ ସେମାନଙ୍କର ପାରିଶ୍ରମିକ ବୃଦ୍ଧି ପାଇଁ ସରକାରଙ୍କ ନିକଟରେ ଗୁହାରି କରିଥିଲେ। ସରକାର ବି ବାସ୍ତବତାକୁ ହୃଦୟଙ୍ଗମ କରି ଏହି ମେଧାବୀମାନଙ୍କ ପାଉଣା ମାସକୁ ୧୫ହଜାର କରିବାକୁ ନିଷ୍ପତ୍ତି ନେଇଥିଲେ। ଏମାନଙ୍କ ଅନ୍ୟ ଦାବି ମଧ୍ୟରେ ୧୩ବର୍ଷ ଧରି କାର୍ଯ୍ୟରତ କର୍ମଚାରୀଙ୍କୁ ନିୟମିତ କରିବା ମଧ ରହିଥିଲା। ହେଲେ ଦରମା ବୃଦ୍ଧି ଉପରେ ସରକାର କିଛୁ ସହୃଦୟତାର ସହ ବିଚାର କରିଥିଲେ। କିନ୍ତୁ ବର୍ଷେ ହେଲାଣି ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରୁ ନାହିଁ। ପାଉଣା ବୃଦ୍ଧିକୁ ଚାତକ ଭଳି ଚାହିଁଥିବା ଏହି ମେଧାବୀମାନେ ଏବେ ନିଜ କର୍ମକୁ ନିନ୍ଦିବା ଆରମ୍ଭ କରିଛନ୍ତି।

### ଶିଳ୍ପାୟନରେ...

ଏବେ ଶିଳ୍ପାୟନରେ ଆତ୍ମନିର୍ଭର ହେବାକୁ ଯାଉଛି। ଏହାଦ୍ୱାରା ରାଜ୍ୟ ସରକାର ଆସନ୍ତା ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ନେଇ ରଖିଥିବା ଲକ୍ଷ୍ୟ ମଧ ହାସଲ କରିବେ।

ଆଜି ଇସ୍ପାତଠାରୁ ଆରମ୍ଭ କରି ରେୟାର ଆର୍ଥ, ଅଟୋମୋବାଇଲ, ସେମିକଣ୍ଡକ୍ଟର, ଫେରୋ ଆଲଏ, ଶକ୍ତି ଓ ଅକ୍ଷୟ ଶକ୍ତି ସମ୍ପର୍କିତ ୭ଟି ପ୍ରକଳ୍ପକୁ ଆଜି ମଞ୍ଜୁରୀ ମିଳିଛି। ଏହିସବୁ ପ୍ରକଳ୍ପ ଗଞ୍ଜାମ, ଢେଙ୍କାନାଳ, ଖୋର୍ଦ୍ଧା ଓ କେନ୍ଦୁଝରରେ ପ୍ରତିଷ୍ଠା ହେବ। ଆଜି ୩୫ ହାଜର କୋଟି ଟଙ୍କାର ଇସ୍ପାତ ପ୍ରକଳ୍ପକୁ ମଧ ମୁଖ୍ୟମନ୍ତ୍ରୀ ମଞ୍ଜୁରୀ ଦେଇଛନ୍ତି। ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଗ୍ରୁପର ସାଫ୍ରନ ରିସୋର୍ସେସ ପକ୍ଷରୁ ଢେଙ୍କାନାଳ ଜିଲ୍ଲାରେ ୩୫ ହଜାର କୋଟି ଟଙ୍କା ପୁଂଜିନିବେଶରେ ୬ ନିୟୁତ ଟନ ଇସ୍ପାତ କାରଖାନା ପ୍ରତିଷ୍ଠା କରାଯିବ। ଏହି ପ୍ରସ୍ତାବକୁ ଆଜି ଉଚ୍ଚକ୍ଷମତା ସମ୍ପନ୍ନ କମିଟି ମଞ୍ଜୁରୀ ଦେଇଛି। ସେହିଭଳି ଜିନ୍ଦଲ ପଲି ଫିଲ୍ମସ ପକ୍ଷରୁ ଗଞ୍ଜାମ ଜିଲ୍ଲାରେ ୧୨ହଜାର କୋଟି ନିବେଶ କରି ଶୂନ ଦଶମିକ ୫ ନିୟୁତ ଟନ କ୍ଷମତା ସମ୍ପନ୍ନ ଟିଟାନିୟମ ଡାଇଅକ୍ସାଇ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ। ଏହାଦ୍ୱାରା ୪ ହଜାର ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଗଞ୍ଜାମ ଜିଲ୍ଲାରେ ସେହିଭଳି ଏକ ପ୍ରତିଷ୍ଠିତ ଜାତୀୟ କମ୍ପାନୀ ୧୬୯୭ କୋଟି ନିବେଶରେ ଟାୟାର, କାର୍ବନ ବ୍ଲାକ ଓ ଜିଙ୍କ ଅକ୍ସାଇଡ କାରଖାନା ପ୍ରତିଷ୍ଠା କରିବ। ଏହାଦ୍ୱାରା ୬୮୫ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସାମକୋଡ ସେମି ପ୍ରାଇଭେଟ ଲିମିଟେଡ ପକ୍ଷରୁ ଖୋର୍ଦ୍ଧାରେ ୧୬୪୯ କୋଟି ବ୍ୟୟ ଅଟକଳରେ ସେମିକଣ୍ଡକ୍ଟର ଆସେମ୍ବ୍ଲି ଓ ଟେଷ୍ଟିଂ ୟୁନିଟ ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ରହିଛି। ଢେଙ୍କାନାଳରେ ୧୩ଶହ କୋଟି ପୁଂଜିନିବେଶରେ ଏୟାର ପ୍ରଡକ୍ଟସ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଏୟାର ସେପାରେସନ ୟୁନିଟ ପ୍ରତିଷ୍ଠା କରିବ। କେନ୍ଦୁଝରରେ ୨ହଜାର କୋଟି ବ୍ୟୟ ଅଟକଳରେ ଫେରୋ ଆଲଏଜ କର୍ପୋରେସନ ଫେରୋ ମାଙ୍ଗାନିଜ ଓ ସିଲିକୋ ମାଙ୍ଗାନିଜ କାରଖାନା ପ୍ରତିଷ୍ଠା କରିବ। ଏଥିସହିତ ଢେଙ୍କାନାଳରେ ଜିଏମଆର କମଳାଙ୍ଗ ୨୧୩୬ କୋଟି ନିବେଶରେ ପ୍ରତିଷ୍ଠା କରିବ ୩୫୦ ମେଗାୱାଟ କ୍ଷମତା ସମ୍ପନ୍ନ ତାପଜ ବିଦ୍ୟୁତ କେନ୍ଦ୍ର। ଏହିସବୁ ପ୍ରକଳ୍ପକୁ ଆଜି ଉଚ୍ଚକ୍ଷମତା ସମ୍ପନ୍ନ କମିଟିର ଅନୁମୋଦନ ମିଳିଛି। ପ୍ରକଳ୍ପ କାମ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### କେନ୍ଦ୍ର...

ଚତୁପାର୍ଶ୍ୱରେ ବ୍ୟାପକ ଚାରା ରୋପଣ ମାଧ୍ୟମରେ 'ଗ୍ରୀନ୍ ବଫର୍' ସୃଷ୍ଟି କରିବା ସହ ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଏନସିଏପି) ଅନ୍ତର୍ଗତ ଲକ୍ଷ୍ୟ ଧାର୍ଯ୍ୟ ଯୋଜନାଗୁଡ଼ିକର ସମ୍ପ୍ରସାରଣ କରିବା ପାଇଁ ସେ ପ୍ରସ୍ତାବ ଦେଇଛନ୍ତି। ସେ ଆହୁରି ମଧ୍ୟ ଦର୍ଶାଇଛନ୍ତି ଯେ ଗ୍ରେଡେଡ୍ ରେସପନ୍ସ ଆକ୍ସନ ପ୍ଲାନ (ଜିଆରଏପି) ଅନ୍ତର୍ଗତ ନିଆଯାଉଥିବା ପଦକ୍ଷେପଗୁଡ଼ିକ ସାମୟିକ। ତେଣୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଜିଲ୍ଲା ପ୍ରଶାସନ ଓ ବିଭିନ୍ନ ଶିଳ୍ପ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରି ଏକ ସ୍ଥାୟୀ ସମାଧାନ ବାହାର କରିବା ଆବଶ୍ୟକ। ଅନୁଗୋଳ ଓ ତାଳଚେର ଅଞ୍ଚଳବାସୀଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ପାଇଁ ଶ୍ରୀ ପ୍ରଧାନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗ ଉପରେ ଗୁରୁତ୍ୱାରୋପ କରିଛନ୍ତି।

### ଫୋକସରେ...

ମୁଖ୍ୟମାନେ ଦେବେ ଆକ୍ସନ ପ୍ଲାନ। ଏଥିସହ ବିକଶିତ ଓଡିଶା ୨୦୩୬ ଓ ବିକଶିତ ଭାରତ ୨୦୪୭କୁ ଦୃଷ୍ଟିରେ ରଖି ସବୁ ବିଭାଗୀୟ ମୁଖ୍ୟ ଅନ୍ୟୂନ ୫ଟି ନୂଆ ଯୋଜନାର ପ୍ରସ୍ତାବ ଦେବେ। ବଡ଼ ବଜେଟ ସହ ଉଚ୍ଚାଭିଳାଷୀ ଲକ୍ଷ୍ୟ ହାସଲ କରିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ବିଭାଗୀୟ ଅଧିକାରୀମାନେ ନିଜ ନିଜର ରୋଡମ୍ୟାପ ପ୍ରସ୍ତୁତ କରିବେ। ଏହା ପୂର୍ବରୁ ରାଜ୍ୟ ସରକାର ସାଧାରଣ ଲୋକଙ୍କଠାରୁ ପ୍ରସ୍ତାବ ମାଗିଥିଲେ। ୨୦୨୪-୨୫ ଆର୍ଥିକ ବର୍ଷ ତୁଳନାରେ ୨୦୨୫-୨୬ ପାଇଁ ରାଜ୍ୟ ସରକାର ବଜେଟ ଆକାରରେ ୯.୪ ପ୍ରତିଶତ ବୃଦ୍ଧି କରିଥିଲେ। ୨୦୨୪-୨୫ରେ ୨ ଲକ୍ଷ ୬୫ ହଜାର କୋଟିର ବଜେଟ୍ ପ୍ରସ୍ତୁତ ହୋଇଥିଲା। ୨୦୨୫-୨୬ରେ ବଜେଟ ଆକାର ୨ ଲକ୍ଷ ୯୦ ହଜାର କୋଟିକୁ ବଢ଼ିଥିଲା। ଏଥିରେ କୃଷି ପାଇଁ କେବଳ ୩୭ ହଜାର ୮୩୮ କୋଟିର ବ୍ୟୟ ଅଟକଳ ପ୍ରସ୍ତୁତ କରିଥିଲେ। ଏଥିସହ ୨୦୨୫ ଡିସେମ୍ବରରେ ସରକାର ଆଣିଲେ ୧୭ ହଜାର ୪୪୦ କୋଟିର ଅତିରିକ୍ତ ବଜେଟ। ଏମିତି ମୂଳ ବଜେଟ ଓ ଅତିରିକ୍ତ ବଜେଟକୁ ମିଶାଇଲେ ରାଜ୍ୟ ସରକାର ବର୍ଷକ ପାଇଁ ୩ ଲକ୍ଷ ୭ ହଜାର ୪୪୦ କୋଟି ଟଙ୍କା ବ୍ୟୟ ଅଟକଳ କରିଛନ୍ତି। ଖୋଦ ସରକାରୀ ହିସାବ କହୁଛି ଯେ ଡିସେମ୍ବର ସୁଦ୍ଧା ରାଜ୍ୟ ସରକାରଙ୍କ ପ୍ରଶାସନିକ ଖର୍ଚ୍ଚ ଥିଲା ୪୪ ପ୍ରତିଶତ ଓ କାର୍ଯ୍ୟକ୍ରମ ଖର୍ଚ୍ଚ ଥିଲା ୩୬ ପ୍ରତିଶତ। ଏଭଳି ସ୍ଥିତିରେ ୩ ଲକ୍ଷ ୭ ହଜାର ୪୪୦ କୋଟିର ବଜେଟ କେମିତି ସରକାର ସାରିପାରିବେ, ତାକୁ ନେଇ ପ୍ରଶ୍ନ ଉଠିଛି।

### ଆନ୍ଦୋଳନରୁ...

ହୋଇଛି। ଆନ୍ଦୋଳନ ସ୍ଥଗିତ ରଖିବାକୁ ସଂଘ ନିଷ୍ପତ୍ତି ନେଇଛି। ସେମାନଙ୍କ ଦାବି ପୂରଣ ନେଇ କମିଟି ଗଠନ ହୋଇଛି। ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଗଠିତ ଏହି କମିଟିରେ ସ୍ୱାସ୍ଥ୍ୟ ବିଭାଗ, ଅର୍ଥ ବିଭାଗ, ଆଇନ ବିଭାଗ ସଚିବ ସଦସ୍ୟ ରହିଛନ୍ତି। ସେମାନଙ୍କ ଦାବିକୁ ବିଚାର କରି ଉପଯୁକ୍ତ ପଦକ୍ଷେପ ନିଆଯିବ।

ଡାକ୍ତରଙ୍କ ଆନ୍ଦୋଳନ ରୋକିବାକୁ ବଡ଼ ପଦକ୍ଷେପ ନେଇଥିଲେ ସରକାର। ସାରା ଓଡ଼ିଶାରେ ଡାକ୍ତରମାନେ ପ୍ରତିଦିନ ଦୁଇ ଘଣ୍ଟା ଧରି ଓପିଡିରେ ବସୁ ନ ଥିବାରୁ ଅତ୍ୟାବଶ୍ୟକ ସେବା ତଥା ରକ୍ଷଣାବେକ୍ଷଣ ଆଇନ, ୧୯୮୮ ଅନୁଯାୟୀ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ନିୟମ ଅନୁଯାୟୀ, ୬ ମାସ ପାଇଁ ରାଜ୍ୟର ସମସ୍ତ ସରକାରୀ ଏବଂ ଅନୁଦାନପ୍ରାପ୍ତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଡାକ୍ତର, ନର୍ସ, ଫାର୍ମାସିଷ୍ଟ, ପାରାମେଡିକ୍ସ, ଟେକ୍ନିସିଆନ୍, ତୃତୀୟ ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀ ଏବଂ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ଧର୍ମଘଟକୁ ନିଷେଧ କରାଯାଇଛି।

ଏନେଇ ଗୃହ ବିଭାଗ ପକ୍ଷରୁ କଡ଼ା ନିର୍ଦ୍ଦେଶନାମା ଜାରି ହୋଇଥିଲା। ଜିଲ୍ଲା ମୁଖ୍ୟାଳୟ, ଉପଖଣ୍ଡ ଡାକ୍ତରଖାନା, ଏରିଆ ହସ୍ପିଟାଲ୍, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ମେଡିକାଲ କଲେଜ, ଆଚାର୍ଯ୍ୟ ହରିହର ପୋଷ୍ଟ ଗ୍ରାଜୁଏଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ୟାନସର, ଆଞ୍ଚଳିକ ମେରୁଦଣ୍ଡ ଆଘାତ କେନ୍ଦ୍ର, ଜେଲ୍ ଏବଂ ପୁଲିସ ହସ୍ପିଟାଲଗୁଡ଼ିକ ଉପରେ କାର୍ଯ୍ୟକାରୀ ହେବ ବୋଲି କୁହାଯାଇଥିଲା। ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯେପରି କୌଣସି ଅସୁବିଧା ନ ହୁଏ ଓ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏପରି ପଦକ୍ଷେପ ନିଆଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଥିଲା।

### ବିନା...

ବଡ଼ ପ୍ରଶ୍ନବାଚୀ ହୋଇଛି। ଗୋଟିଏ ପଟେ ଭକ୍ତ ଦଳ ସଜଡ଼ାରେ ବିଳମ୍ବ କରୁଥିବା ବେଳେ ଅନ୍ୟପଟେ ଦଳର ଆଗଧାଡ଼ିର ନେତାମାନେ ଦଳ ବଳ ସହ ବାଟ କାଟିବା ଚକ୍କରରେ ରହିଛନ୍ତି। ବିଶେଷକରି ରାଜ୍ୟରେ ନୂଆ ଆଞ୍ଚଳିକ ଦଳ ଗଠନ ପ୍ରକ୍ରିୟା ଆରମ୍ଭ ଖବର ପାଇବା ପରେ ଅସନ୍ତୁଷ୍ଟମାନେ ନିଜ ନିଜ ଭବିଷ୍ୟତ ଚିନ୍ତାରେ ରହିଲେଣି। ବର୍ତ୍ତମାନ ରାଜ୍ୟରେ ବିଜେଡିର ଯୁବ ଓ ଛାତ୍ର ସଂଗଠନ ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ଘେରୁଥିବା ବେଳେ କଂଗ୍ରେସ କ'ଣ ପଦକ୍ଷେପ ଗ୍ରହଣ କରିବ, ତାହାକୁ ଦଳୀୟ କର୍ମୀମାନେ ଅପେକ୍ଷା କରିଥିବା ବେଳେ ଭକ୍ତ କେବେ ଘର ସଜାଡ଼ି ପୂର୍ଣ୍ଣ କ୍ଷମତାର ସହ ରାଜ୍ୟର ବିଜେପି ସରକାରର ମୁକାବିଲା କରିବେ, ତାହାକୁ ନେଇ ଦଳ ଭିତରେ ଆଲୋଚନା ଚାଲିଛି। ଯଦି ସଂଗଠନ ସଜାଡ଼ିବାରେ ବିଳମ୍ବ ହୁଏ, ତା'ହେଲେ ଆଗାମୀ ପୌର ଓ ପଞ୍ଚାୟତ ନିର୍ବାଚନ ମୁକାବିଲାରେ ଦଳ ପୁଣି ପୁରୁଣା ଦଶା ଭୋଗିବ ବୋଲି କର୍ମୀମାନେ ଆଲୋଚନା କରୁଛନ୍ତି।

## ଓଡ଼ିଶା ପଲିଟେକନିକ୍ ରାଙ୍କିଙ୍ଗର ଚତୁର୍ଥ ସଂସ୍କରଣ ପ୍ରକାଶନ



**ଭୁବନେଶ୍ୱର,୮।୧(ସଂଚାର ବ୍ୟୁରୋ):** ୨୦୨୩-୨୦୨୪ ବର୍ଷ ପାଇଁ ରାଜ୍ୟ ବୈଷୟିକ ଶିକ୍ଷା ଓ ତାଲିମ୍ ପରିଷଦର ଅଡିଟୋରିୟମରେ ଓଡ଼ିଶାର ପଲିଟେକ୍ନିକ୍ ରାଙ୍କିଙ୍ଗ ପ୍ରକାଶ କରିଛନ୍ତି ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। କଟକସ୍ଥିତ ଭୁବନାନନ୍ଦ ଓଡିଶା ସ୍କୁଲ ଅଫ୍ ଇଞ୍ଜିନିୟରିଂ ରାଙ୍କିଙ୍ଗରେ ସର୍ବୋଚ୍ଚ ସ୍ଥାନ ହାସଲ କରିଛି।


ରାଜ୍ୟରେ ବୈଷୟିକ ଶିକ୍ଷାର ବିକାଶ ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱାରୋପ କରିଥିଲେ। ରାଙ୍କିଙ୍ଗ ବ୍ୟବସ୍ଥା ଓଡିଶାର ଯୁବବର୍ଗକୁ ଶିଳ୍ପ ଉପଯୋଗୀ କରିବାରେ ସାହାଯ୍ୟ କରିଛି। ଏହାସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା ବଢ଼ାଇଛି। ସମସ୍ତ ଅଧକ୍ଷ ଅଧକ୍ଷାମାନଙ୍କୁ ସମୟସୀମା ମଧ୍ୟରେ ଆକ୍ସନପ୍ଲାନ୍ ପ୍ରସ୍ତୁତ କରିବାକୁ ମନ୍ତ୍ରୀ କହିଥିଲେ। ଏହା ଅନୁଷ୍ଠାନର ସାମଗ୍ରିକ ବିକାଶ, ଶୈକ୍ଷିକ ଗୁଣବତ୍ତା, ଅଧ୍ୟାପକଙ୍କ ଦକ୍ଷତା ବୃଦ୍ଧି, ଶିଳ୍ପ ସଂପୃକ୍ତି, ଭିତ୍ତିଭୂମି ବ୍ୟବହାର ଏବଂ ପରିଚାଳନାଗତ ସଂସ୍କାରକୁ ଫୋକସ୍ କରିବା ଆବଶ୍ୟକ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ।

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ସଚିବ ଭୂପେନ୍ଦ୍ର ସିଂହ ପୁନିଆ ବିଭାଗର ସାମଗ୍ରିକ ଅଭିବୃଦ୍ଧିକୁ ନେଇ ମତ ରଖିଥିଲେ। ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ପାଇଁ ସମସ୍ତ ଉଦ୍ୟମ କରିବା ସହ ଉଦ୍ୟୋଗୀତାକୁ ପ୍ରୋତ୍ସାହନ ଦେବା ଉପରେ ସେ ଗୁରୁତ୍ୱ ଦେଇଥିଲେ।

## ଏମ୍ସ ହସ୍ପିଟାଲ୍ ରୋଡ୍‌ରୁ ହଟିଲା ୨୪୭ ଦୋକାନ

**ଭୁବନେଶ୍ୱର,୮।୧(ସଂଚାର ବ୍ୟୁରୋ):** ଏମ୍ସ ହସ୍ପିଟାଲ୍ ରୋଡ୍‌ରୁ ଜବରଦଖଲ ଉଚ୍ଛେଦ ହୋଇଛି। ଆଜି ଗୋଟିଏ ଦିନରେ ୨୪୭ରୁ ଊର୍ଦ୍ଧ୍ୱ ବେଆଇନ ଜବରଦଖଲ ଉଚ୍ଛେଦ କରାଯାଇଛି। ଏମ୍ସ ରାସ୍ତା ଅବରୋଧ ଯୋଗୁଁ ଅନେକ ସମୟରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଯାତାୟାତରେ ଅସୁବିଧା ଭୋଗୁଥିଲେ। ଏପରିକି ଏହି ବାଟରେ ଆମ୍ବୁଲାନ୍ସ ଯିବାରେ ମଧ ସମସ୍ୟା ହେଉଥିଲା। ତେଣୁ ଉକ୍ତ ରାସ୍ତାରୁ ଜବରଦଖଲ ହଟାଇବା ସକାଶେ ବିଭିନ୍ନ ମହଲରେ ଦାବି ଜୋର୍ ଧରିବା ପରେ ଆଜି ବିଏମ୍‌ସି ପକ୍ଷରୁ ଦାବି ହେବା ପରେ ବିଡିଏ ପକ୍ଷରୁ ଏପରି ତତ୍ପରତା ପ୍ରକାଶ ପାଇଛି। ଉଚ୍ଛେଦ ଆରମ୍ଭରୁ ବିରୋଧ ସତ୍ତ୍ୱେ ଜାତୀୟ ରାଜପଥରୁ ଏମ୍ସ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା କବାଡ଼ିଆ ଦୋକାନକୁ ବିଡିଏ ଏନଫୋର୍ସମେଣ୍ଟ ଟିମ୍ ହଟାଇଛି। ଦୈନିକ ରାଜ୍ୟ ଓ ରାଜ୍ୟ ବାହାରୁ ଏଠାକୁ ସହସ୍ରାଧିକ ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ଆସୁଛନ୍ତି। ତେଣୁ ରୋଗୀ, ସମ୍ପର୍କୀୟ ଓ ସାଧାରଣ ଲୋକଙ୍କ ଯାତାୟାତରେ ଯେପରି କୌଣସି ଅସୁବିଧା ନ ହୁଏ, ତାହାକୁ ଦୃଷ୍ଟିରେ ରଖି ବିଡିଏ ଓ ଭୁବନେଶ୍ୱର ନଗର ନିଗମ ପକ୍ଷରୁ ଏହି ଉଚ୍ଛେଦ କାର୍ଯ୍ୟ କରାଯାଇଛି। ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ୨୪୭ କବାଡ଼ିଆ, ଆଜବେଷ୍ଟସ୍ ଦୋକାନ, କ୍ୟାବିନ୍, ହୋଟେଲ ଓ ଗ୍ୟାରେଜ୍ ଉଚ୍ଛେଦ କରାଯାଇଛି। ଆଜିର ଦିନରେ ପ୍ରାୟ ୨ ଏକର ଜମିକୁ ଜବରଦଖଲମୁକ୍ତ କରାଯାଇଛି। ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ପୁଲିସ ଫୋର୍ସ ଓ ଗୋଟିଏ ସେକ୍ସନ ମହିଳା ପୁଲିସ ମୁତୟନ କରାଯାଇଥିଲା।

## ଓଡ଼ିଶାର ଐତିହାସିକ ମୁହୂର୍ତ୍ତ: ସୁନାରେ ତିଆରି ଶ୍ରୀରାମଙ୍କ ଧନୁସ ନବରଙ୍ଗପୁରରେ



**ନବରଙ୍ଗପୁର,୮।୧(ସଂଚାର ବ୍ୟୁରୋ):** ଓଡ଼ିଶାର ଧାର୍ମିକ ଇତିହାସରେ ଏକ ଐତିହାସିକ ମୁହୂର୍ତ୍ତ ସୃଷ୍ଟି କରି, ସୁନାରେ ତିଆରି ହୋଇଥିବା ପ୍ରଭୁ ଶ୍ରୀରାମଙ୍କ ପବିତ୍ର ଧନୁସ ଆଜି ନବରଙ୍ଗପୁରରେ ପହଞ୍ଚିଛି। ଏହି ଅଲୌକିକ ଧନୁସ କୁ ଦେଖିବା ପାଇଁ ନବରଙ୍ଗପୁରବାସୀ ଭକ୍ତି ଓ ଉତ୍ସାହର ସହିତ ବିପୁଳ ସଂଖ୍ୟାରେ ଉପସ୍ଥିତ ଥିଲେ। ଶ୍ରୀରାମଙ୍କ ଧନୁସ ଲୋକଙ୍କ ଆସ୍ଥା ଓ ଭକ୍ତିର ଏକ ଅଦ୍ଭୁତ ପ୍ରତୀକ ଭାବେ ସମଗ୍ର ଓଡ଼ିଶା ଭ୍ରମଣ କରୁଛି। ଏହି ଧନୁଟି ପ୍ରଥମେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରକୁ ପୂଜା-ଅର୍ଚ୍ଚନା ସହ ଯାତ୍ରା ଆରମ୍ଭ କରି ସାରା ଓଡ଼ିଶାର ପ୍ରମୁଖ କଲେଜ, ଧାର୍ମିକ ସ୍ଥଳ ଓ ତୀର୍ଥକ୍ଷେତ୍ର ଭ୍ରମଣ କରୁଛି। ଏହି ଧାର୍ମିକ ଯାତ୍ରା 'ସନାତନୀ ଏକତା ମଞ୍ଚ' ତରଫରୁ ଆୟୋଜିତ ହୋଇଛି। ଓଡ଼ିଶା ଭ୍ରମଣ ପରେ ଏହି ପବିତ୍ର ଧନୁ ଅଯୋଧ୍ୟା ଅଭିମୁଖେ ପ୍ରସ୍ଥାନ କରିବ। ଏହାର ଓଜନ ପ୍ରାୟ ୨୮୬ କେଜି ରହିଛି। ଉଲ୍ଲେଖନୀୟ ଯେ, ଗତ ଜାନୁଆରି ୨ ତାରିଖରୁ ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲା ଠାରୁ ଏହି ଧାର୍ମିକ ଯାତ୍ରାର ଶୁଭାରମ୍ଭ ହୋଇଥିଲା।

## ଉନ୍ନୟନ କାମରେ ପିସି କାରବାର ଅଭିଯୋଗ

- ଭିଜିଲାନ୍ସ ତଦନ୍ତ କଲେ ପ୍ରକୃତ ରହସ୍ୟ ପଦାକୁ ଆସିବ
- ଯନ୍ତ୍ରୀ ନେଉଛନ୍ତି ମୋଟା ଅଙ୍କର ପିସି ଚର୍ଚ୍ଚା



**କାକଟପୁର/ଅସ୍ତରଙ୍ଗ,୮।୧ (ସଂଚାର ବ୍ୟୁରୋ):** ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଜନମଙ୍ଗଳକାରୀ ଯୋଜନା କାର୍ଯ୍ୟକାରୀ କରୁଥିଲେ ମଧ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ଭାଗ୍ୟ ବଦଳି ପାରୁନି। ପ୍ରତିବର୍ଷ ଶହ ଶହ ସଂଖ୍ୟାରେ ଏହି ଅଞ୍ଚଳରୁ ନିଜର ଜୀବିକା ପାଇଁ ଅନ୍ୟ ରାଜ୍ୟ ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଗୁଜୁରାଟ, ମୁମ୍ବାଇ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଦାଦନ ଖଟିବାକୁ ଯାଆନ୍ତି। ଏହି ସମୟରେ ତାଙ୍କ ଖାଉଟି ସାମଗ୍ରୀ ପିଡ଼ିଏସ, ପିଲାଙ୍କ ଏମ୍ ଡି ଏମ୍ ପେନସନ ସହିତ ବହୁତ ଯୋଜନା ଅର୍ଥ ବାଟମାରଣା ହୁଏ। ପ୍ରଶାସନ, ଜନପ୍ରତିନିଧି, ସରକାର ସମସ୍ତେ ଏ ସମ୍ବନ୍ଧରେ ଅବଗତ। ହେଲେ କାର୍ଯ୍ୟାନୁଷ୍ଠାନ ଶୂନ। ବର୍ତ୍ତମାନ କାକଟପୁର ଓ ଅସ୍ତରଙ୍ଗ ବ୍ଲକରେ ଦୁର୍ନୀତି ଚରମ ସୀମାରେ ପହଁଚିଛି। ଏମ୍ ଜି ଏନ ଆର ଜିଏସ ଏହି ବ୍ଲକର ବହୁ ପଞ୍ଚାୟତରେ ବ୍ୟାପକ ଦୁର୍ନୀତି ଅଭିଯୋଗ ହେଉଛି। ପିଡ଼ିଏସ ଦୁର୍ନୀତି, ସ୍ୱଚ୍ଛ ଭାରତ ମିଶନ ଦ୍ୱାରା ଶୌଚାଳୟ ଦୁର୍ନୀତି, ବିଭିନ୍ନ ଅନୁଦାନର ନିମ୍ନ ମାନର ରାସ୍ତା ନିର୍ମାଣ, ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଚୟନରେ ଅନିୟମିତତା ଏବଂ ଓଡିଶା ସରକାରଙ୍କ ବିଭିନ୍ନ ଯୋଜନାର ରୂପାୟନ ପାଇଁ ଆସିଥିବା ଅର୍ଥର ଠିକ ଭାବେ କାର୍ଯ୍ୟକାରୀ ନ କରିବା ଓ ଠିକ ସମୟରେ ପ୍ରମାଣପତ୍ର ଦାଖଲ କରାଯାଉ ନାହିଁ ଆଦି ମଧ ପକ୍କା ରାସ୍ତା ଗୁଡିକ ଥରେ ନିର୍ମାଣ କଲା ପରେ ବାରମ୍ବାର ତା ଉପରେ ରାସ୍ତା ନିର୍ମାଣ କରିବା ଅଭିଯୋଗ ହେଉଛି। ଏହି ବ୍ଲକରେ ସୂଚନା ଅଧିକାର ଆଇନ ୨୦୦୫ବ୍ଲକ ପ୍ରଶାସନ ଫୁ କରୁଛନ୍ତି। ଏହି ବ୍ଲକରେ ଓଡିଶାର ନାଗରିକ ସେବା ୨୦୧୨ରେ ନିର୍ଧାରିତ ଠିକ ସମୟରେ କାମ କରେ ନାହିଁ। ଅସ୍ତରଙ୍ଗ ଓ କାକଟପୁର ବ୍ଲକରେ ପିସି କାରବାର ୧୨%ଅଧିକ ହେଉଥିବା ଅଭିଯୋଗ ହେଉଛି।

## ବାଇକ ଧକ୍କାରେ ଦୁଇ ମୃତ



**ରାଇଘର,୮।୧(ସଂଚାର ବ୍ୟୁରୋ):** ରାଇଘର ଥାନା ଅଧୀନରେ ଥିବା ଭାରଣ୍ଡପାରା ନିକଟ ଭାରତ ମାଲା ରାସ୍ତା ରେ ଟିପର ଦୁର୍ଘଟଣା ରେ ଦୁଇଜଣ ବାଇକ ଆରୋହୀ ଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପ୍ରାପ୍ତ ସୂଚନା ଅନୁଯାୟୀ ଭାରତ ମାଲା କାମରେ ନିୟୋଜିତ ଥିବା ଟିପର ଗାଡି ଧକ୍କାଦେଇଥିବା ସ୍ଥାନୀୟ ଲୋକେ କହୁଥିବା ବେଳେ ଗାଡିଟି ଧକ୍କା ଦେଇ ଚାଲିଯାଇଥିବାରୁ ତାହା ସ୍ପଷ୍ଟ ହୋଇପାରିନାହିଁ।ମୃତ ଦୁଇ ଜଣ ହେଲେ ଉଦୟପୁର ଡି ଏନ କେ ଗ୍ରାମର ବିଧାନ ରାୟ ଏବଂ ପରିତୋଷ ରାୟ ବୋଲି ଜଣାପଡ଼ିଛି। ଦୁହେଁ ଉମରକୋଟ ରୁ ବାଇକ ଓଡି ୦୫ ଉ ୮୦୯୮ଯୋଗେ ନିଜ ଗ୍ରାମ ଉଦୟପୁର ଫେରୁଥିବାବେଳେ ପ୍ରାୟ ଆଠଟା ରୁ ସାଢେ ଆଠଟା ମଧରେ ଏହି ଦୁର୍ଘଟଣା ହୋଇଥିଲା ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଥିବାବେଳେ ସ୍ଥାନୀୟ ଲୋକେ ଶବକୁ ଧରି ରାସ୍ତାରେ ଧାରଣା ଦେଇଥିବା ପୋଲିସ ପ୍ରକାଶ କରିଛି। ଲୋକଙ୍କ କହିବା କଥା ଗାଡି ମାଲିକ ଆସିବା ସହ କ୍ଷତିପୂରଣ ପରେ ଓହରିବେ ଧାରଣାରୁ। ପୋଲିସ ବର୍ତ୍ତମାନ ଗାଡିର ସନ୍ଧାନ ଜାରିରଖିଥିବା ଜଣାପଡ଼ିଛି।

## ବାବା ବୈଦ୍ୟନାଥ ଯୁବକ ସଂଘ, ତେଲି ପାଳ ୩୦ତମ ବାର୍ଷିକ ଉତ୍ସବ ଉଦ୍‌ଘାଟିତ



**ଖେଳ ଦ୍ୱାରା ମନ ପ୍ରଫୁଲ୍ଲ ରହିବା ସହିତ ଶରୀର ଗଠନ ଓ ପରିଚୟ ସୃଷ୍ଟି ହୋଇଥାଏ: ମୁଖ୍ୟ ଅତିଥି**

**ନୀଳଗିରି, ୮।୧(ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ ତେଲିପାଳ ପଞ୍ଚାୟତ ତେଲିପାଳ ଗାଁ ରେ ବାବା ବୈଦ୍ୟନାଥ ଯୁବକ ସଂଘପକ୍ଷରୁ ବଣଶୀମା ଅଞ୍ଚଳ ରୁ ୬ ଗୋଟି ପଞ୍ଚାୟତ ର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟ ଠାରୁ ଆରମ୍ଭ କରି ଉଚ୍ଚବର୍ଗୀୟ ବିଦ୍ୟାଳୟ ରୁ ୩୦ତମବର୍ଷ ପିଲାଙ୍କୁ ନେଇ ତେଲିପାଳ ଉଚ୍ଚ ଇଂରାଜୀ ବିଦ୍ୟାଳୟ ଆନୁକୂଲ୍ୟରେ ବିଭିନ୍ନ ପ୍ରକାର କ୍ରୀଡ଼ା ପ୍ରତିଯୋଗିତା, ପ୍ରଶ୍ନ ଉତ୍ତର, ନାଚ ଓ ଗୀତ ଅନୁଷ୍ଠିତ ହୋଇଛି। ଉକ୍ତ କ୍ରୀଡାଉତ୍ସବ ରେ ନୀଳଗିରି ମାନ୍ୟବର ବିଧାୟକ ସନ୍ତୋଷ ଖଟୁଆ ଯୋଗ ଦେଇ ଉତ୍ସବ କୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ବକ୍ତବ୍ୟ ରେ ଖେଳ ଦ୍ୱାରା ଶରୀର ସୁସ୍ଥ ରହିବା ସହିତ ଶରୀର ଗଠନ ଓ ମନ ପ୍ରଫୁଲ୍ଲ ରହି ଥାଏ ବୋଲି କହିଥିଲେ।ମୁଖ୍ୟବକ୍ତାଭାବେ ଶିକ୍ଷା ବିତ୍ କୈଳାଶ ଚନ୍ଦ୍ର ମିଶ୍ର ଯୋଗ ଦେଇ ବଣଶୀମା ଅଞ୍ଚଳରେ ଏପରି ଖେଳ ଦୀର୍ଘ୩୦ବର୍ଷ ଧରି ଆୟୋଜନ କରି ଆସୁଥିବା ରୁ କ୍ଲବ କର୍ମକର୍ତ୍ତା ମାନଙ୍କୁ ଧନ୍ୟବାଦ ଦେଇଥିଲେ ଓ କ୍ଲବ ଦୀର୍ଘ ଯିବି ହୋଇ ନୂଆ ନୂଆ କାର୍ଯ୍ୟ କ୍ରମ କରି ଅଞ୍ଚଳ ର ଖ୍ୟାତିବଢ଼ାଉ ବୋଲି ଆଶାବ୍ୟକ୍ତ କରିଥିଲେ। ସଭା ରେ ତେଲିପାଳ ପଞ୍ଚାୟତ ର ପ୍ରାକ୍ତନ ସରପଞ୍ଚ ସୁରେଶ ଚନ୍ଦ୍ର ଶଙ୍ଖୁଆ ଅତିଥିଭାବେ ଯୋଗଦେଇଥିଲେ।ସଂଘର ସଭାପତି ଅମୂଲ୍ୟ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂପାଦକ ତାପସ ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ। ଖେଳକୁ ପରିଚାଳନା କରିଥିଲେ ଖେଳ ଶିକ୍ଷକ ଗଣେଶ୍ୱର ଆରୁଖି ତେଲିପାଳ ହାଇ ସ୍କୁଲ ର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସାହୁ, ସହକାରୀ ଶିକ୍ଷକ ଯୋଗେନ୍ଦ୍ର ବେହେରା, ସମେତ ସମସ୍ତ କର୍ମଚାରୀ, କ୍ଲବ ସଦସ୍ୟ ସହଯୋଗ କରିଥିଲେ।


## ସାଂସଦଙ୍କ ଖେଳ ନା ଏକତା ଦିବସ ଖେଳ; ସନ୍ଦେହରେ କ୍ରୀଡାବିତ୍



- ଗୋଟିଏ ଖେଳରେ ୨ ପ୍ରକାର ଫ୍ଲେକ୍ସ
- ଅର୍ଥବାଟବଣା କରିବାକୁ ନୁହେଁ କି ମସୁଧା

**କାକଟପୁର/ଅସ୍ତରଙ୍ଗ,୮।୧ (ସଂଚାର ବ୍ୟୁରୋ):** ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ କବାଡି ପ୍ରତିଯୋଗିତା ନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଯୁବବର୍ଗଙ୍କ ମଧରେ କ୍ରୀଡାର ଭୂମିକା ଓ ଆବଶ୍ୟକତା କୁ ନଜର ରଖି ସଂସଦୀୟ କ୍ଷେତ୍ରରେ ଖେଳ ମହୋତ୍ସବ ଅବସରରେ କବାଡି ତାହାକୁ ନେଇ କ୍ରୀଡାବିତି ଓ ବୁଦ୍ଧିଜୀବୀ ମହଲରେ ଉଦୁବେଗ ପ୍ରକାଶ ପାଇଛି। କାରଣ ସମାନ ସ୍ଥାନ ଏକା ମଞ୍ଚରେ ଭିନ୍ନ ଭିନ୍ନ ଫ୍ଲେକ୍ସ କୁ ନେଇ ସାଧାରଣ ରେ ଚର୍ଚ୍ଚା। ଖେଳ ନାଁ ରେ ଅସାଧୁ କର୍ମଚାରୀ ଓ କିଛି ନେତା ପକେଟ ଗରମ ଅର୍ଥ ବାଟବଣା କରିବାକୁ ଏହା ଏକ ରକମର ମସୁଧା। ଖବର ମୁତାବକ, ପୁରୀ ଜିଲ୍ଲା ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର କବାଡି ପ୍ରତିଯୋଗିତା ବିଭିନ୍ନ ବିଦ୍ୟାଳୟ ପିଲା ମାନଙ୍କ ମଧରେ ଅନୁଷ୍ଠିତ ହୋଇଥିଲା। କିନ୍ତୁ କ୍ରୀଡା ଓ ଯୁବ ସେବା ବିଭାଗ ଓଡିଶା ସରକାର ପକ୍ଷରୁ ସର୍ଦ୍ଧାର ବଲ୍ଲଭଭାଇ ପଟେଲ ଙ୍କ ୧୫୦ତମ ଜୟନ୍ତୀ ତଥା ଏକତା ଦିବସଅବସରରେ କବାଡି ପ୍ରତିଯୋଗିତା ପାଇଁ ସରକାରୀ ନିର୍ଦ୍ଦେଶ ରହିଥିବା ବେଳେ ଅର୍ଥ ସରକାରୀ ପାଣ୍ଠି ରୁ ଆସୁଥିବାବେଳେ, ଅନ୍ୟ ପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଯୁବବର୍ଗ ଙ୍କ ମଧରେ କ୍ରୀଡାର ଭୂମିକା ଓ ଆବଶ୍ୟକତା କୁ ନଜର ରଖି ସଂସଦୀୟ କ୍ଷେତ୍ରରେ ସାଂସଦ ଖେଳ ମହୋତ୍ସବ ଆରମ୍ଭ କରିଛନ୍ତି। କିନ୍ତୁ ଦୁଇ ପ୍ରକାର ରେ ଅର୍ଥ ଆସୁଥିବା ବେଳେ ଏକ ମଞ୍ଚରେ ସମାନ ଅତିଥି ଉପସ୍ଥିତ ରେ କବାଡି ଖେଳ ଆୟୋଜନ କରାଯାଇଛି। କେବଳ ଅତିଥି ଙ୍କ ପଛପାର୍ଶ୍ୱରେ ୨ଟି ଫ୍ଲେକ୍ସ ପରିବର୍ତ୍ତନ କରାଯାଇଛି।

## ଗଛରେ ପିଟିହେଲା କାର୍, ଯୁବକ ମୃତ



**ନବରଙ୍ଗପୁର/ଉମରକୋଟ,୮।୧(ସଂଚାର ବ୍ୟୁରୋ):** ଉମରକୋଟରୁ କୋଣ୍ଡାଗାଁ ଯାଉଥିବା ବେଳେ ଭାରସାମ୍ୟ ହରାଇ ଏକ କାର ବିର୍ସାଡ଼ି ନର୍ସରୀ ନିକଟ ଏକ ଗଛରେ ପିଟି ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉମରକୋଟ ସହରର ଗଣେଶ ଦାସ। ସାମ୍ନା ସିଟରେ ବସିଥିବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ଗାଡ଼ିରେ ବସିଥିବା ଆଉ ୨ଜଣ ମହିଳା ଆହତ ହେଇଛନ୍ତି। ସ୍ଥାନୀୟ ଲୋକେ ଉଦ୍ଧାର କରି ଏକ ଗାଡ଼ିରେ ଉମରକୋଟ ମେଡିକାଲକୁ ପଠାଇବା ସହ ପୁଲିସକୁ ଖବର ଦେଇଥିଲେ। ଉମରକୋଟ ପୁଲିସ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ମେଡ଼ିକାଲକୁ ପଠାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ପୁଲିସ କହିଛି। ମେଡ଼ିକାଲରେ ଥିବା ୨ଜଣଙ୍କ ଅବସ୍ଥା ବର୍ତ୍ତମାନ ସ୍ଥିର ରହିଛି।

## ପୁଲିସ ଗାଡ଼ିରେ ନାହିଁ ପିୟୁସି

- ଆଞ୍ଚଳିକ ପରିବହନ ବିଭାଗ ନିରବଦ୍ରଷ୍ଟା




**କାକଟପୁର/ଅସ୍ତରଙ୍ଗ,୮।୧ (ସଂଚାର ବ୍ୟୁରୋ):** ପ୍ରଦୂଷଣ ସାର୍ଟିଫିକେଟ ପାଇଁ ସାଧାରଣ ଲୋକେ ନାହିଁ ନଥିବା ହଇରାଣ ହେଉଛନ୍ତି। ଧାଡିରେ ଛିଡା ହୋଇ ସମୟ ବରବାଦ କରୁଛନ୍ତି। ଏପରିକି ଗାଡି ଉପରେ ରହିଥିବା ହଜାର ହଜାର ଟଙ୍କାର ଜରିମାନା ଭରି ଅଣ୍ଟା ସଳଖି ପାରୁନାହାନ୍ତି। ସାଧାରଣ ଲୋକଙ୍କ ପାଇଁ ଗୋଟିଏ ନିୟମ ଓ ସରକାରୀ ଗାଡି ପାଇଁ ଭିନ୍ନ ନିୟମ ବୋଲି ଅନେକ ବୁଦ୍ଧିଜୀବୀ ମତ ଦେବା ସହ ଆଞ୍ଚଳିକ ପରିବହନ ଅଧିକାରୀ କଣ ନିଦ୍ରା ଯାଇଛନ୍ତି କି ବୋଲି ପ୍ରଶ୍ନ କରିଛନ୍ତି। ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ବିଭିନ୍ନ କାର୍ଯ୍ୟାଳୟ ରେ ଲାଗିଥିବା ସରକାରୀ ଗାଡି ଏବଂ ପୁଲିସ ଗାଡିରେ ପ୍ରଦୂଷଣ ହେଉଛି କି ନାହିଁ ବୋଲି ଏବେ ପ୍ରଶ୍ନ ଉଠିଛି। କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ସରକାରୀ କାର୍ଯ୍ୟାଳୟରେ ଲାଗିଥିବା ଭଡା ଗାଡିଗୁଡିକରେ ଆବଶ୍ୟକ କାଗଜପତ୍ର ଠିକ ନଥିବା ନେଇ ବହୁ ପୂର୍ବରୁ ଖବର ପ୍ରକାଶ ପାଇଥିଲେ ମଧ ଏହାକୁ ଅଣଦେଖା କରାଯାଉଛି। କାକଟପୁର ପୁଲିସ ଥାନାରେ ସରକାରୀ ଗାଡି (ଓଡି ୦୫ଜି ୯୬୬୩)ର ବୀମା ନଥିବା ଏବଂ ପ୍ରଦୂଷଣ ସାର୍ଟିଫିକେଟ ଭ୍ୟାଲିଡିଟି ୦୪ମେ ୨୦୨୦ତାରିଖ ରୁ ଶେଷ ହୋଇଯାଇଛି। ସେହିଭଳି ଅସ୍ତରଙ୍ଗ ଥାନା ଗାଡି (ଓଡି ୦୫ଜି ୭୬୭୩)୧୫ଫେବୃଆରୀ ୨୦୨୪ ତାରିଖ ରୁ ପ୍ରଦୂଷଣ ଭ୍ୟାଲିଡିଟି ଶେଷ ହୋଇଛି।

## ସରକାରୀ ବାଲିଘାଟ ବନ୍ଦ, ଚୋରା ଚାଲାଣ ଚାଲୁ!

**ପ୍ରଶାସନୀକ ନିରବତା, ବିରୋଧୀ ମୁହଁ ବନ୍ଦ କାହା ପାଇଁ ?**



**ଯାଜପୁର,୮।୧(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାରେ ସରକାରୀ ସ୍ୱୀକୃତି ପ୍ରାପ୍ତ ବାଲି ଘାଟଗୁଡ଼ିକୁ ଚଲାଯାଉନଥିବାବେଳେ, ଚୋରା ବାଲି ଘାଟ ଓ ବେଆଇନ ବାଲି ଚାଲାଣକୁ ଖୋଲାମେଲା ପ୍ରୋତ୍ସାହନ ମିଳୁଥିବା ଅଭିଯୋଗ ଜିଲ୍ଲାରେ ଜୋରଦାର ହୋଇଛି।ଏହା ପଛରେ ଜିଲ୍ଲା ପ୍ରଶାସନର ନିଷ୍କ୍ରିୟତା ନା ନୀରବ ସମର୍ଥନ ସେଥିପାଇଁ ପ୍ରଶ୍ନ ଉଠିଲାଣି।ରାଜ୍ୟର ଅନ୍ୟ ଜିଲ୍ଲାଗୁଡ଼ିକରେ ବାଲି ଚୋରା ଚାଲାଣ ବିରୋଧରେ ମୁଖ୍ୟ ବିରୋଧୀ ଦଳ ବିଜେଡି ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରୁଥିବାବେଳେ, ଯାଜପୁରରେ ମୁଖ୍ୟ ବିରୋଧୀ ଦଳ ବିଜେଡି ର ଅସ୍ୱାଭାବିକ ନିରବତା ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି।ବିରୋଧୀ ଦଳ କି ଏଠାରେ ବିରୋଧ କରିବାର ଦାୟିତ୍ୱ ଭୁଲିଗଲା ?ସାଧାରଣରେ ଚର୍ଚ୍ଚା ବିଜେଡି ଆଉ ଛଦ୍ମ ବେଶୀ "ବିଜେପି" ନାଁ ନେଇ କିଛି ବାଲି ମାଫିଆ ପ୍ରଶାସନକୁ ବଟି ଦେଇ ବେଧଡକ ଭାବେ ବାଲି ଚୋରା ଚାଲାଣ କରୁଛନ୍ତି। ନଦୀ ଶୋଷଣ, ପରିବେଶ ଧ୍ୱଂସ, ସରକାରୀ ରାଜସ୍ୱ ହାନି ସବୁକିଛି ଘଟୁଛି, କିନ୍ତୁ ପ୍ରଶାସନର ଚକ୍ଷୁ ଖୋଲୁନାହିଁ।ଏହି ଅବ୍ୟବସ୍ଥା ଓ ଅବୈଧତାର ପରିଣାମ ସ୍ୱରୂପ ଲୋକଙ୍କ ସରକାର ମୋହନ ସରକାର ବଦନାମ ହେଉଛି।ପ୍ରଶ୍ନ ହେଉଛି ମାଫିଆଙ୍କ ପାଇଁ କି ସରକାରର ଛବି ବଳି ଦିଆଯାଉଛି ?ଯଦି ତୁରନ୍ତ ସରକାରୀ ସ୍ୱୀକୃତ ବାଲି ଘାଟ ଚଲାଇବା, ଚୋରା ଘାଟ ବନ୍ଦ କରିବା ଓ ମାଫିଆଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଏ ନାହିଁ, ତେବେ ଆଗାମୀ ଦିନରେ ଯାଜପୁରବାସୀ ବଡ଼ ଆନ୍ଦୋଳନର ଦିଗରେ ଯିବେ ଏହା ଏବେ ସ୍ପଷ୍ଟ। ନଦୀ ସୁରକ୍ଷା ନୁହେଁ, ମାଫିଆ ସୁରକ୍ଷା ଏହି ଅଭିଯୋଗର ଉତ୍ତର ଦେବ କିଏ ?

## ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି ବୈଠକ



**ଆନନ୍ଦପୁର,୭।୧(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ର ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଉପଜିଲ୍ଲାପାଳଙ୍କ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଉପଖଣ୍ଡ ଲୋକସମ୍ପର୍କ ସୂଚନା ଅଧିକାରୀ ଦୀପାଳି ପ୍ରିୟଦର୍ଶିନୀ ନାୟକ ଯୋଗଦେଇ ଉତ୍ସବର ବିବରଣୀ ଉପସ୍ଥାପନା କରିଥିଲେ। ବିବରଣୀ ଅନୁସାରେ, ସକାଳ ୬ଟାରୁ ସାଢେ ୭ଟା ମଧରେ ଉପଖଣ୍ଡର ବିଭିନ୍ନ କାର୍ଯ୍ୟାଳୟରେ ଜାତୀୟପତାକା ଉତ୍ତୋଳନ କରାଯିବ। ଷ୍ଟାଡିୟମରେ ପୁର୍ବାହ୍ନ ସାଢେ ୮ଟା ବେଳେ ପତାକା ଉତ୍ତୋଳନ ହେବ। ମଧାହ୍ନରେ ଉପଖଣ୍ଡ ଚିକିତ୍ସାଳୟ, ଉପକାରାଗାରରେ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯିବ। ଅପରାହ୍ଣରେ ସରକାରୀ କର୍ମଚାରୀ ଓ ସାମ୍ବାଦିକଙ୍କ ମଧରେ ବନ୍ଧୁତାପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଓ ପରେ ଉପଜିଲ୍ଲାପାଳଙ୍କ ସଭାଗୃହରେ କବିତା ଆସର ଅନୁଷ୍ଠିତ ହେବ। ଡେପୁଟି କଲେକ୍ଟର ସଞ୍ଜୟ କୁମାର ସାମନ୍ତରା, ଆସିଷ୍ଟାଣ୍ଟ କଲେକ୍ଟର ତପନ ପ୍ରଧାନ, ଉପଖଣ୍ଡ ଡାକ୍ତରଖାନା ଅଧୀକ୍ଷକ ଡାକ୍ତର କୃଷ୍ଣଚନ୍ଦ୍ର ଦାଶ, ଉପଖଣ୍ଡ ଯୋଗାଣ ଅଧିକାରୀ ଶିବପ୍ରସାଦ ଶ୍ରୀଚନ୍ଦନ, ଆନନ୍ଦପୁର ଥାନା ଅଧିକାରୀ ଫନୀନ୍ଦ୍ର ଭୂଷଣ ନାୟକ, ଏବିଇଓ ହେମେନ୍ଦ୍ର ମହାନ୍ତି, ଆନନ୍ଦପୁର ମହାବିଦ୍ୟାଳୟର ଏନ୍‌ସିସି ଅଧିକାରୀ ରଘୁଦୀପ୍ତି ନାୟକଙ୍କ ସମେତ ବିଭିନ୍ନ ବିଭାଗର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଲୋକସମ୍ପର୍କ ବିଭାଗର ନାରାୟଣ ଦାସ, ଚନ୍ଦ୍ରଶେଖର ଦଳେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଯୁବ ସାମ୍ବାଦିକାଙ୍କ ବିୟୋଗରେ ଶୋକସଭା




**ମା'ମଙ୍ଗଳା ମନ୍ଦିର ସାମ୍ନାରେ ଦୀପ ଦାନ**

**କାକଟପୁର/ଅସ୍ତରଙ୍ଗ,୮।୧(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ପିପିଲି ଅଞ୍ଚଳର ଯୁବ ସାମ୍ବାଦିକା ଶିଳା ପଟ୍ଟନାୟକ ଙ୍କ ଅକାଳ ବିୟୋଗରେ କାକଟପୁର ପ୍ରେସ କ୍ଲବ ତରଫରୁ ଏକ ଶୋକସଭା ସହ ମା ମଙ୍ଗଳା ମନ୍ଦିର ସାମ୍ନାରେ ଆତ୍ମାର ସଦଗତି କାମନା କରି ଦୀପ ଦାନ କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ସଙ୍ଘର ସଭାପତି କମଳଲୋଚନ ଦୀକ୍ଷିତି ଙ୍କ ଦ୍ୱାରା ଜରୁରୀ କାଳୀନ ଆହୁତ ବୈଠକରେ ସ୍ୱର୍ଗତଃ ଶିଳା ପଟ୍ଟନାୟକଙ୍କ ଅମର ଆତ୍ମାର ସଦଗତି କାମନା କରି ୨ମିନିଟ ନିରବ ପ୍ରାର୍ଥନା ସହ ମା 'ମଙ୍ଗଳା ଙ୍କ ନିକଟରେ ଦୀପ ଦାନ କରିଛନ୍ତି।ସ୍ୱର୍ଗତଃ ଶିଳା ପଟ୍ଟନାୟକ ଏକ ବୈଦ୍ୟୁତିକ ଗଣ ମାଧ୍ୟମର ପ୍ରତିନିଧି ମଧ ଥିଲେ। ତାଙ୍କ ବିୟୋଗରେ ଜିଲ୍ଲା ଏକ ଅମାୟିକ ମେଳାପୀ ଖବରଦାତା ଙ୍କୁ ହରାଇଲା ବୋଲି ସ୍ମୃତି ଚାରଣ କରାଯାଇଛି। ଏହି ଅବସରରେ ସ୍ୱର୍ଗତଃ ଶିଳା ପଟ୍ଟନାୟକ ପରିବାରକୁ ସରକାର ଆର୍ଥିକ ସହାୟତା ଦେବା ପାଇଁ ସଙ୍ଘ ପ୍ରସ୍ତାବ ଦେଇଛି। ଏହି ଶୋକ ସଭାରେ ସଙ୍ଘର ସମ୍ପାଦକ ଆଦିତ୍ୟ ରାଉତ, ଉପସଭାପତି ତୁଷାର ରଞ୍ଜନ ଦୀକ୍ଷିତି, ପ୍ରଦୀପ୍ତ କୁମାର ଦୀକ୍ଷିତି, କାକଟପୁର ସାମ୍ବାଦିକ ସଙ୍ଘ ସଦସ୍ୟ ରୂପ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ତିନିମାସର ଶିଶୁପୁତ୍ର ଚୋରି, ୩ଦିନ ପରେ ଉଦ୍ଧାର

**ନୀଳଗିରି,୮।୧(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ନୀଳଗିରି ଗୋପୀନାଥପୁର ନୂଆସାହି ଗ୍ରାମର ଆଦିବାସୀ ମହିଳା ସୋମବାରୀ ସିଂ ନିଜର ୩ମାସର ଶିଶୁପୁତ୍ରକୁ ନେଇ ସିମୁଳିଆଥାନା ଅବଝୁଣା ଗ୍ରାମକୁ ଶ୍ରମିକଭାବରେ କାମକରିବାକୁ ଯାଇଥିଲେ। ସେଠାରେ ପ୍ରଫୁଲ୍ଲ ବେହେରା ନାମକ ଜଣେ ଜମିମାଲିକଙ୍କ ପାଖରେ ରହି ବାଡିବଗିଚା କାମ କରୁଥିଲେ। ତେବେ ମହିଳା ଜଣକ ଶୌଚହେବାପାଇଁ ଯାଇଥିବା ବେଳେ ଏହାର ସୁଯୋଗନେଇ ପ୍ରଫୁଲ୍ଲ ଉକ୍ତ ଶିଶୁଟିକୁ ଚୋରାଇନେଇଥିଲେ। ଶୌଚରୁ ଫେରି ପିଲାକୁ ନପାଇ ଚାରିଆଡ଼େ ଖୋଜାଖୋଜି କରିଥିଲେ। ଶେଷରେ ସନ୍ଦେହ ହେବାରୁ ସମ୍ପୃକ୍ତ ମାଲିକଙ୍କୁ ପିଲାକୁ ଫେରାଇଦେବାକୁ କାକୁତିମିନତି ହୋଇଥିଲେ। ମାତ୍ର ସଫଳ ନହେବାରୁ ସ୍ୱାମୀ ରବି ସିଂଙ୍କ ସହ ସିମୁଳିଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ପାଇ ଛାନଭିନ୍ କଲାପରେ ୩ଦିନପରେ ଭଦ୍ରକ ଜିଲ୍ଲା ବାସୁଦେବପୁର ଅଞ୍ଚଳରୁ ଶିଶୁପୁତ୍ରକୁ ଉଦ୍ଧାର କରିଛି। ସିମୁଳିଆ ପୋଲିସ ଏହି ଘଟଣାରେ ସଂପୃକ୍ତ ମାଲିକ ପ୍ରଫୁଲ୍ଲଙ୍କ ସମେତ ଅନ୍ୟଦୁଇଜଣଙ୍କୁ ଅଟକରଖି ଅଧିକ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

## ଭାରତମାଳା କ୍ୟାମ୍ପରୁ ଚୋରି ଲୁହା ଛୋଡ ଉଦ୍ଧାର, ୩ ଗିରଫ



**ବୋରିଗୁମ୍ମା,୮।୧(ସଂଚାର ବ୍ୟୁରୋ):** କରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ଜି ଇନ୍ଦ୍ରା ଭାରତମାଳା କ୍ୟାମ୍ପରୁ ଦୁର୍ବୃତ୍ତ ମାନେ ଏକ କୁଇଣ୍ଟାଲ ରୁ ଊର୍ଦ୍ଧ୍ୱ ଲୁହା ଛୋଡ ଓ ଆଇରନ ଏଙ୍ଗଲର, ସେଣ୍ଟ୍ରିଙ୍ଗ ପ୍ଲେଟ ଚୋରୀ କରି ନେଇ ଯାଇଥିଲେ। ବୋରିଗୁମ୍ମା ଥାନରେ ମାମଲା ରୁଜୁ ହେବାପରେ ପୋଲିସ ତନାଘନା ତଦନ୍ତ ଚଳାଇ ବୋରିଗୁମ୍ମା ସହରର ଭେଙ୍କେଟ ରାଓ ନାମକ ବ୍ୟକ୍ତି ଚୋରୀ ଜିନିଷ କିଣିଥିବା ଜାଣିବାକୁ ପାଇ ବୋରିଗୁମ୍ମା ପୁଲିସ ୩ ଚୋରଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ଏବଂ ସେମାନଙ୍କୁ ଗିରଫ କରିବା ସହ ଚୋରି ହୋଇଥିବା ଲୁହା ଜିନିଷ ଜବତ କରି ଥାନାକୁ ନେଇ ଆସିଥିଲେ। ଏନେଇ ବୋରିଗୁମ୍ମା ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ବୋରିଗୁମ୍ମା ଏସଡିପିଓ ସତ୍ୟବ୍ରତ ଲେଙ୍କା। ଏହି ପ୍ରେସମିଟରେ ଏଏସଆଇ ବସନ୍ତ ନାଗ, ଏଏସଆଇ ଗୋପାଳ ହରିଜନ, ପ୍ରମୁଖ ଉପସ୍ଥିତ ଥିଲେ।

## ସାଂସଦଙ୍କ ପାଇଁ ଜୁରିଆପାଟଣା ଗ୍ରାମରେ ଦୂରହେଲା ପାଣି ସମାସ୍ୟା



**ନୀଳଗିରି,୮।୧(ସଂଚାର ବ୍ୟୁରୋ):** ଔପଦା ବ୍ଲକ ଅଧିନସ୍ଥ ଶ୍ୟାମସୁନ୍ଦର ପୁର ପଞ୍ଚାୟତ୯ନମ୍ବର ୱାର୍ଡ ଜୁରିଆପାଟଣା ଗ୍ରାମ ର ପ୍ରାୟ ୫ଶହ ଲୋକ ବସବାସ କରନ୍ତି।ଉକ୍ତ ଗାଁ ଟି ଆଦର୍ଶ ଗାଁ ହୋଇଥିବାରୁ ସରକାର ଙ୍କ ପକ୍ଷରୁ ୪୦ଲକ୍ଷ ଟଙ୍କା ୨୦୨୨-୨୩ମସିହାରେ ଅନୁଦାନ ଆସିଥିଲା।ଉକ୍ତ ଟଙ୍କା ରୁ ଗ୍ରାମ ବାସୀ ଙ୍କୁ ପାଇପ ଯୋଗେ ପାନୀୟ ଜଳଯୋଗାଣ ପାଇଁ ଆର ଡବ୍ଲୁ ଏସେଏସ ପକ୍ଷରୁ ୨୦୨୨-୨୩ ଆର୍ଥିକ ବର୍ଷରେ ୩ଲକ୍ଷ ୧୭ହଜାରଟଙ୍କା ବ୍ୟୟ ରେ ଏକ ୱାଟର ସପ୍ଲାଏ କରାଯାଇଥିଲା।ଏକ ବର୍ଷ ପରେ କିଛି ଲୋକଙ୍କ ଘର କୁ ପାଣି ଯାଉଥିଲା ବେଳେ ଗ୍ରାମରେ ଅଧିକାଂଶ ଲୋକ ଙ୍କ ଘରକୁ ପାଣି ପହଂଚି ପାରୁନଥିଲା।ଏନେଇ ଗ୍ରାମ ବାସୀ ମାନେ ବାରମ୍ବାର ସ୍ଥାନୀୟ ସରପଞ୍ଚ ପୁରସ୍ତମ ସେଠୀ ଓ ବ୍ଲକ ରେ ଥିବା ପାଣିବିଭାଗ ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀ ଙ୍କୁ ଜଣାଇଲା ପରେ ବି ଗ୍ରାମରେ ପାଣି ର ସମାସ୍ୟା ସମାଧାନ ହୋଇ ପାରୁନଥିଲା।ଫଳରେ ଲୋକ ମାନେ ନାହିଁ ନଥିବା ଅସୁବିଧା ରେ ସମ୍ମୁଖୀନ ହେଉଥିଲେ। ଘଟଣା ସମ୍ପର୍କରେ ଗ୍ରାମବାସୀମାନେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଙ୍କୁ ଜଣାଇଥିଲେ।ପରେ ଶ୍ରୀ ଦାସ ବିଭାଗୀୟ କତୃପକ୍ଷ ସହ ପୁଙ୍ଖାନୁ ପୁଙ୍ଖ ଆଲୋଚନା କରି ୩ଦିନ ଭିତରେ ପାଣି ସମାସ୍ୟା ଜୁରିଆପାଟଣା ଗ୍ରାମ କିପରି ସମାଧାନ ହେବ ସେ ବିଷୟରେ ବିଭାଗୀୟ କତୃପକ୍ଷ ଙ୍କୁ ପରମର୍ଶ ଦେଇଥିଲେ।

## ବରିଷ୍ଠ କଂଗ୍ରେସ ନେତାଙ୍କ ପରଲୋକ

**ନୀଳଗିରି,୮।୧(ସଂଚାର ବ୍ୟୁରୋ):** ଔପଦା ବ୍ଲକ ଅଧିନସ୍ଥ ବାଉଁଶବଣିଆ ପଞ୍ଚାୟତ ରାଇପୁର ଗ୍ରାମର ବରିଷ୍ଠକଂଗ୍ରେସ ନେତା ଲକ୍ଷ୍ମୀଧର ପରିଡା(୭୩) ଆଜି ଭୋର ପ୍ରାୟ୩.୪୦ମିନିଟ ସମୟ ରେ ନିଜ ବାସଭବନରେ ମୃତ୍ୟୁ ହୋଇଯାଇଛି। ପରି ବାର ସହିତ ଅଞ୍ଚଳରେ ଶୋକ ର ଛାୟା ଖେଳିଯାଇଛି।ସେ ଦୀର୍ଘ ଦିନ ଧରି ମଧୁମେହ ରୋଗରେ ପୀଡିତହୋଇ ଚିକିତ୍ସା ଧୀନ ଥିଲେ।ତାଙ୍କ ମର ଶରୀର ନିକଟରେ ସ୍ତ୍ରୀ ପାର୍ବତୀ, ବଡ଼ ପୁତ୍ର ବିକାଶ, ସାନ ପୁଅ ବିଜୟ, ଝିଅ ଭାରତୀ, ଜ୍ୱାଇଁ ବିରେଶ, ନାତି ନିଗମ, ପୁତ୍ରବଧୂ ଜୟଶା, ନାତୁଣୀ ଭାରତୀ, ସାନ ଭାଇ ଦୈତାରୀ, ବନ୍ଧୁ ବାନ୍ଧବ ସମ୍ପର୍କୀୟ, ଗ୍ରାମ ବାସୀ ମାନେଉପସ୍ଥିତ ଥିଲେ। ଆଜି ସକାଳେ ସ୍ୱର୍ଗତ ପରିଡା ଙ୍କ ର ଶେଷ କୃତ୍ୟ ଘର ବାଡ଼ିରେ ସମ୍ପନ୍ନ କରିଥିବା ବେଳେ ତାଙ୍କ ବଡ଼ ପୁଅ ବିକାଶ ମୁଖାଗ୍ନି ଦେଇଛନ୍ତି।ଖବର ପାଇ ନୀଳଗିରି ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ, କଂଗ୍ରେସ ନେତା ଇଂ ଦୀପ୍ତି କାନ୍ତ ମହାପାତ୍ର, ସାଂସଦ ଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ର ବିନ୍ଦୁ ଦାସ, ସ୍ଥାନୀୟ ସରପଞ୍ଚ ନିରଂଜନ ପ୍ରସାଦ ବାରିକ, ବିଜୟ ଗିରି, ଦୁଷ୍ମନ୍ତ ଲେଙ୍କା, ୱାର୍ଡ ମେମ୍ବର ରତିକାନ୍ତ ବିଶ୍ୱାଳ ସମେତ ବହୁ ନେତା, ଗ୍ରାମବାସୀ, ବରିଷ୍ଠ ନାଗରିକ ତାଙ୍କ ଶେଷ ଦର୍ଶନ କରିବା ସହିତ ପରିବାରକୁ ସମବେଦନା ଜଣାଇଥିଲେ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ନିମନ୍ତେ ପ୍ରସ୍ତୁତି ବୈଠକ




**ଯାଜପୁର,୮।୧(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାଏକ ଅଧ୍ୟକ୍ଷତା କରି ଧାର୍ଯ୍ୟ ତାରିଖ ପୂର୍ବରୁ ବହୁ ମାତ୍ରାରେ ପ୍ରଚାର ପ୍ରସାର ମାଧ୍ୟମରେ ସମସ୍ତ ହିତାଧିକାରୀଙ୍କୁ ସଠିକ୍ ଅବଗତ କରାଇବା ପାଇଁ କହିଥିଲେ। ସମସ୍ତ କ୍ୟାମ୍ପଗୁଡ଼ିକ ସୁଚାରୁ ରୂପେ ସମ୍ପନ୍ନ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ହିତାଧିକାରୀ ଯେପରି ସୁବିଧାରେ ନିଜର ଆବଶ୍ୟକତା ଅନୁଯାୟୀ ଉପଲବ୍ଧ ସୁବିଧାଗୁଡ଼ିକ ପାଇପାରିବେ ସେଥିପ୍ରତି ଧ୍ୟାନ ଦେବା ଉପରେ ସୂଚନା ପ୍ରଦାନ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଜାନକୀ ହେମ୍ବ୍ରମ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରର କାର୍ଯ୍ୟସୂଚୀ ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ ଶିବିର ପାଇଁ ଉପଯୁକ୍ତ ସ୍ଥାନ, ଆବଶ୍ୟକୀୟ ଭିତ୍ତିଭୂମି, ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତ ଯୋଗାଣ, ପଞ୍ଜିକରଣ କେନ୍ଦ୍ର, ଚିକିତ୍ସା ଶିବିର, ଦକ୍ଷତା ବିକାଶ ଶିବିର, ବ୍ୟାଙ୍କ ସହାୟତା ଶିବିର, ପୋଲିସ ମୁତୟନ ଇତ୍ୟାଦି ନେଇ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏନଜିଓ, ଅଙ୍ଗନବାଡ଼ି କର୍ମଚାରୀ ମଧ ନିୟୋଜିତ ହେବେ। ଚଳିତ ବର୍ଷ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅଭିଯାନ ବିଭିନ୍ନ ବ୍ଲକରେ ଜାନୁଆରୀ ୨୭ ରୁ ଆରମ୍ଭ ହୋଇ ଫେବୃଆରୀ ୧୩ ଯାଏଁ ଆୟୋଜିତ ହେବ।

ଗୁରୁଶ୍ରୀ କେଲୁଚରଣ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀରେ ମୁଖ୍ୟମନ୍ତ୍ରୀ

# ଓଡ଼ିଶା, ଓଡ଼ିଆ ଓ ଓଡ଼ିଶୀର ସଙ୍ଗମ ଗୁରୁଶ୍ରୀ କେଲୁଚରଣ



**ଭୁବନେଶ୍ୱର,୮।୧(ସଂଚାର ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆଜି ପଦ୍ମ ବିଭୂଷଣ ଗୁରୁ ସ୍ୱର୍ଗତ କେଲୁଚରଣ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ସ୍ଥାନୀୟ ଗୁରୁ କେଲୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ର ଠାରେ ପାଳନ କରାଯାଇଛି ।

ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଓଡ଼ିଶୀ ଗବେଷଣା କେନ୍ଦ୍ର ସ୍ଥିତ ପଦ୍ମ ବିଭୂଷଣ ଗୁରୁ କେଲୁଚରଣ ମହାପାତ୍ରଙ୍କ ପ୍ରତିମୂର୍ତ୍ତି ସମେତ ପଦ୍ମଶ୍ରୀ ସଂଯୁକ୍ତା ପାଣିଗ୍ରାହୀ ଓ ପଣ୍ଡିତ ଭୁବନେଶ୍ୱର ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଏହାପରେ ମୁଖ୍ୟମନ୍ତ୍ରୀ ଆୟୋଜିତ କେଲୁଚରଣ କୀର୍ତ୍ତି ଶତକମ୍ ନାମରେ ଆୟୋଜିତ ତିନିଦିନିଆ ଚିତ୍ରକଳା ଓ ଫଟୋଚିତ୍ର ପ୍ରଦର୍ଶନୀ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଅବସରରେ ଗଣମାଧ୍ୟମକୁ ବିବୃତି ଦେଇ ମୁଖ୍ୟମନ୍ତ୍ରୀ କେଲୁଚରଣ ମହାପାତ୍ରଙ୍କୁ ଓଡ଼ିଶା, ଓଡ଼ିଆ ଆଉ ଓଡିଶୀର ଅଭୂତପୂର୍ବ ସଙ୍ଗମ ବୋଲି କହିଥିଲେ। ଗୁରୁ କେଲୁଚରଣ ମହାପାତ୍ର କେବଳ ଜଣେ ମହାନ ନୃତ୍ୟଶିଳ୍ପୀ ନୁହେଁ, ସେ ଥିଲେ ଓଡ଼ିଶୀ ନୃତ୍ୟର ଆତ୍ମା। ଯେତେବେଳେ ଓଡିଶୀ ନୃତ୍ୟ ଅବହେଳାର ଅନ୍ଧକାରରେ ଆବୃତ ଥିଲା, ସେତେବେଳେ ଗୁରୁଜୀ ତାଙ୍କର ଅସୀମ ସାଧନା, ଅତୁଟ ଆସ୍ଥା ଓ ଅଦମ୍ୟ ପରିଶ୍ରମରେ ଏହି ନୃତ୍ୟକଳାକୁ ପୁନର୍ଜୀବନ ଦେଇଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି, ମାହାରୀ ପରମ୍ପରା, ଶାସ୍ତ୍ରୀୟ ଓ ଲୋକକଳା, ସମସ୍ତଙ୍କ ସମନ୍ୱୟରେ ଗୁରୁ କେଲୁଚରଣ ମହାପାତ୍ର ଓଡିଶୀ ନୃତ୍ୟକୁ ଏକ ଅଦ୍ଭୁତ ଶାସ୍ତ୍ରୀୟ ଆକୃତି ଦେଇଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସଂସ୍କୃତି ବିଭାଗ ସଚିବ ଡ଼ ବିଜୟ କେତନ ଉପାଧ୍ୟାୟ, ଲଳିତକଳା ଏକାଡେମୀର ଅଧକ୍ଷ ଡକ୍ଟର ଚନ୍ଦ୍ରଶେଖର ହୋତା, ବିଭାଗୀୟ ନିର୍ଦ୍ଦେଶକ ଦେବପ୍ରସାଦ ଦାଶ ଏବଂ ବରିଷ୍ଠ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ ଓ କଳାକାର ମାନେ ଉପସ୍ଥିତ ଥିଲେ।

## ଜଙ୍ଗଲରୁ ଯୁବକଙ୍କ ଦରପୋଡ଼ା ମୃତଦେହ ଉଦ୍ଧାର

**ବାଲିଗୁଡା, ୮।୧(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଟିକାବାଲି ଥାନା ଚକାପାଦ ବ୍ଲକର ଲାଇନପଡ଼ା-ପସରା ଗ୍ରାମ ରାସ୍ତାରେ ଥିବା ଚୁନଘାଟି ଜଙ୍ଗଲରୁ ଜଣେ ଯୁବକଙ୍କ ଦରପୋଡ଼ା ମୃତଦେହ ଉଦ୍ଧାର କରାଯାଇଛି। ମୃତ ଯୁବକ ଜଣକ ହେଲେ ଖଜୁରୀପଡ଼ା ଥାନା ଆର୍. ନୂଆଗାଁ ପଞ୍ଚାୟତ ଖଲିବେରଣା ଗ୍ରାମର ଦୁର୍ଯ୍ୟୋଧନ ବଗର୍ତ୍ତୀ (୩୫)। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଥିବା ବେଳେ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି।

ଗତ ରବିବାର ଦୁର୍ଯ୍ୟୋଧନ ଚିକେନ ଆଣିବା ପାଇଁ ବାହାରକୁ ଯାଇଥିଲେ, ମାତ୍ର ଆଉ ଫେରି ନ ଥିଲେ। ବୁଧବାର ସକାଳେ ଚୁନଘାଟି ଜଙ୍ଗଲରେ ଏକ ଅର୍ଦ୍ଧଦଗ୍ଧ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ସୂଚନା ଦେଇଥିଲେ। ପରେ ଦୁର୍ଯ୍ୟୋଧନଙ୍କର ବୋଲି ଚିହ୍ନଟ କରିଥିଲା। ମୃତକଙ୍କ ବାପାଙ୍କ ଲିଖିତ ଅଭିଯୋଗ ଆଧାରରେ ଟିକାବାଲି ପୁଲିସ ଏକ ମାମଲା ରୁଜୁ କରିଛି। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ବୌଦ୍ଧରୁ ଏକ ସାଇଣ୍ଟିଫିକ ଟିମ ଆସି ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ନମୁନା ସଂଗ୍ରହ କରିବା ସହ ଛାନଭିନ ଆରମ୍ଭ କରିଛି। ଏହି ମାମଲାରେ କିଛି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି।

● ପାରାଦୀପ ଓ ଭଦ୍ରକରେ ଆଇଓସିଏଲ ମେଗା ପ୍ରକଳ୍ପ

## ଶୀଘ୍ର କାର୍ଯ୍ୟାନ୍ୱୟନ ପାଇଁ ଶିଳ୍ପମନ୍ତ୍ରୀଙ୍କ ନିର୍ଦ୍ଦେଶ



**ଭୁବନେଶ୍ୱର,୮।୧(ସଂଚାର ବ୍ୟୁରୋ):** ପାରାଦୀପ ଓ ଭଦ୍ରକରେ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ (ଆଇଓସିଓଲ) ର ତ୍ୱରିତ କାର୍ଯ୍ୟାନ୍ୱୟନ ନେଇ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ପ୍ରଧାନମନ୍ତ୍ରୀଙ୍କ ପୂର୍ବାଞ୍ଚଳ ବିକାଶ ସ୍ୱପ୍ନ ସାକାର ଦିଗରେ ଆଇଓସିଏଲର ପାରାଦୀପରେ ଡୁଆଲ୍ ଫିଡ୍ ନାଫଥା କ୍ରାକର ପ୍ଲାଣ୍ଟ ଓ ଭଦ୍ରକରେ ୟାର୍ନ ଉତ୍ପାଦନ ପ୍ରକଳ୍ପ ବେଶ୍ ଗୁରୁତ୍ୱପୂର୍ଣ୍ଣ। ତେଣୁ ପ୍ରକଳ୍ପ ଗୁଡିକର ଶୀଘ୍ର କାର୍ଯ୍ୟାନ୍ୱୟନ ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱ ଦେଇଛନ୍ତି। ପାରାଦୀପର ପେଟ୍ରୋ କେମିକାଲ କମ୍ପ୍ଲେକ୍ସରେ ଡୁଆଲ୍ ଫିଡ୍ ନାଫଥା କ୍ରାକର ପ୍ଲାଣ୍ଟ ପ୍ରତିଷ୍ଠା ହେବ। ସେହିପରି ଭଦ୍ରକର ୟାର୍ନ ଉତ୍ପାଦନ ପ୍ରକଳ୍ପ ରାଜ୍ୟର ବସ୍ତ୍ର ଉଦ୍ୟୋଗକୁ ପ୍ରୋତ୍ସାହିତ କରିବ। ଉଭୟ ପ୍ରକଳ୍ପକୁ ନେଇ ଥିବା ଜମି ଅଧିଗ୍ରହଣ ସମସ୍ୟାର ଶୀଘ୍ର ସମାଧାନ ତଥା ଅନ୍ୟ ଅନୁମତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ଦୁଇ ପ୍ରକଳ୍ପ ଓଡିଶା ଅର୍ଥନୀତିକୁ ନୂଆ ଗତି ଦେବ। ରାଜ୍ୟ ପାଇଁ ବଡ ନିବେଶ ଆଣିବା ସହ ହଜାର ହଜାର ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ତେଣୁ ଉଭୟ ପ୍ରକଳ୍ପକୁ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ବୈଠକରେ ଆଇଓସିଏଲ୍, ଇଡକୋ, ଇପିକଲ, ଗ୍ରୀଡକୋ, ଓପିଟିସିଏଲ୍, ଡିସିଆଇ, ଶିଳ୍ପ, ରାଜସ୍ୱ, ଜଳସଂପଦ ବିଭାଗର ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ଭଦ୍ରକ ଓ ଜଗତସିଂହପୁର ଜିଲ୍ଲାପାଳ ଭିଡିଓ କନଫରେନ୍ସିଂ ମାଧମରେ ଯୋଡ଼ି ହୋଇଥିଲେ।

ସୁଲଭ ବାସଗୃହ ପ୍ରକଳ୍ପର ସମୀକ୍ଷା

## ସମ୍ପୂର୍ଣ୍ଣ ହୋଇଥିବା ଗୃହଗୁଡ଼ିକର ବଣ୍ଟନ ପାଇଁ ନିଷ୍ପତ୍ତି



**ଭୁବନେଶ୍ୱର, ୮।୧(ସଂଚାର ବ୍ୟୁରୋ):** ସୁଲଭ ବାସଗୃହ ପ୍ରକଳ୍ପଗୁଡ଼ିକର ସ୍ଥିତି ସମୀକ୍ଷା କରିବା ସହ ନିର୍ମାଣ ସରିଥିବା ଗୃହଗୁଡ଼ିକର ସଠିକ୍ ବଣ୍ଟନ ଓ ବ୍ୟବହାର ପାଇଁ ଆଜି ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବାସଗୃହ ବଣ୍ଟନ ପ୍ରକ୍ରିୟାକୁ ସରଳ କରିବା ଏବଂ ଯୋଜନାବଦ୍ଧ ସହରୀ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି।

ବୈଠକରେ ଚନ୍ଦ୍ରଶେଖରପୁର ସୁଲଭ ବାସଗୃହ ପ୍ରକଳ୍ପ (ବୁଦ୍ଧ ବିହାର), ନୀଳମାଧବ ଆବାସ ଯୋଜନା, ଶାନ୍ତିପଲ୍ଲୀ ଆବାସ ଯୋଜନା ଏବଂ ସୁବୁଦ୍ଧିପୁର ସୁଲଭ ବାସଗୃହ ପ୍ରକଳ୍ପର ସ୍ଥିତି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସମ୍ପୂର୍ଣ୍ଣ ହୋଇଥିବା ଗୃହଗୁଡ଼ିକ ଯେପରି ଖାଲି ପଡ଼ି ନରହେ, ସେଥିପାଇଁ ହିତାଧିକାରୀଙ୍କୁ ତୁରନ୍ତ ବଣ୍ଟନ କରିବା ଓ ବିଭିନ୍ନ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାବ୍ୟତୀତ ଘାଟିକିଆ ଏବଂ ଗଡ଼କଣାଠାରେ ଚାଲିଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ କୁହାଯାଇଛି।

ଆବାସ ପ୍ରକଳ୍ପଗୁଡ଼ିକର ସୂଚାରୁ ପରିଚାଳନା ପାଇଁ ପ୍ରମୁଖ ଶାସନ ସଚିବଙ୍କ ଅଧକ୍ଷତାରେ ଏକ 'କ୍ଷମତାପ୍ରାପ୍ତ କମିଟି' ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି କମିଟି ବାସଗୃହ ବଣ୍ଟନ ନୀତି, ଭଡ଼ା ଘରକୁ ପ୍ରାଥମିକତା ଏବଂ ଆନ୍ତଃ-ବିଭାଗୀୟ ସମସ୍ୟାର ସମାଧାନ କରିବ।

ନୂତନ ନିୟମ ଅନୁଯାୟୀ, ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଥମେ ୬ ମାସ ପାଇଁ 'ଅସ୍ଥାୟୀ ବଣ୍ଟନ' କରାଯାଇ ସେମାନଙ୍କ ଗତିବିଧି ଉପରେ ନଜର ରଖାଯିବ। ସଫଳତାର ସହ ଏହି ସମୟ ଅତିବାହିତ ହେବା ପରେ ହିଁ ସ୍ଥାୟୀ ଆବଣ୍ଟନ ପତ୍ର ପ୍ରଦାନ କରାଯିବ। ବଣ୍ଟନ କରାଯାଇଥିବା ଘରକୁ କେହି ହସ୍ତାନ୍ତର କରିପାରିବେ ନାହିଁ କିମ୍ବା ଅନ୍ୟକୁ ଭଡ଼ାରେ ଦେଇପାରିବେ ନାହିଁ। ସୁଲଭ ବାସଗୃହ ପ୍ରକଳ୍ପଗୁଡ଼ିକୁ 'ଆମ ବସ' ସେବା ସହିତ ଯୋଡ଼ାଯିବ, ଯାହାଫଳରେ ଲୋକମାନେ ସହଜରେ ଯାତାୟାତ କରିପାରିବେ। କୌଣସି ନୂଆ ବସ୍ତି କିମ୍ବା ନୂଆ ଜବରଦଖଲ ନୁହେଁ ନୀତିକୁ କଡ଼ାକଡ଼ି ପାଳନ କରାଯିବ। ପ୍ରବାସୀ ଶ୍ରମିକ ଓ ସହରୀ ଗରିବଙ୍କ ପାଇଁ ଭଡ଼ା ସୂତ୍ରରେ ରହିବା ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦିଆଯିବ। ଏହି ପ୍ରକ୍ରିୟାରେ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ସହାୟତା ନିଆଯିବ।

● ୧୯ ଦିନରେ ଅବକାରୀ ବିଭାଗର ସ୍ୱତନ୍ତ୍ର ଚଢ଼ାଉ ଅଭିଯାନ

## ୧.୪୪ କୋଟିର ବେଆଇନ ମାଦକ ଦ୍ରବ୍ୟ ଜବତ

**ଭୁବନେଶ୍ୱର,୮।୧(ସଂଚାର ବ୍ୟୁରୋ):** ଡିସେମ୍ବର ୨୦ରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଚଢ଼ାଉ ଅଭିଯାନର ୧୯ତମ ଦିନରେ ଅବକାରୀ ବିଭାଗ ୨୭୯ଟି ମାମଲା ରୁଜୁ କରିଛି, ଯେଉଁଥିରେ ଏନଡିପିଏସ୍ ଆଇନରେ ୧୦ଟି ମାମଲା ଅନ୍ତର୍ଭୁକ୍ତ ରହିଛି। ଏହି ଅଭିଯାନରେ ୧.୪୪ କୋଟି ଟଙ୍କା ମୂଲ୍ୟର ବେଆଇନ ସାମଗ୍ରୀ ଜବତ କରାଯାଇଛି। ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ବେଆଇନ ନିଶା କାରବାରରେ ସମ୍ପୃକ୍ତ ଅଭିଯୋଗରେ ୧୭୮ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୧୯ଟି ଗାଡି ଜବତ କରାଯାଇଛି। ଜବତ ସାମଗ୍ରୀ ମଧ୍ୟରେ ୧୩,୪୭୭ ଲିଟର ବେଆଇନ ଭାବେ ପ୍ରସ୍ତୁତ ମଦ ଏବଂ ୪୦୦ ଲିଟର ଡ୍ୟୁଟି ପେଡ ଲିକର ରହିଛି। ଏଥିସହିତ ୬୬,୦୫୦ ଲିଟର ମହୁଲି ପୋଚ, ୫୮,୩୦୦ କିଗ୍ରା ଗୁଡ଼ ପୋଚ ଏବଂ ୧୮୨କେଜି ଭାଙ୍ଗ ଜବତ ହୋଇଛି। ବେଆଇନ ନିଶା ଦ୍ରବ୍ୟ ମଧ୍ୟରେ ୬୮ କିଗ୍ରା ଗଞ୍ଜେଇ, ୨୬୧ ଗ୍ରାମ ବ୍ରାଉନ୍ ସୁଗର୍ ଏବଂ ୧୫୦ ଲିଟର କଫ୍ ସିରପ୍ ଜବତ କରାଯାଇଛି। ଏଥି ସହିତ ଦେଓଗଡ଼ ଜିଲ୍ଲାରେ ବେଆଇନ ଗଞ୍ଜେଇ ଚାଷ ସମ୍ପର୍କିତ ଗୋଟିଏ ମାମଲା ଅବକାରୀ ୟୁନିଟ୍ ଦ୍ୱାରା ରୁଜୁ କରାଯାଇଛି।

## ୮ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ

● ବେପାରୀକୁ ବାନ୍ଧିଲା ପୁଲିସ



**ଭଦ୍ରକ,୮।୧(ସଂଚାର ବ୍ୟୁରୋ):** ବାଇକରେ କରୁଥିଲେ ବ୍ରାଉନ ସୁଗର ବେପାର। ପାଟ୍ରୋଲିଂ ବେଳେ ଧରିଲା ଅବକାରୀ ପୁଲିସ। ଗୁରୁବାର ଭଦ୍ରକ ଅବକାରୀ ବିଭାଗର ମୋବାଇଲ ୟୁନିଟ୍ ଏଭଳି ଜଣେ ବ୍ରାଉନ ସୁଗର ବେପାରୀକୁ ଧରିବାରେ ସଫଳ ହୋଇଛି। ତା' ଠାରୁ ଲକ୍ଷାଧିକ ଟଙ୍କା ବ୍ରାଉନ ସୁଗର ଜବତ ହୋଇଥିବାବେଳେ ଅଭିଯୁକ୍ତକୁ ଗିରଫ କରିଛି ଅବକାରୀ ପୋଲିସ। ସୂଚନା ଅନୁଯାୟୀ, ଗୁରୁବାର ସବୁଦିନ ଭଳି ପାଟ୍ରୋଲିଂ କରୁଥିଲା ଅବକାରୀ ପୁଲିସ। ଏହି ସମୟରେ ଏକ ବାଇକ ଚାଳକର ଗତିବିଧି ଉପରେ ସନ୍ଦେହ କରି ଅବକାରୀ ବିଭାଗର ମୋବାଇଲ୍ ୟୁନିଟ୍ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ଯୁବକ ନିକଟରୁ ୮୦ ଗ୍ରାମ ବ୍ରାଉନ ସୁଗାର ମିଳିଥିଲା। ଜବତ ବ୍ରାଉନ ସୁଗରର ମୂଲ୍ୟ ୮ ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି। ଯୁବକ ଜଣକ ବ୍ରାଉନ ସୁଗର ବେପାର କରିବା ପାଇଁ ଆଣିଥିବା ସୂଚନା ମିଳିଥିବା ବେଳେ ଅବକାରୀ ଟିମ୍ ଯୁବକଙ୍କୁ ଗିରଫ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

● ନାବାଳିକାକୁ ପ୍ରେମ ନିବେଦନ ଘଟଣା

## ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ଯୁବକଙ୍କୁ ଉଲଗ୍ନ କରି ମାଡ଼

**ରାଇରଙ୍ଗପୁର/ବହଳଦା,୮।୧ (ସଂଚାର ବ୍ୟୁରୋ):** ନାବାଳିକାକୁ ପ୍ରେମ ପାଇଁ ଯୁବକଙ୍କୁ କଙ୍ଗାରୁ କୋର୍ଟରେ ଶାସ୍ତି ମିଳିଛି। ଆଇନକୁ ହାତକୁ ନେଇ ଜଣେ ଯୁବକଙ୍କୁ ଉଲଗ୍ନ କରି ମାଡ଼ମାରି ରକ୍ତାକ୍ତ କରିବା ପରେ ଦଉଡ଼ିରେ ହାତ ବାନ୍ଧି ରାସ୍ତାରେ ଉଲଗ୍ନ କରି ବୁଲାଇଛନ୍ତି। ଏଭଳି ଏକ ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ବହଳଦା ଥାନା ଅଞ୍ଚଳରେ। ଯାହାର ଭିଡିଓ ଭାଇରାଲ ହୋଇଛି। ସୂଚନା ଅନୁଯାୟୀ, ଜନୈକା ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକ ଜଣେ ହିନ୍ଦୁ ନାବାଳିକା ଝିଅକୁ ପ୍ରଲୋଭିତ କରି ପ୍ରେମ ସମ୍ପର୍କ ରଖି ନିଛାଟିଆ ସ୍ଥାନକୁ ଡାକି ଅସଦାଚାରଣ କରୁଥିବା ବେଳେ କିଛି ଯୁବକ ତାକୁ ଧରି ମାଡ଼ମାରିବା ସହିତ ରାତିରେ ଉଲଗ୍ନ କରି ହାତରେ ଦୌଡ଼ି ବାନ୍ଧି ବୁଲାଇଥିବା ଭିଡିଓ ମୋବାଇଲରୁ ମୋବାଇଲ ଭାଇରାଲ ହେବାରେ ଲାଗିଛି। ଯାହାକୁ ନେଇ ବହଳଦା ଥାନାରେ ମାମଲା ହୋଇଥିଲା। ଉଭୟ ଯୁବକ ଓ ଯୁବତୀ ଭେଟ୍ କରିବାକୁ ଆସିଥିବା ବେଳେ ଯୁବତୀଙ୍କ ସମ୍ପର୍କୀୟମାନେ ଏଭଳି କରିଥିବା ସୂଚନା ମି ଳି ଛି । ଜଣେ ସଂଖ୍ୟାଲଘୁ ଯୁବକଙ୍କୁ ଏହିପରି ସର୍ବସାଧାରଣ ସମ୍ମୁଖରେ ଲଜ୍ଜିତ କରିବା ଘଟଣା ନେଇ ଯୁବକଙ୍କ ପରିବାର ଲୋକେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଏହାର ନକଲ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଅତିରିକ୍ତ ଏସ୍‌ପି, ଏସ୍‌ଡିପିଓ, ମାନବାଧିକାର କମିସନ ଓ ହାଇକୋର୍ଟ ବିଚାରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଉକ୍ତ ଘଟଣା ନେଇ ବହଳଦା ଥାନା ପୁଲିସ ପକ୍ଷରୁ ୨ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ରାଇରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଜେନା କହିଛନ୍ତି।



ମାଉସୀ ମା' ଛକରେ ବୋମାମାଡ଼ ଘଟଣା

## ୪ ଅଭିଯୁକ୍ତଙ୍କ ଟେର ପାଉନି ପୁଲିସ

**ଭୁବନେଶ୍ୱର ୮।୧(ସଂଚାର ବ୍ୟୁରୋ):** ଭୁବନେଶ୍ୱର ମାଉସୀ ମା' ଛକରେ ବୋମାମାଡ଼ ଘଟଣାରେ ଜଣେ ଗିରଫ ହୋଇଛି। ଅଭିଯୁକ୍ତକୁ ଗିରଫ କଲା ଲକ୍ଷ୍ମୀସାଗର ଥାନା ପୁଲିସ। ଅନ୍ୟ ୪ ଜଣ ଏବେବି ଫେରାର ଅଛନ୍ତି। ପୁଲିସ ଏ ଘଟଣାରେ ତଦନ୍ତ ଜାରି ରଖିଛି। ହେଲେ ଏହି ୪ ଅଭିଯୁକ୍ତଙ୍କ ଟେର ଏପର୍ଯ୍ୟନ୍ତ ପାଇନାହିଁ। ସୂଚନାଯୋଗ୍ୟ ଯେ, ବୁଧବାର ଦୁଇଟି ବାଇକରେ ୫ ଜଣ ଗୋଡାଗୋଡି ହୋଇ ଆସିଥିଲେ। ମାଉସୀ ମା' ଛକ ନିକଟରେ ଗାଡି ରଖି ଉଭୟ ଗୋଷ୍ଠୀ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାପରେ କହ୍ନେଇ ନାୟକ ନାମକ ଯୁବକ ହଠାତ୍ ବ୍ୟାଗ୍ ଭିତରୁ ବୋମା ବାହାର କରି ଅନ୍ୟ ଗୋଷ୍ଠୀକୁ ଫିଙ୍ଗିବା ସମୟରେ ତାଙ୍କ ହାତରେ ବୋମାଟି ଫୁଟି ଯାଇଥିଲା। ପ୍ରାଥମିକ ଚିକିତ୍ସା ପାଇଁ ଗୁରୁତର ଯୁବକଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। କହ୍ନେଇ ନାୟକର ଡାହାଣ ହାତର କହୁଣି ଠାରୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଗତ ୮ ଦିନ ତଳେ ମଧ ଲକ୍ଷ୍ମୀସାଗର ଅଞ୍ଚଳରେ ଏକ ଗୋଶାଳାରେ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା।

● କେନ୍ଦ୍ର ଶିକ୍ଷାମନ୍ତ୍ରୀ ଏବଂ ଓଡ଼ିଶା ଗଣଶିକ୍ଷା ମନ୍ତ୍ରୀଙ୍କ ମଧ୍ୟରେ ବୈଠକ

## ୨୦୩୬ ସୁଦ୍ଧା ଆସିବ ବୈପ୍ଳବିକ ପରିବର୍ତ୍ତନ



- ଓଡ଼ିଶାର ଶିକ୍ଷାଗତ ପ୍ରାଥମିକତା ଉପରେ ବିସ୍ତୃତ ଆଲୋଚନା
- ଏନ୍‌ଇପିର କାର୍ଯ୍ୟକାରିତା ଆଧାରରେ ନୂତନ ପୁସ୍ତକ ପ୍ରସ୍ତୁତି
- କେନ୍ଦ୍ରୀୟ ଶିକ୍ଷା ଯୋଜନାଗୁଡ଼ିକର ଅଗ୍ରଗତି ନେଇ ସମୀକ୍ଷା
- ସ୍କୁଲରେ ଡ୍ରପ୍ ଆଉଟ୍ ହାର ହ୍ରାସ କରିବା ମୂଳ ଲକ୍ଷ୍ୟ

**ନୂଆଦିଲ୍ଲୀ/ଭୁବନେଶ୍ୱର, ୮।୧:** ଓଡ଼ିଶାରେ ଶିକ୍ଷା କ୍ଷେତ୍ରର ବିକାଶ ଏବଂ ଜାତୀୟ ଶିକ୍ଷା ନୀତିର ସଫଳ ରୂପାୟନ ନେଇ ଗୁରୁବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶାର ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କେନ୍ଦ୍ର ଓ ରାଜ୍ୟ ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଓଡ଼ିଶାର ଶିକ୍ଷାଗତ ପ୍ରାଥମିକତା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବୈଠକରେ ରାଜ୍ୟରେ ଜାତୀୟ ଶିକ୍ଷା ନୀତିର କାର୍ଯ୍ୟକାରିତା ଏବଂ ନ୍ୟାସନାଲ କରିକୁଲମ ଫ୍ରେମୱର୍କ ଫର୍ ସ୍କୁଲ ଏଜୁକେସନ ଆଧାରରେ ନୂତନ ପାଠ୍ୟପୁସ୍ତକ ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରାଯାଇଛି। ଓଡ଼ିଶାରେ କେନ୍ଦ୍ରୀୟ ଶିକ୍ଷା ଯୋଜନାଗୁଡ଼ିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ସ୍କୁଲରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଡ୍ରପ୍ ଆଉଟ୍ ହାର ହ୍ରାସକରିବା ଏବଂ ସମସ୍ତଙ୍କ ପାଇଁ ଗୁଣାତ୍ମକ ତଥା ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ଶିକ୍ଷା ସୁନିଶ୍ଚିତ ପାଇଁ ରଣନୀତି ପ୍ରସ୍ତୁତ ହୋଇଛି। ୨୦୩୬ ସୁଦ୍ଧା ଏକ ଭବିଷ୍ୟତ-ପ୍ରସ୍ତୁତ ଏବଂ 'ସମୃଦ୍ଧ ଓଡ଼ିଶା' ପାଇଁ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ଲକ୍ଷ୍ୟ ରଖାଯାଇଛି।

ଏଲ୍‌ଆଇସି ଏଜେଣ୍ଟଙ୍କଠାରୁ

## ୩ ଲକ୍ଷ ଟଙ୍କା ଲୁଟ୍

**ଭଦ୍ରକ,୮।୧ (ସଂଚାର ବ୍ୟୁରୋ):** ଚାନ୍ଦବାଲିରେ ଦିନକୁ ଦିନ ଅପରାଧିଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଖୁଲମ ଖୁଲା ପୁଲିସକୁ ଚ୍ୟାଲେଞ୍ଜ ଦେଇ କରୁଛନ୍ତି ଲୁଟ। ଆଜି ବାଂଶଡା ଥାନା ଅଧୀନ ଜଣେ ଏଲଆଇସି ଏଜେଣ୍ଟଙ୍କ ଠାରୁ ଲୁଟିନେଲେ ୩ଲକ୍ଷ ଟଙ୍କା। ସୂଚନା ମୁତାବକ ଚନ୍ଦବାଲି ବ୍ଲକ ଘଣ୍ଟେଶ୍ୱରର ଏଲଆଇସି ଏଜେଣ୍ଟ ସୁଶାନ୍ତ ପଣ୍ଡା ୩ ଲକ୍ଷ ଟଙ୍କା ନେଇ ଚାନ୍ଦବାଲି ଏଲଆଇସି ଅଫିସକୁ ଡିପୋଜିଟ କରିବା ପାଇଁ ଯାଉଥିଲେ। ଘଣ୍ଟେଶ୍ୱର-ବୈଦପୋଖରୀ ରାସ୍ତାର ପଲେଇସାହି ଛକ ନିକଟରେ ପଛପଟୁ ଦୁଇଜଣ ଡକାୟତ ଆସି ତାଙ୍କୁ ମାଡ଼ମାରି ରାସ୍ତା କଡ଼କୁ ଫିଙ୍ଗି ଦେଇଥିଲେ। ତା ସହିତ ଟଙ୍କା ଥିବା ବ୍ୟାଗକୁ ତାଙ୍କଠାରୁ ଲୁଟି ଚମ୍ପଟ ମାରିଥିଲେ। ଖବର ପାଇ ବାଂଶଡା ଥାନାଧିକାରୀ ଘଟଣାସ୍ଥଳରେ ଛାନଭିନ ଜାରି ରଖିଛନ୍ତି।

## ମଣ୍ଡିକୁ ଆସୁନି ଗାଡ଼ି, ଚିନ୍ତାରେ ଚାଷୀ



**ବରଗଡ଼,୮।୧(ସଂଚାର ବ୍ୟୁରୋ):** ଓଡ଼ିଶାର ଭାତ ହାଣ୍ଡି ବରଗଡ଼ ଜିଲ୍ଲାରେ ଧାନ କିଣା ବିକା ପ୍ରକ୍ରିୟାକୁ ୨ ମାସ ହେବାକୁ ବସିଲାଣି କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଚାଷୀଙ୍କ ସମସ୍ୟା ସମାଧାନ ହୋଇପାରୁ ନାହିଁ। ପ୍ରଥମ ପର୍ଯ୍ୟାୟରେ ଧାନ କିଣା ବିଳମ୍ବିତ ହୋଇଥିବା ବେଳେ ଅନ୍ୟ ପଟେ ରାଇସ ମିଲ ଆସୋସିଏସନ୍ ଆନ୍ଦୋଳନକୁ ଓହ୍ଲାଇଥିଲା। ରାଜ୍ୟ ସରକାରଙ୍କ ସହିତ ଆଲୋଚନା ପରେ ଆଜିଠାରୁ ପୁଣି ଧାନ କିଣା ବିକା ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ସୂଚନା ଦେଇଥିଲା। କିନ୍ତୁ ମିଲର୍ସ ମଣ୍ଡିଗୁଡ଼ିକୁ ଗୋଟିଏ ଦୁଇଟି ଲେଖାଏଁ ଗାଡ଼ି ପଠାଇ ନିଜ କାମ ସାରି ଦେଇଛନ୍ତି। ଅନ୍ୟପଟେ ମଣ୍ଡି ଭିତରେ ଲକ୍ଷ ଲକ୍ଷ ବସ୍ତା ଧାନ କିପରି ଉଠାଯାଇ ପାରିବ ଏବଂ ଚାଷୀ ଧାନ ବିକ୍ରିକରି ତା'ର ପ୍ରାପ୍ୟ ପାଇବ ନା ନାହିଁ ତାକୁ ନେଇ ମଧ ସନ୍ଦେହ ସୃଷ୍ଟି ହୋଇଛି। ବଢ଼ିବାରେ ଲାଗିଛି ଚାଷୀ ଅସନ୍ତୋଷ। ଦିନ ରାତି କଷ୍ଟ ଉପାର୍ଜିତ କରିଥିବା ଧାନକୁ ବିକ୍ରି ପାଇଁ ଶୀତ କାକରରେ ବସି ରହିଛି ଚାଷୀ। ଅନ୍ୟପଟେ କେତେବେଳେ ଟୋକନ ଆସୁନି ତ କେତେବେଳେ ଗାଡ଼ି ସମସ୍ୟା ଘେରରେ ଚାଷୀ। କେବେ ବିକିବ ଧାନ ? କେବେ ପୁଣି ରବିଋତୁ ପାଇଁ ସାର,ବିହନ ଓ ଔଷଧ କିଣିବ ଚାଷୀ ?

ଲୁହାଛଡ଼ ଚୋରି ମାମଲା

## ୩ ଅଭିଯୁକ୍ତ ଗିରଫ

**ଜୟପୁର, ୮।୧ (ସଂଚାର ବ୍ୟୁରୋ):** ଭାରତମାଳା କ୍ୟାମ୍ପରୁ ଲୁହା ଛଡ ଏବଂ ଆଇରନ ଏଙ୍ଗଲର ଚୋରି ମାମଲାରେ ତିନି ଜଣ ଗିରଫ ହୋଇଛନ୍ତି। ଗତ ୫ ତାରିଖ ରାତିରେ ବୋରିଗୁମ୍ମା ସାନଦୁବୁଲି ଠାରେ ଏଚ ଜି ଇନଫ୍ରା ଭାରତମାଳା କ୍ୟାମ୍ପରୁ କିଛି ଦୁର୍ବୃତ୍ତ ଏକ କୁଇଣ୍ଟାଲ ଲୁହା ଛଡ, ସେଣ୍ଟରିଂ ପ୍ଲେଟ, ଆଇରନ ଏଙ୍ଗଲର ଚୋରିକରି ନେଇଥିବା ନେଇ କ୍ୟାମ୍ପ ପକ୍ଷରୁ ବୋରିଗୁମ୍ମା ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ତଦନ୍ତ ଆରମ୍ଭ କରି ବୋରିଗୁମ୍ମାରେ ଭେଙ୍କେଟ ରାଓ ନାମକ ବ୍ୟକ୍ତି ଚୋରି ଜିନିଷ କିଣିଥିବା ଜାଣିବାକୁ ପାଇ ଚୋରଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ସେମାନଙ୍କଠାରୁ ଚୋରି ହୋଇଥିବା ଲୁହା ଛଡ ସେଣ୍ଟରିଂ ପ୍ଲେଟ ଏବଂ ଏଙ୍ଗଲେର ଜବତ କରି ତିନି ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଲୁଟ ଅଳଙ୍କାର ଘର ପଛରେ ଲୁଚାଇ ରଖିଥିଲା

## ଅଭିଯୁକ୍ତକୁ କାବୁକଲା ପୁଲିସ

**ଖୋର୍ଦ୍ଧା, ୮।୧ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ମାର୍କେଟ କମ୍ପ୍ଲେକ୍ସ ରେ ଥିବା ଏକ ସୁନା ଦୋକାନରୁ ସୁନା ଅଳଙ୍କାର ଲୁଟ୍ ଘଟଣାର ପର୍ଦ୍ଦାଫାଶ କରିଛି ଖୋର୍ଦ୍ଧା ଆଦର୍ଶ ଥାନା ପୁଲିସ। ୨ କେଜି ୬୩୮ ଗ୍ରାମ ରୁପା, ଟିଭିଏସ ଆପାଚି ବାଇକ, ୨ଟି ଲୁହାରଡ ଜବତକରିବା ସହ ଅଭିଯୁକ୍ତ ବାଲାଗାଁର ଚନ୍ଦନ ନାୟକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରାଯାଇଛି। ସିସିଟିଭି ଫୁଟେଜକୁ ଆଧାର କରି ପୁଲିସ ଅଭିଯୁକ୍ତକୁ ଗିରଫ କରିଛି। ଚନ୍ଦନ ନାମରେ ବିଭିନ୍ନ ଥାନାରେ ଏକାଧିକ ଚୋରି ମାମଲା ରହିଛି। ସୂଚନା ମୁତାବକ ଗତ ଡିସେମ୍ବର ୧୪ ତାରିଖ ରାତିରେ ଅଭିଯୁକ୍ତ ଲୁହାରଡରେ ଦୋକାନ ଗ୍ରିଲ ସଟର ତାଡି ସୁନା ଅଳଙ୍କାର ଲୁଟ୍ କରି ଫେରାର ହୋଇଯାଇଥିଲା। ଅଭିଯୁକ୍ତ ଲୁଟ୍ ପରେ ଚୋରି ସାମଗ୍ରୀ ବିକ୍ରି କରିବାକୁ ଉଦ୍ୟମ କରିଥିଲା। ପରେ ଘର ପଛପଟେ ଲୁଚାଇ ରଖିଥିଲା। ଆଜି ପୂର୍ବାହ୍ନରେ ପୁଲିସ ଟିମ ଅଭିଯୁକ୍ତ ଠିକଣାରେ ଚଢାଉ କରି ରୁପା ଅଳଙ୍କାର ଜବତ କରିଛି ବୋଲି ଆଦର୍ଶ ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସପି ଶ୍ରୀନିବାସ ମହାନ୍ତି ସୂଚନା ଦେଇଛନ୍ତି।

ସଡ଼କ ସୁରକ୍ଷା ଓ ପରିବହନ ସଂସ୍କାର

## ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟ



**ନୂଆଦିଲ୍ଲୀ/ଭୁବନେଶ୍ୱର, ୮।୧(ସଂଚାର ବ୍ୟୁରୋ):** ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ଠାରେ ଜାନୁଆରୀ ୭ ଓ ୮ ତାରିଖରେ ଅନୁଷ୍ଠିତ ପରିବହନ ବିକାଶ ପରିଷଦ ବୈଠକରେ ଓଡ଼ିଶା ସରକାର ନିଜର ସଶକ୍ତ ଓ ପ୍ରଭାବଶାଳୀ ଉପସ୍ଥିତି ଜାହିର କରିଛନ୍ତି। ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏହି ବୈଠକରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ଅଧକ୍ଷତା କରିଥିଲେ। ଏଥିରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପରିବହନ ମନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

ଓଡିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ବୈଠକରେ ଓଡ଼ିଶାର ସାମଗ୍ରିକ ପରିବହନ ଏବଂ ସଡ଼କ ସୁରକ୍ଷା ସମ୍ପର୍କିତ ଚିତ୍ର ଉପସ୍ଥାପନ କରିଥିଲେ। ସଡ଼କ ସୁରକ୍ଷା, ଡିଜିଟାଲ ପରିବହନ ଶାସନ, ଚାଳକ ପ୍ରଶିକ୍ଷଣ ଏବଂ ପ୍ରଯୁକ୍ତିଭିତ୍ତିକ ପ୍ରବର୍ତ୍ତନ କ୍ଷେତ୍ରରେ ରାଜ୍ୟର ଅଗ୍ରଣୀ ପଦକ୍ଷେପଗୁଡ଼ିକ ଉପରେ ସେ ଆଲୋକପାତ କରିଥିଲେ। ଓଡ଼ିଶା ପ୍ରତିନିଧି ଦଳର ସଦସ୍ୟ ଭାବେ ପରିବହନ କମିଶନର ଅମିତାଭ ଠାକୁର ମଧ ଏହି ବୈଠକରେ ଉପସ୍ଥିତ ଥିଲେ। ଓଡ଼ିଶାର ସଂସ୍କାରମୁଖୀ ଆଭିମୁଖ୍ୟ ଏବଂ ସର୍ବୋତ୍ତମ କାର୍ଯ୍ୟଶୈଳୀ ଜାତୀୟ ସ୍ତରରେ ବ୍ୟାପକ ପ୍ରଶଂସା ସାଉଁଟିଛି।

ସଡ଼କ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ପାଇଁ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନଗଦବିହୀନ ଚିକିତ୍ସା ସୁବିଧା ଯୋଗାଇବାକୁ ଥିବା 'ପିଏମ୍ ରାହତ' ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶା ଶତ ପ୍ରତିଶତ ପ୍ରସ୍ତୁତ ଥିବା ବୈଠକରେ ଜଣାଇଛି। କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଓଡ଼ିଶାର ପ୍ରମୁଖ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଯଥା- ସୁବାହକ, ଆମ ସୁବାହକ, ସୁବାହକ ସୁବିଧା, ରକ୍ଷକ ଏବଂ ଜୁନିୟର ରକ୍ଷକକୁ ପ୍ରଶଂସା କରିଛନ୍ତି। ଓଡ଼ିଶାର ସଫଳ ଗୋଷ୍ଠୀଭିତ୍ତିକ ପଦକ୍ଷେପଗୁଡ଼ିକରୁ ଅନୁପ୍ରାଣିତ ହୋଇ ଜାତୀୟ ସ୍ତରରେ 'ସଡ଼କ ସୁରକ୍ଷା ମିତ୍ର' କାର୍ଯ୍ୟକ୍ରମ ପ୍ରସ୍ତାବ କରାଯାଇଛି ବୋଲି ବୈଠକରେ ସୂଚନା ଦିଆଯାଇଛି। ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲ୍ଲାସ୍ତରୀୟ ମନିଟରିଂ ପାଇଁ 'ଇଣ୍ଟିଗ୍ରେଟେଡ୍ ରୋଡ୍ ସେଫ୍ଟି ଡ୍ୟାସବୋର୍ଡ' ଏବଂ ଆଇଆଇଟି ଭୁବନେଶ୍ୱର ସହଯୋଗରେ ବିକଶିତ 'ଘାଟି ରୋଡ୍ ୱାର୍ଣ୍ଣିଂ ସିଷ୍ଟମ୍' ପ୍ରଦର୍ଶିତ କରାଯାଇଥିଲା।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ




## ଆଜିର ସୁନା ଦର



ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୩୫,୮୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୨୪,୫୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୩୫,୮୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୨୪,୫୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୩୫,୮୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୨୪,୫୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୩୫,୯୭୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୨୪,୬୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୩୬,୫୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୨୫,୨୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୩୫,୮୨୦ ଓ ୧,୨୪,୫୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୦,୦୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର




ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୧ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

### ଟ୍ରମ୍ପଙ୍କ ଶୁଳ୍କ ଧମକ ପରେ ଷ୍ଟକ ବଜାରରେ କମ୍ପନ

# ୪ ଦିନରେ ୮ ଲକ୍ଷ କୋଟି ହରାଇଲେ ନିବେଶକ



ନୂଆଦିଲ୍ଲୀ, ୮।୧ଃ ଭାରତ ଉପରେ ଅଧିକ ଶୁଳ୍କ ବସାଇବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିବା ପରେ ଭାରତୀୟ ଷ୍ଟକ ବଜାରରେ ଦ୍ରୁତ ହ୍ରାସ ପରିଲକ୍ଷିତ ହୋଇଚାଲିଛି। ବିଗତ ଚାରି ଦିନରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ସମସ୍ତ କମ୍ପାନୀର ମୋଟ ବଜାର ପୁଞ୍ଜି ପ୍ରାୟ ୮ ଲକ୍ଷ କୋଟି ହ୍ରାସ ପାଇ ପ୍ରାୟ ୪୭୪ ଲକ୍ଷ କୋଟିକୁ ଖସିଯାଇଛି। ଚାରି ଦିନରେ ସେନସେକ୍ସ ପ୍ରାୟ ୧୪୪୨ ପଏଣ୍ଟ ହ୍ରାସ ପାଇଛି, ଯେତେବେଳେ କି ନିଫ୍ଟି ୪୦୫ ପଏଣ୍ଟ ହ୍ରାସ ପାଇଛି। ଗୁରୁବାର ସେନସେକ୍ସ ୭୮୦.୧୮ ପଏଣ୍ଟ ହ୍ରାସ ପାଇ ୮୪,୧୮୦.୯୬ ପଏଣ୍ଟରେ ବନ୍ଦ ହୋଇଛି, ଯେତେବେଳେ କି ନିଫ୍ଟି ୨୬୩.୯୦ ପଏଣ୍ଟ ହ୍ରାସ ପାଇ ୨୫,୮୭୬.୮୫ ରେ ବନ୍ଦ ହୋଇଛି। ଏହି ହ୍ରାସର ଏକ ପ୍ରମୁଖ କାରଣ ହେଉଛି ଆମେରିକାରେ ଟ୍ରମ୍ପ ପ୍ରଶାସନର ଏକ ବିଲ୍। ଏହି ବିଲ୍ ଆମେରିକୀୟ କଂଗ୍ରେସରେ ଗୃହୀତ ହେଲେ ରୁଷରୁ ଆମଦାନି କରୁଥିବା ଦେଶମାନଙ୍କ ଉପରେ ଅତି କମରେ ୫୦୦ ପ୍ରତିଶତ ଶୁଳ୍କ ଲଗାଇବ ଆମେରିକା। ଏହାର ଉଦ୍ଦେଶ୍ୟ ହେଉଛି ଭାରତ, ଚୀନ୍ ଏବଂ ବ୍ରାଜିଲ ଭଳି ଦେଶମାନଙ୍କ ଉପରେ ଚାପ ପକାଇବା, ଯେଉଁମାନେ ଶସ୍ତା ରୁଷୀୟ ତେଲ କିଣୁଛନ୍ତି। ଯଦିଓ ବିଲ୍ ଏପର୍ଯ୍ୟନ୍ତ ଗୃହୀତ ହୋଇନାହିଁ, ସେନେଟର ଲିଣ୍ଡସେ ଗ୍ରାହାମ ସୂଚିତ କରିଛନ୍ତି ଯେ ଏହା ଉପରେ ଆସନ୍ତା ସପ୍ତାହରେ ଭୋଟ୍ ହୋଇପାରେ। ଟ୍ରମ୍ପ ଏହା ମଧ୍ୟ ଚେତାବନୀ ଦେଇଛନ୍ତି ଯେ ଯଦି ଭାରତ ରୁଷ ତୈଳ ଆମଦାନୀ ବିଷୟରେ ଆମେରିକାର ଚିନ୍ତାକୁ ସମାଧାନ ନ କରେ, ତେବେ ଭାରତୀୟ ସାମଗ୍ରୀ ଉପରେ ଆହୁରି ଶୁଳ୍କ ଲାଗୁ ହୋଇପାରେ। ବର୍ତ୍ତମାନ, ଆମେରିକା କିଛି ଭାରତୀୟ ଉତ୍ପାଦ ଉପରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲାଗୁ କରିସାରିଛି।




### ବିହାର ଜୁଏଲର୍ସ ଆସୋସିଏସନର ବଡ଼ ନିଷ୍ପତ୍ତି

# ମୁହଁ ନ ଦେଖାଇଲେ ଦୋକାନରେ ମିଳିବନି ଏଣ୍ଟ୍ରି

ପାଟନା ୮।୧ଃ ଉତ୍ତରପ୍ରଦେଶର ଝାନ୍ସି ପରେ ବିହାର ଜୁଏଲର୍ସ ଆସୋସିଏସନ ସୁରକ୍ଷା ଦୃଷ୍ଟିରୁ ବୁଧବାର ବଡ଼ ନିଷ୍ପତ୍ତି ନେଇଛି। ବିହାରର ସମସ୍ତ ଜୁଏଲରୀ ସପ୍ ବା ଗହଣା ଦୋକାନରେ ଏବେ ହିଜାବ, ବୁର୍କା, ନକାବ, ଓଢ଼ଣୀ, ସ୍କାର୍ଫ, ମୁଖା ଆଦି ପିନ୍ଧିଥିବା ମହିଳା- ପୁରୁଷଙ୍କୁ ପ୍ରବେଶ ଲାଗି ଅନୁମତି ଦିଆଯିବ ନାହିଁ। ଏଥିସହ ହେଲ୍‌ମେଟ୍ ପିନ୍ଧିଲେ ମଧ୍ୟ ବ୍ୟକ୍ତି ଦୋକାନ ଭିତରେ ପଶି ଗହଣା ଦେଖିପାରିବେ ନାହିଁ ବୋଲି ଆସୋସିଏସନ ପକ୍ଷରୁ କୁହାଯାଇଛି।

ଏହି ନିଷ୍ପତ୍ତିର କପି ସମସ୍ତ ଗହଣା ଦୋକାନ ବାହାରେ ଲଗାଯିବ। ମୁହଁ ଲୁଚାଇବା ଭଳି କପଡ଼ା ପିନ୍ଧି ବା ମାସ୍କ ଲଗାଇ ଦୋକାନ ଭିତରେ ପଶିବା ମନା ବୋଲି ସ୍ପଷ୍ଟ ଭାବେ ଲେଖାଯିବ। ଏହି ନିଷ୍ପତ୍ତି ଉପରେ ବିବାଦ ଆରମ୍ଭ ହୋଇଯାଇଛି। ଆର୍ଜେଡି ପକ୍ଷରୁ କୁହାଯାଇଛି, ସୁରକ୍ଷା ଆଳରେ ହିଜାବ, ନକାବକୁ ଟାର୍ଗେଟ କରାଯିବା ଅନୁଚିତ। ସେହିପରି ଜବାବରେ ବିଜେପି କହିଛି, ଭାରତ କୌଣସି ଇସ୍ଲାମିକ ଦେଶ ନୁହେଁ। ଏଠାରେ ହିଜାବର କ'ଣ କାମ? ଆସୋସିଏସନ ପକ୍ଷରୁ କୁହାଯାଇଛି, ଏହି ନିଷ୍ପତ୍ତି କୌଣସି ସମୁଦାୟ, ବର୍ଗ ବା ସମ୍ପ୍ରଦାୟ ବିରୋଧରେ ନୁହେଁ।

ସୁରକ୍ଷା କାରଣକୁ ଦୃଷ୍ଟିରେ ରଖାଯାଇ ଏପରି କରାଯାଇଛି। କିଛି ଦିନ ହେଲା ବିହାରର ବିଭିନ୍ନ ଜିଲ୍ଲାରେ ଗହଣା ଦୋକାନରୁ ଲୁଟ୍, ଚୋରି ଘଟଣା ସାମ୍ନାକୁ ଆସୁଛି। ଅନେକ ସମୟରେ ଅଭିଯୁକ୍ତମାନେ ନିଜ ପରିଚୟ ଲୁଚାଇବା ପାଇଁ ମୁହଁ ଘୋଡ଼ାଇ, ମାସ୍କ ପିନ୍ଧି ବା ହିଜାବ ଭଳି କପଡ଼ା ପରିଧାନ କରି ଦୋକାନ ଭିତରେ ପଶୁଛନ୍ତି ଏବଂ ଲୁଟ୍ କରି ଚାଲିଯାଉଛନ୍ତି। ଏହା ଉଭୟ ଦୋକାନୀ ଏବଂ ଗ୍ରାହକଙ୍କ ସୁରକ୍ଷା ପ୍ରତି ବିପଦ। କାରଣ ସାଧାରଣତଃ ଗହଣା ଦୋକାନଗୁଡ଼ିକ ଲୁଟେରାଙ୍କ ନଜରରେ ଥାଏ। ତେଣୁ ଦୋକାନ ଭିତରେ ପଶିବା ପୂର୍ବରୁ ଗ୍ରାହକଙ୍କ ଚେହେରା ଜରିଆରେ ତାଙ୍କୁ ପ୍ରଥମେ ଚିହ୍ନଟ କରାଯିବ। ପରେ ସେମାନେ ଦୋକାନରୁ ଗହଣା କିଣିପାରିବେ ବୋଲି ସର୍ବଭାରତୀୟ ଜୁଏଲର୍ସ ଆସୋସିଏସନର ବିହାର ଅଧ୍ୟକ୍ଷ ଅଶୋକ କୁମାର ବର୍ମା କହିଛନ୍ତି।

# ଇପିଏଫ୍ ପେନ୍‌ସନ୍ ସର୍ବନିମ୍ନ ୫୦୦୦ ଟଙ୍କା ହେବ




ନୂଆଦିଲ୍ଲୀ, ୮।୧ଃ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍ଓ) ଏହାର କର୍ମଚାରୀ ପେନ୍‌ସନ୍ ସ୍କିମ୍ (ଇପିଏସ୍-୯୫)ରେ ବ୍ୟାପକ ପରିବର୍ତ୍ତନ ଆଣିବା ଉପରେ ବିଚାର କରୁଛି ଯାହା ଦ୍ୱାରା ଲକ୍ଷ ଲକ୍ଷ ପେନ୍‌ସନ୍‌ଭୋଗୀ ଉପକୃତ ହେବେ। ସୂଚନା ଅନୁସାରେ ସର୍ବନିମ୍ନ ମାସିକ ପେନ୍‌ସନ୍ ଯାହା ବର୍ତ୍ତମାନ ୧୦୦୦ ଟଙ୍କା ରହିଛି ତାହା ୫ ଗୁଣା ବୃଦ୍ଧି ପାଇ ୫୦୦୦ ଟଙ୍କା ହୋଇଯିବ। ମୁଦ୍ରାସ୍ଫୀତି, ବର୍ଦ୍ଧିତ ଜୀବନଯାପନ ଖର୍ଚ୍ଚ ଓ ପେନ୍‌ସନ୍‌ଭୋଗୀମାନଙ୍କ ଆର୍ଥିକ ସଂଘର୍ଷକୁ ଦୃଷ୍ଟିରେ ରଖି ସର୍ବନିମ୍ନ ପେନ୍‌ସନ୍ ବଢ଼ାଇବାକୁ ଇପିଏଫ୍ଓ ଯୋଜନା ରଖିଥିବା କୁହାଯାଉଛି।

'ଇପିଏସ୍-୯୫' ସ୍କିମ୍ ଅଧୀନରେ ଯୋଗ୍ୟ ଘରୋଇ କର୍ମଚାରୀମାନଙ୍କୁ ଇପିଏଫ୍ଓ ତରଫରୁ ଅବସର ପରବର୍ତ୍ତୀ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଜୀବନଯାପନ ଖର୍ଚ୍ଚରେ ଯଥେଷ୍ଟ ବୃଦ୍ଧି ସତ୍ତ୍ୱେ ପେନ୍‌ସନ୍ ରାଶି କିନ୍ତୁ ବହୁ ବର୍ଷ ଧରି ଅପରିବର୍ତ୍ତିତ ରହିଛି। ଯେଉଁ କର୍ମଚାରୀମାନେ ଇପିଏଫ୍ଓରେ ସାମିଲ ହେବାର ୧୦ ବର୍ଷ ପୂରଣ କରିଛନ୍ତି ସେମାନଙ୍କୁ ୫୮ ବର୍ଷ ହେବା ପରେ ପେନ୍‌ସନ ଦିଆଯାଉଛି। ଯଦି ସର୍ବନିମ୍ନ ପେନ୍‌ସନ୍ ବଢ଼ିବ ତେବେ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ଆର୍ଥିକ ସ୍ଥିତିରେ ସୁଧାର ହେବ ଏବଂ ଅନ୍ୟ ଉପରେ ସେମାନଙ୍କ ନିର୍ଭରଶୀଳତା କମ୍ ହେବ।

ସର୍ବନିମ୍ନ ପେନ୍‌ସନ୍ ବଢ଼ାଇବା ଲାଗି ଇପିଏଫ୍ଓରେ ରହିଥିବା ଯୋଜନାକୁ କର୍ମଚାରୀ ସଂଘ ଓ ପେନ୍‌ସନ୍‌ଭୋଗୀ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। ସେମାନେ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ସୁରକ୍ଷା ସଂସ୍କାର ଭାବେ ଅଭିହିତ କରିଛନ୍ତି। କିନ୍ତୁ ଏହି ସଂସ୍କାର କାର୍ଯ୍ୟକାରୀ କରିବାକୁ ହେଲେ କେନ୍ଦ୍ର ସରକାରଙ୍କ ଅନୁମୋଦନ ଆବଶ୍ୟକ। ଆସନ୍ତା ବଜେଟ୍ ସମୟରେ ଏବିଷୟରେ ଘୋଷଣା ହେବାର ସମ୍ଭାବନା ରହିଛି।

# ଦ୍ରୁତଗତିରେ ଆଗଉଛି ଭାରତ: ଟାରିଫ୍ ସତ୍ତ୍ୱେ ୭.୪% ଅଭିବୃଦ୍ଧି

ନୂଆଦିଲ୍ଲୀ,୮।୧ଃ ବିଶ୍ୱ ବଜାରର ଅଭିବୃଦ୍ଧି ଆଖିଦୃଶିଆ ନାହିଁ। ଆମେରିକା ଟାରିଫ୍ ଜନିତ କଟକଣା ସତ୍ତ୍ୱେ ମଧ୍ୟ ଭାରତୀୟ ଅର୍ଥବ୍ୟବସ୍ଥା ଉଲ୍ଲେଖନୀୟ ପ୍ରଦର୍ଶନ କରିବ। ଆର୍ଥିକ ବର୍ଷ ୨୦୨୫-୨୬ରେ ଦେଶର ଅର୍ଥନୀତି ଦୃଢ଼ତା ଦେଖାଇଛି। ଏହି ଅବଧିରେ ଜିଡିପି ୭.୪% ବଢ଼ିବ। ଦେଶ ଏସିଆର ଦ୍ୱିତୀୟ ବୃହତ ଅର୍ଥନୀତି ମାନ୍ୟତା ବଜାୟ ରଖିବ। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍ଏସ୍ଓ) ଦେଶର ଜିଡିପିକୁ ନେଇ ଏଭଳି ଅଗ୍ରୀମ ଆକଳନ କରିଛି। ଦେଶର ବାସ୍ତବ ଜିଡିପି ୨୦୧.୯୦ ଲକ୍ଷ କୋଟିକୁ ବଢ଼ିବ। ଯାହା ପୂର୍ବ ଅବଧିରେ ୧୮୭.୯୭ ଲକ୍ଷ କୋଟି ଟଙ୍କା ରହିଥିଲା।

ସେହିଭଳି ନୋମିନାଲ ଜିଡିପି କରେଣ୍ଟ ପ୍ରାଇସ୍‌ରେ ୩୩୦.୬୮ ଲକ୍ଷ କୋଟିରୁ ୩୫୭ ଲକ୍ଷ କୋଟିକୁ ବଢ଼ିବ। ଗତ ଆର୍ଥିକ ବର୍ଷ ଘରୋଇ ବଜାରର ଜିଡିପି ୬.୫% ବୃଦ୍ଧି ହୋଇଥିଲା। ଚଳିତ ଆର୍ଥିକ ବର୍ଷ ଜିଡିପି ୭.୩% ବଢ଼ିବା ନେଇ ଆର୍‌ବିଆଇ ଅନୁମାନ କରିଛି। ପରିସଂଖ୍ୟାନ ମନ୍ତ୍ରଣାଳୟର ବର୍ତ୍ତମାନର ଏହି ଅନୁମାନ ଆର୍‌ବିଆଇ ଆକଳନଠାରୁ ସାମାନ୍ୟ ଅଧିକ। ସେହିଭଳି ନୋମିନାଲ୍ ଜିଡିପି ସାମାନ୍ୟ ଧିମା ହୋଇ ୮% ରହିପାରେ। ଯାହା ଗତ ଆର୍ଥିକ ବର୍ଷ ୯.୭% ଥିଲା। ଫେବ୍ରୁଆରି ପହିଲାରେ ଆସୁଥିବା ସାଧାରଣ ବଜେଟ୍ ଏହି ଅନୁମାନକୁ ପ୍ରାଥମିକତା ଦେବ।

ସେବା କ୍ଷେତ୍ରରେ ଦୃଢ଼ତା ସହ ଚଳିତ ଆର୍ଥିକ ବର୍ଷ ପ୍ରକୃତ ଗ୍ରସ୍ ଭାଲ୍ୟୁ ଆଡେଡ୍ (ଜିଭିଏ) ୭.୩% ବୃଦ୍ଧି ନେଇ ଅନୁମାନ କରିଛି ମନ୍ତ୍ରଣାଳୟ। ଯାହା ଗତ ଆର୍ଥିକ ବର୍ଷ ୬.୪% ରହିଥିଲା। ନୋମିନାଲ୍ ଜିଭିଏ ୭.୭% ରହିବ। ସରକାରଙ୍କ ଖର୍ଚ୍ଚ ୫.୨% ବଢ଼ିବ। ଯାହା ଗତ ବର୍ଷ ୨.୩% ଥିଲା।




ଆର୍ଥିକ ସେବା, ରିୟଲ୍ ଇଷ୍ଟେଟ ଓ ବୃତ୍ତିଗତ ସେବା, ଲୋକ ପ୍ରଶାସନ, ପ୍ରତିରକ୍ଷା ଏବଂ ଅନ୍ୟ ସେବା କ୍ଷେତ୍ର ସ୍ଥାୟୀ ମୂଲ୍ୟରେ ୯.୯% ଅଭିବୃଦ୍ଧି ହେବ। ବାଣିଜ୍ୟ, ହୋଟେଲ, ପରିବହନ, କମ୍ୟୁନିକେସନ ଏବଂ ସର୍ଭିସ ୭.୫% ବଢ଼ିବ। ସେହିଭଳି ବିନିର୍ମାଣ କ୍ଷେତ୍ର ଚଳିତ ଆର୍ଥିକ ବର୍ଷ ୭% ବଢ଼ିବା ନେଇ ଅନୁମାନ କରାଯାଇଛି। ଯାହା ପୂର୍ବ ଅବଧିରେ ୪.୫% ଥିଲା। ନିର୍ମାଣ କ୍ଷେତ୍ରରେ ଅଭିବୃଦ୍ଧି ୭% ରହିବ। ଯାହା ପୂର୍ବ ଅବଧିରେ ୯.୪% ଥିଲା। ସ୍ଥିରମୂଲ୍ୟ ଦୃଷ୍ଟିରୁ ମାନୁଫାକ୍ଚରିଂ ଏବଂ ନିର୍ମାଣ କ୍ଷେତ୍ର ୭% ବଢ଼ିବ। କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଅଭିବୃଦ୍ଧି ୩% ରହିବ। ଯାହା ପୂର୍ବ ଅବଧିରେ ୪.୬% ରହିଥିଲା। ବିଜୁଳି, ଗ୍ୟାସ, ଜଳ ଯୋଗାଣ ଏବଂ ଅନ୍ୟ ୟୁଟିଲିଟି ୨.୧%, ପ୍ରକୃତ ଘରୋଇ ଚାହିଦା ଖର୍ଚ୍ଚ (ପିଏଫ୍‌ସିଇ) ୭% ଏବଂ ମୋଟ ସ୍ଥାୟୀ ପୁଞ୍ଜି ସୃଷ୍ଟି (ଜିଏଫ୍‌ସିଏଫ୍) ୭.୮% ବୃଦ୍ଧି ଆକଳନ କରାଯାଇଛି। ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ଜିଡିପି ଆଖିଦୃଶିଆ ଅଭିବୃଦ୍ଧି କରିଥିଲା। ୬ ତ୍ରୈମାସର ସର୍ବୋଚ୍ଚ ସ୍ତର ୮.୨% ଅଭିବୃଦ୍ଧି ଦେଖିଥିଲା ଅର୍ଥନୀତି। ୨୦୨୫-୨୬ ଏପ୍ରିଲ-ଜୁନ ଅବଧିରେ ଅଭିବୃଦ୍ଧି ୭.୮% ଥିଲା। ତେବେ ଦ୍ୱିତୀୟ ତ୍ରୈମାସରେ ଜିଡିପିରେ ଉଲ୍ଲେଖନୀୟ ଅଭିବୃଦ୍ଧି ବଜାରର ଅନୁମାନଠାରୁ ଊର୍ଦ୍ଧ୍ୱରେ ରହିଥିଲା। ବିଶ୍ୱ ବଜାର ଅନିଶ୍ଚିତ ଥିବା ବେଳେ ଭାରତ ଏହାର ଅଭିବୃଦ୍ଧି ଧାରା ଜାରି ରଖିବ।

- ଟାରିଫ ପ୍ରଭାବ ନଗଣ୍ୟ, ନୋମିନାଲ ଜିଡିପି ୮% ରହିବ
- ମୋଟ୍ ଜିଭିଏ ୭.୩%, ବିନିର୍ମାଣ ୭% ବଢ଼ିବ
- କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ୩% ବୃଦ୍ଧି ଆଶା
- ସେବା କ୍ଷେତ୍ର ଦୃଢ଼, ନିବେଶ, ପୁଞ୍ଜି ଖର୍ଚ୍ଚ ବୃଦ୍ଧି
- ଚାହିଦା ବଢ଼ାଇଛି ଟିକସ ସଂସ୍କାର

ସେବା କ୍ଷେତ୍ରର ଦୃଢ଼ତା, ନିବେଶ କାର୍ଯ୍ୟକଳାପ ବୃଦ୍ଧି ଏବଂ ସରକାରଙ୍କ ପୁଞ୍ଜି ଖର୍ଚ୍ଚରେ ନିରନ୍ତର ଉନ୍ନତି ଅଭିବୃଦ୍ଧିକୁ ବଳ ଦେବାରେ ସହାୟକ ହେଉଛି। ଦେଶର ଶିଳ୍ପ ଉତ୍ପାଦନ ନିରନ୍ତର ବୃଦ୍ଧି ହେଉଛି। ବ୍ୟାଙ୍କ ଗୁଡ଼ିକର ଋଣ ଯୋଗାଣ ଏବଂ ସରକାରଙ୍କ ସଂସ୍କାର କାର୍ଯ୍ୟକ୍ରମ ଅର୍ଥନୀତି ପାଇଁ ଲାଭକାରୀ ପାଲଟିଛି। ଫଳରେ ଦେଶ ଏସିଆର ପ୍ରମୁଖ ଅର୍ଥନୀତି ମଧ୍ୟରେ ନିଜକୁ ସ୍ଥାନିତ କରିପାରିଛି।

ଚଳିତ ଆର୍ଥିକ ବର୍ଷରେ ସରକାର ଆୟକର ସଂସ୍କାର ଆଣିଥିଲେ। ଏହାଦ୍ୱାରା ଟିକସଦାତାଙ୍କ ଉତ୍ସାହ ବଢ଼ିଛି। ସେହିଭଳି ସେପ୍ଟେମ୍ବର ୨୨ରେ ଲାଗୁ ହୋଇଥିବା ଜିଏସ୍‌ଟି ୨.୦ ଯୋଗୁ ମଧ୍ୟବିତ୍ତ ବର୍ଗ ଆଶ୍ୱସ୍ତି ଲାଭ କରିଛନ୍ତି। ଏଭଳି ପଦକ୍ଷେପ ଗୁଡ଼ିକ ଖାଉଟିଙ୍କ କ୍ରୟ ଶକ୍ତି ବୃଦ୍ଧି, ଦରଦାମରୁ ଆଶ୍ୱସ୍ତି ଏବଂ ଚାହିଦାକୁ ଊର୍ଦ୍ଧ୍ୱଗାମୀ କରିବାରେ ସହାୟକ ହୋଇଛି। ଜିଏସ୍‌ଟି ହ୍ରାସ ଯୋଗୁ ମୂଲ୍ୟରେ ସ୍ୱଚ୍ଛତା ଏବଂ ସୁଲଭତା ବଢ଼ିଛି।

ପୂର୍ବରୁ ଦର ଉଚ୍ଚା ରହିବା ଯୋଗୁ ଲୋକେ ଖର୍ଚ୍ଚ କରିବାକୁ ଆଗଭର ହେଉ ନ ଥିଲେ। ମାତ୍ର ଜିଏସ୍‌ଟି କମିବା ଯୋଗୁ ପାର୍ବଣରେ ବଜାରକୁ ଜୋରଦାର ସମର୍ଥନ ମିଳିଛି। ଉଭୟ ପ୍ରତ୍ୟକ୍ଷ ଟିକସ ଏବଂ ଜିଏସ୍‌ଟି ହ୍ରାସ ଏଫ୍ଏମ୍‌ଜି, କଞ୍ଜ୍ୟୁମର ଡ୍ୟୁରେବଲ୍ସ ଏବଂ ସେବା କ୍ଷେତ୍ରରେ ଚାହିଦା ଆଧାରିତ ଅଭିବୃଦ୍ଧିକୁ ଊର୍ଦ୍ଧ୍ୱଗାମୀ କରିବାରେ ଯୋଗଦାନ ଦେଇଥିବା କୁହାଯାଇଛି।

## ସର୍ବଭାରତ ବୃହତ୍ ବନ୍ଦର ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଘାଟିତ

**ପାରାଦ୍ୱୀପ,୮।୧(ସଂଚାର ବ୍ୟୁରୋ):** ପାରାଦୀପ ବନ୍ଦର ଓ ବୃହତ୍ ବନ୍ଦର କ୍ରୀଡ଼ା ନିୟନ୍ତ୍ରଣ ବୋର୍ଡର ମିଳିତ ଆନୁକୂଲ୍ୟରେ ଆୟୋଜିତ ୨୫ତମ ବୃହତ୍ ବନ୍ଦର ସାଂସ୍କୃତିକ ପ୍ରତିଯୋଗିତା ୨୦୨୫-୨୬ ଜାନୁଆରୀ ୮ ତାରିଖ ଦିନ ଅପରାହ୍ନରେ ପାରାଦୀପର ଜୟଦେବ ସଦନ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଗୋପବନ୍ଧୁ କ୍ରୀଡ଼ା ସଂସଦର ସଭାପତି ତଥା ପାରାଦୀପ ବନ୍ଦରର ମୁଖ୍ୟ ଯନ୍ତ୍ରୀ ଇଞ୍ଜିନିୟର ହିମାଂଶୁ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବନ୍ଦର ଅଧ୍ୟକ୍ଷ ପି ଏଲ ହରନାଧ ସମାରୋହକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସଂସଦର କାର୍ଯ୍ୟକାରୀ ସଭାପତି ଡକ୍ଟର ଦୁର୍ଗା ପ୍ରସାଦ ସେଠୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବନ୍ଦରର ବିଭାଗ ମୁଖ୍ୟ ମାନେ ତଥା ବରିଷ୍ଠ ଅଧିକାରୀ ଓ କର୍ମଚାରୀ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ଆୟୋଜକ ପାରାଦୀପ ବନ୍ଦର ସମେତ ଭାରତର ୯ ଗୋଟି ବୃହତ୍ ବନ୍ଦର ଅଂଶ ଗ୍ରହଣ କରୁଛନ୍ତି। ୪ ଦିନ ଧରି ଆୟୋଜିତ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାର ପ୍ରଥମ ଦିନ ମୁମ୍ବାଇ ଓ ବିଶାଖାପାଟଣା ବନ୍ଦର ସେମାନଙ୍କର କଳା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ ଯେଉଁଥିରେ ନିଜ ନିଜ ରାଜ୍ୟର ସଂସ୍କୃତିର ଝଲକ ଦେଖିବାକୁ ମିଳିଥିଲା। ଭାଷାର ବିଭିନ୍ନତା ଥାଇ ମଧ କଳାକାର ମାନଙ୍କର ପ୍ରଦର୍ଶନ ଉପସ୍ଥିତ ଦର୍ଶକଙ୍କୁ ଭରପୁର ମନୋରଞ୍ଜନ ଦେଇଥିଲା। ପରିଶେଷରେ ସଂସଦର ସମ୍ପାଦକ ଧୂନ ଚନ୍ଦ୍ର ତରାଇ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଯୁବାଗୁଡ଼ା ପଞ୍ଚାୟତ କରିବା ନିମନ୍ତେ ରାଜରାସ୍ତା ଅବରୋଧ

**କନ୍ଧମାଳ,୮।୧(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର କୋଟଗଡ଼ ବ୍ଲକ ଅନ୍ତର୍ଗତ ଯୁବାଗୁଡ଼ାରେ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନଥିବାରୁ ପଞ୍ଚାୟତବାସୀ ହନ୍ତସନ୍ତ ହେଉଛନ୍ତି, ଚାରି ବର୍ଷ ହେବ ଯୁବାଗୁଡ଼ା ପଞ୍ଚାୟତ ଗଠନ କରିଛନ୍ତି ସରକାର, ହେଲେ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ହେଇପାରୁନାହିଁ, କାରଣ କଣ ସରକାର ନିରବଦ୍ରଷ୍ଟା ରହିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଯୁବଗୁଡ଼ା ପଞ୍ଚାୟତରେ ଏଗାର ଗୋଟି ୱାର୍ଡ଼ ଅଛି, ୱାର୍ଡ଼ ଗୁଡ଼ିକର ନାମ ହେଉଛି- ସାନ୍ଦୀମାହା, ଗଙ୍ଗଡ଼ି, ଟୀକାରୀଗାଁ, ପଣ୍ଡାମାହା, ଜେଞ୍ଜକପାଟା, ମାଟିକାଡ଼ା, ଯୁବାଗୁଡ଼ା, କୋଚିମିଲା, ଗୁଡ୍ରିମାହା,



ରୁସିମିଲା, ବର୍ଲପାଟା ଏହି ଏଗାରଟି ୱାର୍ଡ଼କୁ ନେଇ ଯୁବାଗୁଡ଼ା ପଞ୍ଚାୟତ ଗଠନ କରାଯାଇଛି କିନ୍ତୁ ପଞ୍ଚାୟତ କାର୍ଯ୍ୟାଳୟ ତିଆରି ହୋଇପାରୁନାହିଁ, ବାଧ ହୋଇ ରାଜରାସ୍ତାରେ ଅଣସନ କରିଛନ୍ତି ଯୁବାଗୁଡ଼ା ପଞ୍ଚାୟତ ବାସୀ, ସରକାର ଏବଂ ପ୍ରଶାସନ କୁମ୍ଭକର୍ଣ୍ଣ ପରି ଶୋଇ ପଡ଼ିଛନ୍ତି, ଜାଣି ଶୁଣି ସରକାର ଏବଂ ପ୍ରଶାସନ କାହିଁକି ଚୁପ୍ ଅଛନ୍ତି, ପଞ୍ଚାୟତ ବାସୀଙ୍କ ଦୁଃଖ କେବେ ଶୁଣିବେ ସରକାର ଏବଂ ପ୍ରଶାସନ, ଏହି ଅଭାବନୀୟ ଘଟଣା ଦେଖିବାକୁ ମିଳିଚି କନ୍ଧମାଳ ଜିଲ୍ଲା କୋଟଗଡ଼ ବ୍ଲକର ଯୁବାଗୁଡ଼ା ଗ୍ରାମପଞ୍ଚାୟତରେ, କୋଟଗଡ଼ ପଞ୍ଚାୟତ ସମିତି ୨୦୧୭ ମସିହାରେ ପଞ୍ଚାୟତ ସମ୍ପ୍ରସାରଣ କରି ଯୁବାଗୁଡ଼ାକୁ ନୂତନ ଗ୍ରାମପଞ୍ଚାୟତ ରୂପେ ମାନ୍ୟତା ପାଇଥିଲା କିନ୍ତୁ ପଞ୍ଚାୟତ ଗୃହ ପାଇଁ ଅବ୍ୟବହିତ ଲାଗିରହିଛି ୱାର୍ଡ଼ ୱାର୍ଡ଼ ମଧ୍ୟରେ ଗୋଷ୍ଠୀବିବାଦ। ଅଭିଯୋଗ କାରାଙ୍କ କହିବା ଅନୁଯାୟ ପୂର୍ବ ନିଷ୍ପତି ପ୍ରକାରେ ବଡ଼କାଲ ରେ ପଞ୍ଚାୟତ ଗୃହ ନିର୍ମାଣ ପାଇଁ ନିଷ୍ପତି ହୋଇଥିଲା। ଆଉ ପରବର୍ତୀ ସମୟରେ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ବିବାଦ ଉପୁଜିବାରୁ ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଥିଲା। ଆଉ ଏହାର ନ୍ୟାୟ ଦାବୀରେ ଗୋଟିଏ ଗୋଷ୍ଠୀ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ତ ହୋଇ ୮୨୫/ ଏରେ ପଞ୍ଚାୟତ ଗୃହ ନିର୍ମାଣ ପାଇଁ ଅନୁମତି ପତ୍ର ଆଣିଥିଲେ। ହେଲେ ପଞ୍ଚାୟତ ଗୃହଟି ଅନ୍ୟତ୍ର ନିର୍ମାଣ ହେଉଥିବାରୁ ସାନ୍ଦିମାହା, ବଡ଼କାଲ, ଟୀକାରୀଗାଁ, ମାଟିଗେଡ଼ା, ଯାଞ୍ଜକପାଟା, ମାଟ୍ଟୀଗୁଡା ଆଦିର ଶତାଧିକ ଲୋକେ କୋଟଗଡ଼ ବ୍ଲକ କାର୍ଯ୍ୟାଳୟ ଠାରେ ଘେରାଉ କରିଥିଲେ ଆଉ ବିଡିଓ ଅନୁପସ୍ଥିତ ଥିବାରୁ ଅତିରିକ୍ତ ତହସିଲଦାର ଅମର ପରାସେଟ ଉତ୍ୟକ୍ତଲୋକଙ୍କୁ ବୁଝାଇବାକୁ ଚେଷ୍ଟା କରି ବିଫଳ ହେବାପରେ ଉତ୍ୟକ୍ତଲୋକେ ଅପରାହ୍ନ ୪ଟା ରୁ କୋଟଗଡ଼ ବଜାରରେ ପହଞ୍ଚି ନାଗାବାଳି ସହ ରାସ୍ତାରେ ଅବରୋଧ କରି ବସିଥିଲେ ଆଉ ହଣ୍ଡା ହାଣ୍ଡି ଆଣି ରନ୍ଧା ଖାଦ୍ୟ ଖାଇଥିଲେ। ଫଳରେ ଗାଡ଼ି ମଟର ଯାତାୟାତ ବନ୍ଦ ହୋଇଥିବା ଜନସାଧାରଣ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

## ଉତ୍କଳ ଘଣ୍ଟ କବି ଯଦୁମଣିଙ୍କ ଜନ୍ମ ଜୟନ୍ତୀ

**ନୟାଗଡ଼,୮।୧(ସଂଚାର ବ୍ୟୁରୋ):** ନୟାଗଡ଼ ପୂଜ୍ୟପୂଜା କମିଟି ପକ୍ଷରୁ ଆଜି ଉତ୍କଳ ଘଣ୍ଟ କବି ଯଦୁମଣିଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ନୟାଗଡ଼ ଜଗନ୍ନାଥ ମନ୍ଦିର ନିକଟସ୍ଥ ଉତ୍କଳ ଘଣ୍ଟ କବି ଯଦୁମଣିଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇ ସ୍ମୃତି ଚାରଣ କରାଯାଇଥିଲା। କାର୍ଯ୍ୟକ୍ରମ ସମୟରେ "ଉତ୍କଳ ଘଣ୍ଟ ବ୍ୟଙ୍ଗ କବି ଯଦୁମଣି, ଆମ ଓଡ଼ିଆ ମାଟି ମା'ର ମଉଡମଣି" ପରି ନାରା ଦିଆଯାଇ ତାଙ୍କ ସାହିତ୍ୟିକ ଅବଦାନକୁ ସ୍ମରଣ କରାଯାଇଥିଲା। ଏହି ସ୍ମୃତି ସଭାରେ ଗୋଦାବରିଶ ସାହୁ, ସାମ୍ବାଦିକ ରାମକୃଷ୍ଣ ରଥ, ବୈଦ୍ୟଭୁଷଣ ମହାପାତ୍ର, ଧିରେନ୍ଦ୍ର ପଟ୍ଟନାୟକ ପ୍ରମୁଖଙ୍କ ସହ ମନସୁର ମଲ୍ଲିକ, ସନ୍ତୋଷ କୁମାର ଶର୍ମା, ରଜନୀକାନ୍ତ ଭୁୟାଁ, ପ୍ରଶାନ୍ତ କୁମାର ଜେନା, ସନ୍ତୋଷ କୁମାର ଦାଶ ଓ ଇଶାନ ପ୍ରସାଦ ଦାଶ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ଜଳ ବିଭାଜିକା ମହୋତ୍ସବ ଅନୁଷ୍ଠିତ



**କୋଲନରା,୮।୧(ସଂଚାର ବ୍ୟୁରୋ):** କୋଲନରା ବ୍ଲକ ଅନ୍ତର୍ଗତ ରେଖାପଦର ପଞ୍ଚାୟତର ସାଲିବି ଗ୍ରାମ ଠାରେ ବ୍ଲକ ସ୍ତରୀୟ ଜଳ ବିଭାଜିକା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଜଳ ବିଭାଜିକା ପ୍ରକଳ୍ପ ଉପନିର୍ଦ୍ଦେଶକ ଦାମୋଦର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ନୀଳମାଧବ ହିକକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ କୋରାପୁଟ ସାଂସଦଙ୍କ ପ୍ରତିନିଧି ଡାକ୍ତର ଆଇ ଗୋବର୍ଦ୍ଧନ ରାଓ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ବ୍ଲକ ସହକାରୀ କୃଷି ଯନ୍ତ୍ରୀ ଅନିତା ମହାନ୍ତି, ରେଖାପଦର ସରପଞ୍ଚ ଗୋପାଳ ପିର୍ବାକା, ମୁକୁନ୍ଦପୁର ସରପଞ୍ଚ ସନ୍ତୋଷିନି ହୁଇକା, ଭୋଇମଡା ସରପଞ୍ଚ ସୋମନାଥ ହେପ୍ରିକା, ବରିଷ୍ଠ କଂଗ୍ରେସ ନେତା ଜଗନ୍ନାଥ ପଣ୍ଡା, ରେଖାପଦର ସମିତି ସଭ୍ୟ ସରୋଜ ପଣ୍ଡୁ ଓ ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ସୁରେନ୍ଦ୍ର ତାଡ଼ିଙ୍ଗି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟତଃ ଜଳ ବିଭାଜିକା ପ୍ରକଳ୍ପ ତରଫରୁ ଜଳ, ଜମି, ଜଙ୍ଗଲ, ଜନ୍ତୁ ଓ ଜନଙ୍କ ଉନ୍ନତି କିପରି ହୋଇପାରିବ ସେ ଦିଗରେ ପ୍ରାଥମିକତା ଦିଆଯାଉଥିବା ବେଳେ ଜଳ ବିଭାଜିକା ପ୍ରକଳ୍ପର ବିଭିନ୍ନ ଜନ ହିତକର କାର୍ଯ୍ୟ ସମ୍ପର୍କରେ ଜିଲ୍ଲା ଜଳ ବିଭାଜିକା ପ୍ରକଳ୍ପ ଉପ ନିର୍ଦ୍ଦେଶକ ଶ୍ରୀ ପାଣିଗ୍ରାହୀ ଉପସ୍ଥିତ ଜନସାଧାରଣ ମାନଙ୍କୁ ବିସ୍ତୃତ ଭାବେ ବୁଝାଇ କହିଥିଲେ।

## ଡାକ୍ତରଙ୍କ ଦୁଇ ଘଣ୍ଟିଆ ବହିର୍ବିଭାଗ ବନ୍ଦ ଆନ୍ଦୋଳନ

● ଚିକିତ୍ସା ଅପେକ୍ଷାରେ ରୋଗୀଙ୍କ ଲମ୍ବା ଲାଇନ୍

**ବଣାଇଁ,୮।୧(ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ଡାକ୍ତରମାନେ ଏବେ ଆନ୍ଦୋଳନରତ। ପ୍ରତୀକାତ୍ମକ ଧାରଣା କ୍ରମେ ପ୍ରତ୍ୟେକ ଦିନ ସକାଳୁ ଦୁଇଘଣ୍ଟା ବହିର୍ବିଭାଗ ବା ଓପିଡିରେ ନ ବସି ବାହାରେ ଧାରଣା ଜାରି ରଖିଛନ୍ତି।
ପରିଣାମ ସ୍ୱରୂପ ଦୂରଦୂରାନ୍ତରୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡାକ୍ତରମାନେ ରାଜ୍ୟ ଡାକ୍ତରୀ ମହାସଂଘ (ଓମ୍‌ସା)ର ଡାକରା କ୍ରମେ ପ୍ରଥମେ କଳାବ୍ୟାଜ୍ ପରିଧାନ କରିଥିଲେ। ପରେ ଓପିଡି ୧ ଘଣ୍ଟା ବନ୍ଦ ଓ ଏବେ ଦୁଇଘଣ୍ଟା ବନ୍ଦ ନିଷ୍ପତ୍ତି ନେଇ ଆନ୍ଦୋଳନ ଜାରି ରଖିଛନ୍ତି। ସରକାର ଡାକ୍ତରଙ୍କ ଦାବି ଶୁଣିବା ପରିବର୍ତ୍ତେ ଦୁଇଦିନ ତଳେ ଏସ୍‌ମା ଲାଗୁ କରିଛନ୍ତି।

## ରାଙ୍କି ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା

**ନର୍ଲା,୮।୧(ସଂଚାର ବ୍ୟୁରୋ):** ଉନ୍ନିତ ଉଚ୍ଚ ବିଦ୍ୟାଳୟ ରାଙ୍କିର ବାର୍ଷିକ କ୍ରିଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟ ରଞ୍ଜନ ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି, ବିଶିଷ୍ଟ ଅତିଥି ଭାବେ ନର୍ଲା ବ୍ଲକ ଅଧକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ରାଙ୍କି ସରପଞ୍ଚ ଯେମନ୍ତ ପୋଢ, ସମିତି ସଭ୍ୟ ଚୁମନ ଭୋଇ, ବୁଢ଼ୀପଦର ୟୁପି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ବଗର୍ତ୍ତି, ରୁପ୍ରାରୋଡ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ତ୍ରିପାଠୀ, ସରିଆଁ ହାଇସ୍କୁଲର ସହକାରୀ ଶିକ୍ଷକ ଗଙ୍ଗା ନାରାୟଣ ଦାଶ, ସମାଜସେବୀ ଲମ୍ବୋଦର ଭୋଇ, ଶଙ୍କର ବିଶ୍ୱାଲ, ପ୍ରଦ୍ୟୁମ୍ନ ଭୋଇ, ନନ୍ଦଲାଲ ମାଝୀ, କଳାକାର ଲଳିତ ମାଝୀ ମଞ୍ଚାସୀନ ଥିଲେ। ବିଦ୍ୟାଳୟର କ୍ରିଡ଼ା ଶିକ୍ଷକ ଶ୍ରବଣ କୁମାର ବାଗ ଏବଂ ସୌରଭ ନାଏକ ଖେଳ ପରିଚାଳନା କରିଥିବାବେଳେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

## ରୋତ କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ

**ବଲାଙ୍ଗୀର,୮।୧(ସଂଚାର ବ୍ୟୁରୋ):** ଜିଲ୍ଲା ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ, ବାଣୀନିକେତନ, ରୋତର ୪୨ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଘାଟିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଦୀପ କୁମାର ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍ଘାଟନୀ ସଭାରେ ବ୍ଲକ ଉନ୍ନୟନ ଅଧିକାରୀ ମହାପାତ୍ର କୁଳଦୀପ ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗଦାନ କରି କ୍ରୀଡ଼ା ଜ୍ୟୋତି ସ୍ଥାପନ ପୂର୍ବକ ଉଦଘାଟନ କରିଥିଲେ। କ୍ରୀଡ଼ା ସଂସଦର ଉପ-ସଭାପତି ଅଧାପକ ଆର୍ଯ୍ୟେନ୍ଦୁ କୁମାର ମେହେର ପ୍ରତିଯୋଗିମାନଙ୍କୁ ଶପଥପାଠ କରାଇଥିଲେ। ଅଧାପକ ଡକ୍ଟର ଲିଙ୍ଗରାଜ ମେହେର ସଭା ସଂଯୋଜନା କରିଥିବା ବେଳେ ମାନସ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ଡକ୍ଟର ସୋମନାଥ ପଧାନଙ୍କ ରଚନା ଓ ନିର୍ଦ୍ଦେଶନାରେ ଛାତ୍ରୀ ଜ୍ୱୋସ୍ନା ସାହୁ, ନମିତା ସାହୁ, ତୁଳସୀ ସାହୁ, କବିତା ସାହୁ, ଜୟଶ୍ରୀ ପଧାନ ଓ ଲିପିରାଣୀ ପଧାନ ସ୍ୱାଗତ ସଙ୍ଗୀତ ଗାନ କରଥିଲେ। ସୁମିତ ପଟେଲଙ୍କ ନେତୃତ୍ୱରେ ଶ୍ୟାମଶେଖର ପଧାନ, ହିମାଂଶୁ ସାଗର, ଦୁର୍ଯ୍ୟୋଧନ ବାଗ, ଆୟୁଷ ପଟେଲ, ଦୀପକ ପଟେଲ ପ୍ରଭୃତି ରୋତର ଜଗନ୍ନାଥ ମନ୍ଦିରରୁ କ୍ରୀଡା ଜ୍ୟୋତି ଆଣିଥିଲେ।

## ଇନ୍ଦ୍ରାବତୀରୁ ରବି ଜଳସେଚନ ଆରମ୍ଭ

# ସେଚିତ ହେବ ୩୪୪ ଗାଁର ୭୬, ୪୩୦ ହେକ୍ଟର ଚାଷଜମି

**କଳାହାଣ୍ଡି,୮।୧(ସଂଚାର ବ୍ୟୁରୋ):** ଆଜିଠାରୁ ଇନ୍ଦ୍ରାବତୀ ବାମ, ଡାହାଣ ଓ ମେଗା ଲିଫ୍ଟ କେନାଲ ମାଧମରେ ରବି ଚାଷ ପାଇଁ ଜଳଯୋଗାଣ ଆରମ୍ଭ ହୋଇଛି। ଚଳିତ ରବି ଜଳସେଚନ ବାମ କେନାଲରେ ୩୭୫୦୦.୮୫, ଡାହାଣ କେନାଲରେ ୨୦୦୭୩, ୬୪ ଓ ମେଗା ଲିଫ୍ଟ କେନାଲରେ ୧୮୮୫୫.୪୫ ହେକ୍ଟର ମୋଟ୍ ୭୬, ୪୩୦ ହେକ୍ଟର ଜମିରେ ଜଳସେଚନ ଲକ୍ଷ୍ୟ ରଖାଯାଇଛି। ଧର୍ମଗଡ଼ ନିର୍ବାଚନମଣ୍ଡଳୀର ୩୦୨୪୫, ଜୁନାଗଡ଼ ନିର୍ବାଚନ ମଣ୍ଡଳୀର ୨୧୭୪୬, ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀର ୨୪୪୩୯ ହେକ୍ଟର ଜମିରେ ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପରୁ ଜଳସେଚନ ହେବା ପ୍ରାୟ ୩୪୪ ଗ୍ରାମର ଚାଷୀ ରବି ଚାଷ ପାଇଁ ପାଣି ପାଇପାରିବେ। ପ୍ରଥମ ଦିନରେ ବାମ କେନାଲ ରେ ୪. ୯୬ କ୍ୟୁମେକ୍ସ, ଦକ୍ଷିଣ କେନାଲରେ ୩. ୯୮ କ୍ୟୁମେକ୍ସ, ମେଗା ଲିଫ୍ଟରେ ୭. ୫୦ କ୍ୟୁମେକ୍ସ ପାଣି ଛଡ଼ା ଯାଇଛି। ପ୍ରଥମେ ମଙ୍ଗଳପୁର ବ୍ୟାରେଜରେ ପୂଜାର୍ଚ୍ଚନା କରି ପାଣି ଛଡା ଯାଇଥିଲା। ଦକ୍ଷିଣ କେନାଲ ଅଧୀକ୍ଷଣ ଯନ୍ତ୍ରୀ ରାଜ କୁମାର ବେହେରା, ଦକ୍ଷିଣ କେନାଲ ସହକାରୀ ଯନ୍ତ୍ରୀ ରଘୁନାଥ ମୁଣ୍ଡା, କନିଷ୍ଠ ଯନ୍ତ୍ରୀ ଭଗବାନ ନାହକ, ଶ୍ରୀନିବାସ ରାଉତ, ବିକାଶ ବେହେରା, ବାମ କେନାଲ କୁସୁମଖୁଣ୍ଟି ଡିଭିଜନ ସହକାରୀ ନିର୍ବାହୀ ଯନ୍ତ୍ରୀ କେ. ନାରାୟଣ ରାଓ, କନିଷ୍ଠ ଯନ୍ତ୍ରୀ ବସନ୍ତ ଜାଲି ଓ ମେଗା ଉଠା ଜଳସେଚନ କେନଲରେ ଏସ୍‌ଡିଓ ପ୍ରଣୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



## ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ ବିରୁଦ୍ଧରେ ଗୋପବନ୍ଧୁ ଛକରେ ପ୍ରତିବାଦ ସଭା




**ଯାଜପୁର ରୋଡ଼,୮।୧(ସଂଚାର ବ୍ୟୁରୋ):** ଗତ ଶନିବାର ଦିନ ସାମ୍ରାଜ୍ୟବାଦୀ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆନ୍ତର୍ଜାତିକ ସମସ୍ତ ଆଇନ, ନୀତି ନିୟମକୁ ପାଦରେ ଦଳିଦେଇ ଏକ ସ୍ୱାଧୀନ ସାର୍ବଭୌମ ରାଷ୍ଟ୍ର ଭେନେଜୁଏଲା ଉପରେ ଆକ୍ରମଣ କରି ସେ'ଦେଶର ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ସ୍ତ୍ରୀ ସିଲିଆ ଫ୍ଲୋରେସଙ୍କୁ ଗିରଫ କରି ନିଜ ଦେଶକୁ ନେଇଆସିଛନ୍ତି। ତାଙ୍କ ଉପରେ ବହୁ ମିଥ୍ୟା ଅଭିଯୋଗ ଆଣି ତାଙ୍କର ବିଚାର କରାଯିବ ବୋଲି କହିଛନ୍ତି। ଏକ ସ୍ୱାଧୀନ ସାର୍ବଭୌମ ରାଷ୍ଟ୍ର ଉପରେ ଏଭଳି ଅଗଣତାନ୍ତ୍ରିକ ଆକ୍ରମଣକୁ ସାରା ବିଶ୍ୱର ବିଭିନ୍ନ ଦେଶରେ କୋଟି କୋଟି ଶାନ୍ତି କାମି ମଣିଷ ପ୍ରତିବାଦ କରିଛନ୍ତି। ଆମ ଦେଶରେ ମଧ ଏହାକୁ ନେଇ ବିଭିନ୍ନ ସ୍ତରରେ ଶୁଭବୁଦ୍ଧି ସମ୍ପନ୍ନ ଗଣତନ୍ତ୍ର ପ୍ରେମୀ ମଣିଷ ପ୍ରତିବାଦ କରିଛନ୍ତି। ଏସ.ୟୁ.ସି.ଆଇ (କମ୍ୟୁନିଷ୍ଟ) ପକ୍ଷରୁ ସାରା ଭାରତ ବର୍ଷରେ ପ୍ରତିବାଦ ପରିପ୍ରେକ୍ଷୀରେ ଯାଜପୁର ରୋଡର ଗୋପବନ୍ଧୁ ଛକ ଠାରେ ଏକ ପ୍ରତିବାଦ ସଭା ରାଜ୍ୟ କମିଟି ସଦସ୍ୟ ବିଜୟାନନ୍ଦ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି।

## ବିଦ୍ୟାଳୟର ବାର୍ଷିକ କ୍ରୀଡା ଉଦ୍‌ଯାପିତ



**ବାଲିକୁଦା,୭।୧(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅଧିନସ୍ଥ ତେନ୍ତୁଳିବେଲାରୀ ଉଚ୍ଚ ବିଦ୍ୟାଳୟ ରେ ଆୟୋଜିତ ହେଇଥିବା ବାର୍ଷିକ କ୍ରୀଡା ପ୍ରତିଯୋଗିତାର ଉଦଯାପନୀ ଉତ୍ସବ ପାଳନ ହୋଇଯାଇଛି।ଏହି ଅବସରରେ ବିଦ୍ୟାଳୟ ତରଫରୁ ଏକ ଉଦଯାପନୀ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ଜିଲ୍ଲା ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ପୋଲିସ ସରୋଜିନୀ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଭୁ ଶ୍ରୀଜଗନ୍ନାଥ ଙ୍କ ଫୋଟ ଚିତ୍ର ରେ ପ୍ରଦୀପ ପ୍ରଜ୍ୱଳନ, ପୁଷ୍ପମାଲ୍ୟ ଅର୍ପଣ କରି ସଭା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି ଉଦଯାପନୀ ଉତ୍ସବ ରେ ସମ୍ମାନିତ ଅତିଥିଭାବେ ବାଲିକୁଦା ଏକ୍ସସାଇଜ୍ ଇନସ୍ପେକ୍ଟର ଶ୍ରୀକାନ୍ତ କୁମାର ପଟ୍ଟନାୟକ, ପୂର୍ବତନ ଶିକ୍ଷକ କିଣକ୍ଷରକ୍ଷମ ବିଶ୍ୱାଳ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ, କଳା ଓ ସସ୍କୃତ ଶିକ୍ଷକ ପ୍ରମୁଖ ଯୋଗଦେଇ ଖେଳ ପତାକା ଙ୍କୁ ଅବତାରଣ କରିଥିଲେ.ଏହି ଅବସରରେ କୃତି ପ୍ରତିଯୋଗୀଙ୍କୁ ଡି. ଏସ ପି. ସରୋଜିନୀ ସିଂ ମାନପତ୍ର ସହ ପୁଷ୍ପ ଗୁଚ୍ଛ ଦେଇ ପୁରସ୍କୃତ କରିଥିଲେ। ଶେଷରେ ଖେଳ ଶିକ୍ଷକ ଲକ୍ଷ୍ମୀଧର ନାଥ କ୍ରୀଡା ପରିଚାଳନା କ୍ଷେତ୍ରେରେ ସ୍କୁଲର ସମସ୍ତ ପରିଚାଳନା ସଦସ୍ୟଙ୍କୁ ଧନ୍ୟବାଦ ପୂର୍ବକ ସମ୍ବୋଧନ କରିଥିଲେ।

## ନର୍ଲା ବିଇଓଙ୍କ ପଦୋନ୍ନତି

**ନର୍ଲା,୮।୧(ସଂଚାର ବ୍ୟୁରୋ):** ନର୍ଲା ବିଇଓ ତପିମଣି ଜାନୀ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପଦବୀକୁ ପଦୋନ୍ନତି ପାଇଛନ୍ତି। ଶିକ୍ଷା ବ୍ୟବସ୍ଥାର ସୁପରିଚାଳନା ସହ ଶିକ୍ଷାର ବିକାଶ ନିମିତ୍ତ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ କରି ଶ୍ରୀ ଜାନୀ ୨୦୨୪ ଓ ୨୦୨୫ ଲଗାତାର ଦୁଇବର୍ଷ ରାଜ୍ୟର ଶ୍ରେଷ୍ଠ ବିଇଓ ଭାବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିଲେ। ଶ୍ରୀ ଜାନୀ ଜଣେ ଦକ୍ଷ ଅଧିକାରୀ ଭାବରେ ବେଶ ସୁନାମ ଅର୍ଜନ କରିପାରିଛନ୍ତି। ନର୍ଲା ବ୍ଲକ ଅଞ୍ଚଳରେ ରହିଥିବା ବିଦ୍ୟାଳୟ ସମୁହର ଶିକ୍ଷକ ସମସ୍ୟା, ପାନୀୟ ଜଳ ସମସ୍ୟା ଭଳି ଅନେକ ଗୁଡ଼ିଏ ସମସ୍ୟାକୁ ଦକ୍ଷତାର ସହ ସମାଧାନ କରି ସେ ଅଞ୍ଚଳବାସୀଙ୍କ ପ୍ରିୟପାତ୍ର ସାଜିଥିଲେ। ଶ୍ରୀ ଜାନୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## କଳାହାଣ୍ଡି ଘୁମୁରା ଉତ୍ସବ: ବାଦ୍ୟଯନ୍ତ୍ରରେ କମ୍ପିଲା ସହର

**କେସିଙ୍ଗା,୮।୧(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ପକ୍ଷରୁ ୨୮ତମ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା-୨୬ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ ଚନ୍ଦନ ସେନାପତି ଯୋଗଦେଥିବା ବେଳେ କେସିଙ୍ଗା ବିଡିଓ ଜନ୍ମେଜୟ ସ୍ୱାଇଁଙ୍କ ସଭାପତିତ୍ୱରେ ବିଦ୍ୟାପୀଠର ଖେଳ ପଡ଼ିଆଠାରେ ଗୁରୁବାର ଅନୁଷ୍ଠିତ ହୋଇଛି। ଆଜି ସକାଳେ ବେଲଖଣ୍ଡି ଧବଳେଶ୍ୱର ଶିବ ମନ୍ଦିର ୩୫ କିମି ଦୂରରୁ ଓ ବୁଢ଼ା ଡଙ୍ଗର ମନ୍ଦିରରୁ ମଶାଲଯାତ୍ରାରେ ବ୍ଲକ ଅଧକ୍ଷ ଚନ୍ଦନ ସେନାପତି ଓ ବିଡିଓ ଜନ୍ମେଜୟ ସ୍ୱାଇଁଙ୍କ ସମେତ ବ୍ଲକର କର୍ମଚାରୀଙ୍କ ସହ ଘୁମୁରା ବାଦ୍ୟରେ ସହର କମ୍ପି ଉଠିଥିଲା। ସହର ପରିକ୍ରମା କରି ବିଦ୍ୟାପୀଠର ବୁଢ଼ାରଜା ମଞ୍ଚରେ ସ୍ଥାପନ କରାଯାଇଥିଲା। ଅପରାହ୍ନରେ ବ୍ଲକର ୨୬ଟି ପଞ୍ଚାୟତରୁ ବିଭିନ୍ନ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଛନ୍ତି। ମଞ୍ଚରେ ସମସ୍ତ ସରପଞ୍ଚ, ସମିତି ସଭ୍ୟସଭ୍ୟା ଯୋଗଦେଇ ଥିଲେ।

● ମହିଳାଙ୍କୁ ଜୀବନରେ ମାରିଦେବାକୁ ଉଦ୍ୟମ

## ଅଭିଯୋଗ ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ



**ନାଉଗାଁ,୮।୧(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ଜାମୁଗାଁ ପଞ୍ଚାୟତ ନନ୍ଦିଗ୍ରାମରେ ଜଣେ ମହିଳାଙ୍କୁ ଏସିଡ ପକାଇ ଜୀବନରୁ ମାରି ଦେବାକୁ ଉଦ୍ୟମ କରୁଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗକାରୀ ହେଉଛନ୍ତି ବର୍ଷା ସେଠୀ। ଅଭିଯୋଗକୁ ଭିତିକରି ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି। ଅଭିଯୋଗକାରୀ ବର୍ଷା ସେଠୀଙ୍କ ଅଭିଯୋଗ ମୁତାବକ ତାଙ୍କ ସ୍ୱାମୀ ବୀରଞ୍ଚି ନାରାୟଣ ସେଠୀଙ୍କର ଦୁଇ ଭାଇ ଅଛନ୍ତି। ଦୀର୍ଘ ୧୦ ବର୍ଷ ହେବ ଉଭୟ ପରିବାର ଅଲଗା ରହୁଛନ୍ତି। ଗତ ଜାନୁଆରୀ ୫ରେ ତାର ଯା ଆଶା ସେଠୀ ତାଙ୍କୁ ଅଶ୍ଲିଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହାକୁ ପ୍ରତିବାଦ କରିବାରୁ ହଠାତ ଏକ ପାତ୍ରରେ ଏସିଡ ଆଣି ତାର ମୁହଁ ଉପରକୁ ପକାଇଥିଲା। ଯାହାଫଳରେ ସେ ଯନ୍ତ୍ରଣାରେ ଛଟପଟ ହୋଇ ଚିତ୍କାର କରିଥିଲା। ସେହି ସମୟରେ ତାଙ୍କ ସ୍ୱାମୀ ବିଲରେ କାର୍ଯ୍ୟ କରୁଥିଲେ। ପଡୋଶୀ ମାନେ ଡାକିବା ଦ୍ୱାରା ତାର ସ୍ୱାମୀ ଆସି ତାଙ୍କୁ ଉଦ୍ଧାର କରି ପ୍ରଥମେ ନାଉଗାଁ ଓ ପରେ କଟକ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଇଥିଲେ।

## ୧୩ରୁ ଅଫିସ ସମ୍ମୁଖରେ ଅନଶନରେ ବସିବେ: ଭାଇସ ଚେୟାରମ୍ୟାନ

**ଧାମନଗର,୮।୧(ସଂଚାର ବ୍ୟୁରୋ):** ଧାମନଗର ଏନ୍‌ଏସିଅଧିନସ୍ଥ ୬ନମ୍ବର ୱାର୍ଡ କାଉନସିଲର ତଥା ଉପାଧକ୍ଷ ଓସିମ ଏଜଦାନି କାଦରୀ ଲିଖିତ ଅନୁରୋଧ କରିଛନ୍ତି ଯେ ମୁଁ ପ୍ରଶାସିନକ ଅଧିକାରୀଙ୍କୁ ସମ୍ମାନ ଜଣାଇ ନିବେଦନ କରୁଅଛି କି ୱାର୍ଡ଼ ନଂ୬ ର ମୁଁ ନିର୍ବାଚିତ ପ୍ରତିନିଧି ଲୋକଙ୍କ ସ୍ୱାର୍ଥ ଓ ସୁରକ୍ଷା ଆଞ୍ଚଳିକ ରାସ୍ତା, ଡ୍ରେନ ଓ ଆଲୋକିକରଣ ପୌରାଞ୍ଚଳ ଲୋକ ପ୍ରତିନିଧିଙ୍କ ମୁଖ୍ୟ କାର୍ଯ୍ୟ ଓ ଦାୟିତ୍ୱ। ଏହା ପୂର୍ବରୁ ୨୩/୦୫/୨୦୨୫ ତାରିଖ ଚିଠି ନଂ ୧୩୩ ରେ ମୁଁ ନିବେଦନ କରିଥିଲି। ଫଳ ସ୍ୱରୂପ ଏପର୍ଯ୍ୟନ୍ତ ଅବହେଳିତ ହୋଇଛି। କିଛି ମାସ ପୂର୍ବରୁ ଆପଣ ପ୍ରଶାସନିକ ଅଧିକାରୀ ମାନଙ୍କ ପାଖରୁ ଚୟନ ହୋଇ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା, ଧାମନଗର ବିଜ୍ଞାପିତ ଅଞ୍ଚଳରେ ବିକାଶ ମୂଳକ କାର୍ଯ୍ୟର ଶୁଭାରମ୍ଭ ହେଲା। ଦୁଃଖର ବିଷୟ ଏକ ବଡ଼ ୱାର୍ଡ଼ ମାତ୍ର ଗୋଟିଏ ଛୋଟିଆ ପ୍ରକଳ୍ପ ଛଅରୁ ସାତ ଲକ୍ଷ ଟଙ୍କାର ମୋ ଅଜଣାତାରେ ଦେଲେ। କିନ୍ତୁ ଛୋଟ ଛୋଟ ୱାର୍ଡ଼ରେ କୋଟିଏ କୋଟିଏ ଟଙ୍କାର ପ୍ରୋଜେକ୍ଟ ଦିଆଗଲା। କ'ଣ କିପରି ଚୟନ କରିଲେ ଆପଣ କାର୍ଯ୍ୟନିର୍ବାହି ଅଧିକାରୀ କୌଣସି ପ୍ରକାର ସହରୀ ବିକାଶ ଯୋଜନାର ଅବଗତ କରିଲେ ନାହିଁ ଏହା ଏକ ଦୁଃଖର ବିଷୟ। ଧାମନଗର ପୌରାଞ୍ଚଳ ବିକାଶ ପାଇଁ ବିଜ୍ଞାପିତ ଅଞ୍ଚଳ ପରିଷଦରେ କୋଟି କୋଟି ଟଙ୍କା ଗଚ୍ଛିତ ଅଛି। ତେଣୁ ମୋର ନିବେଦନ ନିମ୍ନଲିଖିତ ପ୍ରକଳ୍ପ ଗୁଡ଼ିକ ଓ୍ୱାର୍ଡ଼ ନଂ ୬ର କନଷ୍ଟ୍ରକ୍‌ସନ ଫେବର ରୋଡ଼ ମସ୍‌ଜିଦ ଛକ ରୁ ଗୋଲାମ ଘୋଷ ଘର (ଯାହା ମୁନିପାଟଣା ଗ୍ରାମର ମୁଖ୍ୟ ରାସ୍ତା), କନଷ୍ଟ୍ରକ୍‌ସନ ଫେବର ରୋଡ଼ ଗୋଲାମ ଘୋଷ ଘର ଠାରୁ ତଉଲା ଘର ପର୍ଯ୍ୟନ୍ତ (ଯାହା ମୁନିସିପାଟଣା ଗ୍ରାମର ମୁଖ୍ୟ ରାସ୍ତା), ୩.କନଷ୍ଟ୍ରକ୍‌ସନ ଡ୍ରେନ କବର ସ୍ଥାନ ଛକ ରୁ ଚୁନୁପୁଡ଼ା ଛକ।

## ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପ୍ରତିଷ୍ଠା ଦିବସ ପାଳିତ



**ବାଲିଆପାଳ,୮।୧(ସଂଚାର ବ୍ୟୁରୋ):** ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ୮୧ ତମ ପ୍ରତିଷ୍ଠା ଦିବସ ବାଲିଆପାଳ ଗୁରୁକୁଳ ଭବନ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ବାଲିଆପାଳର ସଭାପତି ପ୍ରଭାତ ରଞ୍ଜନ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବାଲିଆପାଳ ଶିକ୍ଷକ ସମନ୍ୱୟ ସମିତି ର ଉପଦେଷ୍ଟା ତଥା ବରିଷ୍ଠ ଶିକ୍ଷକ ନେତା ଆଦିତ୍ୟ କୁମାର ରାଉତ ଯୋଗଦେଇ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ ସରକାର ଦୃଷ୍ଟି ଦେବାକୁ ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ସମନ୍ୱୟ ସମିତିର ସମ୍ପାଦକ ପୂର୍ଣ୍ଣେନ୍ଦୁ ଦାସ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ବିଶ୍ୱମ୍ବର ପାତ୍ର, ପ୍ରାଥମିକ ଶିକ୍ଷକ ସଂଘ ଏନପିଏସର ସାଧାରଣ ସମ୍ପାଦକ ନିତାଇ ଚରଣ ରାଉଳ, ଆବାହକ ସୁଶାନ୍ତ କୁମାର ଗିରି, ପ୍ରଧାନଶିକ୍ଷକ ମହେନ୍ଦ୍ର ପଢ଼ିଆରୀ, ମାୟାଧର ପରିଡ଼ା, ବଂଶୀଧର ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଯୌତୁକ ନିଷେଧ ଅଧିନିୟମ ସମ୍ପର୍କିତ ପ୍ରଶିକ୍ଷଣ ଶିବିର



**ବାରିପଦା,୮।୧(ସଂଚାର ବ୍ୟୁରୋ):** ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ସହଯୋଗରେ ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ର ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ମିଳିତ ଆନୁକୂଲ୍ୟରେ ସଦଭାବନା ଗୃହ ଠାରେ ଯୌତୁକ ନିଷେଧ ଅଧିନିୟମ -୧୯୬୧ ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବାରିପଦା ଉପଜିଲ୍ଲାପାଳ ତଥା ଜିଲ୍ଲା ଯୌତୁକ ନିରୋଧ ଅଧିକାରୀ ଡ.ଦୟାସିନ୍ଧୁ ପରିଡା, ଅତିରିକ୍ତ ଆରକ୍ଷୀ ଅଧିକ୍ଷିକା ସବିତା ମାଝୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, ଆଇନ ମହାବିଦ୍ୟାଳୟ ବାରିପଦା ର ଅଧାପକ ସୁନୀଲ କୁମାର ଜେନା, ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ଓକିଲ ସତ୍ୟ ନାରାୟଣ ବେହେରା ପ୍ରମୁଖ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଉଦଘାଟନ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସୁରକ୍ଷା ତଥା କାର୍ଯ୍ୟକ୍ରମ ଅଧିକାରୀଣୀ ସସ୍ମିତା ମହାନ୍ତି ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିବା ସହ ପ୍ରଶିକ୍ଷଣ ଶିବିରର ଆଭିମୁଖ୍ୟ ଓ କାର୍ଯ୍ୟନ୍ୱୟନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଉପଜିଲ୍ଲାପାଳ ତା'ଙ୍କ ବକ୍ତବ୍ୟରେ କହିଥିଲେ ଯୌତୁକ ଏକ ସାମାଜିକ ବ୍ୟାଧି। ସୁସ୍ଥ ଚିନ୍ତାଧାରା ଓ ଉନ୍ନତ ମାନସିକତା ଦ୍ୱାରା ହିଁ ଏହାକୁ ସମାଜରୁ ସମ୍ପୂର୍ଣ୍ଣ ବିଲୋପ କରିବା ସମ୍ଭବ। ଆଇନ ଓ ଦଣ୍ଡ ବିଧାନ ଦ୍ୱାରା ଏହାର ସମ୍ପୂର୍ଣ୍ଣ ନିରାକରଣ ବହୁ ସମୟ ସାପେକ୍ଷ। ପ୍ରତ୍ୟେକ ପିତାମାତା ନିଜ ନିଜ କନ୍ୟା ସନ୍ତାନକୁ ବିବାହ କରାଇ ଦେଇ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପାଦନ ଉପରେ ଗୁରୁତ୍ୱ ନଦେଇ ବରଂ ନିଜ କନ୍ୟାଙ୍କୁ ଉପଯୁକ୍ତ ଶିକ୍ଷାଦାନ ଦ୍ୱାରା ଶିକ୍ଷିତ ଓ ସଶକ୍ତ କରାଇ ଆତ୍ମନିର୍ଭରଶୀଳ ତଥା ସ୍ୱାବଲମ୍ବୀ କରିବା ଉପରେ ପ୍ରାଧାନ୍ୟ ଦେବା ଉଚିତ।

## ବାର୍ଷୀକ କ୍ରୀଡା ଓ ବାର୍ଷିକ ଉତ୍ସବରେ ଅତିଥିମାନଙ୍କ ଯୋଗଦାନ ପାଇଁ ଦାବିପତ୍ର

**ନାଉଗାଁ,୮।୧ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଆୟୋଜିତ ବାର୍ଷିକ କ୍ରିଡା ଓ ବାର୍ଷିକୋତ୍ସବରେ ଅତିଥିମାନେ ଯୋଗ ଦେବା ପାଇଁ ଯୁକ୍ତ ଦୁଇ ଓ ଯୁକ୍ତ ତିନି ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ୨ଟି ପୃଥକ ଦାବି କରାଯାଇଛି।ଉକ୍ତ ଦାବିପତ୍ରକୁ ଛାତ୍ର ଓମ୍ ପ୍ରକାଶ ବେହୁରା, ସୌଭାଗ୍ୟ ରଞ୍ଜନ ଜେନା, ଚିନ୍ମୟ ଲେଙ୍କା, ଚିତ୍ରସେନ ପରିଡ଼ା ଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀଙ୍କ ସ୍ୱାକ୍ଷରରେ ମହାବିଦ୍ୟାଳୟର ଅଧକ୍ଷ ଅନୁପସ୍ଥିତ ଥିବାରୁ ଦାୟିତ୍ୱରେ ଥିବା ଭାରାପ୍ରାପ୍ତ ଅଧକ୍ଷ ଜ୍ୟୋତି ପ୍ରକାଶ ଲେଙ୍କାଙ୍କୁ ପ୍ରଦାନ କରାଯାଇଛି। ଏତଦ୍‌ବ୍ୟତିତ ଏହାର ଅବଗତି ନିମନ୍ତେ ଉପଜିଲାପାଳ ତଥା ପରିଚାଳନା କମିଟିର ସଭାପତି, ସଚିବ, ଉଚ୍ଚ ଶିକ୍ଷା ବିଭାଗ ଓଡ଼ିଶାଙ୍କୁ ପ୍ରଦାନ କରାଯାଇଛି।

## ପୋଷ୍ଟ ଅଫିସ୍ ଜମାଖାତାରୁ ଟଙ୍କା ଗାଏବ

**ବୌଦ୍ଧ,୮।୧(ଅଜିତ କୁମାର ବାରିକ):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ସରସରା ଗ୍ରାମରେ ଥିବା ପୋଷ୍ଟ ଅଫିସରେ ଜମାଖାତାରୁ ଟଙ୍କା ଗାଏବ ହୋଇଥିବା ଜମାକାରୀମାନେ ଅଭିଯୋଗ କରିଛନ୍ତ। ଅଭିଯୋଗ ପରେ ପୋଷ୍ଟାଲ ଇନ୍ସପେକ୍ଟର କୃଷ୍ଣଚନ୍ଦ୍ର ଶତପଥୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ଓ ଘଟଣାରେ ସବ୍ ପୋଷ୍ଟମାଷ୍ଟର ନିରଞ୍ଜନ ବେହେରାଙ୍କୁ ନିଲମ୍ବନ କରାଯାଇଛି। ସୂଚନାନୁଯାୟୀ, ସରସରା ଗ୍ରାମରେ ବହୁ ବର୍ଷ ଧରି ଏକ ପୋଷ୍ଟ ଅଫିସ ରହିଛି। ଏହି ପୋଷ୍ଟ ଅଫିସ୍‌ରେ ଶହଶହ ଆକାଉଣ୍ଟଧାରୀଙ୍କ ଜମାଖାତା ରହିଛି। ଜମାକାରୀମାନେ ଲକ୍ଷଲକ୍ଷ ଟଙ୍କା ଜମା ବି କରିଛନ୍ତ। ଟଙ୍କା ତୁରନ୍ତ ଫେରାଇବା ନେଇ ଗୁରୁବାର ସରସରାଠାରେ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଫଳରେ ଶହଶହ ଗାଡ଼ିମୋଟର ଅଟକି ରହିଛି।





# ଆଲୁମିନିୟମ ଫଏଲ ବ୍ୟବହାର କରୁଛନ୍ତି କି ?

ନୂଆଦିଲ୍ଲୀ, ୮।୧: ଆଲୁମିନିୟମ୍ ଫଏଲ୍‌ରେ ଖାଦ୍ୟ ଗୁଡ଼ାଉଛନ୍ତି କି? ଅଧିକାଂଶ ଘରେ ବଳକା ରୋଟି ଗୁଡ଼ାଇବା, ପନିପରିବା ଘୋଡ଼ାଇ ରଖିବା କିମ୍ବା ମଧ୍ୟାହ୍ନ ଭୋଜନ ବାକ୍ସ ପ୍ୟାକ୍ କରିବା ପାଇଁ ଆଲୁମିନିୟମ୍ ଫଏଲ୍ ବ୍ୟବହାର କରିବା ସାଧାରଣ କଥା। ବିଶ୍ୱାସ ଯେ ଏଥିରେ ଖାଦ୍ୟ ଗୁଡ଼ାଇ ରଖିଲେ ଗରମ ସହିତ ଖାଦ୍ୟ ନଷ୍ଟ ହୁଏ ନାହିଁ। କିନ୍ତୁ ଆପଣ କେବେ ଭାବିଛନ୍ତି କି ଏହି ଅଭ୍ୟାସ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କେତେ ସୁରକ୍ଷିତ? ଆସନ୍ତୁ ଏହି ବିଷୟରେ ଜାଣିବା।

**ଏହା କ'ଣ କ୍ଷତି କରେ ?:** ଡିସେମ୍ବର ୨୦୨୪ରେ "ଫୁଡ୍ ବାୟୋସାଇନ୍ସ" ପତ୍ରିକାରେ ପ୍ରକାଶିତ ଏକ ଅଧ୍ୟୟନ ଅନୁସାରେ ଯେତେବେଳେ ମାଛକୁ ଆଲୁମିନିୟମ ଫଏଲରେ ଉଚ୍ଚ ତାପମାତ୍ରାରେ ଭାଜି ଦିଆଯାଏ ସେତେବେଳେ ଫଏଲର ଧାତୁ ମାଛ ଭିତରକୁ ଚାଲିଯାଏ। ଗବେଷକମାନେ ଜାଣିପାରିଲେ ଯେ ଯେତେ ଅଧିକ ଫଏଲ ବ୍ୟବହାର କରାଯାଏ ଖାଦ୍ୟରେ ସେତେ ଅଧିକ ଧାତୁ ଶୋଷିତ ହୁଏ। ଅନ୍ୟ ଏକ ଅଧ୍ୟୟନରେ ବେକିଂ ସମୟରେ ଆଲୁମିନିୟମ୍ ଫଏଲ୍ ଖାଦ୍ୟକୁ କିପରି ପ୍ରଭାବିତ କରେ ତାହା ଦେଖାଯାଇଥିଲା। ଏଥିରେ ଦେଖାଯାଇଥିଲା ଯେ ସାଲମନ, ମ୍ୟାକେରେଲ୍, ଚିକେନ୍, ପୋର୍କ, ଟମାଟୋ ଏବଂ ପନିର ଭଳି ଅନେକ ଖାଦ୍ୟ ସାମଗ୍ରୀରେ ଆଲୁମିନିୟମ୍ ପରିମାଣ ୪୦ ଗୁଣ ପର୍ଯ୍ୟନ୍ତ ବୃଦ୍ଧି ପାଇଛି।

**ବିଶେଷଜ୍ଞମାନଙ୍କ ମତ:** ଏହି ପରିପ୍ରେକ୍ଷୀରେ ଡାକ୍ତରମାନେ କୁହନ୍ତି ଯେ ଆଲୁମିନିୟମ୍ ଫଏଲ୍ ଏବଂ ପାତ୍ରର ଅନୁପଯୁକ୍ତ ବ୍ୟବହାର ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିପାରେ। ବିଶେଷଜ୍ଞମାନେ କୁହନ୍ତି ଯେ ଆଲୁମିନିୟମ୍ ଟମାଟୋ, ଲେମ୍ବୁ, ଭିନେଗାର, ଆଚାର ଏବଂ ତରକାରୀ ଯଥା ଖଟା, ଲୁଣିଆ ଏବଂ ମସଲାଯୁକ୍ତ ଖାଦ୍ୟ ସହିତ ବିଶେଷ ଭାବରେ ତୀବ୍ର ପ୍ରତିକ୍ରିୟା କରେ। ଯେତେବେଳେ ଏପରି ଖାଦ୍ୟ ଫଏଲ୍ କିମ୍ବା ଆଲୁମିନିୟମ୍ ପାତ୍ରରେ ରନ୍ଧାଯାଏ, ସେତେବେଳେ ଧାତୁ ଖାଦ୍ୟ ଭିତରକୁ ଯାଇପାରେ। ଡାକ୍ତରମାନେ ସତର୍କ କରାଇ ଦେଇଛନ୍ତି ଯେ ଦୀର୍ଘ ସମୟ ଧରି ଉଚ୍ଚ ମାତ୍ରାର ଆଲୁମିନିୟମ ସହିତ ସମ୍ପର୍କ ରଖିବା ଦ୍ୱାରା ହାଡ଼ ସମସ୍ୟା, ବୃକକ୍ ଚାପ ଏବଂ ସ୍ନାୟୁ ସମସ୍ୟା ହୋଇପାରେ। ବୃକକ୍ ରୋଗୀଙ୍କ କ୍ଷେତ୍ରରେ ଏହି ବିପଦ ଆହୁରି ଅଧିକ।

**ଖାଦ୍ୟକୁ କିପରି ସୁରକ୍ଷିତ ରଖିବେ ?:** ବିଶେଷଜ୍ଞଙ୍କ ମତରେ, ପ୍ରତିଦିନ ରୋଷେଇ କିମ୍ବା ଦୀର୍ଘକାଳୀନ ସଂରକ୍ଷଣ ପାଇଁ ଆଲୁମିନିୟମ୍ ଫଏଲ୍ କିମ୍ବା ପାତ୍ର ବ୍ୟବହାର କରିବାରୁ ଦୂରେଇ ରୁହନ୍ତୁ। ଫଏଲ୍‌ରେ ଖଟା, ଲୁଣିଆ ଏବଂ ମସଲାଯୁକ୍ତ ଖାଦ୍ୟ ସଂରକ୍ଷଣ କରିବାରୁ ଦୂରେଇ ରୁହନ୍ତୁ। ରନ୍ଧା ଖାଦ୍ୟକୁ ଷ୍ଟିଲ୍, କାଚ କିମ୍ବା ସିରାମିକ୍ ପାତ୍ରରେ ରଖନ୍ତୁ। ଯଦି ବେକିଂ କିମ୍ବା ଗ୍ରୀଲ୍ କରିବା ପାଇଁ ଫଏଲ୍ ବ୍ୟବହାର କରୁଛନ୍ତି, ତେବେ ଖାଦ୍ୟ ଏବଂ ଫଏଲ୍ ମଧ୍ୟରେ ବଟର ପେପର୍ କିମ୍ବା ବେକିଂ କାଗଜ ରଖନ୍ତୁ।

# ଶୀତଦିନେ ଇମ୍ୟୁନିଟି ସିଷ୍ଟମକୁ ମଜଭୁତ ରଖିବ କେମିତି ?





**ଖାସ୍ କରି ଶୀତଦିନେ ସଂକ୍ରମିତ ଲୋକଙ୍କ ସଂଖ୍ୟା ବଢ଼ିଯାଇଥାଏ। ତେଣୁ ଲୋକଙ୍କୁ ନିଜ ଶରୀର ପ୍ରତି ଧ୍ୟାନ ରଖିବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଇଥାନ୍ତି। ସେଥିପାଇଁ ଏପରି ସମୟରେ ଲୋକମାନେ ନିଶ୍ଚିତ ଭାବରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ଉଚିତ୍। ବିଶେଷ କରି ଶୀତଦିନେ ଲୋକମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ବହୁତ ଦୁର୍ବଳ ହୋଇଯାଇଥାଏ। ଏମିତି ସ୍ଥିତିରେ ଆପଣ ନିଜର ଖାଦ୍ୟ ଏବଂ ପାନୀୟର ସ୍ୱତନ୍ତ୍ର ଯତ୍ନ ନେବା ଉଚିତ୍। ତେବେ ଆମେ ଆଜି ଆପଣଙ୍କୁ ଏପରି ପାଞ୍ଚଟି ସୁପରଫୁଡ ସମ୍ପର୍କରେ କହିବୁ ଯାହା ଆପଣଙ୍କ ଇମ୍ୟୁନିଟି ପାୱାରକୁ ମଜବୁତ କରିବାରେ ସାହାଯ୍ୟ କରିବ।**

**କନ୍ଦମୂଳ:** ଶୀତଦିନେ ଏହାକୁ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ମିଠା ଆଳୁ ବା କନ୍ଦମୂଳରେ ଭିଟାମିନ୍-ଏ, ପୋଟାସିୟମ୍ ଏବଂ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ରହିଛି। ଯାହାକୁ ଖାଇବା ଦ୍ୱାରା କୋଷ୍ଠକାଠିନ୍ୟ ଏବଂ ଜ୍ୱଳନଜନିତ ସମସ୍ୟାରୁ ଆରାମ ମିଳିଥାଏ। କନ୍ଦମୂଳ ଭିଟାମିନ୍-ସି ଏବଂ ବିଟା-କାରୋଟିନର ଏକ ଉତ୍ତମ ଉତ୍ସ ହୋଇଥାଏ। ଆପଣ ଏହାକୁ ସିଝାଇ ଖାଇ ପାରିବେ।

**ଘିଅ:** ଶରୀରକୁ ଶକ୍ତିଶାଳୀ କରିବା ପାଇଁ ଆୟୁର୍ବେଦରେ ଘିଅକୁ ଏକ ଉତ୍ତମ ଖାଦ୍ୟ ଭାବରେ ବିବେଚନା କରାଯାଇଛି। ପ୍ରତିଦିନ ଘିଅ ଖାଇବା ଦ୍ୱାରା ଶରୀର ଗରମ ରହିଥାଏ। ଘିଅ ଖାଇଲେ ତୁରନ୍ତ ଶରୀରକୁ ଶକ୍ତି ମିଳିଥାଏ। ପିଲାମାନଙ୍କ ହାଡ଼କୁ ମଜଭୁତ ରଖିବା ପାଇଁ ଘିଅ ଲାଭଦାୟକ ବୋଲି ପ୍ରମାଣିତ ହୋଇଆସୁଛି। ଏହା ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇବାରେ ସାହାଯ୍ୟ କରିଥାଏ। ଏହା ଚର୍ମ ଫାଟିବା କିମ୍ବା ଶୁଷ୍କ ହେବା ଭଳି ସମସ୍ୟାରୁ ମଧ୍ୟ ରକ୍ଷା କରିଥାଏ। ଆପଣ ଘିଅକୁ ରୁଟି, ଡାଲି, ଭାତ କିମ୍ବା ତରକାରୀରେ ପକାଇ ଖାଇପାରିବେ।

**ଖଜୁରୀ:** ଶୀତଦିନେ ଖଜୁରୀକୁ ନିଶ୍ଚୟ ଆପଣଙ୍କ ଡାଏଟ୍ ପ୍ଲାନରେ ସାମିଲ କରନ୍ତୁ। ଖଜୁରୀ ଖାଇବା ଦ୍ୱାରା ଶରୀରକୁ ଭିଟାମିନ୍, ମିନେରାଲ୍ସ ଏବଂ ଫାଇବର ମିଳିଥାଏ। ଖଜୁରୀରେ କ୍ୟାଲସିୟମ ଭରପୂର ମାତ୍ରାରେ ରହିଛି, ଯାହା ହାଡ ଏବଂ ଦାନ୍ତକୁ ଫାଇଦା ପହଞ୍ଚାଇଥାଏ। ଆମ ସ୍ୱାସ୍ଥ୍ୟପାଇଁ ଖଜୁରୀ ବହୁତ ଭଲ ହୋଇଥାଏ।

**ଗୁଡ଼:** ଶୀତଦିନେ ଆପଣ ଗୁଡ଼ ଖାଇବାର ଅଭ୍ୟାସ ନିଶ୍ଚୟ ରଖନ୍ତୁ। ଆପଣ ଗୁଡ଼କୁ କାଢ଼ାରେ ମଧ୍ୟ ବ୍ୟବହାର କରି ପାରିବେ। ଏଥିରୁ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଏଥିସହ ଥଣ୍ଡା, ସର୍ଦ୍ଦି ଆଦିରୁ ଗୁଡ଼ ଉପଶମ ପ୍ରଦାନ କରିଥାଏ। ଗୁଡ଼ରେ ବହୁତ ଭଲ ମାତ୍ରାରେ ଆଇରନ, ମ୍ୟାଗ୍ନେସିୟମ୍, ଜିଙ୍କ, ସେଲେନିୟମ୍ ଏବଂ ପୋଟାସିୟମ୍ ଭଳି ତତ୍ତ୍ୱ ରହିଛି, ଯାହା ଫଳରେ ଇମ୍ୟୁନିଟି ବଢ଼ିଥାଏ।

**ଅଦା:** ଶୀତଦିନେ ଅଦା ନିଶ୍ଚୟ ଭାବେ ଖାଇବା ଉଚିତ୍। ଥଣ୍ଡା, କାଶରେ ଅଦା ଖାଇବା ଦ୍ୱାରା ଆରାମ ମିଳିଥାଏ। ଅଦାରେ ଅକ୍ସିଡେଟିଭ୍ ଏବଂ ଆଣ୍ଟି ଇନ୍‌ଫ୍ଲାମେଟୋରୀ ଗୁଣ ରହିଛି, ଯାହା ଗଳା ଯନ୍ତ୍ରଣା ସମସ୍ୟାରୁ ଆରାମ ଦେଇଥାଏ। ଏହା କ୍ୟାନ୍ସର ଏବଂ ହଜମଜନିତ ସମସ୍ୟାକୁ ମଧ୍ୟ ଦୂର କରି ଦେଇଥାଏ।

# ଜନ୍ମରୁ ଶ୍ରବଣ ଶକ୍ତି ପରୀକ୍ଷା କରିନେବା ଜରୁରି

ଶ୍ରବଣ ହେଉଛି ଏକ ମୌଳିକ ଇନ୍ଦ୍ରିୟ ଯାହା ଶିଶୁମାନଙ୍କୁ ସାମାଜିକ ଦକ୍ଷତା ଆହରଣ କରିବାରେ ସାହାଯ୍ୟ କରିଥାଏ। ତେବେ ଶ୍ରବଣଶକ୍ତି ବିନା ଜନ୍ମ ନେଇଥିବା ଶିଶୁ ଯେ ଶୁଣିପାରୁନାହିଁ ତାହା ଜାଣିଲା ବେଳକୁ କିଛି ମାସ ଓ ଏପରିକି କିଛି ବର୍ଷ ବିତିଯାଇଥାଏ। ଭାରତରେ ପ୍ରତିବର୍ଷ ପ୍ରାୟ ଅଢ଼େଇ କୋଟି ଶିଶୁ ଜନ୍ମ ନେଉଥିବା ବେଳେ ଅଧିକାଂଶଙ୍କର ଶ୍ରବଣ ଶକ୍ତି ପରୀକ୍ଷା କରାଯାଇନଥାଏ। ଭାରତୀୟ ଶିଶୁମାନଙ୍କର ଶ୍ରବଣ ଶକ୍ତି ପରୀକ୍ଷା ବାଧ୍ୟତାମୂଳକ ହୋଇନଥିବାରୁ ବଧିର ଶିଶୁଙ୍କ ଚିକିତ୍ସା ସମ୍ଭାବନା ହ୍ରାସ ପାଇବା ସହ ବିଳମ୍ବ ହୋଇଥାଏ । ଏକ ପରିସଂଖ୍ୟାନ ଅନୁଯାୟୀ, ବିଶ୍ୱବ୍ୟାପୀ ହାରାହାରି ହଜାରେ ନବଜାତଙ୍କ ମଧ୍ୟରୁ ଏକରୁ ତିନି ଜଣ ଶିଶୁଙ୍କର ଶ୍ରବଣ ସମସ୍ୟା ଥାଏ। ଅଧିକନ୍ତୁ ଭାରତରେ ଜନ୍ମଗତ ଅସୁବିଧା, ସଂକ୍ରମଣ ଅଥବା ଆନୁବଂଶିକ କାରଣରୁ ବଧିରତା ସହ ଜନ୍ମ ହେଉଥିବା ଶିଶୁଙ୍କ ସଂଖ୍ୟା ଅଧିକ।

**କେତେ ଜରୁରି:** ତେବେ ଜନ୍ମବେଳେ ବଧିରତା ନିରୂପଣ ଜରୁରି, କାରଣ ଶ୍ରବଣ ଶକ୍ତି ଶୈଶବାବସ୍ଥାର ପ୍ରଥମ ଗୁରୁତ୍ୱପୂର୍ଣ୍ଣ ବର୍ଷରେ ଭାଷା ବିକାଶକୁ ସ୍ୱାଭାବିକ କରିଥାଏ। ଅପରପକ୍ଷେ, ବଧିରତା ନିର୍ଣ୍ଣୟରେ ବିଳମ୍ବ କଲେ ତାହା ଶିକ୍ଷଣ ଓ ଭାବ ଆଦାନପ୍ରଦାନରେ ବାଧା ଉପୁଜାଇଥାଏ। ବିଶେଷ କରି ଗ୍ରାମାଞ୍ଚଳରେ, ଯେଉଁଠି ସ୍ୱାସ୍ଥ୍ୟସେବା ସୁବିଧା କମ୍ ଥାଏ, ସେଠାରେ ଭିତ୍ତିଭୂମି ଓ ଉପଯୁକ୍ତ କର୍ମଚାରୀଙ୍କ ଅଭାବ ଶ୍ରବଣ ଶକ୍ତି ପରୀକ୍ଷା ଦିଗରେ ପ୍ରତିବନ୍ଧକ ସାଜିଥାଏ। ଜନ୍ମରୁ ବଧିରତା ଏକ ବିପଦପୂର୍ଣ୍ଣ ଅବସ୍ଥା ନୁହେଁ। ସୁତରାଂ ଅନ୍ୟାନ୍ୟ ରୋଗର ପରୀକ୍ଷା ପରି ଏହାର ପରୀକ୍ଷାକୁ ଲୋକେ ଅତ୍ୟାବଶ୍ୟକ ମଣିନଥା'ନ୍ତି। ତେବେ ଦେଶବ୍ୟାପୀ ନବଜାତ ଶିଶୁମାନଙ୍କର ସାର୍ବଜନୀନ ଶ୍ରବଣ ପରୀକ୍ଷାକୁ ବାଧ୍ୟତାମୂଳକ କରିବାର ଅନେକ ଉପକାରିତା ରହିଛି। ତାହା ବଧିରତା ଚିହ୍ନଟ କରି ଶ୍ରବଣ ଯନ୍ତ୍ର କି କର୍ଣ୍ଣ ପଟଳ ପ୍ରତିରୋପଣ କି ବାଣୀ ଚିକିତ୍ସାକୁ ସୁନିଶ୍ଚିତ କରାଇପାରିବ। ଏହା ଦ୍ୱାରା ଭବିଷ୍ୟତରେ ଶ୍ରବଣ ଚିକିତ୍ସା ଜନିତ ବିପୁଳ ଖର୍ଚ୍ଚକୁ ରୋକାଯାଇପାରିବ। ଏଥି ସହିତ ଏହା ସାର୍ବଜନୀନ ସ୍ୱାସ୍ଥ୍ୟସେବାରେ ଅତିରିକ୍ତ ରୋଗ ନିରୂପଣକୁ ସୁନିଶ୍ଚିତ କରିବ। ବିଳମ୍ବରେ ରୋଗନିର୍ଣ୍ଣୟ ଜନିତ ଭାବପ୍ରବଣତା ଓ ଆର୍ଥିକ ବୋଝକୁ ଏଡ଼ାଇ ଏହା ପିତାମାତାଙ୍କୁ ସେମାନଙ୍କ ଶିଶୁର ସ୍ୱାସ୍ଥ୍ୟ ବିକାଶ ବାବଦରେ ନିଷ୍ପତ୍ତି ନେବା ଲାଗି ସଶକ୍ତ କରିବ।



# ସ୍ୱାସ୍ଥ୍ୟ ପାଇଁ ସୋରିଷ



ନିଜ ବୟସ ଠାରୁ କମ୍ ଦେଖାଯିବା କେବଳ ମହିଳା ମାନଙ୍କର ଇଛା ନଥାଏ, ପୁରୁଷ ମାନଙ୍କର ମଧ୍ୟ ଏହି ଇଛା ରହିଥାଏ। ଯଦି ଆପଣ ବି ନିଜର ବଢୁଥିବା ସୟସକୁ କମ୍ କରିବାକୁ ଚାହୁଁଛନ୍ତି ତ, ଏହି ହଳଦୀଆ ରଙ୍ଗର ଫୁଲ ଆପଣଙ୍କୁ ସାହାଯ୍ୟ କରିପାରିବ। ଆଜ୍ଞା ହଁ ଏହି ହଳଦୀଆ ରଙ୍ଗ ଫୁଲର ନାଁ ହେଉଛି ସୋରିଷ ଫୁଲ। ଆର୍ୟୁବେଦ ଅନୁସାରେ ସୋରିଷ ତେଲ ବହୁତ ରୋଗରୁ ଉପଶମ ଦେଇଥାଏ।

**ମେଦବହୁଳତା:** ଯଦି ଆପଣ ନିଜର ଓଜନ କମ୍ କରିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ରୋଷେଇ ଘରେ ସ୍ଥାନ ଦିଅନ୍ତୁ ସୋରିଷ ତେଲକୁ। ସୋରିଷ ତେଲରେ ରହିଥିବା ଭିଟାମିନ୍ ଯଥା: ଥାୟାମିନ୍, ଫ୍ଲୋଟେଟ୍ ଓ ନିୟୋସିନ୍ ଶରୀରର ମେଟାବୋଲିଜିମ୍ ବଢାଇଥାଏ।

**ତ୍ୱଚାର ସଂକୁଚିତ ରେଖା:** ସୋରିଷ ତେଲରେ ରହିଥିବା ଆଣ୍ଟିଅକ୍ସିଡେଣ୍ଟ୍ ତ୍ୱଚାକୁ ଟାଇଟ୍ ରଖିଥାଏ ଯାହା ଦ୍ୱାରା ତ୍ୱଚା ଚମକି ଥାଏ। ଏଥିରେ ଥିବା ଭିଟାମିନ୍ ଏ, ସି ଓ କେ ଚେହେରା ଉପରେ ସଂକୁଚିତ ରେଖା ଆସିବାକୁ ଦେଇ ନଥାଏ। ମାନେ ଆପଣ ଅଧିକ ସମୟ ପର୍ଯ୍ୟନ୍ତ ଆପଣଙ୍କ ଯୌବନକୁ ଉପଭୋଗ କରିପାରିବେ।

**ଦାନ୍ତଜନିତ ଯନ୍ତ୍ରଣା:** ଦାନ୍ତରେ ଯନ୍ତ୍ରଣା ଓ ପାଇରିଆ ସମସ୍ୟା ହେଉଥିଲେ ସୋରିଷ ତେଲରେ ଲୁଣ ମିଶାଇ ଆଙ୍ଗୁଠି ସାହାଯ୍ୟରେ ସେହି ସ୍ଥାନାକୁ ଧିରେ ଧିରେ ମାଲିସ୍ କରନ୍ତୁ। ଏହା କରିବା ଦ୍ୱାରା ଦାନ୍ତ ମଜଭୂତ ରହିଥାଏ ଏବଂ ପାଇରିଆ ସମସ୍ୟା ଦୂର ହୋଇଥାଏ।

**ପେଟରେ ହେଇଥିବା କୃମି:** କୃମି ହେବା ଯୋଗୁଁ ଭୋକ ଲାଗିବା ବନ୍ଦ ହୋଇଯାଇଥାଏ ତେଣୁ ଖାଇବାରେ ସୋରିଷ ତେଲକୁ ବ୍ୟବହାର କରନ୍ତୁ। ଦେଖିବେ ଆପଣଙ୍କ ଭୋକ ବଢାଇଥାଏ , ଏହା ସହ କୃମି ସମସ୍ୟ ଦୂର ମଧ୍ୟ ହୋଇଥାଏ।

**ଥଣ୍ଡା:** ଯଦି ଆପଣ ଥଣ୍ଡା ଜନିତ କୌଣସିବି ରୋଗରେ ପିଡିତ ତାହାଲେ ସୋରିଷ ତେଲ ବ୍ୟବହାର କରନ୍ତୁ। ଏଥିରେ ଥିବା ମ୍ୟାଗନେସିୟମ ଥଣ୍ଡାରୁ ଉପସମ ଦେଇଥାଏ। ଆଉ ମଧ୍ୟ ଛାତିରେ ନିୟମିତ ସୋରିଷ ତେଲ ମାଲିସ୍ କରିବା ଦ୍ୱରା ଥଣ୍ଡା କମିଥାଏ।

**କ୍ୟାନ୍ସର୍:** ବୋଧହୁଏ ଆପଣ ଜାଣି ନଥିବେ କି ସୋରିଷ ତେଲରେ ଥିବା ଏକ୍ଷଙ୍କଳକ୍ଟହସକ୍ଷକ୍ଟକ୍ଷରତ୍ସ ଶରୀରରୁ କ୍ୟାନସର୍ ଓ ଟିୟୁମର୍ ଭଳି ଭୟାନକ ରୋଗରୁ ରକ୍ଷା କରିଥାଏ।

# ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ



**ସୁବର୍ଣ୍ଣପୁର,୮।୧ (ସଂଚାର ବ୍ୟୁରୋ):** ଜିଲ୍ଲାପାଳ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ସୁବର୍ଣ୍ଣପୁର ଜିଲ୍ଲାର ଆଗାମୀ ଜିଲ୍ଲା ସ୍ତରୀୟ ୭୭ ତମ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ, ଡ଼ ନୃପରାଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ, (ସାଧାରଣ) ଅଞ୍ଜଳିନା ପ୍ରଧାନ ଏହି ପ୍ରସ୍ତୁତି ବୈଠକରେ ଆଲୋଚ୍ୟ ବିଷୟ ବସ୍ତୁ ଅନୁଯାୟୀ ଆଲୋଚନା ପାଇଁ ଉପସ୍ଥାପନ କରିଥିଲେ ଓ ଆଲୋଚନା ଅନୁଯାୟୀ ସର୍ବ ସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ କରାଯାଇଥିଲା। ଆଲୋଚନା ସମୟରେ ଜିଲ୍ଲାପାଳ, ସୁବର୍ଣ୍ଣପୁର ଯେଉଁ ଅଧିକାରୀମାନଙ୍କୁ ଆବଶ୍ୟକୀୟ ଆୟୋଜନ ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି, ସେମାନଙ୍କୁ ନିର୍ଦ୍ଧାରିତ ସମୟ ମଧରେ ସେମାନଙ୍କ ଦାୟିତ୍ୱ ସମ୍ପନ୍ନ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହି ପ୍ରସ୍ତୁତି ବୈଠକରେ ଆରକ୍ଷୀ ଅଧିକ୍ଷକ, ନାରାୟଣ ନାଏକ, ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ), ଶ୍ରୀ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର, ଶ୍ରୀମତି ଅଞ୍ଜଳିନା ପ୍ରଧାନ, ଉପ- ଜିଲ୍ଲାପାଳ, ସୋନପୁର, ଡ ସୌମ୍ୟାରୁପା ରଥ ଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ବୃନ୍ଦ, ବେଣୁଧର ଦାଶ, ସମାଜସେବୀ, ବୀରମହାରାଜପୁର, ସୋନପୁର ସହରର ବୁଦ୍ଧିଜୀବୀ ବୃନ୍ଦ, ବରିଷ୍ଠ ନାଗରିକ ବୃନ୍ଦ, ସୋନପୁର ସହରର ବିଭିନ୍ନ ଅନୁଷ୍ଠାନ ମାନଙ୍କର ପ୍ରତିନିଧି ବୃନ୍ଦ, ବିଭିନ୍ନ ମହାବିଦ୍ୟାଳୟ ଅଧକ୍ଷ/ ଅଧକ୍ଷା ଓ ବିଦ୍ୟାଳୟ ଗୁଡିକର ପ୍ରଧାନ ଶିକ୍ଷକ/ ଶିକ୍ଷୟତ୍ରୀ ବୃନ୍ଦ, ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ସମ୍ବାଦ ପତ୍ର ଗୁଡିକର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧମର ପ୍ରତିନିଧିମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରି ସେମାନଙ୍କର ସୁଚିତିନ୍ତ ମତାମତ ପ୍ରଦାନ କରିଥିଲେ। ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ଶ୍ରୀ ଅର୍ଜୁନ ମାଝୀ ଏହି ପ୍ରସ୍ତୁତି ବୈଠକରେ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସଙ୍ଗେ ସଙ୍ଗେ ବୈଠକ ଶେଷରେ ଧନ୍ୟବାଦ୍ ଜ୍ଞାପନ କରିଥିଲେ।

# ଦାଦନ ଖଟିବାକୁ ଯାଇ ଶବ ହୋଇଗଲା ପୁଅ

**ବାଲିଆପାଳ,୮।୧ (ସଂଚାର ବ୍ୟୁରୋ):** ପରିବାର ପ୍ରତିପୋଷଣ ପାଂଇ ହାଇଦ୍ରାବାଦ ରେ ଏକ ଘରୋଇ କମ୍ପାନୀ ରେ ଦାଦାନ ଶ୍ରମିକ ଭାବରେ କାର୍ଯ୍ୟ କରୁଥିଲେ ୨୬ ବର୍ଷୀୟ ଯୁବକ, ମାତ୍ର ସେଠାରେ ତାଙ୍କର ଅକସ୍ମାତ ମୃତ୍ୟୁ ରେ ଘରେ ପଡ଼ିଛି କାନ୍ଦ ବୋବାଳି, ପରିବାର ଲୋକ ଙ୍କ ଆଖିରୁ ଶୁଖୁନି ଲୁହମୋବାଇଲ ରେ ପୁଅ ର ଫଟୋ କୁ ଦେଖି ବାହୁନି ବାହୁନି କାନ୍ଦୁଛି ମା, ବାପା ଙ୍କ ଆଖିରୁ ଶୁଖୁନି ଲୁହ, ସାହି ପଡ଼ିଶା ଠୁ ଆରମ୍ଭ କରି ବନ୍ଧୁ ବାନ୍ଧବ ପର୍ଯ୍ୟନ୍ତ ସମସ୍ତେ ଦୁଃଖ ରେ ଭାଙ୍ଗି ପଡ଼ିଛନ୍ତି, ଚାରିଆଡେ ସୃଷ୍ଟି ହୋଇଛି ଶୋକାକୁଳ ପରିବେଶ, ସତେ ଯେମିତି ଏହି ପରିବାର ଉପରେ ଦୁଃଖ ର କଳା ବାଦଲ ଟା ଛିଡି ପଡ଼ିଛି, ପୁଅ ତୁ ଫେରିଆ ପୁଅ ତୁ ଫେରିଆ ଏମିତି କେତେ କଥା କହି କାନ୍ଦି କାନ୍ଦି ଚେତାଶୂନ୍ୟ ହୋଇଯାଉଛି ମା, ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ରସଲପୁର ଗ୍ରାମର ଏ ହୃଦୟବିଦାରକ ଦୃଶ୍ୟ ଆପଣଙ୍କୁ ଭାବବିହ୍ୱଳ ହେବାକୁ ବାଧ କରିବ, ରସଲପୁର ଗ୍ରାମର ରମାକାନ୍ତ ବେହେରା ଙ୍କ ୨୬ ବର୍ଷୀୟ ପୁଅ ପ୍ରଦୀପ



**ମୃତ ଦେହ ଫେରାଇ ଆଣିବାକୁ ବାପା ମାଆଙ୍କ ଗୁହାରି**

ପରିବାର ପ୍ରତିପୋଷଣ ପାଂଇ ହାଇଦ୍ରାବାଦ ରେ ଏକ ଘରୋଇ କମ୍ପାନୀ ରେ ଦାଦାନ ଶ୍ରମିକ ଭାବରେ କାର୍ଯ୍ୟ କରୁଥିବା ବେଳେ ସେଠାରେ ତାଙ୍କର ଅକସ୍ମାତ ମୃତ୍ୟୁ ହୋଇଛି, ପରିବାର ଲୋକେ ଏହା ହତ୍ୟାକାଣ୍ଡ ବୋଲି ଅଭିଯୋଗ କରୁଥିବା ବେଳେ ଏକମାତ୍ର ରୋଜଗାରିଆ ପୁଅ କୁ ହରାଇ ବୃଦ୍ଧା ବାପା ମା ବେସାହାରା ହୋଇଯାଇଛନ୍ତି, ଅନ୍ୟପଟେ ପୁଅ ର ଶବ କୁ ଫେରାଇ ଆଣିବା ପାଂଇ ବୃଦ୍ଧା ବାପା ମା ସରକାର ଙ୍କ ନିକଟରେ ଆକୁଳ ନିବେଦନ କରିଥିବା ବେଳେ ମୃତ୍ୟୁ ର ଉପଯୁକ୍ତ ତଦନ୍ତ କରି ନ୍ୟାୟ ପ୍ରଦାନ ପାଂଇ ଦାବି କରିଛନ୍ତି, ଆସନ୍ତୁ ବାଲିଆପାଳ ରୁ ଦେଖିବା ଏହି ରିପୋର୍ଟବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ରସଲପୁର ଗ୍ରାମର ବାସିନ୍ଦା ହେଉଛନ୍ତି ରମାକାନ୍ତ ବେହେରା, ନିଜର ଜମିବାଡି କିଛି ନଥିବାରୁ ପରଘରେ ମୂଲ ଲାଗି ଯାହା କିଛି ଆଣନ୍ତି ସେଥିରେ ତେଲ ଲୁଣ ର ସଂସାର କଷ୍ଟେମଷ୍ଟେ ଚଳେଇ ନିଅନ୍ତି, ପରିବାର କହିଲେ ସ୍ତ୍ରୀ ଦୁଇ ପୁଅ ଏବଂ ଝିଅ, ସାନ ପୁଅ ପ୍ରଦୀପ ଆଇ ଟି ଆଇ ପାସ କରିବା ପରେ ଘର ର ଆର୍ଥିକ ପରିସ୍ଥିତି କୁ ଲକ୍ଷ କରି ହାଇଦ୍ରାବାଦ ରେ ଏକ ଘରୋଇ କମ୍ପାନୀ ରେ ଦାଦାନ ଶ୍ରମିକ ଭାବରେ କାର୍ଯ୍ୟ କରୁଥିଲେ, ଯାହା କିଛି ରୋଜଗାର କରୁଥିଲେ ଘରକୁ ପଇସା ପଠାଉ ଥିଲେ, ସେଥିରେ କଷ୍ଟେ ମଷ୍ଟେ ପରିବାର ଚଳୁ ଥିଲା, ତେବେ ହଠାତ ହାଇଦ୍ରାବାଦ ରୁ ଫୋନ୍ ଆସିଲା ପ୍ରଦୀପ ର ମୃତ୍ୟୁ ହୋଇଯାଇଛି, ଏକଥା ଶୁଣିବା ପରେ ପରିବାର ଲୋକ ଙ୍କ ପାଦ ତଳୁ ମାଟି ଖସି ଯାଇଛି, ମା କାନ୍ଦି କାନ୍ଦି ଚେତାଶୂନ୍ୟ ହୋଇ ଯାଉଥିବା ବେଳେ ବୃଦ୍ଧା ବପା ଙ୍କ ଆଖିରୁ ଲୁହ ଶୁଖୁନି ଘର ର ଏକମାତ୍ର ରୋଜଗାରିଆ ପୁଅ ର ମୃତ୍ୟୁ ପରେ ପରିବାର ଲୋକେ ଦୁଃଖ ରେ ଭାଙ୍ଗି ପଡ଼ିଥିବା ବେଳେ ଘରେ ଚୂଲି ଜଳୁନି, ନଖାଇ ନପିଇ ଭୋକ ଉପାସରେ ଦିନ କାଟୁଛନ୍ତି ବୃଦ୍ଧା ବାପା ମା, ଯିଏ ପରିଣତ ବୟସରେ ବାପା ମା ଙ୍କୁ ପ୍ରତିପୋଷଣ କରିଥାନ୍ତା ତାର ଏଭଳି ମୃତ୍ୟୁ ରେ ସ୍ତବ୍ଧ ହୋଇ ଯାଇଛନ୍ତ ସମସ୍ତେ, ପୁଅ ର ଶବ କୁ ଟିକେ ଦେଖିବା ପାଂଇ ବାପା ମା ପାଗଳପ୍ରାୟ ହୋଇ ଯାଉଛନ୍ତି, ତେବେ ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି ପରିବାର ଲୋକେ ପୁଅ ର ଶବ କୁ ଘରକୁ ଫେରାଇ ଆଣିବା ଏବଂ ମୃତ ପ୍ରଦୀପ ଙ୍କ ମୃତ୍ୟୁ ର ନିରପେକ୍ଷ ତଦନ୍ତ କରି ଦୋଷୀ ଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସମେତ ଉପଯୁକ୍ତ କ୍ଷତିପୂରଣ ପାଇଁ ଦାବି କରିଛନ୍ତି ପରିବାର ଲୋକେ।

# ବେଆଇନ ଗୋଚାଲାଣ ଅଭିଯୋଗ, ୩ ଗିରଫ



**ହିଞ୍ଜିଳିକାଟୁ,୮।୧ (ସଂଚାର ବ୍ୟୁରୋ):** ହିଞ୍ଜିଳି ଥାନା ନିକଟବର୍ତ୍ତୀ ସାପୁଆପଲ୍ଲୀ ଗ୍ରାମରୁ ବେଆଇନ ଗୋଚାଲାଣ ଅଭିଯୋଗରେ ୩ ଜଣ ଯୁବକଙ୍କୁ ଗିରଫ କରିଛି ହିଞ୍ଜିଳି ପୋଲିସ।ଗିରଫ ଯୁବକ ମାନେ ହେଲେ ହିଞ୍ଜିଳିକାଟୁ ରାଜା ସାହି ଅଞ୍ଚଳର ସୁମନ ମହାଙ୍କୁଡ(୨୬), ଆଠଗଡ଼ପାଟଣା ବାଣିଆ ଅଞ୍ଚଳର ରାଜୀବ ଦିଗାଲ (୨୬) ଓ ସେହି ଅଞ୍ଚଳର ସନ୍ଦୀପ ପୋଲାଇ (୧୯)।ଗାଡିଟି କବିସୂର୍ଯ୍ୟନଗର ଆଠଗଡ଼ ପାଟଣାରୁ ବାହାରି ଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଟାଟା ଏସି ଗାଡ଼ି ନଂ (ଓଡ଼ି୦୭ଏଏମ ୭୮୨୧)ରେ ୨ଟି ବଳଦକୁ ଚାଲାଣ ସମୟରେ ପୋଲିସ ଆବଶ୍ୟକ କାଗଜପତ୍ର ମାଗିଥିବା ବେଳେ ତାହା ଦେଖାଇପାରି ନ ଥିଲେ।ଗାଡ଼ି ଜବତ ସହ କେସ ନଂ ୨୪/୨୬ରେ ମାମଲା ରୁଜୁ ହୋଇ ସମସ୍ତ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ହିଞ୍ଜିଳି ଥାନାଧିକାରୀ ଶ୍ରୀନିବାସ ସେଠୀ ସୂଚନା ଦେଇଛନ୍ତି।

# ତ୍ରିଦିବସୀୟ ତାଲିମ୍ ଶିବିର ଓ କ୍ଷେତ୍ର ପରିଦର୍ଶନ



**ସୁନ୍ଦରଗଡ଼,୮।୧ (ସଂଚାର ବ୍ୟୁରୋ):** ଶ୍ରମଜୀବୀ ମାଁ ମାନେ ତାଙ୍କର ୬ ମାସରୁ ୩ ବର୍ଷର ପିଲାମାନଙ୍କୁ ଏକ ସୁରକ୍ଷିତ ଓ ନିରାପଦ ପରିବେଶରେ ରଖି ନିଜ କାର୍ଯ୍ୟ କ୍ଷେତ୍ରକୁ ଯାଇ କାମ କରିବା ଉଦ୍ଦେଶ୍ୟ ନେଇ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ସୁନ୍ଦରଗଡ଼ ଜିଲ୍ଲା ଖଣିଜ ପାଣ୍ଠି, ସୁନ୍ଦରଗଡ଼ ଓମବାଡିସି ସୁନ୍ଦରଗଡ଼ ଓ ସେବକ ଅନୁଷ୍ଠାନ ସହାୟତାରେ ଗ୍ରାମାଞ୍ଚଳ ରେ 'କଳିକା କେନ୍ଦ୍ର'କାର୍ଯ୍ୟ କରୁଛି। ସଦର, ସବଡେଗା, ବାଲିଶଙ୍କରା, ଟାଙ୍ଗରପାଲି ଓ ଲେଫ୍ରିପରା ବ୍ଲକର ୧୨୩ ଜଣ କଳିକା କେନ୍ଦ୍ର କର୍ମୀଙ୍କୁ ୪ଟି ବ୍ୟାଚରେ ଏକ ତ୍ରିଦିବସୀୟ ଦକ୍ଷତା ବୃଦ୍ଧି ତାଲିମ୍ ଦିଆଯାଇଛି। ଏହି ତାଲିମ କାର୍ଯ୍ୟକ୍ରମ ସେବକର ଆଞ୍ଚଳିକ ସାଧନ କେନ୍ଦ୍ର ମହୁଲପାଲି ରେ ଅନୁଷ୍ଠିତ ହୋଇଥିବା ସହିତ ଏକ ଦିବସୀୟ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ କରା ଯାଇଥିଲା। ପ୍ରଥମ ଦିନରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ କୃଷ୍ଣ କୁମାରୀ ନନ୍ଦ ଦ୍ୱୀପ ପ୍ରଜ୍ୱଳନ କରି ପ୍ରଶିକ୍ଷଣ ତାଲିମ ଶିବିର ଆରମ୍ଭ କରିଥିଲେ। ସେହିପରି ଲେଫ୍ରିପଡ଼ା ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସୁଶୀଲା କମଳିନୀ ସୋରେଙ୍ଗ, ସବଡ଼େଗା ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବୀଣାପାଣି ଚୌଧୁରୀ, ଟାଙ୍ଗରପାଲି ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସୁଶୀଲା ରଥ କ୍ଷେତ୍ର ପରିଦର୍ଶନ କାଳିନ ସମସ୍ୟା ଓ ସମାଧାନ ବିଷୟରେ ମୁଖ୍ୟ ପରାମର୍ଶ ଦେଇଥିଲେ। ସେହିପରି ଟାଙ୍ଗରପାଲି ବ୍ଲକ ଅଗ୍ନିଶମ ବିଭାଗୀୟ ଅଧିକାରୀମାନେ ଅଶୋକ କିଷାନ, ଚରଣ ସ୍ୱର କିଷାନ, ଦୀପକ ଖେସ୍, ସୁକମଣି ପଧାନ, ଜୀବର୍ଧନ କୁମୁରା କଳିକା କେନ୍ଦ୍ର କର୍ମୀଙ୍କୁ କେନ୍ଦ୍ରରେ ଅଗ୍ନି ନିରାପତ୍ତା ବିଷୟରେ ପରାମର୍ଶ ଦେଇଥିଲେ। ସେହିପରି ସମ୍ପ୍ରଦାୟ ସ୍ୱାସ୍ଥ୍ୟ ଅଧିକାରୀ, କୁରଗା ସଂଗୀତା ବେହେରା ଅଂଶ ନେଇ ଟୀକାକରଣ ଓ ସ୍ଥାନୀୟ ରୋଗ ବିଷୟରେ ସେବିକାମାଙ୍କୁ ଅବଗତ କରେଇ ଥିଲେ। ସେବକ ଅଧକ୍ଷ୍ୟ ଅମୀୟ କାନ୍ତ ନାଏକ ତାଲିମରେ ମୁଖ୍ୟ ଅଥିତି ଭାବେ ଯୋଗଦେଇ କଳିକା କେନ୍ଦ୍ରର ସୁପରିଚାଳନ ଉପରେ ଗୁରୁତ୍ୱାରୋପ କରିଥିଲେ।

# ଢେଙ୍କାନାଳ ସାଂସଦଙ୍କୁ ଭେଟିଲେ ଟିଏଫଏଲର ଏମଡି



**ଅନୁଗୁଳ,୮।୧ (ସଂଚାର ବ୍ୟୁରୋ):** ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଲୋକସଭା ରେ ବାରମ୍ବାର ତାଳଚେର ସାର କାରଖାନା ଟିଏଫଏଲ ସମ୍ପର୍କ ରେ ପ୍ରଶ୍ନ ଉଥାପନ କରି ଆସିଛନ୍ତି।କେନ୍ଦ୍ର ସାର ରସାୟନ ମନ୍ତ୍ରୀ ଜେପି ନଡ୍ଡା ସାଂସଦ ଶ୍ରୀ ପାଣି ଙ୍କୁ ଲିଖିତ ଭାବେ ଉତ୍ତର ମଧ ଜଣାଇଛନ୍ତି।ଆଜି ଗୁରୁବାର ଟିଏଫ ଏଲ ର ଏମ ଡି ବିବେକ ଶ୍ରୀବାସ୍ତବ ଙ୍କ ସମେତ ସମସ୍ତ ପଦାଧିକାରୀ ଢେଙ୍କାନାଳ ସାଂସଦ ଶ୍ରୀ ପାଣି ଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ ଟିଏଫ ଏଲ କାର୍ଯ୍ୟ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ।ଟିଏଫ ଏଲ ୨୦୨୭ ରେ କାର୍ଯ୍ୟକ୍ଷମ ହେବ ଏବଂ ଟିଏଫ ଏଲ ରେ ଏଫ ସି ଆଇ ର ପୂର୍ବ କର୍ମଚାରୀ ଙ୍କର ଉତ୍ତରାଧିକାରୀ କ୍ଷତିଗ୍ରସ୍ତ ପ୍ରଜା ଓ ସ୍ଥାନୀୟ ବେକାର ଯୁବକ ଯୁବତୀ ଙ୍କୁ ଅଗ୍ରାଧିକାର ଭିତିରେ ନିଯୁକ୍ତି ଦେବା ଉପରେ ଆଲୋଚନା କରାଯାଇଥିଲା।ଆଜିର ଉକ୍ତ ବୈଠକ ରେ ସାଂସଦ ଙ୍କ ସହ ପ୍ରାକ୍ତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ଜୋନାଲ ମିଡିଆସେଲ ସଂଯୋଜକ ପର୍ଶୁରାମ ବାରିକ, ଜିଲ୍ଲା କୋଷାଧକ୍ଷ ବିଶ୍ୱଜିତ ମିଶ୍ର, ଜଗଦୀଶ ମିଶ୍ର, ମଣ୍ଡଳ ସଭାପତି ରାଜେଶ ଦଳେଇ ଟିଏଫ ଏଲ ଏମ ଡି ବିବେକ ଶ୍ରୀବାସ୍ତବ, ଏଚ ଓ ଡି ଏଚ ଆର ଅନନ୍ତ ଆଚାର୍ଯ୍ୟ, ଚିଫ ମ୍ୟାନେଜର ସୁମନ୍ତ ପ୍ରଧାନ ଙ୍କ ସମେତ ବହୁ ଅଧିକାରୀ ଓ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ।

# ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ



**ବୋରିଗୁମ୍ମା,୮।୧ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ କାମତା ସ୍ଥିତ ସରକାରୀ ମାଣିକେଶ୍ୱରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଠାରେ ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତୀ ପ୍ରସ୍ଥର ସ୍ଥାପନ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ କନ୍ଫରେନ୍ସ ମାଧମରେ ଏହାର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି।। କୋରାପୁଟ ଜିଲ୍ଲାର ବୋରିଗୁମ୍ମା ବ୍ଲକର ମୋଟ ୩ ଗୋଟି ଏବଂ ସମଗ୍ର ରାଜ୍ୟରେ ୧୧୮ ଟି ଗୋଦାବରିଶ ପ୍ରାଥମିକ ଆଦର୍ଶ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଥିବା ସୂଚନା ମିଳିଛି। କାମତା ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବୋରିଗୁମ୍ମା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟନାୟକ, ଏବିଇଓ ସଂଯୁକ୍ତା ପଣ୍ଡା ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଗୌରାଙ୍ଗ ଚନ୍ଦ୍ର ମାଦଳା ସ୍କୁଲ ପରିଚାଳନା କମିଟି ସଭାପତି ଅଶୋକ ଭଞ୍ଜ, ହରିଶ୍ଚନ୍ଦ୍ର ଅମନାତ୍ୟ ପ୍ରମୁଖ ଉପସ୍ଥିତ ଥିଲେ।ବ୍ଲକର ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ପିଲା ନାମ ଲେଖାଇ ପାରିବେ, ଏଥିରେ ସ୍ୱତନ୍ତ୍ର ଭିତିଭୂମି, ସ୍ୱତନ୍ତ୍ର ଶିକ୍ଷକ, ସ୍ୱତନ୍ତ୍ର ହଷ୍ଟେଲ ସୁବିଧା ଏବଂ ଆଧୁନିକ ଢାଞ୍ଚାରେ ଶିକ୍ଷା ପ୍ରଦାନ ବ୍ୟବସ୍ଥା ରହିବ ଏବଂ ଆଗାମୀ ଶିକ୍ଷା ବର୍ଷ ଠାରୁ ଏହା କାର୍ଯ୍ୟକାରୀ ହେବ ବୋଲି ବିଡ଼ିଓ ଶ୍ରୀ ପଟନାୟକ ପ୍ରକାଶ କରିଥିଲେ।ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ବେହେରା ସମସ୍ତ କାର୍ଯ୍ୟ ପରିଚାଳନା କରିଥିବା ବେଳେ ସିଆରସିସି ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ପ୍ରମୁଖ ସହଯୋଗ କରିଥିଲେ।

**ମହିମା ସୁବର୍ଣ୍ଣପୁର ଲୋକ ମହୋତ୍ସବ**

# ସାଇବର ଅପରାଧକୁ ନେଇ ଆଲୋଚନାଚକ୍ର

**ସୁବର୍ଣ୍ଣପୁର,୮।୧ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁରର ରାମେଶ୍ୱର ଷ୍ଟାଡିୟମଠାରେ ଚାଲିଥିବା 'ମହିମା' ସୁବର୍ଣ୍ଣପୁର ଲୋକ ମହୋତ୍ସବ - ୨୦୨୬ର ପ୍ରଥମ ବୌଦ୍ଧିକ ଆଲୋଚନାଚକ୍ରରେ ଆଜି ଅଧୁନାତନ ସାମାଜିକ ସମସ୍ୟା 'ସାଇବର ଅପରାଧ : ପ୍ରଭାବ ଓ ପ୍ରତିକାର'କୁ ନେଇ ଏକ କଥାଚକ୍ର ଅନୁଷ୍ଠିତ ହୋଇଯାଇଛି। ଲୋକ ମହୋତ୍ସବ ପରିସରର ଓରମାସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ଅଧକ୍ଷତା କରିଥିବାବେଳେ ଆଲୋଚନାଚକ୍ରରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ଅତିଥି ଭାବେ ଯୋଗଦେଇ ଅଧୁନାତନ ସମୟରେ ଚାଲିଥିବା ସାଇବର ଅପରାଧରୁ ବର୍ତ୍ତିବା ପାଇଁ ଜନ ସଚେତନତା ଖୁବ ଜରୁରୀ ବୋଲି ପ୍ରକାଶ କରିଥିଲେ। ଅତିଥି ଆଲୋଚକ ଭାବେ ବରିଷ୍ଠ ପୋଲିସ ଅଧିକାରୀ ରେଣୁକା ସୁନା ଓ ସାଇବର ବିଶେଷଜ୍ଞ ଅଧାପକ ଆଶିଷ ଅଗ୍ରୱାଲା ସାଇବର ଅପରାଧର ସ୍ୱରୂପ, ସୋସିଆଲ ମିଡ଼ିଆର ଦୁରୁପୋଯୋଗ ଓ ବ୍ୟାପକତା ଓ ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହ ଜନ ସଚେତନତା ଉପରେ ଗୁରୁତ୍ୱ ଦେଇ ବକ୍ତବ୍ୟ ରଖିଥିଲେ। ବିଶେଷକରି ଯୁବଗୋଷ୍ଠୀ ଓ ଉଚ୍ଚଶିକ୍ଷା ଅଧ୍ୟୟନରତ ଛାତ୍ରଛାତ୍ରୀ ସାଇବର କ୍ରାଇମ ପ୍ରତି ସବୁ ସମୟରେ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ଉଭୟ ଧନ ଜୀବନର ସୁରକ୍ଷା ଦୃଷ୍ଟିରୁ ବର୍ତ୍ତମାନର ସମୟରେ ସାଇବର କ୍ରାଇମରୁ ବର୍ତ୍ତିବାକୁ ପ୍ରତ୍ୟେକ ବ୍ୟକ୍ତି ପ୍ରତିଟି ସମୟରେ ସଜାଗ ରହିବାକୁ ଉଭୟ ଅତିଥି ବକ୍ତା ଆହ୍ୱାନ ଦେଇଥିଲେ।



# ମହିମା ସୁବର୍ଣ୍ଣପୁର ଲୋକ ମହୋତ୍ସବ ପଡ଼ିଆରେ ଜରି ଗୋଟାଇ ଲୋକଙ୍କୁ ସଚେତନ କଲେ ଜିଲ୍ଲାପାଳ

**ସୁବର୍ଣ୍ଣପୁର,୮।୧ (ସଂଚାର ବ୍ୟୁରୋ):** ମହିମା ସୁବର୍ଣ୍ଣପୁର ଲୋକ ମହୋତ୍ସବ ୨୦୨୬ ଅବସର ରେ ମହୋତ୍ସବ ପଡ଼ିଆ ରେ ଏକ ସ୍ୱଚ୍ଛତା ଓ ପଲିଥିନ୍ ମୁକ୍ତ ସଚେତନତା ଅଭିଯାନ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପ୍ରଶାସନ ଓ ସ୍ୱଚ୍ଛ ଭାରତ ସଙ୍ଗଠନ ସଂଯୋଜନା ରେ ଜିଲ୍ଲାପାଳ ଡ଼ ନୃପ ରାଜ ସାହୁ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି କାର୍ଯ୍ୟ କ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପଧାନ ଓ ବିଭିନ୍ନ ଅଧିକାରୀ ଯୋଗ ଦେଇଥିଲେ। ମହୋତ୍ସବ ପଡ଼ିଆ ରେ ପଲ୍ଲୀଶ୍ରୀ ମେଳାର ଚାରି ପାଖେ ବୁଲି ସମସ୍ତ ଷ୍ଟଲ୍ ଆଗରେ ଥିବା ପଲିଥିନ୍ ଓ ଅଳିଆ ଆବର୍ଜନା କୁ ଗୋଟାଇ ସ୍ୱେଚ୍ଛାସେବୀ ଙ୍କ ସହ ନିଜେ ଜିଲ୍ଲାପାଳ ଓ ଏ ଡି ଏମ ସଫା କରି ଷ୍ଟଲ୍ ମାଲିକ ଙ୍କୁ ସଚେତନ କରିଥିଲେ। ଓ ଷ୍ଟଲ ସଂବୁଖ ଓ ପଡ଼ିଆ କୁ ସର୍ବଦା ସଫା ରଖିବାକୁ ତାଗିଦ୍ କରିଥିଲେ। ଜିଲ୍ଲା ପ୍ରଶାସନ, ସ୍ୱଚ୍ଛ ଭାରତ ସଙ୍ଗଠନ ସହିତ ସୋନପୁର କଲେଜ୍ ଏନ୍ ସି ସି କ୍ୟାଡେଟ ଏବଂ ଭାରତ ବିକାଶ ପରିଷଦ ଅନୁଷ୍ଠାନ, ଯୋଗ ସମିତି କର୍ମକର୍ତା ସହଯୋଗ କରିଥିଲେ। ସ୍ୱଚ୍ଛ ଭାରତ ସଙ୍ଗଠନ କୋଡି ନେଟର ମନୋରଞ୍ଜନ ତ୍ରୀପାଠୀ, ବିକାଶ ପରିଷଦ ସଭାପତି ଦୁର୍ଯ୍ୟଧନ ସାହୁ, ସୋନପୁର କଲେଜ୍ ଏନ୍ ସି ସି ଲ୍ୟାଫ୍ଟନେଣ୍ଟ ଆଶିଷ କୁମାର ଅଗ୍ରୱାଲ ଙ୍କ ସଂଯୋଜନା ରେ ଏହି କାର୍ଯ୍ୟ କ୍ରମ ଅୟୋଜନ କରା ଯାଇଥିଲା ।



# ଶିମିଳିପାଳରେ ପର୍ଯ୍ୟଟକ ଦେଖିଲେ କଳା ବାଘ

**ବାରିପଦା,୮।୧ (ସଂଚାର ବ୍ୟୁରୋ):** ଶିମିଳିପାଳ ର ମନଲୋଭା ଦୃଶ୍ୟ ସାଙ୍ଗକୁ ବିଭିନ୍ନ ବନ୍ୟଜନ୍ତୁ କୁ ଦେଖିବା ପାଇଁ ଏହି ଋତୁରେ ପର୍ଯ୍ୟଟକମାନେ ବୁଲି ଆସିଥାନ୍ତି ଶିମିଳିପାଳ କୁ। ଓଡିଶା ରାଜ୍ୟ ସମେତ ଦେଶର ଅନ୍ୟାନ୍ୟ ରାଜ୍ୟ ସାଙ୍ଗକୁ ବିଦେଶ ରୁ ମଧ ପର୍ଯ୍ୟଟକ ଙ୍କ ସୁଅ ଛୁଟିଥାଏ ଶିମିଳିପାଳ ଅଭୟାରଣ୍ୟ କୁ । ଚଳିତ ବର୍ଷ ପର୍ଯ୍ୟଟକ ମାନେ ଅଭୟାରଣ୍ୟ ଭିତରେ ବନ ବିଭାଗ ପକ୍ଷରୁ ଦିଆଯାଇଥିବା ଇକୋଅଟୋ ରେ ବୁଲିବାର ମଜା ନେଉଛନ୍ତି। ବିଗତ କିଛି ଦିନତଳେ ଶିମିଳିପାଳ ରେ କଳାବାଘ ବୁଲୁଥିବାର ଦୃଶ୍ୟ କ୍ୟାମରାରେ କଏଦ ହୋଇଥିଲା। ଯାହାକୁ ନେଇ ଦେଶ ବିଦେଶରେ ଚର୍ଚ୍ଚା ଜୋର ଧରିଥିଲା। ଏହି କଳା ବାଘ କୁ ଦେଖିବା ପାଇଁ ପର୍ଯ୍ୟଟକମାନଙ୍କ ମାନେ ଆଶାବାନ୍ଧି ଶିମିଳିପାଳ କୁ ବୁଲି ଆସୁଥିବା ବେଳେ କିଛି ପର୍ଯ୍ୟଟକ ଙ୍କ ସ୍ୱପ୍ନ ସାକାର ହୋଇଅଛି। ଏହି ପର୍ଯ୍ୟଟକ ମାନେ ଗାଡ଼ିରେ ଅଭୟାରଣ୍ୟ ଭିତରେ ବୁଲୁଥିବା ବେଳେ କିଛି ଦୂରରେ ଗୋଟିଏ କଳା ବାଘ ନଟା ବୁଦା ଭିତରୁ ବାହାରି ଯାଉଥିବାର ଦୃଶ୍ୟ କୁ କ୍ୟାମେରାରେ କଏଦ କରିଥିଲେ। ପରେ ଆଉ ଗୋଟିଏ କଳା ବାଘ ମଧ ଦେଖିବାକୁ ପାଇଥିଲେ। ଏହାର ଭିଡିଓ ଏବେ ସୋସିଆଲ ମିଡ଼ିଆରେ ଭାଇରଲ ହେବାକୁ ଲାଗିଅଛି। ତେବେ ଏହି ଭିନ୍ନ ପ୍ରଜାତିର ବାଘ କୁ ଆଖିରେ ଦେଖି ପର୍ଯ୍ୟଟକମାନେ ଅତ୍ୟନ୍ତ ଖୁସି ହୋଇଛନ୍ତି। ବର୍ତ୍ତମାନ ଶିମିଳିପାଳ ର ବରେଇପାଣି, ଚହଲା, ଉପର ବାରାକାମୁଡା ଆଦି ସ୍ଥାନରେ ଶୂନ ଡିଗ୍ରୀ ତାପମାତ୍ରା ଥିବା ଯୋଗୁଁ ତୁଷାରପାତ ସାଙ୍ଗକୁ ବରଫ ର ଭ୍ରମ ସୃଷ୍ଟି କରୁଅଛି।



**ଆଇସିଡିଏସକୁ ଚାଉଳ ଯୋଗାଣରେ ଠିକାଦାରଙ୍କ ମନମାନୀ ଅଭିଯୋଗ**

# ସଠିକ୍ ସମୟରେ ଅଙ୍ଗନବାଡିରେ ପହଞ୍ଚୁନି ଚାଉଳ

## ଚାଉଳ ନ ଥିବା ଯୋଗୁଁ ରନ୍ଧା ଖାଦ୍ୟ ଠପ

**କଳାହାଣ୍ଡି,୮।୧ (ସଂଚାର ବ୍ୟୁରୋ):** ତିନିରୁ ଛଅ ବର୍ଷ ଶିଶୁମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ପରି ପୃଷ୍ଟି ସାଧନା ନିମନ୍ତେ ଅଙ୍ଗନୱାଡ଼ି କେନ୍ଦ୍ରମାନଙ୍କରେ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥାଏ। ମାନସିକ ସ୍ତରରେ ପିଲାଙ୍କ ଅଭିବୃଦ୍ଧି ପୂରଣ କରିବା ପାଇଁ ସରକାର ଯୋଜନା କରିଛନ୍ତି। ଏଥିପାଇଁ ଜିଲ୍ଲା ଓ ବ୍ଲକସ୍ତରରେ ଚାଉଳ ଯୋଗାଣ କରିବାକୁ ଲିଜ୍ ମାଧମରେ ଠିକାଦାରମାନଙ୍କୁ ଦାୟିତ୍ୱ ଦିଆଯାଇଛି। ତେବେ ଯୋଗାଣକାରୀ ଠିକାଦାରଙ୍କ ଦାୟିତ୍ୱହୀନତା ଯୋଗୁଁ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଶିଶୁ ବିକାଶ ବିଭାଗ ଅଧୀନରେ ଥିବା ଅଙ୍ଗନବାଡି କେନ୍ଦ୍ର ଗୁଡିକରେ ଚାଉଳ ଯୋଗାଣ ବନ୍ଦଥିବା ଏବେ ଅଭିଯୋଗ ହେଉଛି। ସୂଚନା ମତେ ଧର୍ମଗଡ଼ ଶିଶୁ ବିକାଶ ଅଧୀନରେ ମୋଟ ୧୯୪ ଟି ଅଙ୍ଗନୱାଡି କେନ୍ଦ୍ର ଥିବାବେଳେ ଅଧିକାଂଶ କେନ୍ଦ୍ର ମାନଙ୍କରେ ଚାଉଳ ନଥିବାଯୋଗୁଁ ରନ୍ଧାଖାଦ୍ୟ ଠପ ପଡ଼ିଥିବା ଅଭିଯୋଗ ଉଠିଛି। ଅଙ୍ଗନବାଡ଼ି କର୍ମୀମାନେ କେନ୍ଦ୍ର ଖୋଲି କେବଳ ପିଲାମାନଙ୍କୁ ସକାଳ ଜଳଖିଆ ଦେଇ ଛାଡି ଦେଉଥିବା ଦେଖିବାକୁ ମିଳିଛି। ରନ୍ଧା ବନ୍ଦ ଥିବା ଯୋଗୁଁ କୋମଳ ଶିଶୁମାନେ ନିରାଶ ହୋଇ ଘରକୁ ଫେରୁଥିବାବେଳେ ଅଭିଭାବକଙ୍କ ମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଉଛି।ଧର୍ମଗଡ଼ ବ୍ଲକ ଶିଶୁ ବିକାଶ ଅଧୀନରେ ଥିବା ଅଙ୍ଗନୱ୍ବାଡି କେନ୍ଦ୍ର ଗୁଡ଼ିକୁ ପଡୋଶୀ ଜିଲ୍ଲା ନବରଙ୍ଗପୁର ଜିଲ୍ଲାର ଜନୈକ ଠିକାଦାର ଚାଉଳ ଯୋଗାଣ କରିଥାଏ। ତେବେ ଇତି ପୂର୍ବରୁ ତାଙ୍କ ନାମରେ ଠିକ୍ ସମୟରେ କେନ୍ଦ୍ରକୁ ଚାଉଳ ଯୋଗାଉନଥିବା, ବସ୍ତାରେ କମ୍ ପରିମାଣ ଚାଉଳ ଥିବା ଭଳି ଅଭିଯୋଗ ଦୀର୍ଘ ଦିନରୁ ହୋଇଆସୁଛି। ଏପରିକି ବିଭାଗୀୟ ଅଧିକାରୀ ଠିକାଦାରଙ୍କୁ ତାଗିଦ କରିଥିଲେ ମଧ ମନୋମୁଖୀ କାରବାର କରିବା ନୀତିଗତ ଅଭ୍ୟାସ ହେଲାଣି ବୋଲି ଚର୍ଚ୍ଚା ଉଠୁଛି।

**ସ୍ପର୍ଶ ଲେପ୍ରସି ବା କୁଷ୍ଠ ରୋଗ ସଚେତନତା ଅଭିଯାନ**

# କାର୍ଯ୍ୟକ୍ରମର ସଫଳ କାରିବା ପାଇଁ ଜିଲ୍ଲା ସମ୍ବନ୍ୟ କମିଟି ବୈଠକ



**ସୁବର୍ଣ୍ଣପୁର,୮।୧ (ସଂଚାର ବ୍ୟୁରୋ):** ଜିଲ୍ଲାପାଳ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ଼ ନୃପରାଜ ସାହୁଙ୍କ ସଭାପତିତ୍ୱରେ ସ୍ପର୍ଶ ଲେପ୍ରସି ବା କୁଷ୍ଠ ରୋଗ ସଚେତନତା ଅଭିଯାନ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରୀ କରିବା ପାଇଁ ସୁବର୍ଣ୍ଣପୁର ଜିଲ୍ଲାର ଜିଲ୍ଲା ସମ୍ବନ୍ୟ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କମିଟି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ସୁବର୍ଣ୍ଣପୁର, ଡ଼ ଉଷାରାଣୀ ଦାଶ ସ୍ପର୍ଶ ଲେପ୍ରୋସି ବା କୁଷ୍ଠ ରୋଗ ସଚେତନତା ଉପରେ କମିଟି ବୈଠକରେ ସମସ୍ତ ସଦସ୍ୟ, ସଦସ୍ୟା ଙ୍କୁ ଅବଗତ କରାଇଥିଲେ ଯେ କୁଷ୍ଠ ରୋଗ ଚିକିତ୍ସା ଦ୍ୱାରା ଆରୋଗ୍ୟ ଅଟେ। କୁଷ୍ଠ ରୋଗୀ ମାନଙ୍କୁ ଘୃଣା ଓ ହତାଦର କରିବା ଅନୁଚିତ। କୌଣସି କୁଷ୍ଠ ରୋଗୀଙ୍କୁ ପାତର ଅନ୍ତର, ବିଭେଦ ସହିତ ଅସ୍ପୃଶ୍ୟ ରଖିବା ନାହିଁ, କୁଷ୍ଠ ରୋଗରୁ ଆରୋଗ୍ୟ ହେଲା ପରେ ସେମାନଙ୍କର ଥଇଥାନ ସହିତ ସରକାରୀ ଯୋଜନାର ଅନ୍ତର୍ଭୁକ୍ତ କରି ସରକାରୀ ସୁବିଧା ଯୋଗାଇଦେବା ବିଷୟରେ ସମସ୍ତଙ୍କୁ ଅବଗତ କରିଥିଲେ। ଏହାର ବହୁଳ ପ୍ରଚାର ଓ ପ୍ରସାର କରାଯିବ ବୋଲି ପ୍ରକାଶ କରିଥିଲେ। ଏହା ପରେ ଡ଼ ତ୍ରିବିକ୍ରମ ପାଣ୍ଡିଆ, ଅତିରିକ୍ତ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ସୁବର୍ଣ୍ଣପୁର ପି.ପି.ଟି ମାଧମରେ ଲେପ୍ରିସି ବା କୁଷ୍ଠ ରୋଗ ବିଷୟରେ ବିଶଦ ଭାବରେ ସମସ୍ତ ସଦସ୍ୟ, ସଦସ୍ୟା ମାନଙ୍କୁ ଅବଗତ କରାଇବା ସଙ୍ଗେ ସଙ୍ଗେ ଏହି କୁଷ୍ଠ ରୋଗ ସଚେତନତା ଅଭିଯାନ ୧୫ ଦିନ ବ୍ୟାପୀ ସମଗ୍ର ଜିଲ୍ଲାର ବିଭିନ୍ନ ଗ୍ରାମ ପଞ୍ଚାୟତ ଅଞ୍ଚଳ ରୁ ସହରାଞ୍ଚଳ ମାନଙ୍କରେ ପ୍ରଚାର ଓ ପ୍ରସାର କରାଯିବ ବୋଲି ପ୍ରକାଶ କରିଥିଲେ। ଏ ସଂକ୍ରାନ୍ତରେ ଜିଲ୍ଲାପାଳ, ସୁବର୍ଣ୍ଣପୁର ଉପସ୍ଥିତ ସମସ୍ତଙ୍କୁ ଏକ ଶପଥ ପାଠ କରାଇଥିଲେ।

# ଜାତିବାଦର ଶିକାର ମୃତକଙ୍କ ଶବସଂସ୍କାର ପାଇଁ ମାନବିକତା ଦେଖାଇଲେ ଶ୍ମଶାନ ବନ୍ଧୁ

**ସୁନ୍ଦରଗଡ଼,୮।୧ (ସଂଚାର ବ୍ୟୁରୋ):** ପ୍ରବଳ ଥଣ୍ଡାରେ ସମଗ୍ର ଅଞ୍ଚଳ ଥରୁଥିବା ବେଳେ ଶ୍ମଶାନ ବନ୍ଧୁ ଟିମ ର ସଦସ୍ଯ ମାନେ ସୁନ୍ଦରଗଡ ସ୍ୱର୍ଗଦ୍ୱାର ଠାରେ ଏକ ଅସହାୟଙ୍କର ଶବସଂସ୍କାର ମଧରାତ୍ରି ପର୍ଯ୍ୟନ୍ତ ଉପସ୍ଥିତ ରହି ସମ୍ପନ୍ନ କରିଛନ୍ତି। ଘଟଣାଟି ସୁନ୍ଦରଗଡ ଜିଲ୍ଲା ନୂଆଗାଁ ଅଞ୍ଚଳର ରତ୍ନାକର ଭୋଇ କୁଚିଣ୍ଡା ଭୋଜପୁର ଅଞ୍ଚଳର ବିନତି ମାଝିଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ରତ୍ନାକର ରାଉରକେଲା ଷ୍ଟିଲ ପ୍ଲାଣ୍ଟର ସହର ସେବା ବିଭାଗରୁ ୨୦୧୮ ରୁ ଅବସର ନେଇ ସାରି ଥିଲେ। ବିନତିଙ୍କ ମସ୍ତିଷ୍କ ବିକୃତ ଓ ମାନସିକ ରୋଗୀ ହୋଇଥିବାରୁ ତାଙ୍କର ଦୁଇ ପୁଅ ଓ ଗୋଟିଏ ଝିଅ କୁ ଲାଳନପାଳନ କରିବାରେ ବହୁତ ଅସୁବିଧା ହେବାରୁ ଆଇଜିଏଚରେ ସେବିକା କାର୍ଯ୍ୟ କରୁଥିବା ରାଉରକେଲା ବଣ୍ଡୋମୁଣ୍ଡା ଅଞ୍ଚଳର ଡୁଲେଶ୍ୱରି ସିନ୍ଦ୍ରିଆଙ୍କୁ ରକ୍ଷିତା ଭାବରେ ତାଙ୍କ ଘରେ ରଖି ଆସିଥିଲେ। ଡୁଲେଶ୍ୱରି ମଧ୍ଯ ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଅଞ୍ଚଳ ର ଜଣକୁ ବିବାହ କରି ତାଙ୍କର ବିଚ୍ଛେଦ ଘଟିଥିଲା। ଏହା ଭିତରେ ବିନତିଙ୍କର ପରଲୋକ ଘଟି ସାରିଥିଲା। ଡୁଲେଶ୍ୱରି ଓ ରତ୍ନାକର ଙ୍କ ଔରସରୁ ଏକ ପୁତ୍ର ଜନ୍ମ ଲାଭ କରିଥିଲା। ରତ୍ନାକର ଓ ବିନତିଙ୍କ ଏକ ଝିଅ ସୁମନ, ପୁଅ ସୌରଭ ଓ ସୋଭିକ ସମସ୍ତେ ଉଚ୍ଚଶିକ୍ଷିତ ଓ ସମସ୍ତେ ଚାକିରିଆ। ଯେତେବେଳେ ରତ୍ନାକରଙ୍କର ଝିଅ ସୁମନ ଙ୍କର ବିବାହ ପ୍ରସ୍ତାବ ଆସିଲା ସେତେ ବେଳେ ତାଙ୍କର ସମାଜ ଓ ଜାତିବନ୍ଧୁ ଡୁଲେଶ୍ୱରି ଅନ୍ୟ ଜାତିର ହୋଇ ଥିବାରୁ ସମାଜ ଭିତରେ କୌଣସି ବାହାଘର ହୋଇ ପାରିବନି ବୋଲି ରୋକଠୋକ ଶୁଣାଇ ଦେଇଥିଲେ। ହେଲେ ରତ୍ନାକରଙ୍କ କାକା, ବଡ଼ ବାପା ତିନି ଛୁଆଙ୍କୁ ଅଲଗା କରି ଜାତି ଭୋଜି ଦେବା ସହିତ ପୁଣି ଜାତି ହୋଇ ଥିଲେ ମଧ୍ଯ ରତ୍ନାକର, ଡୁଲେଶ୍ୱରି ଓ ପୁଅ ରାଜେଶକୁ ଆଉ ଜାତିରେ ମିଶାଇ ନ ଥିଲେ। ରତ୍ନାକର ରାଉରକେଲା ବାସନ୍ତି କଲୋନୀରେ ନିର୍ମାଣ କରିଥିବା ନିଜଘର ଓ ଅବସର ପରେ ପାଇଥିବା ସମସ୍ତ ପଇସା ତାଙ୍କର ଆଗ ସ୍ତ୍ରୀର ତିନିଛୁଆ ନିଜ ନାମରେ କରି ନେଇଥିଲେ। ଡୁଲେଶ୍ୱରି ଓ ରତ୍ନାକରଙ୍କ ଏକ ପୁଅ ରାଜେଶ ସ୍ଥାନିୟ ଭବାନୀପୁରର ଏକ ଭଡାଘର ନେଇ ରହୁଥିବା ବେଳେ ରାଜେଶ ଏକ ଘରୋଇ ନର୍ସିଂହୋମ ରେ ନର୍ସ କାମ କରି ପରିବାର ପ୍ରତିପୋଷଣ କରୁଥିଲା।

